
# ଧରିତ୍ରୀ
DHARITRI

ଢେଙ୍କାନାଳ, ସୋମବାର, ମାର୍ଚ୍ଚ ୧/୨୦୨୧ (୧୬ ପୃଷ୍ଠା) | Dhenkanal, Monday, March 1/2021 | ★★★★★

୧୭ଶ ଭାଗ ୧୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-







KP GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
NEW PACK
KP
KAMLA PASAND
Anokha Swad
KP GROUP
PAN MASALA
Watch at: f | YouTube
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
କମଲା ପସନ୍ଦ ପାନ ମସଲା ଦ୍ୱାରା ଜନହିତରେ ଜାରି ।
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ । 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ ।
ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ସୋମବାର, ମାର୍ଚ୍ଚ ୧/୨୦୨୧ | Monday, March 1/2021 | ପୃଷ୍ଠା-୧




**ବାୟୁସେନା ଅଧିକାରୀ ଭୂମିକାରେ କଙ୍ଗନା**

ଫିଲ୍ମ 'ତେଜସ୍'ରେ ଜଣେ ଶିଖ୍ ବାୟୁସେନା ଅଧିକାରୀ ଭୂମିକାରେ ନଜରକୁ ଆସିବେ ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ।

୧୨

୧୪

**ରୋହିତଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ୍**

ଆଇସିସି ଟେଷ୍ଟ ବ୍ୟାଟ୍ସମ୍ୟାନ ର୍ୟାଙ୍କିଙ୍ଗ୍ ତାଲିକାରେ ରୋହିତ ଶର୍ମା କ୍ୟାରିୟର ଶ୍ରେଷ୍ଠ ୮ମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।



# ଆଜିଠୁ ବୟସ୍କଙ୍କୁ ଟିକା

## ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ

- ସରକାରୀ ହସ୍ପିଟାଲରେ ମାଗଣା
- ୧୮୩ ଘରୋଇ ହସ୍ପିଟାଲରେ ଟିକାକରଣ ବ୍ୟବସ୍ଥା
- ପ୍ରମାଣପତ୍ର ଦେଖାଇ ସିଧାସଳଖ ଟିକା ନେଇପାରିବେ

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ସାରା ଦେଶରେ ଦ୍ୱିତୀୟ ପର୍ଯ୍ୟାୟ କରୋନା ଟିକାକରଣ ସୋମବାରଠାରୁ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ବୟସ୍କ ଲୋକ ଟିକା ନେବେ। ୬୦ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କୁ ପ୍ରାଥମିକତା ଦିଆଯିବା ସହ ବହୁବିଧ ରୋଗ ଥିବା ୪୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ମଧ ଟିକା ନେବେ। ପ୍ରାୟ ୨୭ କୋଟି ଲୋକଙ୍କୁ କୋଭିଡ୍ ଟିକା ଦେବା



ଲାଗି ଲକ୍ଷ୍ୟ ରଖାଯାଇଛି। ସେମାନଙ୍କ ମଧ୍ୟରୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ହେଉଛନ୍ତି ୧୦ କୋଟି। ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲରେ ଟିକା ଦିଆଯିବାର ବ୍ୟବସ୍ଥା କରାଯାଇଛି। ସରକାରୀ ହସ୍ପିଟାଲରେ ମାଗଣା ଟିକା ନେଇପାରିବେ। କିନ୍ତୁ ଘରୋଇ ହସ୍ପିଟାଲରେ ୨୫୦ ଟଙ୍କା ଦେବାକୁ ପଡ଼ିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ରାଜ୍ୟରେ ସରକାରୀ ହସ୍ପିଟାଲ ବ୍ୟତୀତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେଓ୍ୱାଇ) ଅଧୀନରେ ଥିବା ୧୮୩ ଘରୋଇ ହସ୍ପିଟାଲଗୁଡ଼ିକୁ ପ୍ରାଇଭେଟ୍ କୋଭିଡ୍ ଭ୍ୟାକ୍ସିନେଶନ ସେଣ୍ଟର (ପିସିଭିସି) କରାଯାଇଛି। ରାଜଧାନୀ ଭୁବନେଶ୍ୱରରେ ୨୨ଟି ହସ୍ପିଟାଲରେ ଟିକାକରଣ ହେବ। ପୃଷ୍ଠା-୨

## ଗ୍ରୀଷ୍ମରେ ବଢ଼ିବ ସଂକ୍ରମଣ

ନୂଆଦିଲ୍ଲୀ, ୨୮।୨(ଆଇଏଏନ୍‌ଏସ୍)

ଭାରତରୁ କରୋନା ଭୂତାଣୁ ଦୂରେଇଯିବା ଭଳି ଡିସେମ୍ବର-ଜାନୁୟାରୀରେ ଅନୁଭୂତ ହୋଇଥିଲା। ସଂକ୍ରମଣ, ହସ୍ପିଟାଲରେ ଭର୍ତ୍ତି ହେବା ଏବଂ ମୃତ୍ୟୁସଂଖ୍ୟା ଯଥେଷ୍ଟ କମିଯାଇଥିଲା। ବହୁ ଧନ ଜୀବନ କ୍ଷତି ପରେ ମହାମାରୀ ଚାଲିଗଲା ବୋଲି ଅନେକେ ବିଶ୍ୱାସ କରିଥିଲେ। ଖୁବ୍‌ଶୀଘ୍ର ମହାମାରୀ ପରବର୍ତ୍ତୀ ଜୀବନ ଆରମ୍ଭ ହେବା ନେଇ ଆଶା ସଞ୍ଚାର ହୋଇଥିଲା। କିନ୍ତୁ ଫେବୃୟାରୀରେ ପୁଣି ଥରେ ସଂକ୍ରମଣ ବୃଦ୍ଧି ସବୁ ଆଶାକୁ ଧୋଇଦେଇଛି। ମାମଲା ବଢୁଥିବାବେଳେ ମହାମାରୀର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ବୋଲି ବୈଜ୍ଞାନିକମାନେ ବିଶ୍ୱାସ କରୁଛନ୍ତି।

ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍)ର ପୂର୍ବତନ ମହାନିର୍ଦ୍ଦେଶକ ପ୍ରଫେସର ଏନ୍.କେ. ଗାଙ୍ଗୁଲିଙ୍କ କହିବା ଅନୁଯାୟୀ ଭୂତାଣୁର ନୂଆ ରୂପ ପ୍ରାକୃତିକ ପରିବେଶ ସହ ପ୍ରଭାବିତ ହେଉଛି। ତେଣୁ ପରିବର୍ତ୍ତିତ ଭୂତାଣୁ ସଂକ୍ରମଣ ବଢ଼ାଇବା ସହ ଏହା ଭୟଙ୍କର ରୂପ ନେଇପାରେ ବୋଲି ସେ ଆଶଙ୍କା କରିଛନ୍ତି। ଶୀତଦିନେ ଉତ୍ତର ଭାରତରେ ସଂକ୍ରମଣ ହ୍ରାସ ପାଇଥିଲା। ଗ୍ରୀଷ୍ମଋତୁରେ ଏହା ବଢ଼ିବ ବୋଲି ଗାଙ୍ଗୁଲି କହିଛନ୍ତି। ମହାରାଷ୍ଟ୍ର ଏବଂ କେରଳରେ ଶୀତ ଅଧିକ ଦିନ ରହୁ ନ ଥିବାରୁ ସେଠାରେ ସଂକ୍ରମଣ ବଢ଼ିବା ଆରମ୍ଭ ହୋଇଯାଇଛି। ମହାରାଷ୍ଟ୍ରରେ ଟ୍ରେନ୍ ଚଳାଚଳ ଯୋଗୁ ସଂକ୍ରମଣ ଅଧିକ ମାତ୍ରାରେ ବଢ଼ିଥିବା ସେ କହିଛନ୍ତି।

କେବଳ ମହାରାଷ୍ଟ୍ର ଓ କେରଳ ନୁହେଁ, ଏବେ କର୍ନାଟକ, ତେଲଙ୍ଗାନା, ମଧ୍ୟପ୍ରଦେଶ, ପୃଷ୍ଠା-୨





କଳିଙ୍ଗ ଷ୍ଟାଡିୟମରେ ରବିବାର ଓଡ଼ିଶା ଓମେନ୍ସ ଫୁଟବଲ ଲିଗ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଓଡ଼ିଶା ପୋଲିସ ଓ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଚାଲିଥିବା ଖେଳର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ। (ରିପୋର୍ଟ: ପୃଷ୍ଠା-୧୪)

# ସକାଳ ୭ରୁ ସ୍କୁଲ

- ଅପରାହ୍ନ ୧ଟା ପର୍ଯ୍ୟନ୍ତ ପାଠପଢ଼ାକୁ ବିରୋଧ
- ବିଚାରବିମର୍ଶ ପରେ ନିଷ୍ପତ୍ତି ନିଆଯିବ: ମନ୍ତ୍ରୀ

ଭୁବନେଶ୍ୱର,୨୮।୨(ବ୍ୟୁରୋ)

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟରେ ସ୍କୁଲ୍ ଖୋଲିବା ସମୟରେ ପରିବର୍ତ୍ତନ କରାଯାଇଛି। ସୋମବାରଠାରୁ ପରିବର୍ତ୍ତିତ ସମୟ ଅନୁସାରେ ସ୍କୁଲ ଖୋଲିବା ସହ ପାଠପଢ଼ା ଚାଲିବ। ରାଜ୍ୟର ସମସ୍ତ ବିଦ୍ୟାଳୟରେ ନବମ ଓ ଏକାଦଶ ଶ୍ରେଣୀଗୁଡ଼ିକର ପାଠପଢ଼ା ସକାଳ ୮ଟା ୩୦ରୁ ୧୦ଟା ପରିବର୍ତ୍ତେ ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ହେବ। ସେହିପରି ଦଶମ ଓ ଦ୍ୱାଦଶ ଶ୍ରେଣୀଗୁଡ଼ିକ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ ବଦଳରେ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପୂର୍ବରୁ ଜାରି ହୋଇଥିବା ମାର୍ଗଦର୍ଶିକାକୁ କଡ଼ାକଡ଼ି ପାଳନ କରାଯିବ।

ସ୍କୁଲ ସମୟ ନିର୍ଘଣ୍ଟରେ ହୋଇଥିବା ପରିବର୍ତ୍ତନକୁ ବିଭିନ୍ନ ସ୍ତରରୁ ବିରୋଧ କରାଯାଇଛି। ରବିବାର କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ଭାଜପା ବିଧାୟକ ମୋହନ ମାଝୀ ଏ ପ୍ରସଙ୍ଗରେ ମନ୍ତବ୍ୟ ଦେଇ କହିଛନ୍ତି, ସରକାରଙ୍କ ଏଭଳି ନିଷ୍ପତ୍ତି ଛାତ୍ରୀଛାତ୍ରଙ୍କୁ ଅଧିକ କଷ୍ଟ ଦେବ। ବର୍ତ୍ତମାନ ଯେଉଁଭଳି ତାପମାତ୍ରା ରହୁଛି ଅପରାହ୍ନ ୧ଟାରେ ସ୍କୁଲ ଛୁଟି ହେବା ନିଷ୍ପତ୍ତି ଗ୍ରହଣଯୋଗ୍ୟ ନୁହେଁ। ତେଣୁ ଯଥାଶୀଘ୍ର ସରକାର ସେହି ସମୟକୁ ପରିବର୍ତ୍ତନ କରନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ସେହିପରି ଶୁକ୍ରବାର ଓଡ଼ିଶା ମାଧ୍ୟମିକ ସ୍କୁଲ ସଂଘ(ଓଷ୍ଟା) ପକ୍ଷରୁ ମଧ ଏହାକୁ ବିରୋଧ କରାଯିବା ସହ ରବିବାର ସ୍କୁଲ ଆସିବେ ନାହିଁ ବୋଲି ସରକାରଙ୍କୁ ଚେତାବନୀ ଦିଆଯାଇଛି। ସ୍କୁଲ ସମୟ ପରିବର୍ତ୍ତନ ନେଇ ବିଚାର ବିମର୍ଶ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି।

## ବଢୁଛି ତାପମାତ୍ରା

- ୧୦ ବର୍ଷର ରେକର୍ଡ ଭାଙ୍ଗିଲା ଅନୁଗୋଳ
- ୪୦.୧ ଡିଗ୍ରୀ ସହ ସବୁଠୁ ଉତ୍ତପ୍ତ ସହର

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

କିଛିଦିନ ହେବ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାରଦ ଉପରମୁହାଁ ରହିଥିବାବେଳେ ଖରା ତାତି ଅସମ୍ଭାଳ ହୋଇଛି। ୩ଦିନ ଧରି ଭୁବନେଶ୍ୱର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବାବେଳେ ରବିବାର ଅନୁଗୋଳର ତାପମାତ୍ରା ସର୍ବାଧିକ ରହିଛି। ୪୦.୧ ଡିଗ୍ରୀ ସହ ୧୦ବର୍ଷର ରେକର୍ଡ ଭାଙ୍ଗିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ୨୦୦୬ ଫେବୃୟାରୀରେ ଅନୁଗୋଳରେ ସର୍ବାଧିକ ତାପମାତ୍ରା ୪୨.୧ ଡିଗ୍ରୀ ରେକର୍ଡ କରାଯାଇଥିଲା। ଏହାପରଠୁ ସହରରେ ତାତି କମ୍ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଯେତେ ଅଧିକ ନିୟମାବଳୀ**

## ଆମାଜୋନିଆ ଉପଗ୍ରହକୁ ଛାଡ଼ିଲା ଇସ୍ରୋ

- ୧୯ ସାଟେଲାଇଟ୍ କକ୍ଷପଥରେ ସ୍ଥାପିତ
- ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

ଶ୍ରୀହରିକୋଟା, ୨୮।୨

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ରବିବାର ସକାଳେ ବ୍ରାଜିଲ୍‌ର ଭୂ-ପର୍ଯ୍ୟବେକ୍ଷଣ ଉପଗ୍ରହ ସମେତ ୧୯ଟି ସାଟେଲାଇଟ୍‌କୁ ସଫଳତାର ସହ କକ୍ଷପଥରେ ସ୍ଥାପନ କରିଛି। ଆନ୍ଧ୍ରପ୍ରଦେଶର



ଶ୍ରୀହରିକୋଟାସ୍ଥିତ ସତୀଶ ଧାଓ୍ୱନ ମହାକାଶ କେନ୍ଦ୍ରର ପ୍ରଥମ ଲଞ୍ଚପ୍ୟାଡ୍‌ରୁ ରବିବାର ସକାଳ ୧୦ଟା ୨୪ରେ ଇସ୍ରୋର ପିଏସ୍‌ଏଲ୍‌ଭି-ସି୫୧ ରକେଟ ଏକସଙ୍ଗେ ବ୍ରାଜିଲ୍ ସାଟେଲାଇଟ୍ ଆମାଜୋନିଆ-୧ ଏବଂ ବିଭିନ୍ନ ଦେଶର ୧୮ଟି ପ୍ଲେ-ଲୋଡ୍ ନେଇ ମହାକାଶକୁ ଯାଇଥିଲା। ଉତ୍କ୍ଷେପଣର ୧୭ ମିନିଟ ଏବଂ ପିଏସ୍୪ ଇଞ୍ଜିନ ଅଲଗା ହେବାର ୧ ମିନିଟ ପରେ ପିଏସ୍‌ଏଲ୍‌ଭି ଏହାର ପ୍ରଥମ ପ୍ଲେ-ଲୋଡ୍ ୬୩୭ କିଲୋଗ୍ରାମ ଓଜନର ଆମାଜୋନିଆ-୧କୁ କକ୍ଷପଥରେ ସ୍ଥାପନ କରିଥିଲା। ମହାକାଶରେ ପାଖାପାଖି ୨ ଘଣ୍ଟା ମଧ୍ୟରେ ରକେଟ ଅନ୍ୟ ସମସ୍ତ ସାଟେଲାଇଟ୍‌କୁ ନିର୍ଦ୍ଦିଷ୍ଟ କକ୍ଷରେ ସ୍ଥାପନ କରିଥିଲା।

ଅନ୍ୟ ୧୮ ସାଟେଲାଇଟ୍ ମଧ୍ୟରେ ରହିଛି ସତୀଶ ଧାଓ୍ୱନ ଏସ୍‌ଏଟି ଯାହା ସ୍ପେସ୍ କିଡ୍‌ଜ ଇଣ୍ଡିଆ ଦ୍ୱାରା ନିର୍ମିତ ଏବଂ ୟୁନିଟି ସାଟ୍। ଏହା ତିନୋଟି ସାଟେଲାଇଟ୍‌ର ମିଶ୍ରଣ, ଯାହାକୁ କୋଏମ୍ବାଟୁର୍‌ର ଶ୍ରୀ ଶକ୍ତି ପୃଷ୍ଠା-୨

# ଇକୋ ରିଟ୍ରିଟ୍‌ରେ ନିଆଁ

- ୩ ଟେଣ୍ଟ ଜଳିଗଲା
- ବର୍ତ୍ତିଗଲେ ଆଇପିଏସ୍ ଅଫିସର ଦମ୍ପତି

ନରସିଂହପୁର (ସ୍ୱ.ପ୍ର.)/ ଭୁବନେଶ୍ୱର,୨୮।୨(ବ୍ୟୁରୋ)

କଟକ ଜିଲା ନରସିଂହପୁର ବ୍ଲକ ବାଲିପୁଟସ୍ଥିତ ସାତକୋଶିଆ ଇକୋ ରିଟ୍ରିଟ୍‌ରେ ରବିବାର ଭୋର ସମୟରେ ଅଗ୍ନିକାଣ୍ଡ ଘଟି ୩ ବିଳାସପୂର୍ଣ୍ଣ ଟେଣ୍ଟ ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ିଯାଇଛି। ସେଥିମଧ୍ୟରୁ ଗୋଟିଏ ଟେଣ୍ଟରେ ଶନିବାର ରାତ୍ରିଯାପନ କରିଥିବା ଆଇପିଏସ୍ ଅଫିସର ଦମ୍ପତି ନିଶ୍ଚିତ ବିପଦରୁ ବର୍ତ୍ତିଯାଇଛନ୍ତି। ସେମାନେ ହେଲେ ଓଡ଼ିଶା ପରିବହନ ବିଭାଗ କମିଶନର ସଞ୍ଜୀବ କୁମାର ପଣ୍ଡା ଓ ତାଙ୍କ ସ୍ତ୍ରୀ ତଥା ଗୃହ ବିଭାଗ ସ୍ୱତନ୍ତ୍ର ସଚିବ ସନ୍ତୋଷ ବାଲା। ୨ ମାସ ପୂର୍ବେ ପର୍ଯ୍ୟଟନ ବିଭାଗ ପକ୍ଷରୁ ବାଲିପୁଟ ମହାନଦୀ କୂଳରେ ଏହି ୩ ବିଳାସପୂର୍ଣ୍ଣ ଏବଂ ୨୪ ସାଧାରଣ ଟେଣ୍ଟ ନିର୍ମାଣ କରାଯାଇଥିଲା। ରବିବାର ଭୋର ସମୟରେ ହଠାତ୍ ୨ ବିଳାସପୂର୍ଣ୍ଣ ଟେଣ୍ଟରେ ନିଆଁ ଲାଗି ୩ୟ ଟେଣ୍ଟ ଆଡ଼କୁ ମାଡ଼ିଯାଇଥଲା। ନିଆଁ ଲାଗିଥିବା ଜାଣିପାରି ସଞ୍ଜୀବ ଏବଂ ସନ୍ତୋଷ ସଙ୍ଗେସଙ୍ଗେ ବାହାରକୁ ଚାଲିଆସିଥିଲେ। ଇକୋ ରିଟ୍ରିଟ୍ କର୍ମଚାରୀ ଓ ପୃଷ୍ଠା-୨



ନିଆଁରେ ଜଳିଯାଇଥିବା ବିଳାସପୂର୍ଣ୍ଣ ଟେଣ୍ଟ




**ଆଜିର ମନ୍ତବ୍ୟ**

ତାମିଲନାଡୁରେ ବିଜୟ ହାସଲ କରିବାକୁ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ପାଟି ବନ୍ଦ କରି କାନ ଖୋଲା ରଖନ୍ତୁ।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ଉତ୍ତଳଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସବୁ ଜଳଖିଆ ଭାତ ତଳକୁ**
**ସବୁ ବାପ ଭାଇ କାଚ ତଳକୁ।**

ଜଳଖିଆ ସାମୟିକ ଭଲ ଲାଗେ, କିନ୍ତୁ ତାହା କେବେ ଭାତ ସମକକ୍ଷ ହୋଇ ପାରି ନ ଥାଏ। ଝିଅ ବାହା ହେବା ପର୍ଯ୍ୟନ୍ତ ବାପା ଭାଇ ତା'ର ସମସ୍ତ ଦାୟିତ୍ୱ ତୁଲାଇଥାନ୍ତି। ପରନ୍ତୁ ବାହାହୋଇ ଶାଶୁଘରକୁ ଚାଲିଗଲେ ବାପାଭାଇଙ୍କର ଚିନ୍ତା ସରିଯାଇଥାଏ। କିନ୍ତୁ ଯାହାକୁ ସେ ବାହା ହୋଇଥାଏ, ସେହି ସ୍ୱାମୀ ଜୀବନର ସୁଖଦୁଃଖରେ ସବୁବେଳେ ସାଥୀ ହୋଇ ରହିଥାଏ। ଝିଅ ପାଇଁ ବାପା ଭାଇ ଅପେକ୍ଷା ସ୍ୱାମୀ ଶ୍ରେଷ୍ଠ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସଂଜେ ନାହିଁ ପୁଣି ସକାଳକୁ**
**ଟୋକା ଟାକି ରହିଥାଏ ପଖାଳକୁ।**

ଗରିବ ଘରର ଅଭାବ ଚିର ସହଚର। ଯେତେ ରୋଜଗାର କଲେ ବି ଅଣ୍ଟି ନ ଥାଏ। ପାଖରେ ପଇସାପତ୍ର ନ ଥିବାରୁ ଭଲରେ ଗଣ୍ଡେ ଖାଇବା ତଥା ଖଣ୍ଡେ ପିନ୍ଧିବା ତାଙ୍କ ପାଇଁ ସ୍ୱପ୍ନ ପାଲଟି ଯାଇଥାଏ। ଦୀନହୀନ ଦରିଦ୍ର ବ୍ୟକ୍ତି ପରର ହାତଟେକା ଉପରେ ନିର୍ଭର କରି ଜୀବିକା ନିର୍ବାହ କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଭିସୁଟ୍‌ର ୧୧ ହଷ୍ଟେଲ

**ସମ୍ବଲପୁର,୨୮।୨ (ବ୍ୟୁରୋ)**

ସମ୍ବଲପୁର ଜିଲାର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଜିଲା ପ୍ରଶାସନ ପକ୍ଷରୁ କ୍ୟାମ୍ପସ ପରିସରରେ ଥିବା ୧୧ଟି ହଷ୍ଟେଲକୁ ରବିବାର କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ଏହାଛଡା କ୍ୟାମ୍ପସ୍‌ର ପୁଲହ ହଷ୍ଟେଲର ପାର୍ଶ୍ୱବର୍ତ୍ତୀ ଅଞ୍ଚଳକୁ ମଧ୍ୟ ଶନିବାରଠାରୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବଫର ଜୋନ୍ ଭାବେ ଘୋଷଣା କରାଯାଇଛି। ଜିଲାପାଳ ଦାୟିତ୍ୱରେ ଥିବା ଡିଆରଡିଏ ପିଡି ସୁକାନ୍ତ କୁମାର ତ୍ରିପାଠୀ ଏନେଇ ବିଜ୍ଞପ୍ତି ଜାରି କରିଛନ୍ତି। ଅପରପକ୍ଷରେ ସୋମବାର ହେବାକୁ ଥିବା ସପ୍ତମ ସେମିଷ୍ଟାର ପରୀକ୍ଷାକୁ ବାତିଲ କରାଯାଇଛି । କ୍ୟାମ୍ପସ୍ ପରିସରରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାକୁ ଦୃଷ୍ଟିରେ ରଖି ରବିବାର ଭିସୁଟ୍ କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପରୀକ୍ଷା ସ୍ଥଗିତ ରଖାଯାଇଛି।

**ବାତିଲ ହେଲା ଭିସୁଟ୍‌ର ସପ୍ତମ ସେମିଷ୍ଟର ପରୀକ୍ଷା**

ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷିତ ପୁଲହ, ପୁଲସ୍ତ୍ୟ, ଅତ୍ରୀ, କ୍ରାତୁ, ବଶିଷ୍ଠ, ମରୀଚ, ଅନୁରାଧା, ଅରୁନ୍ଧତୀ, ରୋହିଣୀ, ବିଶାଖା ଓ ବସୁନ୍ଧରା ହଷ୍ଟେଲ ରହିଛି। ହଷ୍ଟେଲ ପରିସରକୁ ଯିବା ଆସିବା ଉପରେ କଟକଣା ଜାରି କରାଯାଇଛି। କେବଳ ଜରୁରିକାଳୀନ ଚିକିତ୍ସା ସେବା ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣକୁ ଏହି କଟକଣାରୁ ବାଦ ଦିଆଯାଇଛି। କ୍ୟାମ୍ପସରେ କଣ୍ଟାକ୍ଟ ଟ୍ରେସିଂ କରାଯିବ। ଏହାକୁ ଲାଗୁ କରିବା ପାଇଁ ବୁର୍ଲା ଥାନା ପୋଲିସ ପକ୍ଷରୁ ପୁଲହ ହଷ୍ଟେଲ ନିକଟରେ ପୋଲିସ, ସ୍ୱାସ୍ଥ୍ୟ ବିଭାଗ ଓ ମହାନଗର ନିଗମ କର୍ମଚାରୀଙ୍କୁ ନେଇ ନିୟନ୍ତ୍ରଣ କ୍ୟାମ୍ପ କରାଯାଇଛି। ମାଇକ୍ରୋ କଣ୍ଟେନମେଣ୍ଟ ଓ ବଫର ଜୋନରେ ଜନସାଧାରଣଙ୍କୁ ଘରେ ରହିବା ପାଇଁ ପରାମର୍ଶ ଦିଆଯିବା ସହିତ ସମସ୍ତ ଦୋକାନ ବଜାର ସାମୟିକ ଭାବେ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଭିସୁଟ୍ କ୍ୟାମ୍ପସର ବିଭିନ୍ନ ହଷ୍ଟେଲରେ ଶନିବାର ୨୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କରୋନା ସଂକ୍ରମଣ ଚିହ୍ନଟ ହୋଇଛନ୍ତି। ସଂକ୍ରମଣର ପ୍ରତିରୋଧ କରିବା ପାଇଁ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଣିକି ଅନ୍‌ଲାଇନ ଯୋଗେ ଭିଏସଏସୟୁଟିର ଛାତ୍ରୀଛାତ୍ରମାନେ ଅଧ୍ୟୟନ କରିବେ। ସେହିଭଳି ବୁର୍ଲାର ଜାଗୃତି ବିହାର କଲୋନୀ ଅନ୍ତର୍ଗତ ବ୍ଲକ -ଡିର ୫ ଓ ୬କୁ ମଧ୍ୟ ଅବରୋଧ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଏହାର ସଂଲଗ୍ନ ବ୍ଲକ -ଡିର ୭ ଓ ୮ ଏବଂ ସି ଟାଇପ ବ୍ଲକର କ୍ୱାର୍ଟର ବଫର ଜୋନ ଭାବେ ଘୋଷଣା କରାଯାଇଥିବା ଜଣାପଡ଼ିଛି। ବୁର୍ଲା ସହରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାର ପ୍ରତିରୋଧ ପାଇଁ ପ୍ରଶାସନ ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଭିସୁଟ୍ ଦାୟିତ୍ୱରେ ଥିବା କୁଳପତି ବି .ବି. ପତି କହିଛନ୍ତି ଯେ, ଭିସୁଟ ପରିସରରେ ଥିବା ହଷ୍ଟେଲଗୁଡ଼ିକୁ କେବଳ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ତେବେ କଲେଜରେ ଶେଷ ବର୍ଷ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇପାରିବେ। କୋଭିଡ ମୁକାବିଲା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଶେଷବର୍ଷର ଆଉ ୩ ବିଷୟରେ ପରୀକ୍ଷା ହେବା ବାକି ରହିଛି। ଏବେ ଭିସୁଟ୍ କ୍ୟାମ୍ପସରେ ପ୍ରାୟ ୧୫ ଶହ ପିଲା ରହିଛନ୍ତି। ସେମାନଙ୍କୁ ସଚେତନ କରି ସୁରକ୍ଷା ଦେବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଜିଲା ପ୍ରଶାସନ ସହ ଯୋଗାଯୋଗରେ ରହି କାର୍ଯ୍ୟ କରାଯାଉଛି ବୋଲି ସେ କହିଥିଲେ।

# ଜେଲ ଗଲେ ଏଏସ୍‌ଆଇ

**ସ୍ତ୍ରୀଙ୍କୁ ଯୌତୁକ ନିର୍ଯାତନା ଓ ହତ୍ୟା ଉଦ୍ୟମ ଅଭିଯୋଗ**

କୁଜଙ୍ଗ, ୨୮।୨(ଡି.ଏନ୍.ଏ.): ଯୌତୁକ ନିର୍ଯାତନା ଓ ହତ୍ୟା ଉଦ୍ୟମ ଅଭିଯୋଗରେ କେନ୍ଦ୍ରାପଡ଼ା ପୋଲିସ ମୁଖ୍ୟାଳୟ ୱ୍ୟାରଲେସ୍ ଟେଲିଗ୍ରାଫି (ଡବ୍ଲ୍ୟୁଟି) ବିଭାଗ ଏଏସ୍‌ଆଇ ରଞ୍ଜନ କୁମାର ବେହେରାଙ୍କୁ ଶନିବାର ରାତିରେ କୁଜଙ୍ଗ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସ୍ତ୍ରୀ ସ୍ୱର୍ଣ୍ଣଲତା ମାଝିଙ୍କ ଅଭିଯୋଗକୁ ଭିତ୍ତି କରି କୁଜଙ୍ଗ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ନିର୍ଦ୍ଦେଶ ଦେବା ପରେ କୁଜଙ୍ଗ ଥାନାରେ ମାମଲା (ନଂ ୪୨/୨୧) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ସ୍ୱର୍ଣ୍ଣଲତାଙ୍କ ଘର କୁଜଙ୍ଗ ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମରେ। ତାଙ୍କୁ ପୋଲିସରେ ଚାକିରି କରାଇଦେବା ପ୍ରଲୋଭନ ଦେଖାଇ ଅଭିଯୁକ୍ତ ରଞ୍ଜନ ପ୍ରେମ ଜାଲରେ ଫସାଇଥିଲେ। ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିବାହକୁ ଏଡ଼ାଇଯାଇଥିଲେ। ଏନେଇ ସ୍ୱର୍ଣ୍ଣଲତାଙ୍କ ମା' କୁଜଙ୍ଗ ଥାନାରେ ଅଭିଯୋଗ କରିବା ପରେ ସ୍ଥାନୀୟ ଲୋକେ ଏଥିରେ ହସ୍ତକ୍ଷେପ କରି ୨୦୨୦ ଜୁନ୍‌ରେ କୁଜଙ୍ଗସ୍ଥିତ ଜଗନ୍ନାଥ ମନ୍ଦିରରେ ଉଭୟଙ୍କ ବିବାହ କରାଇଥିଲେ। ମାତ୍ର ବିବାହ ପରେ ଅଧିକ ଯୌତୁକ ଦାବି କରି ରଞ୍ଜନ ଓ ତାଙ୍କ ପରିବାର ସଦସ୍ୟ ସ୍ୱର୍ଣ୍ଣଲତାଙ୍କୁ ଶାରୀରିକ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ କରିଥିଲେ। ଏନେଇ ସେ କୁଜଙ୍ଗ ଥାନାରେ ଅଗଷ୍ଟ ୨୦୨୦ରେ ଏତଲା ଦେଇଥିଲେ। ମାତ୍ର ପୋଲିସ ମାମଲା ରୁଜୁ ନ କରି ଚୁପ୍ ବସିଥିଲା। ଏହାପରେ ପୀଡ଼ିତା କୁଜଙ୍ଗ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ଆଶ୍ରୟ ନେଇଥିଲେ। ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ୪ ଫେବୃୟାରୀରେ ମାମଲା ରୁଜୁ ହୋଇଥିଲା।

**ପ୍ରଥମ ପୃଷ୍ଠାରୁ...**

## ଇକୋ ରିଟ୍ରିଟ୍‌ରେ ...

ସୁରକ୍ଷା କର୍ମୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଖବରପାଇ ନରସିଂହପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ୩ ଟେଣ୍ଟରେ ଥିବା ଦାମୀ ଉପକରଣ ସମେତ ସଞ୍ଜୀବ ଏବଂ ସନ୍ତୋଷଙ୍କ ପୋଷାକ, ନିତ୍ୟ ବ୍ୟବହୃତ ସାମଗ୍ରୀ ପୋଡ଼ି ଯାଇଥିଲା। ନରସିଂହପୁର ତହସିଲଦାର ଆଲୋକ ରଞ୍ଜନ ଦେହୁରୀ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତି ଆକଳନ କରିଛନ୍ତି। ଅଗ୍ନିକାଣ୍ଡ ସମୟରେ ୧୪ ଟେଣ୍ଟରେ ୪୦ ପର୍ଯ୍ୟଟକ ଥିବା ଜଣାପଡ଼ିଛି। ଠିକାସଂସ୍ଥା ପକ୍ଷରୁ ସମ୍ପୂର୍ଣ୍ଣ ତଥ୍ୟ ଦିଆଯାଇନାହିଁ ବୋଲି ତହସିଲଦାର ଦେହୁରୀ କହିଛନ୍ତି। ଏହି ଘଟଣାପରେ ଉଭୟ ଆଇପିଏସ୍ ଅଧିକାରୀ ଭୁବନେଶ୍ୱର ଫେରି ଆସିଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ ଆଇପିଏସ୍ ଅଫିସର ସଞ୍ଜୀବ କହିଛନ୍ତି ଯେ, 'ଭଗବାନଙ୍କ ଆଶୀର୍ବାଦରୁ ମୁଁ ଏବଂ ସନ୍ତୋଷ ସୁରକ୍ଷିତ ଭାବେ ଅଗ୍ନିକାଣ୍ଡରୁ ବର୍ତ୍ତିଯାଇଛୁ। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ସକାଳ ପ୍ରାୟ ୫ଟାରେ ଇକୋ ରିଟ୍ରିଟ୍‌ରେ ଅଗ୍ନିକାଣ୍ଡ ଘଟିଥିଲା। ବାହାରେ ପାଟିତୁଣ୍ଡ ଶୁଣି ଆମେ ବାହାରକୁ ବାହାରି ଆସିଥିଲୁ। ଏହା ପରେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲୁ। ଶେଷରେ ଅନ୍ୟ ଟେଣ୍ଟରେ ଥିବା ଲୋକଙ୍କୁ ବାହାରକୁ କାଢ଼ିବାରେ ସାହାଯ୍ୟ କରିଥିଲୁ। ୩ଟି ଟେଣ୍ଟ ଜଳିଯାଇଥିବାବେଳେ କେହି ଆହତ ହୋଇନାହାନ୍ତି।'

## ଆଜିଠୁ ବୟସ୍କଙ୍କୁ ...

୧୨ଟି ସରକାରୀ ହସ୍ପିଟାଲ ଥିବାବେଳେ ୧୦ ଘରୋଇ ହସ୍ପିଟାଲ ରହିଛି। ଭୁବନେଶ୍ୱରରେ କୋଭାକ୍ସିନ ଟିକା ଦିଆଯିବାକୁ ଥିବାବେଳେ ରାଜ୍ୟର ଅନ୍ୟସ୍ଥାନରେ କୋଭିସିଲ୍ଡ ଟିକା ଦିଆଯିବ। ସପ୍ତାହକୁ ୫ଦିନ ଟିକାକରଣ କରାଯିବ। ଅତିରିକ୍ତ ଟିକା କର୍ମୀ ଓ ଯାଞ୍ଚକାରୀଙ୍କୁ ଚିହ୍ନଟ କରି ତାଲିମ ଦିଆଯାଇଛି। ପ୍ରତି ବ୍ଲକ ଓ ସହରାଞ୍ଚଳରେ ୬/୭ଟି ମୋବାଇଲ ଟିକା ଟିମ୍ ରହିବ। ଅନ୍ୟ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ ଏଏନ୍‌ଏମ୍‌ଙ୍କୁ ଟିକାକରଣ କାର୍ଯ୍ୟରେ ଲଗାଯିବ ନାହିଁ। ବ୍ଲକସ୍ତରରେ ଟିକା ଗଚ୍ଛିତ, ଯୋଗାଣ କାର୍ଯ୍ୟ ସୁନିୟନ୍ତ୍ରିତ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଟିକା ନେବା ପାଇଁ ଦୁଇଟି ଉପାୟରେ ପଞ୍ଜୀକରଣ କରାଯିବ। କୋୱିନ୍ ପୋର୍ଟାଲରେ ଓ ଟିକାକରଣ କେନ୍ଦ୍ରରେ ମଧ୍ୟ ପଞ୍ଜୀକରଣ କରି ବୟସ୍କ ଓ ଗୁରୁତର ରୋଗୀ ଟିକା ନେଇପାରିବେ। ତେବେ ସେମାନେ ଗୁରୁତର ରୋଗରେ ପୀଡ଼ିତ ଥିବା ନେଇ ଏକ ଡାକ୍ତରୀ ସାର୍ଟିଫିକେଟ୍ ଦେବାକୁ ପଡ଼ିବ। ଯେଉଁମାନେ ପଞ୍ଜୀକରଣ କରିପାରି ନ ଥିବେ, ସେମାନେ ପ୍ରମାଣପତ୍ର ଦେଖାଇ ଟିକାକରଣ କେନ୍ଦ୍ରରେ ସିଧାସଳଖ ନାମ ପଞ୍ଜୀକରଣ କରି ଟିକା ନେଇପାରିବେ। ସୂଚନାଯୋଗ୍ୟ, ସାରା ଦେଶରେ ଜାନୁୟାରୀ ୧୬ରୁ କୋଭିଡ୍ ଟିକାକରଣ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ଟିକା ଦିଆଯାଇଥିଲା। ଏହାପରେ ଫେବୃୟାରୀ ପ୍ରଥମ ସପ୍ତାହରୁ କୋଭିଡ୍ ସମ୍ମୁଖ ଯୋଦ୍ଧାଙ୍କୁ ଟିକାଦାନ ଆରମ୍ଭ ହୋଇଥିଲା। ଏବେ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକାର ଦ୍ୱିତୀୟ ଡୋଜ୍ ଦିଆଯାଉଛି।

## ଗ୍ରୀଷ୍ମରେ ବଢ଼ିବ ...

ଛତିଶଗଡ଼, ଦିଲ୍ଲୀ, ଗୁଜରାଟ ଓ ପଞ୍ଜାବରେ ମଧ୍ୟ ସଂକ୍ରମଣ ବଢ଼ିଲାଣି। ଗତବର୍ଷ ସେପ୍ଟେମ୍ବରରେ ଦୈନିକ ସଂକ୍ରମଣ ସର୍ବାଧିକ ୯୦ ହଜାରରେ ପହଞ୍ଚିଥିଲା। ଫେବୃୟାରୀ ଆରମ୍ଭରେ ତାହା ୧୦ ହଜାର ତଳକୁ ଖସିଥିଲା। ଏବେ ଦୈନିକ ସଂକ୍ରମଣ ୧୬ ହଜାରରୁ ଅଧିକ ରହୁଛି। ମହାମାରୀ ବିଜ୍ଞାନୀଙ୍କ ମତରେ କେତେକ ରାଜ୍ୟରେ ସଂକ୍ରମଣ ବଢ଼ିବା କାରଣ ହେଉଛି, ସେଠାରେ ସାମାଜିକ ଦୂରତ୍ୱ ଓ ଅନ୍ୟାନ୍ୟ କଟକଣାକୁ ପାଳନ କରାଯାଉନାହିଁ। ସିନେମା, ଜିମ୍, ସୁଇମିଂ ପୁଲ୍ ଖୋଲିଗଲାଣି। ବଜାରରେ ଗହଳି ହେଉଛି। ବିବାହ ଉତ୍ସବ, ରାଜନୈତିକ ରାଲିରେ ପ୍ରବଳ ଜନ ସମାଗମ ହେଉଛି। ଲୋକେ ମାସ୍କ ପିନ୍ଧିବା ଭୁଲିଗଲେଣି। ଟିକାକରଣ ଆରମ୍ଭ ହୋଇଥିଲେ ହେଁ ଏହା ସଂକ୍ରମଣ କମାଇବା ପାଇଁ କିଛି ମାସ ସମୟ ନେବ ବୋଲି ବୈଜ୍ଞାନିକମାନେ କହିଛନ୍ତି। କୋଭିଡ୍ କଟକଣାକୁ ଗମ୍ଭୀରତା ସହ ପାଳନ କରିବା ଲାଗି ଆଇସିଏମ୍‌ଆର୍ କାର୍ଯ୍ୟକାରୀ ନିର୍ଦ୍ଦେଶକ ରଜନୀ କାନ୍ତ କହିଛନ୍ତି।

## ଆମାଜୋନିଆ ଉପଗ୍ରହକୁ ...

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି, ଶ୍ରୀପେରୁମ୍ବୁଦୁରର ଜେପିଆର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି ଏବଂ ନାଗପୁରର ଜିଏଚ୍ ରାଇସୋନି କଲେଜ ଅଫ୍ ଇଞ୍ଜିନିୟରିଂ ପ୍ରସ୍ତୁତ କରିଛନ୍ତି। ଅନ୍ୟ ସାଟେଲାଇଟ୍‌ଗୁଡ଼ିକ ହେଲେ ସିନ୍ଧୁନେତ୍ର, ଆମେରିକାର ଏସ୍‌ଏଆଇ-୧ ନାନୋକନେକ୍ଟ-୨ ଏବଂ ୧୨ ସ୍ପେସ୍‌ବି ସାଟେଲାଇଟ୍।

ବ୍ରାଜିଲ୍ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସ୍ପେସ୍ ରିସର୍ଚ୍ଚର ପ୍ରଥମ ସାଟେଲାଇଟ୍ ଆମାଜୋନିଆ-୧କୁ ଆମେ ଉତ୍‌କ୍ଷେପଣ କରିଥିବାରୁ ଗର୍ବ ଅନୁଭବ କରୁଛୁ ବୋଲି ଇସ୍ରୋ ଅଧ୍ୟକ୍ଷ କେ. ଶିବନ କହିଛନ୍ତି। ଚଳିତବର୍ଷ ପ୍ରଥମ ମାନବ ବିହୀନ ମିଶନ ସମେତ ମୋଟ ୧୪ଟି ମିଶନ ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି। ପ୍ରଥମ ବ୍ୟବସାୟିକ ଉତ୍‌କ୍ଷେପଣର ସଫଳତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରୋ ଏବଂ ଏନ୍‌ଏସ୍‌ଆଇଏଲ୍ (ନ୍ୟୁ ସ୍ପେସ୍ ଇଣ୍ଡିଆ ଲିମିଟେଡ୍)କୁ ଅଭିନନ୍ଦନ ଜଣାଇଛନ୍ତି। ଦେଶର ମହାକାଶ ସଂସ୍କାରରେ ନୂଆ ଯୁଗର ଆରମ୍ଭ ହେଲା ବୋଲି ସେ କହିଛନ୍ତି। ଆମାଜୋନିଆ-୧ ସାଟେଲାଇଟ୍ ଲଞ୍ଚ ପାଇଁ ମୋଦି ବ୍ରାଜିଲ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି। ପିଏସ୍‌ଏଲ୍‌ଭି-ସି୫୧ ନେଇଥିବା ନାନୋସାଟେଲାଇଟ୍‌ରେ ଶ୍ରୀମଦ୍ ଭଗବଦ ଗୀତାର ଏସ୍‌ଡି କାର୍ଡ କପି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏକ ଫଟୋ ସ୍ଥାନ ପାଇଛି। ଇସ୍ରୋ ଅଧ୍ୟକ୍ଷ ଶିବନ ଏବଂ ବୈଜ୍ଞାନିକ ସଚିବ ଆର୍. ଉମାମହେଶ୍ୱରନ୍‌ଙ୍କ ନାମ ସତୀଶ ଧାୱନ ସାଟ୍‌ର ତଳ ପ୍ୟାନେଲରେ ଏବଂ ପ୍ରଧାନମନ୍ତ୍ରୀଙ୍କ ନାମ ଓ ଫଟୋ ଉପର ପ୍ୟାନେଲ୍‌ରେ ଲଗାଯାଇଥିଲା। ସ୍ପେସ୍ କିଡ୍‌ଜ ଇଣ୍ଡିଆ ନିର୍ମିତ ଏହି ସାଟେଲାଇଟର ପ୍ୟାନେଲରେ ୨୫ ହଜାର ଲୋକଙ୍କ ନାମ ରହିଛି।

## ବଢ଼ୁଛି ତାପମାତ୍ରା...

ରହିଥିବାବେଳେ ୧୦ ବର୍ଷ ପରେ ଅର୍ଥାତ୍ ଗତ ଫେବୃୟାରୀରେ ପାରଦ ୩୯.୧ ଡିଗ୍ରୀରେ ପହଞ୍ଚି ସର୍ବାଧିକ ରେକର୍ଡ ସୃଷ୍ଟି କରିଥିଲା। ଏବେ ୪୦ ଡିଗ୍ରୀ ଅତିକ୍ରମ କରିଥିବାରୁ ସହରର ଜନଜୀବନ ଗୁରୁତର ପ୍ରଭାବିତ ହୋଇଛି।

ସେପଟେ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଥିବା ଭୁବନେଶ୍ୱରର ରବିବାର ତାପମାତ୍ରା ୪୦ ଡିଗ୍ରୀ ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଅନ୍ୟପକ୍ଷରେ ଉତ୍ତପ୍ତ ସହର ତାଲିକାରେ ଯୋଡ଼ି ହୋଇଛି ବୌଦ୍ଧ। ଭୁବନେଶ୍ୱର ଭଳି ବୌଦ୍ଧର ତାପମାତ୍ରା ମଧ୍ୟ ୪୦ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ବାରିପଦା ୩୯.୪, କଟକ ୩୯.୨, ସମ୍ବଲପୁର ୩୮.୫, ଟିଟିଲାଗଡ଼, ବଲାଙ୍ଗୀର, ନୟାଗଡ଼ ୩୮.୪, ସୋନପୁର, ତାଳଚେର ଓ ଚାନ୍ଦବାଲି ୩୮.୨, ହୀରାକୁଦ ୩୭.୬, ଝାରସୁଗୁଡ଼ା ୩୭.୮, ମାଲକାନଗିରି, ଭବାନୀପାଟଣା ଓ ସୁନ୍ଦରଗଡ଼ ୩୭.୫, କେନ୍ଦୁଝର ୩୬, କୋରାପୁଟ ୩୫.୨, ବାଲେଶ୍ୱର ୩୫.୧ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଚଳିତବର୍ଷ ଫେବୃୟାରୀ ଶେଷ ସପ୍ତାହରୁ ପ୍ରବଳ ଖରା ଆରମ୍ଭ ହୋଇଥିବାରୁ ଏପ୍ରିଲ ଓ ମେ' ବେଳକୁ ତାପମାତ୍ରା ସବୁ ରେକର୍ଡ ଭାଙ୍ଗି ଦେବ ବାଲି ଆଶଙ୍କା ପ୍ରକାଶ ପାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଷଷ୍ଠ ଚନ୍ଦ୍ର ପ୍ରଭାବରୁ ଦିନଟି ଭଲରେ ଅତିବାହିତ ହେବ ଓ ଶାରୀରିକ ସୁସ୍ଥତା ଯୋଗୁ ମନ ପ୍ରଫୁଲ୍ଲ ରହିବ। ପରିଜନଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ ମିତ୍ରମାନେ ସୁବିଧାବାଦୀ ଭଳି କାମ କରିବେ।

**ବୃଷ** ରବି ଓ ଶୁକ୍ର ପ୍ରଭାବରେ କର୍ମକ୍ଷେତ୍ରରେ ସୁଯୋଗ ଆପଣା ଛାଏଁ ଆସିବ। ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବା ସାଙ୍ଗକୁ ଅର୍ଥଲାଭ ମଧ୍ୟ ହେବ। କିନ୍ତୁ ହାତକୁ ନେଇଥିବା କାମଗୁଡିକ ସମ୍ପନ୍ନ ହେବା କଷ୍ଟକର ହୋଇପଡିବ। ସନ୍ତାନ ହେତୁକ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବେ। ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ମିଥୁନ** ଚତୁର୍ଥ ଚନ୍ଦ୍ର ଯୋଗୁ କର୍ମକ୍ଷେତ୍ରରେ ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ମଧାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବ କିନ୍ତୁ ଶନିଙ୍କ ପ୍ରଭାବରୁ ଧୀରେସୁସ୍ଥେ କାମ କରିବେ।

**କର୍କଟ** ଖର୍ଚ୍ଚାନ୍ତ ହେଲେ ମଧ୍ୟ ସୁଯୋଗର ସଦ୍‌ବ୍ୟବହାର କରିପାରିବେ। ମନକଥା ମନରେ ରଖିପାରିବେ ନାହିଁ, ଅନ୍ୟକୁ କହି ସମସ୍ୟାକୁ ଡାକି ଆଣିବେ। କର୍ମକ୍ଷେତ୍ରରେ ମିଥ୍ୟା ଗୁଜବ ମନକୁ ଭାରାକ୍ରାନ୍ତ କରିପାରେ। ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି।

**ସିଂହ** ପ୍ରତ୍ୟେକ କ୍ଷେତ୍ରରେ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। କିଣା ବିକାରେ ସତର୍କ ନ ହେଲେ ଠକାମିରେ ପଡିପାରନ୍ତି। ସଭାସମିତିରେ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ।

**କନ୍ୟା** ଅସୁବିଧା କ୍ଷେତ୍ରରେ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଅସ୍ଥିରତା ଦେଖାଦେଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ନୂତନ ଗୃହୋପକରଣ କ୍ରୟ କରିପାରନ୍ତି।

**ତୁଳା** କାର୍ଯ୍ୟ ହାସଲ ସକାଶେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସାମାଜିକ ସ୍ତରରେ ସମ୍ମାନ ଲାଭ କରି ଖୁସି ରହିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**ବିଛା** କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜି ହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବାଣିଜ୍ୟ, ବ୍ୟବସାୟରେ ବିଶେଷ ଉନ୍ନତି କରିବେ। କିନ୍ତୁ ପରିବହନରେ ସମସ୍ୟ ଯୋଗୁ ବ୍ୟସ୍ତ ହେବେ ଏବଂ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ଧନୁ** ଆକସ୍ମିକ ଭାବରେ ସ୍ଥାନାନ୍ତର କିମ୍ବା ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ନୂତନ ଗୃହୋପକରଣ କ୍ରୟ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**ମକର** ଯେତେ ଚେଷ୍ଟା କଲେ ମଧ୍ୟ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇ ପାରିବ ନାହିଁ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିବେ। ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି। ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଉପକୃତ ହେବେ। ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ।

**ମୀନ** କେତେକ କ୍ଷେତ୍ରରେ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି। ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ। ପରିସ୍ଥିତି ବିଗିଡିଲେ ମଧ୍ୟ ଦୃଢ଼ତାର ସହ ପାରିବାରିକ ଶୃଙ୍ଖଳା ରକ୍ଷା କରିବାରେ ସମର୍ଥ ହେବେ।

ଆଜି ଫାଲଗୁନ କୃଷ୍ଣ ଦ୍ୱିତୀୟା ଯୁକ୍ତ ତୃତୀୟା ସୋମବାର, ମାର୍ଚ୍ଚ ୧ ତାରିଖ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ ୦୬।୧୦ ଗତେ ଘ .୦୭।୪୩ ମଧ୍ୟେ, ଘ.୧୦।୪୯ ଗତେ ଘ.୦୧।୦୮ ମଧ୍ୟେ ଅମୃତ ବେଳା। ଦିବା ଘ. ୦୩।୨୮ ଗତେ ଘ.୦୫।୦୮ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୭। ୩୭ ଗତେ ଘ.୦୯।୦୪ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

ପ୍ଲଟ୍ ବିକ୍ରିହେବ ଭୁବନେଶ୍ୱର ଉତ୍ତରା KEC କଲେଜ ପାଖ, ଘରବାରି ପାଚେରି ସହିତ। 9178660666. D-70536

**Plot for sale near Pipili Toll Gate, just 16kms from Bhubaneswar, Kalpana Square, 9937446498.** D-70547

Commercial Office space fully furnished, 2nd floor, 1000sqft. near Rabi Talkies Square, Lewise road side for sale @42lac. 7978584549. D-70544

**Demarcated ପ୍ଲଟ୍ KEC, ଗୁଡ଼ିଆପୋଖରୀ ପାଖରେ immediate registration & possession ଅଗ୍ରିମ boundarywall, electricity with 30ft. road sqft.650/-ରେ ମିଳୁଛି। Contact: 7008045582, 9692003948.** D-20052

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9668344479. D-70198

**Bhubaneswar AIIMS Hospital ପାଖରେ 30'road ଥାଇ yellowzone plot sale. 8456850883.** D-70193

Ready to move simplex 2BHK-33,00,000/-, 1BHK-23,00,000/-, near Hanspal. 8908015464, 9853347909. D-70196

**3200 Sqft. sthitiban Gharabari corner plot with Boundary Wall near ITER, Panchasakha Nagar, Bhubaneswar. 9958003695, 9861805658.** D-19996

**Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982.** D-70177

ଭୁବନେଶ୍ୱର ପଟିଆ ଷ୍ଟେସନ ପାଖରେ 30' ରାସ୍ତା, boundary ସହିତ sqft.750/- ରୁ 1200/-ରେ ପ୍ଲଟ୍ ନିଅନ୍ତୁ। 9938734349, 9937686826. D-70190

**Residential plot at- Heart Complex, Brahmanjharilo, Cuttack, 12K.M. from Bhubaneswar, 18K.M. from Cuttack @500/- per sft. (Few plots available), (Nearest to School, Coleges/ Hospital). 7809525452, 8249851363.** D-70431

**ଭୁବନେଶ୍ୱର, ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK simplex, duplex, plot ଅଛି। 9658122456, 8327785834.** D-70188

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com




Want a dream home on your own plot with engineer's supervision. Contact: 7008268129, 9439143273. D-67585




**4400 Sqft. Hall in First and Second Floor for Office or Commercial on 100ft. Bhimatangi Main Road, Bhubaneswar. 9958003695, 9861805658.** D-19997




Swarna SPA newly open positively health benefits with expert therapist. 9556978408. D-70545

New opened Saikrupa Panchakarma and Spa, Jointpain, Fullbody Massage. 8984068077. D-65911

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70546




SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000/-35,000/- + Laptop + Mobile + other facilities free (Part/ full time). 9667693638, 9667693639. D-70540

**LOST**

I Ankit Tete have passed the Board of Secondary Education Examination, Orissa bearing Roll No-244EK0024 through New Orissa H.S, Gaibira, Dist- Sundargarh in the Year- 2018. That, the original S.L.C has been lost somewhere while I was travelling by Bus from Kesaibahal to Kutrabahal. I tried my best to trace it out but could not find. D-20100

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୪୫,୩୧,୧୧୫ | ୨୫,୩୯,୯୭୬ | ୯,୦୦,୪୧,୬୬୦ |
| ଭାରତ | ୧,୧୧,୦୨,୯୪୬ | ୧,୫୭,୧୨୫ | ୧,୦୭,୭୯,୯୫୪ |
| ଓଡ଼ିଶା | ୩,୩୭,୧୯୧ | ୧୯୧୬(+୫୩) | ୩,୩୪,୫୭୧ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ପିଲା କମିଲେ, ଶିକ୍ଷକ ବଢ଼ିଲେ

**ପ୍ରାଥମିକ, ଉଚ୍ଚ ପ୍ରାଥମିକ ସ୍କୁଲ**
- ୫ ବର୍ଷରେ ୮ ଲକ୍ଷ ଡ୍ରପ୍‌ଆଉଟ୍
- ଏମ୍‌ଡିଏମ୍ ଚାଉଳ ହଡ଼ପ ପାଇଁ ସଂଖ୍ୟା ଖେଳ

ଯାଜପୁର ଅଫିସ,୨୮।୨

ରାଜ୍ୟର ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୫ ବର୍ଷ ମଧ୍ୟରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୮ ଲକ୍ଷ ୭ ହଜାର କମିଛି। ଏଥିରୁ ସରକାରୀ ସ୍କୁଲ ପ୍ରତି ଆଗ୍ରହ କମିବା ଓ ଡ୍ରପ୍‌ଆଉଟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ମୁଖ୍ୟ କାରଣ ବୋଲି କୁହାଯାଇଛି। ଏହାସହ ଜଣେ ପିଲାଙ୍କ ନାମ ଏକାଧିକ ଥର ଦର୍ଶାଇ ଏମ୍‌ଡିଏମ୍ ଚାଉଳ ହଡ଼ପ ହେଉଥିବା ନେଇ ଯାଞ୍ଚ କଡ଼ାକଡ଼ି ହେବା ପରେ ସଂଖ୍ୟା ହ୍ରାସ ପାଉଥିବା ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ଉକ୍ତ ୫ ବର୍ଷରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କେଉଁ କାରଣରୁ ଶିକ୍ଷକ ସଂଖ୍ୟା ବୃଦ୍ଧି ଘଟିଛି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସ୍କୁଲ ଓ ଗଣଶିକ୍ଷା ବିଭାଗରୁ ମିଳିଥିବା ତଥ୍ୟ ଅନୁସାରେ ୨୦୧୫-୧୬ରେ ୩୬,୬୬୦ ପ୍ରାଥମିକ ସ୍କୁଲରେ ୧୮,୯୪,୦୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ। ୨୦୧୯-୨୦୨୦ରେ ୩୩,୬୦୩ ପ୍ରାଥମିକ ସ୍କୁଲରେ ୧୪,୭୮,୦୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ୫ ବର୍ଷ ମଧ୍ୟରେ ୪ ଲକ୍ଷ ୧୬ ହଜାର ଛାତ୍ରୀଛାତ୍ର ସଂଖ୍ୟା ହ୍ରାସ ପାଇଛି। ବିଦ୍ୟାଳୟ ମିଶ୍ରଣ ଯୋଜନାରେ ୩୧୫୭ ପ୍ରାଥମିକ ସ୍କୁଲ ବନ୍ଦ ହୋଇଥିବା ଜଣାପଡ଼ିଛି। ବନ୍ଦ ସ୍କୁଲଗୁଡ଼ିକରୁ ନିକଟସ୍ଥ ସ୍କୁଲକୁ ଛାତ୍ରୀଛାତ୍ର ନ ଯାଇ ଡ୍ରପ୍‌ଆଉଟ ହୋଇଥିବା ଏଥିରୁ ସନ୍ଦେହ କରାଯାଉଛି। ଗତ ୫ ବର୍ଷ ମଧ୍ୟରେ ପ୍ରାଥମିକ ସ୍କୁଲରେ ଛାତ୍ରୀଛାତ୍ର ସଂଖ୍ୟା ହ୍ରାସ ପାଉଛି। ୨୦୧୫-୧୬ରେ ୧୮.୯୪ ଲକ୍ଷ, ୨୦୧୬-୧୭ରେ ୧୭.୮୯ ଲକ୍ଷ, ୨୦୧୭-୧୮ରେ ୧୬.୪୬ ଲକ୍ଷ, ୨୦୧୮-୧୯ରେ ୧୪.୭୭ ଲକ୍ଷ, ୨୦୧୯-୨୦ରେ ୧୪.୭୮ ଲକ୍ଷ ଛାତ୍ରୀଛାତ୍ର ଅଧ୍ୟୟନ କରିଛନ୍ତି। ସେହିପରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୫ ବର୍ଷରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୩.୯୧ ଲକ୍ଷ ହ୍ରାସ ପାଇଛି। ୨୦୧୫-୧୬ରେ ୨୨,୭୯୫ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩୧.୯୪ ଲକ୍ଷ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲାବେଳେ ୨୦୧୯-୨୦ରେ ଉକ୍ତ ସଂଖ୍ୟା ୨୮,୭୫,୦୦୦କୁ ହ୍ରାସ ପାଇଛି।

ଅନ୍ୟପକ୍ଷରେ ୨୦୧୫-୧୬ରେ ୧ ଲକ୍ଷ ୩୧ ହଜାର ୩୨୦ ଶିକ୍ଷକ ନିୟୋଜିତ ରହିଥିଲାବେଳେ ୨୦୧୯-୨୦ ବର୍ଷରେ ତାହା ବୃଦ୍ଧି ପାଇ ୧ ଲକ୍ଷ ୩୭ ହଜାର ୧୫୭ରେ ପହଞ୍ଚିଛି। ଅର୍ଥାତ୍ ଏହି ୫ ବର୍ଷରେ ୫,୮୩୭ ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷକ ସଂଖ୍ୟା ବୃଦ୍ଧି ଘଟିଛି।

ସରକାରୀ ସ୍କୁଲଗୁଡ଼ିକରେ ଶିକ୍ଷାଦାନ ବ୍ୟବସ୍ଥା ନିମ୍ନଗାମୀ ହେଉଥିବାରୁ ଛାତ୍ରୀଛାତ୍ର ସଂଖ୍ୟା ହ୍ରାସ ପାଉଥିବା ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ବିଭିନ୍ନ କାରଣରୁ ଛାତ୍ରୀଛାତ୍ର ସଂଖ୍ୟା ହ୍ରାସ ପାଉଛି। ତେବେ ଏଥିପାଇଁ ଶିକ୍ଷା ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ସରକାରୀ ସ୍କୁଲରେ ନାମଲେଖା ପ୍ରକ୍ରିୟାକୁ ସୁଦୃଢ଼ କରାଯାଉଛି।

# ଚର୍ଚ୍ଚାରେ ନାୟକ ସାର୍

**‘ମନ୍ କୀ ବାତ୍’ରେ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା**

ନାଉଗାଁ,୨୮।୨(ସ୍ୱ.ପ୍ର.)

ଚାକିରି ଛାଡ଼ି ଯୁବକମାନଙ୍କୁ ସୈନ୍ୟବାହିନୀରେ ଯୋଗଦେବା ପାଇଁ ପ୍ରଶିକ୍ଷଣ ଦେଉଥିବା ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ରୋହିଆ ପଞ୍ଚାୟତ ଅରଖକୁଦ ଗ୍ରାମର ସିଲୁ ନାୟକଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି। ରବିବାର ‘ମନ୍ କୀ ବାତ୍’ କାର୍ଯ୍ୟକ୍ରମରେ ସିଲୁଙ୍କୁ ‘ନାୟକ ସାର’ ବୋଲି ମୋଦି ସମ୍ବୋଧିତ କରିଛନ୍ତି। ପ୍ରଶଂସା ପାଇବା ପରେ ସିଲୁ ଖୁସିବ୍ୟକ୍ତ କରି ଆତ୍ମବିଶ୍ୱାସ ବୃଦ୍ଧିପାଇଛି ବୋଲି କହିଛନ୍ତି। ଏହି ତାଲିମ କେନ୍ଦ୍ରକୁ ଆଗକୁ ବଢ଼ାଇବା ପାଇଁ ଅଧିକ ପ୍ରୟାସ କରିବେ ବୋଲି ସେ କହିଛନ୍ତି।


ସିଲୁ ନାୟକ

୨୦୧୬ରେ ଦେବୀ ନଦୀ ପଠାରେ ସିଲୁ ‘ମହାଗୁରୁ ବାଟାଲିୟନ’ ନାମରେ ଏକ ସେନା ପ୍ରଶିକ୍ଷଣ ତାଲିମ ଶିବିର ଆରମ୍ଭ କରିଥିଲେ। ପ୍ରଥମେ ସେ ସ୍ଥାନୀୟ ୮ରୁ ୧୦ ଜଣ ପିଲାଙ୍କୁ ନେଇ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ଦେଇଥିଲେ। ଏବେ ଏହି ବାଟାଲିୟନ ମାଧ୍ୟମରେ ୭୦ରୁ ଊର୍ଦ୍ଧ୍ୱ ଯୁବକ ସାମିଲ ହୋଇ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ନେଉଛନ୍ତି। ଏଠାରୁ ତାଲିମ ପାଇଥିବା ୪୦ରୁ ଊର୍ଦ୍ଧ୍ୱ ଯୁବକ ଆର୍ମି, ଓଡ଼ିଶା ପୋଲିସ, ସିଆରପିଏଫ୍, ବିଏସ୍‌ଏଫ୍, ଓଏଫ୍‌ଏସ୍ ଏବଂ ଆଇଆରବିରେ ଯୋଗଦେଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସିଲୁ ବିନା ପାରିଶ୍ରମିକରେ ଗାଁ ଗହଳିର ପିଲାମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏପରି କି ନିଜ ହାତରୁ ବିଭିନ୍ନ ପ୍ରକାର ତାଲିମ ସରଞ୍ଜାମ ମଧ୍ୟ କ୍ରୟ କରିଛନ୍ତି।

ବାଲୁଙ୍କି ନାୟକ ଓ ତାଙ୍କ ସ୍ତ୍ରୀ ହେନାଙ୍କ ସାନ ପୁଅ ସିଲୁ ୨୦୧୪ରେ ସ୍ଥାନୀୟ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରୁ ଯୁକ୍ତ୩ ଶିକ୍ଷା ଶେଷପରେ ଓଡ଼ିଶା ଶିଳ୍ପ ନିରାପତ୍ତା ବାହିନୀରେ ଚାକିରି ପାଇଥିଲେ। ଇଣ୍ଟରଭ୍ୟୁ ଦେବା ସମୟରେ ଅନେକ ପିଲା ଶାରୀରିକ ପରୀକ୍ଷାରେ ଅକୃତକାର୍ଯ୍ୟ ହେଉଥିବା ସେ ଦେଖିଥିଲେ। ଏହା ତାଙ୍କ ମନକୁ ଆନ୍ଦୋଳିତ କରିଥିଲା। ଅର୍ଥ ଓ ଚାକିରି ମୋହ ଛାଡ଼ି ସେ ନିଜ ଗାଁକୁ ଫେରି ଆସିଥିଲେ। ନିଜ ଅଞ୍ଚଳର ପିଲାଙ୍କୁ ଶାରୀରିକ ତାଲିମ ପ୍ରଦାନ କରି ସୈନ୍ୟବାହିନୀରେ ଯୋଗଦେବା ଉଦ୍ଦେଶ୍ୟରେ ମହାଗୁରୁ ବାଟାଲିୟନ ତାଲିମ ଶିବିର ଖୋଲିଥିଲେ। ସକାଳ ଓ ଅପରାହ୍ନରେ ୨ ବେଳା ଶିବିରରେ ପିଲାମାନେ ତାଲିମ ନେଇଥାନ୍ତି। ଟ୍ରେନିଂ ପାଇ ବହୁ ଯୁବକ ପୋଲିସ, ସୈନ୍ୟବାହିନୀ ଓ ସେଣ୍ଟ୍ରାଲ ସିକ୍ୟୁରିଟି ଫୋର୍ସରେ ଚାକିରି ପାଇଥିବା ବେଳେ ଅନେକ ଏବେ ବି ଚେଷ୍ଟା ଜାରି ରଖିଛନ୍ତି ବୋଲି ସିଲୁ କହିଛନ୍ତି। ତେବେ ବିନା ପାରିଶ୍ରମିକରେ କିଭଳି ତାଲିମ ଶିବିର ଚଳାଇପାରୁଛନ୍ତି ବୋଲି ପଚରାଯିବାରୁ ସିଲୁ କହିଛନ୍ତି ଯେ, ଶିବିର ଆରମ୍ଭ ହେବା ସମୟରେ କେତେଜଣ ପ୍ରଶିକ୍ଷାର୍ଥୀ ଆର୍ଥିକ ସହାୟତା କରିଥିଲେ। ଏବେ ନିଯୁକ୍ତି ପାଇଥିବା କେତେଜଣ ପ୍ରଶିକ୍ଷାର୍ଥୀ ଆର୍ଥିକ ସହାୟତା ଯୋଗାଉଛନ୍ତି, ଯେଉଁଥିରେ ଗରିବ ପିଲାମାନଙ୍କୁ ମାଗଣାରେ ତାଲିମ ଦିଆଯାଇପାରୁଛି ବୋଲି ସିଲୁ କହିଛନ୍ତି।

ତାଲିମ ନେଇ ଚାକିରି ପାଇଥିବା ଭାରତୀୟ ଆର୍ମିର ସୁଶୀଳ ମହାନ୍ତି ଓ ସିଆରପିଏଫ୍‌ର ଦେବଦତ୍ତ ଆଚାର୍ଯ୍ୟ କୁହନ୍ତି, ନାୟକ ସାର ଅନ୍ୟମାନଙ୍କ ପାଇଁ ଉଦାହରଣ। ତାଙ୍କ ଉଦ୍ୟମ ବଳରେ ବହୁ ଅସହାୟ ରୋଜଗାରକ୍ଷମ ହୋଇପାରିଛନ୍ତି।

# ଫୋକସ୍‌ରେ ଗ୍ରାହକକୈନ୍ଦ୍ରିକ ସେବା



**ମହାମାରୀ କରୋନା ସାରା ବିଶ୍ୱର ଅର୍ଥନୀତିକୁ ଉଜାଡ଼ିଦେଇଛି। କୋଭିଡ୍ ମୁକାବିଲା ପାଇଁ ଜାରି କଟକଣା ଯୋଗୁ ପ୍ରାୟ ସବୁ ଇଣ୍ଡଷ୍ଟ୍ରିର ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ଲୋକଙ୍କ କ୍ରୟଶକ୍ତି ହ୍ରାସ ପାଇଥିବାରୁ ଅଟୋମୋବାଇଲ୍ ଶିଳ୍ପ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏହାସତ୍ତ୍ୱେ ଗ୍ରାହକଙ୍କ ମତାମତ ନେଇ ସେମାନଙ୍କୁ ଉତ୍କୃଷ୍ଟ ସେବା ପ୍ରଦାନ ଉପରେ ଫୋକସ୍ କରିଛି କଟକସ୍ଥିତ ସନ୍ନି ମୋଟର୍ସ। ଧରିତ୍ରୀକୁ ସାକ୍ଷାତ୍‌କାର ଦେବାବେଳେ ନିଜ ମନକଥା କହିଛନ୍ତି ଏହି ପ୍ରମୁଖ ବ୍ୟବସାୟିକ ପ୍ରତିଷ୍ଠାନର ଉଦ୍ୟୋକ୍ତା ଅର୍ଶଦୀପ ସିଂ।**

ଧରିତ୍ରୀ | OrissaPOST BUSINESS EMINENCE AWARDS

**➥କୋଭିଡ୍-୧୯ ଅଟୋମୋବାଇଲ ଶିଳ୍ପ ଉପରେ କିଭଳି ପ୍ରଭାବ ପକାଇଛି?**

ମହାମାରୀ ଯୋଗୁ ଅର୍ଥ ବ୍ୟବସ୍ଥାକୁ ଝଟ୍‌କା ଲାଗିଛି। ଲୋକଙ୍କର ନିଯୁକ୍ତି ହ୍ରାସ, ବେତନ କାଟ ସହ ବଜାରରେ ଚାହିଦା ଠପ୍ ହୋଇଯାଇଛି। ଅଟୋମୋବାଇଲ ଶିଳ୍ପକୁ ଏହା ଗଭୀର ପ୍ରଭାବିତ କରିଛି। କାର୍ ଓ ବାଇକ୍ କ୍ରୟ ଉପରେ କରୋନାର ପ୍ରଭାବ ଜାରି ରହିଛି। ଲୋକେ ସମସ୍ୟାରେ ଥିବାରୁ ସେମାନଙ୍କ କ୍ରୟ ଶକ୍ତି ହ୍ରାସ ପାଇବା ସହ ବିକ୍ରି କମିଛି।

**➥ପୂର୍ବ ସ୍ଥିତି କେବେ ଫେରିବ ବୋଲି ଆଶା କରୁଛନ୍ତି?**

ଲକ୍‌ଡାଉନ ପରେ କାରବାର ଟ୍ରାକ୍‌କୁ ଫେରିବାରେ ବିଭିନ୍ନ ସମସ୍ୟା ଉପୁଜୁଛି। ହେଲେ ସରକାର ଅନ୍‌ଲକ ପାଇଁ ପର୍ଯ୍ୟାୟକ୍ରମେ ବିଭିନ୍ନ ପଦକ୍ଷେପ ନେଇଛନ୍ତି। କାରବାର ଯେଭଳି ଚାଲିପାରିବ ତାକୁ ମଧ୍ୟ ଧ୍ୟାନରେ ରଖାଯାଇଛି। ବଜାର ଧୀରେ ଧୀରେ ଖୋଲୁଥିବାରୁ ଆଗାମୀ ଦିନରେ ଭଲ କାରବାର ହେବ ବୋଲି ଆଶା। ପାର୍ବଣ ସମୟରୁ ବିକ୍ରିରେ ପରିବର୍ତ୍ତନ ଆସୁଛି। ଏପ୍ରିଲ୍ ବେଳକୁ କାରବାରରେ ସୁଧାର ଆସିବା ସହ ବାଉନ୍ସବ୍ୟାକ୍ କରିବୁ।

**➥ଲକ୍‌ଡାଉନ ବେଳେ ଟେକ୍ନୋଲୋଜିର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଏହି ଧାରାକୁ କିଭଳି ଦେଖୁଛନ୍ତି?**

ଲକ୍‌ଡାଉନରେ କାରବାର ଓ ଗମନାଗମନ ବନ୍ଦ ହୋଇଯାଇଥିବାବେଳେ ଏହି ଦୂରତ୍ୱକୁ ହ୍ରାସ କରିଛି ଟେକ୍ନୋଲୋଜି। ଲକ୍‌ଡାଉନ ପରଠାରୁ ଲୋକେ ଟେକ୍ନୋଲୋଜିକୁ ଅଧିକ ଗ୍ରହଣ କରୁଥିବା ଦେଖାଯାଉଛି। ଡିଜିଟାଲ ଟେକ୍ନୋଲୋଜି ଦ୍ୱାରା ଯେଉଁ ଲାଭ ମିଳିଛି ତାକୁ କେହି ଅସ୍ୱୀକାର କରିପାରିବେ ନାହିଁ।

**➥ଆପଣଙ୍କ ଶୋ’ରୁମ୍‌ରେ ଗ୍ରାହକଙ୍କୁ କିପରି ସ୍ୱତନ୍ତ୍ର ସେବା ଦିଆଯାଉଛି ?**

ହିରୋମୋଟୋକର୍ପ ସହ ଯୋଡ଼ିହୋଇ ଗ୍ରାହକଙ୍କୁ ସେବା ଯୋଗାଇଦେଉଛୁ। କମ୍ପାନୀର ଲୋକପ୍ରିୟତା ରହିଛି। ଏହାର ବାଇକ୍ ଓ ସ୍କୁଟର ଚାହିଦାକୁ ଦେଖି ଅଗ୍ରସର ହେଉଛୁ। କମ୍ପାନୀ ପୋର୍ଟଫୋଲିଓରେ ନୂଆ ମଡେଲ ଯୋଡୁଛି। କମ୍ପାନୀ ବିଶେଷକରି ନୂତନ ପ୍ରିମିୟମ ବାଇକ୍ ଆଣିଛି। ଆମେ ଏକ ପ୍ରମୁଖ ବ୍ରାଣ୍ଡ୍ ଦ୍ୱାରା ସେବା ଦେଉଥିବାରୁ ଗ୍ରାହକ କିଭଳି ଏକ ଉନ୍ନତ କ୍ରୟ ଅଭିଜ୍ଞତା ପାଇବେ ତାକୁ ଧ୍ୟାନରେ ରଖିଛୁ। କଟକରେ ଥିବା ଶୋ’ରୁମ୍‌ରେ ଉଭୟ ସେଲ୍ସ ଏବଂ ସର୍ଭିସ କ୍ଷେତ୍ରରେ ଗ୍ରାହକ କୈନ୍ଦ୍ରିକ ସେବା ଉପରେ ଫୋକସ୍ କରାଯାଇଛି। ଆମ ଶୋ’ରୁମ୍ ସେବା ଉପରେ ଗ୍ରାହକ ସନ୍ତୁଷ୍ଟ ଅଛନ୍ତି। ନିରନ୍ତର ଭିତ୍ତିରେ ଗ୍ରାହକଙ୍କ ମତାମତ ନେଇ ସେବା ଯୋଗାଣକୁ ଆହୁରି ଉନ୍ନତ କରିବାକୁ ପ୍ରୟାସ ଜାରି ରହିଛି।

**➥ବର୍ତ୍ତମାନ ଅଟୋମୋବାଇଲ ଶିଳ୍ପ ବିଭିନ୍ନ ଚ୍ୟାଲେଞ୍ଜ ଦେଇ ଗତିକରୁଛି? ସରକାରଙ୍କଠାରୁ କିଛି ସହାୟତା ଲୋଡ଼ା କି?**

କୋଭିଡ୍ ଅଟୋମୋବାଇଲ ଶିଳ୍ପ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଯାନ ବିକ୍ରି ସମ୍ପୂର୍ଣ୍ଣ ଟ୍ରାକ୍‌କୁ ଫେରିନାହିଁ। ଏପଟେ ସରକାର ଯଦି ଅଟୋ ଶିଳ୍ପ ଉପରେ ଟିକସ କ୍ଷେତ୍ରରେ କୋହଳ ନୀତି ଅବଲମ୍ବନ କରନ୍ତେ ତେବେ ଇଣ୍ଡଷ୍ଟ୍ରି ଲାଭବାନ ହୋଇପାରନ୍ତା। ଏହାର ଫାଇଦା ଗ୍ରାହକ ପାଇପାରନ୍ତେ। ବିଶେଷ ଭାବେ ଅଟୋମୋବାଇଲ ଶିଳ୍ପ ଉପରୁ ଜିଏସ୍‌ଟି ହ୍ରାସ ହେବା ଆବଶ୍ୟକତା ରହିଛି। ଏହାକୁ ନେଇ ସରକାରଙ୍କୁ ନିବେଦନ କରୁଛୁ।

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ୍
Health in Your Hand
DSPL-226
**କିଡ୍‌ନୀ (ବୃକ୍କ) ଯନ୍ତ୍ର ସମ୍ପର୍କରେ ଜାଣିବା କଥା**

**କିଡ୍‌ନୀ ଅସୁସ୍ଥତାର ମୁଖ୍ୟ କାରଣ**
- ଅନିୟନ୍ତ୍ରୀତ ମଧୁମେହ ଓ ଉଚ୍ଚ ରକ୍ତଚାପ
- ପାନୀୟ ଜଳରେ ସିଶା, ଆର୍‌ସେନିକ୍ ଆଦି ଧାତୁର ଉପସ୍ଥିତି
- ଖାଦ୍ୟ ଶସ୍ୟ ଓ ପନିପରିବାରେ ମାତ୍ରାଧିକ ରାସାୟନିକ ଦ୍ରବ୍ୟର ବ୍ୟବହାର
- ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ସେବନ
- ମୂତ୍ର ନିଷ୍କାସନ ପ୍ରଣାଳୀର ବିଭିନ୍ନ ଅଂଶରେ କୌଣସି କାରଣରୁ ବିକୃତି, ପଥର ସୃଷ୍ଟି ହେବା ଓ କର୍କଟ ରୋଗ ହେବା ଇତ୍ୟାଦି

**କିଡ୍‌ନୀ ଅସୁସ୍ଥତାର ଲକ୍ଷଣ**
- ବାନ୍ତି ହେବା, ଭୋକ କମିଯିବା
- କ୍ଳାନ୍ତ / ଦୁର୍ବଳ ଲାଗିବା
- ନିଦ କମ୍ ହେବା
- ବାରମ୍ବାର ପରିସ୍ରା ଲାଗିବା କିମ୍ବା ପରିସ୍ରା କମ୍ ହେବା
- ପାଦ ଫୁଲିବା, ଦେହ କୁଣ୍ଡାଇ ହେବା
- ପରିସ୍ରାରେ ରକ୍ତ ପଡିବା
- ପରିସ୍ରା ପରୀକ୍ଷାରେ ପ୍ରୋଟିନ୍ (ଆଲ୍‌ବୁମିନ୍) ଜଣାପଡିବା
- କିଡ୍‌ନୀରେ ପଥର ସୃଷ୍ଟି ହେବା
- କିଡ୍‌ନୀ ଥିବା ସ୍ଥାନରେ ଯନ୍ତ୍ରଣା ହେବା

**କିଡ୍‌ନୀ ଅସୁସ୍ଥତାର ପ୍ରତିରୋଧ**
- ସ୍ୱାସ୍ଥ୍ୟକର ଖାଦ୍ୟ ଖାଆନ୍ତୁ
- ରକ୍ତଚାପ ଓ ମଧୁମେହ ନିୟନ୍ତ୍ରଣରେ ରଖନ୍ତୁ
- ଯଥେଷ୍ଟ ପାଣି ପିଅନ୍ତୁ
- ଧୂମପାନ କରନ୍ତୁ ନାହିଁ
- ସୁସ୍ଥ ରୁହନ୍ତୁ, ସକ୍ରିୟ ରୁହନ୍ତୁ ଓ ନିୟମିତ ବ୍ୟାୟାମ କରନ୍ତୁ
- ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ସେବନ କରନ୍ତୁ ନାହିଁ
- ଯଦି ଆପଣ ମେଦବହୁଳତା, ମଧୁମେହ ବା ଉଚ୍ଚ ରକ୍ତଚାପ ରୋଗୀ ଅଟନ୍ତି କିମ୍ବା ପରିବାରରେ ପୂର୍ବରୁ କେହି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଥାନ୍ତି, ତେବେ ଆପଣ ନିୟମିତ ବ୍ୟବଧାନରେ କିଡ୍‌ନୀ ପରୀକ୍ଷା କରାଇ ନିଅନ୍ତୁ

ସଠିକ୍ ଜ୍ଞାନ, ସମୟୋଚିତ ପଦକ୍ଷେପ ଓ ସୁସ୍ଥ ଜୀବନଶୈଳୀ ଆପଣାଇବା ଦ୍ୱାରା କିଡ୍‌ନୀ ରୋଗକୁ ପ୍ରତିରୋଧ କରାଯାଇ ପାରିବ।

ଅଧିକ ଜାଣିବା ପାଇଁ ନିକଟସ୍ଥ ସରକାରୀ ଡାକ୍ତରଖାନାରେ ପରାମର୍ଶ କରନ୍ତୁ

କରୋନା ପ୍ରତିରୋଧ ପାଇଁ ଉଦ୍ଦିଷ୍ଟ ସମସ୍ତ ନିୟମ ନିଶ୍ଚୟ ପାଳନ କରନ୍ତୁ
ନିୟମିତ ସାବୁନ୍‌ରେ ହାତ ଧୁଅନ୍ତୁ
ମାସ୍କ ବ୍ୟବହାର କରନ୍ତୁ
ସାମାଜିକ ଦୂରତା ବଜାୟ ରଖନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha http://www.health.odisha.gov.in/ @HFWOdisha
OIPR-10003/13/0062/2021

# ୨୭ରେ ବାର୍ କାଉନସିଲ ନିର୍ବାଚନ

କଟକ ଅଫିସ, ୨୮।୨

ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ୍ ପକ୍ଷରୁ ଅନୁବନ୍ଧିତ ବାର୍‌ଗୁଡ଼ିକର କର୍ମକର୍ତ୍ତା ୨୦୨୧-୨୨ ନିର୍ବାଚନ ତାରିଖ ରବିବାର ଘୋଷଣା କରାଯାଇଛି। ଏହି ବାର୍‌ଗୁଡ଼ିକରେ ୱାନ୍ ବାର୍ ୱାନ୍ ଭୋଟ୍ ଆଧାରରେ ନିର୍ବାଚନ କରାଯିବ। କର୍ମକର୍ତ୍ତାମାନଙ୍କର କାର୍ଯ୍ୟକାଳ ୨୦୨୧ ଏପ୍ରିଲ ୧ରୁ ୨୦୨୨ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରହିବ। ଆସନ୍ତା ୬ରୁ ୮ ତାରିଖ ମଧ୍ୟରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିପାରିବେ। ୧୦ ତାରିଖରେ ନାମାଙ୍କନପତ୍ର ଯାଞ୍ଚ, ୧୩ ତାରିଖ ସୁଦ୍ଧା ନାମାଙ୍କନ ପତ୍ର ପ୍ରତ୍ୟାହାର ଓ ୧୫ ତାରିଖରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ। ୨୭ ତାରିଖ ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ ଓ ୪ଟାରୁ ଭୋଟ୍ ଗଣତି ହେବ। ପରେ ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ ବୋଲି ରାଜ୍ୟ ବାର୍ କାଉନ୍‌ସିଲ୍‌ର ସମ୍ପାଦକ ଜେ.କେ. ସାମନ୍ତସିଂହାର ସୂଚନା ଦେଇଛନ୍ତି।

# ମାତୃ ଓ ଶିଶୁ ୱାର୍ଡରେ ଫାଟିଲା ମୋବାଇଲ

କେନ୍ଦୁଝର, ୨୮।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ୱାର୍ଡରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଏହି ୱାର୍ଡରେ ମନୋରମା ସାହୁ ନାମ୍ନୀ ଜଣେ ରୋଗୀଙ୍କ ମୋବାଇଲ ଫୋନ ଚାର୍ଜରେ ବସିଥିବା ବେଳେ ହଠାତ୍ ଫାଟିଯାଇଥିଲା। ପାଖରେ ଥିବା ତାଙ୍କ ଝିଅ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ମୋବାଇଲକୁ ପାଖରେ ଥିବା ବାଥରୁମକୁ ଫୋପାଡି ଦେଇଥିଲେ। ଫଳରେ ଦୁର୍ଘଟଣା ଅଳ୍ପକେ ଟଳିଯାଇଥିଲା। ଏହି ୱାର୍ଡରେ ଥିବା ଅନ୍ୟ ରୋଗୀମାନେ ଭୟଭୀତ ହୋଇପଡିଥିଲେ। ଏହି ଘଟଣା ପରେ ଡାକ୍ତରଖାନା ପକ୍ଷରୁ ଯାଞ୍ଚ କରାଯାଇଛି। ଏ ସମ୍ପର୍କରେ ଏଡିଏମ୍‌ଓ କେ.ସି.ପୃଷ୍ଟି ଅବଗତ ନ ଥିବା କହିଛନ୍ତି।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକଙ୍କ ମୃତ୍ୟୁ

ବନ୍ତ, ୨୮।୨(ସ୍ୱ.ପ୍ର.)

ଭଦ୍ରକ ଜିଲା ଆଗରପଡ଼ା ଥାନା ଚକ୍ରାପାଢ଼ୀ ଗ୍ରାମର କୃଷ୍ଣଚନ୍ଦ୍ର ରଣାଙ୍କ ପୁଅ ଶକ୍ତିସ୍ୱରୂପ(୧୩) ରବିବାର ନିମ୍ବ ଗଛରେ ଚଢ଼ି ପତ୍ର ତୋଳୁଥିବା ବେଳେ ବିଦ୍ୟୁତ୍ ତାର ସଂସର୍ଶରେ ଆସି ପ୍ରାଣ ହରାଇଛନ୍ତି। ବିଦ୍ୟୁତ୍ ବିଭାଗ ଅବହେଳାରୁ ଶକ୍ତିଙ୍କ ଜୀବନ ଯାଇଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ମୃତଦେହକୁ ଆଗରପଡ଼ା-ଭଦ୍ରକ ରାସ୍ତାର କୁଆଁଶମଢ଼ିଆ ଛକରେ ରଖି ଅବରୋଧ କରିଥିଲେ। ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ କୁମାର ଦାଶ, ଆଗରପଡ଼ା ଥାନାଧିକାରୀ ସୁକାନ୍ତି କେରେଇ ପ୍ରମୁଖ ଉତ୍ତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ବିଦ୍ୟୁତ୍ ବିଭାଗ ୧୫ ଦିନ ଭିତରେ ଏହି ତାରକୁ ଠିକ୍ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।



ଲୋକମାନେ ମିଥ୍ୟାକୁ ଜାବୁଡ଼ି କରି ଧରିଥାନ୍ତି। ସତେ କି ମିଥ୍ୟା ସେମାନଙ୍କର ଏକ ବହୁମୂଲ୍ୟ ସଂପଦ। ଯେ କେହି ମିଥ୍ୟା ଭିତରେ ବଂଚୁଥାଏ– ସେ ହେଉଛି ମନୁଷ୍ୟ ଜାତିର ଶତ୍ରୁ। –ଶ୍ରୀମା



# ଯେତେ ଅଧିକ ନିୟମାବଳୀ

ସାମାଜିକ ଓ ଡିଜିଟାଲ ମିଡିଆକୁ ନିୟନ୍ତ୍ରଣ କରିବା ଲାଗି ୨୫ ଫେବୃୟାରୀରେ କେନ୍ଦ୍ର ସରକାର ନୂଆ ନିୟମାବଳୀ ଆଣିଛନ୍ତି। ଫେକ୍ ନ୍ୟୁଜ୍ ବା ମିଥ୍ୟା ଖବର ଓ ଘୃଣା ବୃଦ୍ଧିକାରୀ ବିଷୟବସ୍ତୁକୁ ନିୟନ୍ତ୍ରଣ କରିବା ସକାଶେ ଏଭଳି ନିୟମାବଳୀ ଆଣିବାର ଆବଶ୍ୟକତା ଥିଲା ବୋଲି ସରକାର ଯୁକ୍ତି ବାଢ଼ିଛନ୍ତି। ଏହି ତର୍ଣ୍ଣିଚିପା ନିୟମାବଳୀ ପ୍ରଭାବରେ କେବଳ କେତୋଟି ନକାରାତ୍ମକ ୱେବ୍‌ସାଇଟ୍‌କୁ ଛାଡ଼ିଦେଲେ ଅଧିକ ସଂଖ୍ୟକ ପେସାଦାର ୱେବ୍‌ସାଇଟ୍ କ୍ଷତିଗ୍ରସ୍ତ ହେବେ। ଏଥିସହିତ କ୍ରିଏଟିଭ୍ ବା ସୃଜନଶୀଳ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଭାବେ ମାଡ଼ କରିବାର ବାଟ ଖୋଲିଗଲା ବୋଲି ସମାଲୋଚନା ଆରମ୍ଭ ହୋଇଗଲାଣି। ଏବେ ସୋସିଆଲ ମିଡିଆରେ ଏକ କୌତୂହଳପୂର୍ଣ୍ଣ ବ୍ୟଙ୍ଗଚିତ୍ର ଘୂରି ବୁଲୁଥିବା ଦେଖିବାକୁ ମିଳୁଛି। ଏଥିରେ ନ୍ୟାଶନାଲ ଗ୍ୟାଲେରି ଅଫ୍ ମଡର୍ନ ଆର୍ଟରେ ପ୍ରଦର୍ଶିତ ତିନୋଟି ଛବି ଲାଗିଥିବା ଦେଖାଯାଉଛି। ସେଠାରେ ଜଣେ ଦର୍ଶକ ପଚାରୁଛନ୍ତି, ଏହି ତିନୋଟି ଛବି ଏକପ୍ରକାର ଦିଶିବା ପଛରେ କାରଣ କ'ଣ। ଏହାର ଉତ୍ତରରେ ଜଣେ ଧଳା ଦାଢ଼ି ନିଶ ଥିବା ଚିତ୍ରକର କହୁଛନ୍ତି ଯେ, ଯେତେ ଭିନ୍ନତା ହେଲେ ମଧ୍ୟ ଆମେ ଗୋଟିଏ ବ୍ରଶ୍‌ରେ ସବୁକିଛି ଆଙ୍କିଦେଉଛୁ। ଏଥିରୁ ବୁଝିବା କଥା ଯେ, ଭାରତରେ ଥିବା ବିବିଧତାକୁ ଗୋଟିଏ ଚିନ୍ତାଧାରାରେ ମାରିଦିଆଯାଇଛି। ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଜାରି କରାଯାଇଥିବା ଜରୁରିକାଳୀନ ପରିସ୍ଥିତିରେ ଯେଉଁଭଳି ଗଣମାଧ୍ୟମ ଉପରେ କଟକଣା ଜାରି କରାଯାଇଥିଲା ତାହାର ଅବିକଳ ନକଲ ଏବେ ପୁନର୍ବାର ଦେଖିବାକୁ ମିଳିଛି।

ଭାରତୀୟ ସମ୍ବିଧାନରେ ବାକ୍ ସ୍ୱାଧୀନତାର ଅଧିକାର ନିରଙ୍କୁଶ ହୋଇଥିଲେ ମଧ୍ୟ ଦାୟିତ୍ୱବୋଧ ରହିବା ବାଞ୍ଛନୀୟ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଆଜିର ଶାସକମାନେ ଏହି ସୋସିଆଲ ମିଡିଆର ରାଜନୈତିକ ବ୍ୟବହାର ପ୍ରଥମଥର ପାଇଁ ବିପୁଳ ଭାବେ ଆରମ୍ଭ କରିଥିଲେ। ସେହି ଆକ୍ରମଣର ସମ୍ମୁଖୀନ ହେବା ପାଇଁ କଂଗ୍ରେସରେ ବୁଦ୍ଧି ଓ ମାନବସମ୍ବଳର ଘୋର ଅଭାବ ଦେଖାଦେଇଥିଲା। ସେବେଠାରୁ ଏପର୍ଯ୍ୟନ୍ତ ସୋସିଆଲ ମିଡିଆର ଧାରା ଗୋଟିଏ ସ୍ରୋତରେ ରହୁଥିଲା। ନିକଟରେ ଘଟିଥିବା କେତୋଟି ଉଲ୍ଲେଖନୀୟ ଘଟଣାରୁ ଜଣାପଡ଼ିଲା ଯେ, ସୋସିଆଲ ମିଡିଆର ନଦୀ ସମୁଦ୍ର ପରିବର୍ତ୍ତେ ପାହାଡ଼ ଆଡ଼କୁ ବୋହିବାକୁ ଆରମ୍ଭ କଲାଣି। ସକାରାତ୍ମକ କାର୍ଯ୍ୟ କରି ସେହି ପରିବର୍ତ୍ତନକୁ ସାମ୍ନା କରିବା ପରିବର୍ତ୍ତେ ଆଜିର ସରକାର ଆଇନ ଓ ନିୟମାବଳୀର ସାହାରା ନେଇ ସବୁ ପ୍ରକାର ଇଣ୍ଟରନେଟ୍ ମଞ୍ଚର କଣ୍ଠରୋଧ କରିବାକୁ ଚେଷ୍ଟା କରୁଛନ୍ତି। ଏହି ନୂତନ ବ୍ୟବସ୍ଥାରେ କେବଳ ସୋସିଆଲ ମିଡିଆ ନୁହେଁ, ଓଟିଟି ବା ଆମାଜନ୍ ପ୍ରାଇମ୍, ନେଟ୍‌ଫ୍ଲିକ୍ସ ଭଳି ଅନ୍‌ଲାଇନ ସେବା ଯୋଗାଣକାରୀ ପ୍ରଭାବିତ ହେବେ। ଏହାଦ୍ୱାରା 'ତାଣ୍ଡବ' ଭଳି ଚମତ୍କାର ଧାରାବାହିକକୁ ବନ୍ଦ କରିଦିଆଯାଇପାରିବ। ଅନୁରୂପ ଭାବେ 'ଦି ୱାୟାର୍' ଓ 'ଦି କ୍ୱିଣ୍ଟସ' ଭଳି ଖବର ପୋର୍ଟାଲ ବନ୍ଦ ହୋଇଯିବାର ଆଶଙ୍କା କରାଯାଇପାରେ।

କୌତୂହଳର ବିଷୟ ହେଉଛି ଏହି ସରକାରୀ ପଦକ୍ଷେପକୁ ଅଳ୍ପ କେତୋଟି ଦିଗରୁ ସମର୍ଥନ ଆସୁଛି। ଭିତରକୁ ଗଲେ ଜଣାପଡ଼ିବ ଯେ, ସେହିଭଳି ଅନୁଷ୍ଠାନ କେବେ ନା କେବେ ସୋସିଆଲ ମିଡିଆ ଦ୍ୱାରା ପ୍ରବଳ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ସମର୍ଥନ କଲାବେଳକୁ ସେମାନେ ବୁଝୁନାହାନ୍ତି ଯେ, ସେମାନଙ୍କୁ ବାଜିଥିବା ମାଡ଼ ପୁନର୍ବାର ଭବିଷ୍ୟତରେ ହେଲେ ଏ ନୂତନ ବ୍ୟବସ୍ଥା ରକ୍ଷା କରିପାରିବ ନାହିଁ। କାରଣ ଏହା କେବଳ ହାତଗଣତି ଲୋକଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ। ସାଧାରଣ ନାଗରିକକୁ ସୁରକ୍ଷା ଦେବାର ଯେଉଁଭଳି ଚିତ୍ରଣ କରାଯାଉଛି, ତାହା ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ। ଏହା ଏଥିପାଇଁ ଅସମ୍ଭବ କାରଣ ସମଗ୍ର ଦେଶ ପାଇଁ ଜଣେ ନୋଡାଲ ଅଫିସର ନିଯୁକ୍ତି ପାଇବେ। ଏତେବଡ଼ ବିରାଟ ଦେଶରେ କେଉଁ ମହିଳାଙ୍କ ପ୍ରତି କିଏ ସୋସିଆଲ ମିଡିଆରେ ଅବିଚାର କିମ୍ବା ଅଭଦ୍ର ବ୍ୟବହାର କରିଛନ୍ତି, ତାହା ପ୍ରତି ଏହି ନୋଡାଲ ଅଫିସରଙ୍କ ଧ୍ୟାନ ଆକର୍ଷଣ କରିବା ପୀଡ଼ିତା କିମ୍ବା ତାଙ୍କ ପରିବାର ପାଇଁ ଅସମ୍ଭବ ହୋଇପଡ଼ିବ। ଅନ୍ୟପଟେ ଏହି ଗୋଟିଏ ଅଫିସର କେନ୍ଦ୍ର ସରକାରଙ୍କଠାରୁ ଭିନ୍ନ ମତ ଦେଉଥିବା ଇଣ୍ଟରନେଟ୍ ସମ୍ବନ୍ଧୀୟ ୱେବ୍‌ସାଇଟ୍ ବା ସୋସିଆଲ ମିଡିଆକୁ ତୁରନ୍ତ ବନ୍ଦ କରିଦେବା ପାଇଁ ଯଥେଷ୍ଟ। ତାଙ୍କ କଲମ ମୁନରେ ଅନେକ ଉଦ୍ୟୋଗୀ, ସାମ୍ବାଦିକ ଏବଂ ତା'ସହିତ ଜଡ଼ିତ କର୍ମଚାରୀଙ୍କ ପେଟପାଟଣାକୁ ଛୁରାମାଡ଼ ହୋଇପାରିବ। ଯିଏ ସମର୍ଥନ କରିବ, ସିଏ ତିଷ୍ଠିବ। ଏହା ବ୍ୟତୀତ ରାଜନୈତିକ କାର୍ଯ୍ୟରେ ସମ୍ପୃକ୍ତ ନ ଥିବା ୱେବ୍‌ସାଇଟ୍‌କୁ ବଞ୍ଚାଇ ରଖିବା ପାଇଁ ଦୁର୍ନୀତିର ପନ୍ଥା ଧରି ଏଭଳି ଅଫିସରଙ୍କୁ ଘୁସ୍ ଦେବାକୁ ବାଧ ହେବ। ମନେରଖିବାକୁ ହେବ, ଯେତେ ଅଧିକ ଆଇନ ବା ନିୟମାବଳୀ ସୃଷ୍ଟି କରାଯିବ, ସେତିକି ଅଧିକ ଦୁର୍ନୀତି ବୃଦ୍ଧି ପାଇବ।

## ସାପ୍ତାହିକ ପଞ୍ଜିକା

**ଫେବୃୟାରୀ ୨୨:** ରାଜ୍ୟ ସରକାର ୨୦୨୧–୨୨ ଆର୍ଥିକ ବର୍ଷ ପାଇଁ ୧ ଲକ୍ଷ ୭୦ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରିଛନ୍ତି।

➢ ୨୨ ବର୍ଷ ପରେ ଅଞ୍ଜନା ମିଶ୍ର ଗଣବଳାତ୍କାର ଘଟଣାର ଅଭିଯୁକ୍ତ ବିବନ ବିଶ୍ୱାଳ ଗିରଫ।

**ଫେବୃୟାରୀ ୨୩:** ସାଧାରଣତନ୍ତ୍ର ହିଂସାକାଣ୍ଡରେ ସମ୍ପୃକ୍ତ ଅଭିନେତା ତଥା ସାମାଜିକ କର୍ମୀ ଦୀପ ସିଦ୍ଧୁ ଜେଲ ଗଲେ।

**ଫେବୃୟାରୀ ୨୪:** କାଳିଆ ଯୋଜନାରେ ରେ ୧.୦୪ ଲକ୍ଷ ଚାଷୀ ଅଯୋଗ୍ୟ।

➢ ଓଡ଼ିଶାର ୭ ଜିଲାରେ ସୀମା ବିବାଦ।

**ଫେବୃୟାରୀ ୨୫:** ଓଟିଟି ଉପରେ ଅଙ୍କୁଶ। ସୋସିଆଲ ମିଡିଆ ଓ ଡିଜିଟାଲ ମିଡିଆକୁ ନିୟନ୍ତ୍ରଣ କରିବ କେନ୍ଦ୍ର।

**ଫେବୃୟାରୀ ୨୬:** ପଶ୍ଚିମବଙ୍ଗରେ ୮ ପର୍ଯ୍ୟାୟ ଭୋଟ। ମାର୍ଚ୍ଚ ୨୭ରୁ ଏପ୍ରିଲ ୨୯ ପର୍ଯ୍ୟନ୍ତ ଚାଲିବ। ଏହା ସହ ଆସାମ, ତାମିଲନାଡୁ, କେରଳ ଓ ପୁଡୁଚେରୀରେ ବି ନିର୍ବାଚନ ହେବ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | | 2 | | 9 | | 3 | | A | | | | | |
| | | | B | | | | 2 | 1 | | 8 | | | 6 | |
| | | | 7 | 8 | | 5 | 4 | 9 | 1 | | | | | |
| | 9 | | | | 5 | | | B | | | | | 0 | |
| 2 | | | | | | | 0 | E | | 4 | 6 | | 3 | 9 |
| A | | 4 | | B | | 8 | | | | | E | | | |
| | 3 | 6 | | E | | | | 5 | | 0 | | | | 1 |
| | 8 | | 6 | | | B | | | | | 1 | | C | |
| | | 7 | C | 0 | | | | | 8 | | | | | |
| C | 1 | | D | | | | | 0 | 6 | | | | 9 | |
| | 0 | | | | B | | | 8 | | C | | | | 6 |
| 9 | | | 0 | 6 | 4 | | B | | | | 3 | | | D |
| | | 8 | | | 7 | | | 4 | | 9 | | | | |
| | | | | 9 | | | | C | | | | B | 2 | 4 |
| 5 | | | 3 | | | | E | | 0 | D | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 0 | 4 | 1 | B | 2 | E | 6 | D | 8 | 7 | C | 5 | 3 | 9 |
| E | C | 5 | 4 | 0 | 3 | 8 | 1 | 7 | 6 | 9 | D | 2 | A | B |
| 2 | 7 | 8 | 6 | E | D | 5 | 9 | B | 3 | 0 | A | C | 4 | 1 |
| 6 | 9 | D | 8 | 5 | A | C | 4 | 3 | 1 | B | 2 | 7 | E | 0 |
| B | 3 | 1 | 7 | C | 9 | 0 | 2 | A | 5 | E | 4 | 8 | D | 6 |
| C | 2 | 3 | B | 7 | 5 | D | E | 9 | 4 | 1 | 0 | A | 6 | 8 |
| 9 | B | A | C | 3 | 4 | 6 | 0 | 8 | D | 5 | E | 1 | 2 | 7 |
| 0 | 4 | 7 | A | 8 | 6 | 1 | C | 5 | 9 | 2 | 3 | D | B | E |
| 1 | 5 | E | D | 9 | 0 | B | 7 | 2 | A | 6 | 8 | 3 | C | 4 |
| 8 | D | 6 | E | 2 | 1 | 3 | A | 4 | 7 | C | B | 9 | 0 | 5 |
| 3 | A | 0 | 9 | 6 | 7 | 4 | 8 | C | B | D | 1 | E | 5 | 2 |
| 4 | E | 9 | 5 | 1 | B | 2 | D | 0 | C | 3 | 7 | 6 | 8 | A |
| 5 | 6 | B | 2 | D | E | A | 3 | 1 | 0 | 8 | 9 | 4 | 7 | C |
| D | 1 | C | 0 | A | 8 | 7 | 5 | E | 2 | 4 | 6 | B | 9 | 3 |
| 7 | 8 | 2 | 3 | 4 | C | 9 | B | 6 | E | A | 5 | 0 | 1 | D |

ଗତକାଲିର ଉତ୍ତର

# ଉପେକ୍ଷିତ ମାତୃତ୍ୱ



ଡ. ପ୍ରଫୁଲ୍ଲ କୁମାର ସାହୁ

ମମତା ଅଜାଡ଼ି ଦେବାର ଅନ୍ୟ ନାମ ମାଆ। ଆମ ଜୀବନ ଭୂମିକୁ ସିକ୍ତକରି ବହିଯାଇଥିବା ଏକ ଶୀତଳ ଝର। କିଏ ତାକୁ ବାତ୍ସଲ୍ୟର ବାରିଧାରା କହେ ତ କିଏ କହେ ସେବା ଓ ସହନଶୀଳତାର କୋମଳ ଗାନ୍ଧାର। ବାସ୍ତବରେ ମାତୃତ୍ୱ ହେଉଛି ପିଲାଙ୍କ ରାସ୍ତାରୁ କଣ୍ଟା ସାଉଣ୍ଟି ନେଇ ଫୁଲ ବିଛେଇ ଦେବାର ଏକ ଆଜୀବନ ତପସ୍ୟା। ଏକ ଅପ୍ରମିତ ସାଧନା। ସଂସାରକୁ ଏକ ନୂଆ ଜୀବନ ଆଣିବାର ଦିବ୍ୟ ଅନୁଭବ। ଜନ୍ମଦେବା ତ ପ୍ରଜନନ ପ୍ରକ୍ରିୟାର ଏକ ସ୍ୱାଭାବିକ ପରିଣତି। କିନ୍ତୁ ମାତୃତ୍ୱ ହେଉଛି ସନ୍ତାନ ପାଇଁ ନିଜକୁ ଉଜେଇ ଦେବାର ଏକ ମହାର୍ଘ ଉପଲବ୍ଧି। ଗର୍ଭଧାରଣ ସମୟରେ ଅଜସ୍ର ଗୋଇଠା ଖାଇ ଏବଂ ପ୍ରସବ କାଳରେ ଅସହ୍ୟ ଯନ୍ତ୍ରଣା ସହି ସେ ସନ୍ତାନକୁ ସଂସାରକୁ ଆଣିବା ମାତ୍ରେ ତା' ବକ୍ଷରେ ପ୍ରବାହିତ ହୁଏ ଅମୃତର ଧାରା। ସନ୍ତାନ ପାଇଁ ଏହା ହିଁ ସଂସାରର ବିକଳ୍ପହୀନ ଆହାର ବା ଅମୃତ। ସନ୍ତାନକୁ ସେହି ଅମୃତ ଟିକେ ଚଟେଇବା ପାଇଁ ମାଆ ନିଜେ ପଳ ପଳ କରି ପିଇଯାଏ ଦୁଃଖର ଗରଳ। ପିଲାଙ୍କ ପାଦରେ କଣ୍ଟା ଫୁଟିଗଲେ ବିଦାରି ହୋଇଯାଏ ତା'ର ବକ୍ଷ। ତା'ର ଅନାବିଳ ମମତାରେ ଓଦା ହୋଇଯାଏ ଶୁଖିଲା ଭୂଇଁ। ମଥା ଉପରେ ଅଜାଡ଼ି ହୋଇ ପଡ଼େ ଆଞ୍ଜୁଳା ଆଞ୍ଜୁଳା କଲ୍ୟାଣ। ମରଣ ପରୱାନାରେ ଦସ୍ତଖତ ଦେଲାବେଳେ ବି ମାଆର ସେହି ଗୋଟିଏ ସର୍ତ୍ତ ମୋ ପିଲାଏ ଥାଆନ୍ତୁ ଭଲରେ। ମାଆର ଏ ଭଲ ପାଇବାରେ ନ ଥାଏ ସ୍ୱାର୍ଥ ଓ ସର୍ତ୍ତ। ପ୍ରସଙ୍ଗକ୍ରମେ ମନେପଡ଼େ ଗତ ସୁନାମି ସମୟର ଘଟଣା। ସମୁଦ୍ରରୁ ମାଡ଼ି ଆସୁଥାଏ ଭୟଙ୍କର ସମୁଦ୍ର ଜୁଆର। ଲୋକେ ପ୍ରାଣ ବିକଳରେ ଧାଇଁଥାନ୍ତି ନିରାପଦ ସ୍ଥାନକୁ। ଜଣେ ମହିଳା କିନ୍ତୁ ଓଲଟା ଧାଇଁଥାଏ ସମୁଦ୍ର ଆଡ଼କୁ। କାରଣ ତା'ର କୁନି ପୁଅଟି ସମୁଦ୍ର କୂଳକୁ ଖେଳିବାକୁ ଯାଇଥିଲା କିଛି ସମୟ ପୂର୍ବରୁ। ସେ ଏଯାଏ ଫେରି ନ ଥିବାରୁ ମା' ତାକୁ ଖୋଜିବାକୁ ଧାଇଁଛି ଜୀବନକୁ ବାଜି ଲଗେଇ। ମାତୃତ୍ୱର ଏ ମହକ କେବଳ ମଣିଷ କ୍ଷେତ୍ରରେ ନୁହେଁ, ପଶୁପକ୍ଷୀଙ୍କ ପାଖରେ ବି ଦେଖିବାକୁ ମିଳେ ସମାନ ଭାବରେ। ଚିତାବାଘ ମାଙ୍କଡ଼ ଶିକାର କରିବାକୁ ଗଛକୁ ଚଢ଼ିଲେ ପିଲାମାନଙ୍କ ଜୀବନ ରକ୍ଷା କରିବା ପାଇଁ ଚିତା ପାଖରେ ନିଜକୁ ସମର୍ପି ଦିଏ ମା' ମାଙ୍କଡ଼। ଚିଲ ଆକ୍ରମଣ ସମୟରେ ଶାବକମାନଙ୍କୁ ପେଟତଳେ ରଖି ମା' କୁକୁଡ଼ା ଭୁଲିଯାଏ ଆପଣା ସୁରକ୍ଷା କଥା। ବାସ୍ତବରେ ମା' ହେଉଛି ଅନ୍ଧର ଆଖି। ମୂକର ଭାଷା। ତା'ର କୋଳ ହେଉଛି ଏକ ଅଭୟ ଆଶ୍ରୟସ୍ଥଳୀ। ସେଥିପାଇଁ କୁହାଯାଏ ଯମ ରାଜାଙ୍କ ପାଇଁ ସଂସାରରେ ଯଦି କେଉଁଠି ଅପହଞ୍ଚ ଇଲାକା ଅଛି, ତେବେ ତା' ହେଉଛି ମା'ର କୋଳ।

ମାଆର ଆଶୀର୍ବାଦ ବଳରେ ଅସମ୍ଭବକୁ ସମ୍ଭବ କରିପାରେ ମଣିଷ। ତେଣୁ ମା'କୁ ପୂଜା କରିବା ଅର୍ଥ ଈଶ୍ୱରଙ୍କ ସାନ୍ନିଧ୍ୟ ପାଇବା ସହିତ ସମାନ। ଥରେ ଜଣେ ସନ୍ଥ ନିଜ ଅନୁଭୂତିରୁ କହୁଥିଲେ–''ଈଶ୍ୱରଙ୍କ ସନ୍ଧାନରେ ଜୀବନ କାଳର ସମଗ୍ର ସାଧନା ବିନିଯୋଗ କରି ସେ ଅପ୍ରାପ୍ତିଜନିତ ହତାଶରେ ଭାଙ୍ଗିପଡ଼ିଥିବା ବେଳେ ହଠାତ୍ ଆଖିପଡ଼ିଲା ଜନ୍ମଦାତ୍ରୀ ମା' ଉପରେ। ଗଭୀର ଅନ୍ତର୍ଦୃଷ୍ଟି ନେଇ ତାକୁ ନିରେଖିଲା ପରେ ଆଉ ଅନୁଭବ କରିପାରିଲେନି ଈଶ୍ୱରଙ୍କୁ ଖୋଜିବାର ଆବଶ୍ୟକତା। କାରଣ ବୁଝିଗଲେ ଅଦୃଶ୍ୟ ଈଶ୍ୱରଙ୍କ ପରି ମାଆ ମଧ୍ୟ ଦୟା ଓ କରୁଣାର ଅବତାର। ତେଣୁ ମା' ଓ ଈଶ୍ୱର ଉଭୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ।'' ସୁତରାଂ ମା'ର ସେବା ସନ୍ତାନର ପରମ କର୍ତ୍ତବ୍ୟ। ଏହି ବିଚାରଧାରା କେଉଁ ଅନାଦି କାଳରୁ ଆମ ରକ୍ତରେ ମିଶିଯାଇଛି ଏବଂ ଏହା ହିଁ ଭାରତୀୟ ସଂସ୍କୃତିର ଏକ ମୌଳିକ ବିଭବ। ଅଥଚ ସାଂସ୍କୃତିକ ଅବକ୍ଷୟ କାରଣରୁ ସାମ୍ପ୍ରତିକ ସମୟରେ ଏକ ଜ୍ୱଳନ୍ତ ସମସ୍ୟା ହୋଇ ଉଭା ହୋଇଛି ବୃଦ୍ଧ ମାତାପିତାଙ୍କ ପ୍ରତି ପିଲାମାନଙ୍କର ଅବଜ୍ଞା ଓ ଅବହେଳା।

ପରିବର୍ତ୍ତିତ ସାମାଜିକ ଚଳଣି ଅନୁଯାୟୀ ପରିବାରରେ ଏବେ ଅଚଳ ହେଲାଣି ବୃଦ୍ଧସ୍ୟ ବଚନ ଗ୍ରାହ୍ୟ ନୀତି। ନୀତି ଓ ଆଦର୍ଶ। ପିଲାଙ୍କର ଆଉ ଆବଶ୍ୟକ ହେଉନି ପରିଣତ ବୟସରେ ପହଞ୍ଚିଥିବା ମାତାପିତାଙ୍କ ପରାମର୍ଶ ଓ ଉପଦେଶ। ଆମ ଯୌଥ ପରିବାର ବ୍ୟବସ୍ଥା ଭାଙ୍ଗିଯିବା ପରଠାରୁ କ୍ରମଶଃ ଦୁର୍ବିଷହ ହୋଇପଡ଼ିଲାଣି ସେମାନଙ୍କ ଜୀବନ। ସମ୍ପତ୍ତି ବାଡ଼ି ପରି ସେମାନେ ବି ଭାଗ ହେଲେଣି ଭାଇ ଭାଇ ଭିତରେ। ସର୍ତ୍ତ ଅନୁସାରେ ତାଙ୍କ ଭିତରୁ ଜଣେ ବଡ଼ଭାଇ ପାଖରେ ରହୁଛି ତ ଆଉ ଜଣେ ସାନ ପାଖରେ। କେତେକ ଜାଗାରେ ଜଣେ ଗାଁରେ ରହୁଛି ତ ଆଉ ଜଣେ ସହରରେ। ଜଣେ ଚାଲିଗଲା ପରେ ଅନ୍ୟ ଜଣକର ଭରଣ ପୋଷଣ ଦାୟିତ୍ୱ ପୁଣି ଭାଗ ହେଉଛି ନୂଆ ପ୍ରକାରେ। ବିଶେଷକରି ବାପା ଆଗ ଚାଲିଗଲେ ମା' ପାଇଁ ବଞ୍ଚିବା ମରିବା ସବୁ ସମାନ। ବିଲେଇ ଛୁଆ ଏ ଦୁଆର ସେ ଦୁଆର ହେଲାପରି ସେ ବଡ଼ ପୁଅ ଦୁଆରେ ପନ୍ଦର ଦିନ ପତର ପକାଏ ତ ସାନ ପୁଅ ପାଖରେ ବାକି ପନ୍ଦର ଦିନ। ଦୁର୍ଭାଗ୍ୟକୁ ଯେଉଁ ମାସ ୩୧ ଦିନିଆ, ସେ ମାସର ଶେଷ ଦିନଟା କା' ଭାଗରେ ମଞ୍ଜୁରୀ ହୋଇ ନ ଥିବାରୁ ସେଦିନ ତାକୁ ହୁଏତ ପାଳନ କରିବାକୁ ପଡ଼େ ଏକାଦଶୀ ବ୍ରତ। ଏଭଳି ଅବହେଳା ଯେ କେବଳ ଏକାଧିକ ପୁଅ ଜନ୍ମ କରିଥିବା ମା' ଭାଗ୍ୟରେ ଥାଏ ତା' ନୁହେଁ, କେତେକ ସ୍ଥାନରେ ଗୋଟିକିଆ ପୁଅର ମାଆ ବି ଭୋଗୁଛି ବାର ହୀନସ୍ତା।

ଗାଁ ହେଉ କି ସହର, ଏବେ ପ୍ରାୟତଃ ସବୁ ଘରେ ଓ ସବୁ କଥାରେ ଦେଖିବାକୁ ମିଳୁଛି ଶାଶୁ ଉପରେ ବୋହୂର ବାଦ। ଶାଶୁ ନାମରେ କିଛି ସମ୍ପତ୍ତି ବାଡ଼ି ଥିଲେ ରକ୍ଷା। କିଛି ପ୍ରକାର ପେନ୍‌ସନ ପାଉଥିଲେ ବି ସେତିକି ହାତେଇବା ପାଇଁ ଅଜାଡ଼ି ପଡ଼େ କିଛି କୃତ୍ରିମ ଭକ୍ତି ଓ ଭଲପାଇବା। ତା' ନ ହେଲେ ଫିଙ୍ଗା, ଫୋପଡ଼ା, ଅନାଦର ଓ ବେଖାତିର ଭିତରେ ଶାଶୁମା'ର ଜୀବନ ମରଣ ସବୁ ସମାନ। ଆଜିକାଲି ଏମିତି ପୁଅ ବି ଅଛନ୍ତି, ଯିଏ ନିଜ ସ୍ତ୍ରୀକୁ ଖୁସି କରିବାକୁ ଯାଇ ମା'କୁ ଦେଖେଇ ଦିଅନ୍ତି ଅନାଥାଶ୍ରମର ରାସ୍ତା। କେହି କେହି ତୀର୍ଥ ଦର୍ଶନ କରାଇନେବା ଆଳରେ ଜନ୍ମଦାତ୍ରୀ ମା'କୁ ନେଇ ଛାଡ଼ି ଆସନ୍ତି ଅଜଣା ସହରରେ। ସାଧାରଣତଃ ଚାକିରିଆ ପୁଅମାନେ ସହରରେ ରହନ୍ତି ନିଜ ସ୍ତ୍ରୀ ଓ ପିଲାଙ୍କୁ ନେଇ। ସେମାନଙ୍କ ଭିତରୁ ଅଧିକାଂଶଙ୍କ ମାଆ କିନ୍ତୁ ଗାଁରେ ଏକୁଟିଆ ପଡ଼ିଥାନ୍ତି ଭିଟାମାଟିକୁ ଜାବୁଡ଼ି ଧରି। ମା'ର ଭଲ ମନ୍ଦ କେହି ବୁଝିବା ତ ଦୂରର କଥା ପାଖରେ କେହି ନ ଥା'ନ୍ତି ମୁହଁରେ ଟିକେ ପାଣିଦେବା ପାଇଁ। ମା' ବାଧିକା ପଡ଼ିଛି ବୋଲି ଖବର ପାଇଲେ ପିଲାମାନେ ବିବ୍ରତ ହେବା ତ ଦୂରର କଥା, ଗାଁକୁ ସହସା ଆସିବା କଥାଟା ଟାଳି ଦିଅନ୍ତି ନାନା ପ୍ରକାର ଆଳ ଦେଖାଇ। ପିଲାମାନଙ୍କର ଏତାଦୃଶ ସ୍ୱାର୍ଥପରତା ପାଇଁ ଗାଁରୁ ସହର ଯାଏ ସବୁଠି ଉତ୍ପୀଡ଼ିକ ନିଃସଙ୍ଗତା ମଧ୍ୟରେ କଟୁଛି ମାଆର ଅବଶିଷ୍ଟ ଜୀବନ। ସହରରେ ଏମିତି ବହୁତ ବଡ଼ ବଡ଼ କୋଠାଘର ଅଛି, ଯେଉଁଠି ରହିବା ପାଇଁ ବୁଢ଼ୀବୁଢ଼ା ଦୁଇଜଣ କିମ୍ବା ସେମାନଙ୍କ ଭିତରୁ ଜଣେ। ପୁଅବୋହୂ ସ୍ଥାୟୀ ଘରକରି ରହିଲେଣି ବିଦେଶରେ। ସେମାନେ ଆଉ କେବେ ବି ଇଚ୍ଛା କରନ୍ତି ନାହିଁ ନିଜ ସହରକୁ ଆସିବା ପାଇଁ। ବେଳେ ବେଳେ ବିଦେଶରୁ ଭଲ ଭଲ ଉପହାର ପଠାନ୍ତି ମା' ପାଇଁ। ମାତ୍ର କ'ଣ ହେବ ସେ ଉପହାର? ଉପହାର କ'ଣ କଥା କହିବ? ମାଆ ପରା କିଛି ନେବାକୁ ଚାହେଁ ନି। ସେ କେବଳ ଦେଇ ଜାଣେ ଏବଂ ସାରା ଜୀବନ ଦେଇ ଦେଇ ନିଃସ୍ୱ ହୋଇଯିବାରେ ତା'ର ଆନନ୍ଦ। ପ୍ରତିବଦଳରେ ସେ କେବଳ ଚାହେଁ ଶେଷ ଜୀବନଟା ପୁଅ ବୋହୂ ନାତି ନାତୁଣୀଙ୍କ ଗହଣରେ ବିତେଇଦେବ ହସଖୁସିରେ। ମାତ୍ର ବିଡ଼ମ୍ବନାର ବିଷୟ ହେଉଛି ମା'ର ଏଇ ଇଚ୍ଛା ଟିକକ ପୂରଣ କରିବା ଦିଗରେ ଅଧିକାଂଶ ପୁଅ ଆଜି ବୀତସ୍ପୃହ। ବିଶେଷକରି ସହରରେ ନୀଡ଼ ରଚନା କରି ରହୁଥିବା ଅନେକ ପୁଅ ଅନୁଭବ କରିପାରୁନାହାନ୍ତି ମା'ର ତ୍ୟାଗ ଓ ମହିମା। କେବେ ଥରେ ସେମାନେ ଯେତେବେଳେ ଘରୁ ବାହାରି ସହରକୁ ଯାଉଥିଲେ, ସେତେବେଳେ କେମିତି କେମିତି କରତି ହେଉଥିଲା ମା'ର ମନ। ତେଣୁ ଯେଉଁ ମାଆ ସେଦିନ ପୁଅ ସହରକୁ ଗଲାବେଳେ ଠାକୁର ଘରେ ପଶୁଥିଲା ଆଖି ଲୁହ ଲୁଚେଇବା ପାଇଁ, ସେହି ମା'ର ବାହୁନା ଏବେ ଅବିକଳ –''କୋଇଲି ଖଣ୍ଡ କ୍ଷୀର ଦେବି ମୁଁ କାହାକୁ, ଖାଇବାର ପୁତ୍ର ଗଲା ମଥୁରା ପୁରକୁ ଲୋ କୋଇଲି''ର ସଂଳାପ ପରି ଅଶ୍ରୁଳ, କରୁଣ ଓ ମର୍ମଦାହୀ।

ସାଧାରଣତଃ ମା' ବୋଲି ଉଚ୍ଚାରଣ କଲା ମାତ୍ରେ ଆମ ଆଖି ଆଗରେ ଆସି ଉଭା ହୋଇଯାଏ ଏକ ମମତାମୟୀ ଦେବୀ ପ୍ରତିମା; ଯିଏ ନିଜେ ଭୋକିଲା ରହି ଆମ ମୁହଁରେ ଆହାର ଦେବାକୁ ଲାଗିଥାଏ ଦିନରାତି। ଆମେ ବାଧିକା ପଡ଼ିଲେ ଠାକୁରଙ୍କୁ ଡାକେ ଏବଂ ରାତି ରାତି ଉଜାଗର ରହି ଲାଗିଥାଏ ଆମରି ସେବାରେ। ଆମରି ଖୁସି ପାଇଁ ସେ ପରିବାରର ସମସ୍ତେ ଶୋଇଲା ପରେ ବିଛଣାକୁ ଯାଏ ଏବଂ ଆମେ କେହି ଉଠିବା ଆଗରୁ ଉଠିପଡ଼ି ଲାଗିପଡ଼େ କାମରେ। ସେ କେବେ କାହା ଉପରେ ରାଗେନି କି ଅଭିମାନ କରେନି, ବରଂ ସଂସାର ଯାକର ଗାଳିକୁ ସହି ଆମର ମଙ୍ଗଳ ମନାସେ ସାରା ଜୀବନ। ସେହି ଉପଲବ୍ଧି ଯୋଗୁ ମା' ବୋଲି ଡାକିଦେଲେ ଆମ ପ୍ରାଣରେ ସୃଷ୍ଟି ହୁଏ ଏକ ଅମୃତମୟ ଆହ୍ଲାଦ। ସେ ଆହ୍ଲାଦରେ ଥାଏ ସବୁ ଯନ୍ତ୍ରଣାର ଉପଶମ। ତେଣୁ ଝୁଣ୍ଟି ପଡ଼ିଲେ ମା'ଲୋ ବୋଲି ପାଟିରୁ ବାହାରି ପଡ଼େ ଆପେ ଆପେ। ସତରେ ଈଶ୍ୱରଙ୍କ ସମଗ୍ର ସୃଷ୍ଟିରେ ଶ୍ରେଷ୍ଠ ବୋଲି ଯଦି କିଛି ଥାଏ, ସେ ହେଉଛି ମାଆ। ତା'ର ତ୍ୟାଗର ମହିମାକୁ ଅସ୍ୱୀକାର କରିବାର ଶକ୍ତି ସଂସାରରେ କାହାର ନାହିଁ। ଏହା ହିଁ ଆମ ଜଟିଳ ଜୀବନର ଏକ ସରଳ ସତ୍ୟ। ଏକ ସର୍ବକାଳୀନ ସିଦ୍ଧାନ୍ତ; ଯା'କୁ ଅସ୍ୱୀକାର କଲେ ଦୁର୍ବିଷହ ହୋଇ ପଡ଼ିବ ଏ ପୃଥିବୀ!

– ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ, ପଡ଼ିଆବେଡ଼ା, ମୟୂରଭଞ୍ଜ, ମୋ: ୯୪୩୮୮୫୫୦୮୮

# ପିଲା ମନ



ଅଞ୍ଜନ ଚାନ୍ଦ

ଏବେ ମୁଁ ସ୍କୁଲକୁ ଯିବାକୁ ଗାଁଭିତରେ ରାସ୍ତାଟିଏ ପାଇଯାଇଛି। ମୋତେ ଆଉ ସବୁଦିନ ଚଳଚଞ୍ଚଳ ରାଜରାସ୍ତାକୁ ଯିବାକୁ ପଡୁନାହିଁ। ଯିବାଆସିବାରେ ପାଞ୍ଚ କିଲୋମିଟର ରାସ୍ତା ଓ ଦଶ ମିନିଟ୍ ସମୟ କମ୍ ପଡୁଛି। ଗାଁରାସ୍ତାରେ କେତେ ଅନ୍ତରଙ୍ଗ ଦୃଶ୍ୟ ସବୁଦିନ ଦେଖୁଛି। ନଈକୂଳରେ ଅଛି ଗୋଟେ ନିଛାଟିଆ ଶ୍ମଶାନ। ବଉଳଭରା ଆମ୍ବତୋଟା। ଚାଳଛପର ଘରଟିଏ କରି ସେଠାରେ ରହିଯିବାକୁ ମନହେଉଛି।

ଆଜି ଆସିବାବେଳେ ଆଉ ଏକ ଚମତ୍କାର ଘଟଣା ଘଟିଲା। ତିନି ଚାରି ବର୍ଷର ଛୋଟ ପିଲାଟିଏ। ଅଣ୍ଟା ତଳକୁ ଲଙ୍ଗଳା। ଉପରେ ଖଣ୍ଡେ ନୀଳ ଜାମା। ମୁଣ୍ଡର ଟୋପି ଆଖିଉପରେ ମାଡ଼ି ବସିଛି। ହଠାତ୍ କାନ୍ଦି କାନ୍ଦି ରାସ୍ତା ଉପରକୁ ଧାଇଁଆସିଲା। ମୁଁ ହର୍ନ ବଜାଇଲି। ସେ ଚମକି ଯାଇ ଠିଆହେଲା। ରାସ୍ତା ଧାରକୁ ଯାଇ ପଛକୁ ଫେରି ଚାହିଁଲା। ମୋ ଆଡ଼କୁ ଅନାଇ ହସିଲା ଓ ହାତ ହଲାଇଲା। ମୁଁ ବି ଉତ୍ତର ଦେଲି। ସେ ଖୁସିରେ ତାଳି ମାରି ନାଚିଉଠିଲା। ପିଲାମନ ଏମିତି। କ୍ଷଣକେ ପାସୋରିଯାଏ ଅତୀତକୁ। ସାମାନ୍ୟ ବର୍ତ୍ତମାନକୁ ନେଇ ଆନନ୍ଦରେ ଆତ୍ମହରା ହୋଇଉଠେ।

ପ୍ରସଙ୍ଗରେ କଥାଟିଏ ମନେପଡୁଛି। ଛୋଟ ଏକ ପରିବାର। ବାପା, ମା' ଓ ସାନ ପିଲାଟିଏ। ଘରେ ପୂଜା ହେଉଛି। ପୂଜକ ମନ୍ତ୍ର ପଢୁଛନ୍ତି। ବାପା ମା'ଙ୍କ ସହିତ ପିଲାଟି ବି ହାତଯୋଡ଼ି ଠାକୁରଙ୍କ ଆଗରେ ବସିଛି। ମା' ଭାବୁଛନ୍ତି, ଅତୀତରେ ଅନେକ ଦୁଃଖ ଯାଇଛି। ହେ ପ୍ରଭୁ, ଆମକୁ ଆଉ ସେପରି ଦୁଃଖ ଦିଅନାହିଁ। ବାପା ଭାବୁଛନ୍ତି, ଖେତରେ ଚାଷ ହେଇଛି। ହେ ପ୍ରଭୁ, ଏବର୍ଷ ପାଗ ଅନୁକୂଳ ହେଉ। ଭଲଫସଲ ଅମଳ ହେଉ। ସେତେବେଳେ ପିଲାଟି ଭାବୁଛି, ପୂଜା କେତେବେଳେ ସରିବ? ଠାକୁରଙ୍କ ଆଗରେ ଥିବା ଲଡୁଟିକୁ ମୁଁ ଆଗ ଖାଇବି। ସଂସ୍କୃତରେ ଅଛି – ଗତେ ଶୋକଂ ନ କୁର୍ବୀତ/ଭବିଷ୍ୟମ୍ ନୈ ଚିନ୍ତୟେତ, ବର୍ତ୍ତମାନେଷୁ କାଳେଷୁ/ବର୍ତ୍ତୟନ୍ତି ବିଚକ୍ଷଣାଃ। ଅତୀତକୁ ଭାବି ଦୁଃଖ କରନାହିଁ। ଭବିଷ୍ୟତ ବିଷୟରେ ଅଧିକ ଚିନ୍ତା କରନାହିଁ। ବୁଦ୍ଧିମାନ ଲୋକମାନେ ବର୍ତ୍ତମାନ ସମୟକୁ ନେଇ କାର୍ଯ୍ୟ କରିଥାନ୍ତି।

ଆମେ କେତେ ଶିକ୍ଷଣୀୟ ଗପ ପଢ଼ିଛୁ, ଯେଉଁଥିରେ ବର୍ତ୍ତମାନ ସମୟର ବହୁମୂଲ୍ୟତା ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ଲିଓ ଟଲଷ୍ଟୟଙ୍କର ତିନୋଟି ପ୍ରଶ୍ନ କିଏ ଭୁଲିପାରିବ? ବର୍ତ୍ତମାନ ସମୟ, ଏ ସମୟର କର୍ମ ଓ ସହକର୍ମୀ ହିଁ ଆମ ପାଇଁ ଶ୍ରେଷ୍ଠ। ସୁନ୍ଦର ଗପ ମାଧ୍ୟମରେ କଥାଟିକୁ ସେ ପ୍ରମାଣ କରିଛନ୍ତି। ଆମେ ତାହା ପଢ଼ିଛୁ, ଶୁଣିଛୁ, ଅନ୍ୟକୁ ଶୁଣାଇଛୁ। ଅଥଚ ବ୍ୟବହାର ବେଳକୁ ବର୍ତ୍ତମାନକୁ ଛାଡ଼ି ଅତୀତ ଓ ଭବିଷ୍ୟତର ମାୟାରେ ପଡ଼ିଯାଇଛୁ। ପୂର୍ବ ଶତ୍ରୁତାର ପ୍ରତିଶୋଧ ଏବଂ ଭବିଷ୍ୟତର ନିରାପତ୍ତା ପାଇଁ କେତେ ଜଘନ୍ୟ କାର୍ଯ୍ୟ କରିଚାଲିଛୁ।

ଆମେ ନିଜକୁ ବଡ଼ ଭାବୁଥିବା ଲୋକମାନେ ଅତି ସହଜରେ ପିଲାମାନଙ୍କୁ ମୂର୍ଖ ବୋଲି କହୁ। ଅଥଚ ଆମେ ହିଁ ସର୍ବ ସାଧାରଣ ଜାଗାରେ ସିଗାରେଟ ଟାଣୁ। ପାନଛେପ ପକାଇ ପରିଷ୍କାର ସ୍ଥାନକୁ ବିଚିତ୍ର କରିଦେଉ। କାନରେ ମୋବାଇଲ ଗୁଞ୍ଜି ଗାଡ଼ି ଚଳାଉ। ଟ୍ରାଫିକ ଭିଡ଼ରେ ହର୍ନ ବଜାଇ କାନ ଅତରା ପକାଇ ଦେଉ। ସାଇବର ଚୋରଙ୍କୁ ନିଜ ବ୍ୟାଙ୍କ୍‌ର ଚାବିକାଠି ଧରାଇଦେଉ। ଚିଟ୍‌ଫଣ୍ଡରେ ଟଙ୍କା ରଖୁ। ଅଜଣା ଭବିଷ୍ୟତ ପାଇଁ ବର୍ତ୍ତମାନର ସୁଖକୁ ଜଳାଞ୍ଜଳିଦେଉ।

ଅତୀତରେ ଯାହା ଘଟିଯାଇଛି ତାହାକୁ ଆଉ ବଦଳାଇ ହେବ ନାହିଁ। ଭବିଷ୍ୟତ ଲୁଚି ରହିଛି ରହସ୍ୟର ପରଦା ଭିତରେ। କେବଳ ବର୍ତ୍ତମାନ ହିଁ ରହିଛି ଆମ ହାତ ପାଆନ୍ତାରେ। ପିଲାମାନେ ସେଇ ସମୟକୁ ନେଇ ଚଳୁଥିବା ବେଳେ ଆମେ ନିଜକୁ ଚତୁର ଭାବି ଗତ ଆଗତ ଭିତରେ ଧନ୍ଦିହେଉଛୁ।

ପିଲାମାନଙ୍କ ପାଇଁ ଦେଶରେ ଦିବସଟିଏ ପାଳନ ହୁଏ। ଶିଶୁ ଦିବସ। ଆଶ୍ଚର୍ଯ୍ୟ ହେଉଛି ସେ ଦିବସଟିର ଉଦ୍ଦେଶ୍ୟ ପିଲାମାନଙ୍କୁ ପଚାରିଲେ ସେମାନେ କହିପାରିବେନାହିଁ। କାରଣ ସେଦିନରେ ଆମେ ବଡ଼ମାନେ କେବଳ ନେହେରୁଙ୍କ ଜୀବନୀରୁ ଜଣା ଅଜଣା କେଇପଦ ଶୁଣାଇ ସେମାନଙ୍କୁ ମିଠା ବାଣ୍ଟିଦେଇଛୁ। ପିଲାମାନଙ୍କର ମୌଳିକ ଅଧିକାର ବିଷୟରେ ଧାଡ଼ିଏ ବି କହିନାହୁଁ। କାହିଁକି କହିନାହୁଁ? ସତ କ'ଣ ଜାଣିଲେ ଆମେ ତାଙ୍କ ଉପରେ ଯେଉଁ ବଡ଼ପଣିଆ ଜାହିର କରୁଛୁ ତାହା ବୋଧେ କରିପାରିବୁନାହିଁ।

ଏବେ ପିଲାମାନଙ୍କୁ ସଂସାରଟା ଶିକ୍ଷକମୟ ମନେହେଉଛି। ସ୍କୁଲରେ ସ୍କୁଲ ମାଷ୍ଟର, ସ୍କୁଲରୁ ଗଲେ ଟିଉସନ ମାଷ୍ଟର। ଘରେ ବାପା, ମା, କକା, ବଡ଼ଭାଇ, ଭଉଣୀ ସେମାନେ ବି ଯେ ଯାହାର କ୍ଷମତା ଅନୁସାରେ ପାଠ ପଚାରିଲେ। ଘରକୁ ବନ୍ଧୁ ଆସିଲେ ଏବଂ ପିଲାଟି ସ୍ନେହ କି ଉପହାର ପାଇଁ ତାଙ୍କ ପାଖକୁ ଧାଇଁଯିବାବେଳେ ସେ ତାକୁ ପଚାରିଲେ– କି ପାଠ ପଢୁ? କହିଲୁ ବାବର କେତେବେଳେ ଭାରତକୁ ଆସିଥିଲେ?

ଆମେ ଆମର ପିଲାମନକୁ କେବେଠାରୁ ହରାଇବସିଛୁ। ଲାଭ କ୍ଷତିର ହିସାବ ଭିତରେ ଜୀବନକୁ ଘାଣ୍ଟି ହେଉଛୁ। ଭାବୁଛୁ ପିଲାମାନେ ବି ସେମିତି ହୁଅନ୍ତୁ। ସମସ୍ତେ ଖାଲି ପାଠ ପଢ଼ନ୍ତୁ। କ୍ଲାସରେ ଫାଷ୍ଟ ହୁଅନ୍ତୁ। ପିଲାଙ୍କ ମନରେ କ'ଣ ଅଛି, ସେ କ'ଣ କରିବାକୁ ଚାହୁଁଛି ସେଥି ପ୍ରତି ଗୁରୁତ୍ୱ ଦେଉନାହୁଁ। ଅନ୍ୟମାନଙ୍କ ଆଗରେ ଆତ୍ମ ବଡ଼ିମା ଦେଖାଇବାକୁ ପିଲା ମନରେ ଲଦି ଦେଉ ତା'ର ଅନିଚ୍ଛାର ବୋଝ। ଏହି ବିଷୟକୁ ନେଇ ଅମୀର ଖାଁଙ୍କର ସିନେମାଟିଏ ଥିଲା – ତାରେ ଜମିନ ପେ। ସିନେମାଟି ବେଶ୍ ଆଦୃତ ହେଲା। ସମସ୍ତେ ପ୍ରଶଂସା କଲେ। କିନ୍ତୁ ଘରକୁ ଆସି ପିଲାଙ୍କ ପାଖରେ ପହଞ୍ଚିବା ବେଳକୁ ତାହା ଭୁଲିଗଲେ। ଆଶ୍ଚର୍ଯ୍ୟ ହେଉଛି ଏହି ପ୍ରକ୍ରିୟା ଧାରାବାହିକ ଓ ଅନ୍ତହୀନ ହୋଇଯାଇଛି। ଆଜି ଯିଏ ପିଲା କାଲି ସେ ବୟସ୍କ ହେଉଛି। ପିଲାମନର ଭାବ ଦୂର ହୋଇ ସେ କ୍ରମଶଃ ଲାଭପ୍ରବଣ ହୋଇ ଯାଉଛି। ପିଲାଙ୍କ ମୁଣ୍ଡରେ ନିଜ ଇଚ୍ଛାକୁ ବୋଝକରି ଲଦିଦେଉଛି। ଏବଂ ସେତେବେଳେ ତା'ର ବାପା, ଯିଏ ଏବେ ବୃଦ୍ଧ ଓ ସ୍ଥବିର ତାଙ୍କ ପାଖକୁ ପୁଣି ପିଲାମନ ଫେରିଆସୁଛି। ଅତୀତକୁ ଭାବି ସେ ପଶ୍ଚାତ୍ତାପ କରୁଛନ୍ତି। ନାତି ନାତୁଣୀଙ୍କ ଉପରେ ହେଉଥିବା ମାନସିକ ଅତ୍ୟାଚାରକୁ ଦେଖି କଷ୍ଟ ପାଉଛନ୍ତି। ଅଥଚ ଏବେ ସେ ନିଃସହାୟ। ଯେଉଁ ପୁଅକୁ ସେ ପିଲାଦିନେ ଅଙ୍ଗୁଳିରେ ନଚାଇବାକୁ ଚେଷ୍ଟା କରିଥିଲେ ସେ ପୁଅ ଆଜି ତାଙ୍କଠାରୁ କାହିଁ କେତେ ଦୂରକୁ ଚାଲିଯାଇଛି। ଘରର କେଉଁ ସନ୍ଧିରେ ଏକୁଟିଆ ବସି ଭାବୁଛନ୍ତି, ଏତେ ସୁନ୍ଦର ଜୀବନକୁ କିପରି ଭୁଲ୍‌ରେ ଭୁଲ୍‌ରେ ସେ ବିତାଇଦେଲେ।

ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର
ମୋ–୬୩୭୦୬୬୧୧୪୭

## ଏଇ ଭାରତରେ

ମହିଳାମାନେ କୃଷି କ୍ଷେତ୍ରରେ ସଫଳତାର ଶୀର୍ଷକୁ ଯାଇପାରିବେ। ଏହା ପ୍ରମାଣ କରିଛନ୍ତି ଉତ୍ତରପ୍ରଦେଶର ସାନ୍ନା ଖାଁ। ମିରଟ ନିବାସୀ ୩୧ ବର୍ଷୀୟା ସାନ୍ନା ଜୈବିକ କୃଷି ପାଇଁ କୃଷକମାନଙ୍କୁ ପ୍ରୋତ୍ସାହିତ କରିବା ସହ ଜିଆଖତ ପ୍ରସ୍ତୁତ କରି ବର୍ଷକୁ ୧ କୋଟି ରୋଜଗାର କରୁଛନ୍ତି। ୨୦୧୪ରେ ୨୩ ବର୍ଷ ବୟସରେ ସେ ଏହା ଆରମ୍ଭ କରିଥିଲେ। ସେତେବେଳେ ସେ ବି.ଟେକର ୩ୟ ବର୍ଷ ଛାତ୍ରୀ ଥିଲେ। ଜିଆଖତ ପ୍ରସ୍ତୁତ କରିବା ଲାଗି ସେ ଆଗେଇ ଆସିବା ବେଳେ ତାଙ୍କୁ ମା' ବାପା ରୋକିଥିଲେ। ସେ କାହା କଥା ନ ମାନି ଏ କ୍ଷେତ୍ରକୁ ଆସିଥିଲେ। ପ୍ରଥମେ ତାଙ୍କ ଭାଇଙ୍କଠାରୁ ଆର୍ଥିକ ସହାୟତା ପାଇ ଏସଜେ ଅର୍ଗାନିକସ କମ୍ପାନୀ ଆରମ୍ଭ କରିଥିଲେ। ଡାଇରୀ ଫାର୍ମ ମାଲିକମାନଙ୍କ ସହ ଯୋଗାଯୋଗ କରି ସେଠାରୁ ଗୋବର ସଂଗ୍ରହ ସହ ଜିଆଖତ ପ୍ରସ୍ତୁତ କରୁଥିଲେ। ଏହା ସହ ଜିଆଖତ ପାଇଁ ମିରଟ୍ ଓ ଗାଜିଆବାଦରୁ ଘରୋଇ ବର୍ଜ୍ୟ ସଂଗ୍ରହ କରି ଉପଯୋଗ କରୁଛନ୍ତି। ଗୋଟିଏ ପ୍ରୋସେସିଂରେ ବର୍ଜ୍ୟରୁ ଦେଡ଼ମାସରେ ଜିଆଖତ ପ୍ରସ୍ତୁତ ହୋଇପାରୁଛି ଏବଂ ଏହାକୁ ପରୀକ୍ଷା କରାଯାଇ ବ୍ୟବହାର ପାଇଁ ପ୍ୟାକ କରାଯାଉଛି। ୨୦୧୫ରୁ ସାନ୍ନା ଜିଆଖତରୁ ପ୍ରଥମେ ଲାଭ ପାଇଥିଲେ। ୨୦୨୦ ସୁଦ୍ଧା ୫୦୦ ଟନ ଖତ ପ୍ରସ୍ତୁତ କରି ସାରିଥିଲେ ଓ ଏଥିରୁ ବାର୍ଷିକ ୧ କୋଟି ଟଙ୍କା ଆୟ କରୁଛନ୍ତି। ତାଙ୍କ କମ୍ପାନୀର ଦକ୍ଷତା ବୃଦ୍ଧି କରିଛନ୍ତି ଓ ମାସକୁ ୧୫୦ ଟନ୍ ଖତ ପ୍ରସ୍ତୁତ କରାଯାଉଛି। ଏହି କାର୍ଯ୍ୟରେ ସେ ୪୦ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧ ମାର୍ଚ୍ଚ ୧୯୯୬**

- ହାୱାଲା ମାମଲାର ବିଚାର କରୁଥିବା ସ୍ୱତନ୍ତ୍ର ଅଦାଲତ ୯ ଜଣ ରାଜନୈତିକ ନେତାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିବା ପରେ ଭାଜପା ସଭାପତି ଲାଲକୃଷ୍ଣ ଆଡଭାନୀଙ୍କୁ ଦିଲ୍ଲୀ ହାଇକୋର୍ଟ ଆଗୁଆ ଜାମିନ ପ୍ରଦାନ କରିଛନ୍ତି।
- ଲେଖିକା, ସଙ୍ଗୀତ ଶିଳ୍ପୀ ତଥା କଟକ ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶିକା ବୀଣା ଦେବୀଙ୍କର ୬୩ ବର୍ଷ ବୟସରେ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଥାନୁଯାୟୀ ବିବାହ ସୁଖପ୍ରଦ

ମହାଶୟ,

ସାଧାରଣତଃ ପ୍ରାପ୍ତ ବୟସ୍କ ପିଲାମାନଙ୍କର ବିବାହ ସେମାନଙ୍କ ପରିବାର ମୁଖ୍ୟ ସଦସ୍ୟ ଦ୍ୱାରା ସ୍ଥିରୀକୃତ ହୋଇଥାଏ, ଯାହାଫଳରେ ପତ୍ନୀପତିଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରାଯାଇଥାଏ। ଅନେକ ଆଜିକାଲି ସମାଜର ପ୍ରାପ୍ତ ବୟସ୍କ ପିଲା ପ୍ରେମାନ୍ଧ ଭାବେ ପରିବାର ସଦସ୍ୟଙ୍କ ବିନା ବିବାହ ବନ୍ଧନରେ ଆବଦ୍ଧ ହୋଇପଡୁଛନ୍ତି। ବେଶ କିଛି ଦିନ ଅନ୍ତରରେ ସେମାନଙ୍କ ମଧ୍ୟରେ ମତାନ୍ତର ଘଟିବା ସହ ବିବାହ ବିଚ୍ଛେଦ ଘଟି ଜୀବନ ଦୁଃଖମୟ ହୋଇଉଠୁଛି। ନିକଟରେ ମାନ୍ୟବର ସୁପ୍ରିମକୋର୍ଟ ଏକ ରାୟ ପ୍ରଦାନ କରିଛନ୍ତି। ତାହାହେଲା– ଦୁଇ ପ୍ରାପ୍ତ ବୟସ୍କ ବିବାହ ପାଇଁ ରାଜିଥିଲେ ଅନ୍ୟର ସହମତି ଲୋଡ଼ା ନାହିଁ। ସାମାଜିକ ପ୍ରଥାଠାରୁ ଅଲଗା ଭାବେ ଏପରି ବିବାହ ଚାଲୁ ରହିବ। ତେବେ ବିବାହ ବିଚ୍ଛେଦ ଯେ ନ ଘଟିବ ଏକଥା କେହି କହିପାରିବେ ନାହିଁ। ଏହିପରି ବିପଦକାଳରେ ଦମ୍ପତିଙ୍କୁ ସୁରକ୍ଷା ଯୋଗାଇ ଦେବ କିଏ? ଏପରିସ୍ଥଳେ ସେମାନେ ନିଶ୍ଚିତ ଭାବେ ଏକ ଦୁଃଖମୟ ଜୀବନଯାପନ କରିବାକୁ ବାଧ ହେବେ। ସବୁ କ୍ଷେତ୍ରରେ ଅଦାଲତ ଓ ପୋଲିସ ଏହାର ସୁଧାର ଆଣିବା ସମ୍ଭବପର ନୁହେଁ। ତେଣୁ ପୂର୍ବ ପ୍ରଥାନୁଯାୟୀ ବୟସ୍କ ପିଲାମାନଙ୍କର ବୈବାହିକ ଜୀବନ ନିଶ୍ଚୟ ଶୃଙ୍ଖଳିତ ଓ ସୁଖପ୍ରଦ ହୋଇପାରିବ, ଏଥିରେ ସନ୍ଦେହ ନାହିଁ।

–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

### ଚିରନ୍ତନୀ

ଆକାଶ ଧରଣୀର ରୂପର ସଉଦାରେ
ହୋଇଲି ସୁଷମାର ଗରାକ
କିଣିଲି ଯେଉଁ ରୂପ ବିଚାରେଁ ଆଜି ତାହା
ହେବକି କବିତାର ଖୋରାକ!

–(ବ୍ୟାଖ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଓଡ଼ିଶାରେ ଆନ୍ତଃରାଜ୍ୟ ଏଟିଏମ୍ ଲୁଟେରା ର୍ୟାକେଟ୍

**ବଲାଙ୍ଗୀର ଅଫିସ, ୨୮।୨**

- ସେନ୍‌ସର ବ୍ଲକ୍ କରି ଟଙ୍କା ଲୁଟ୍, ବଲାଙ୍ଗୀରରୁ ୨ଗିରଫ
- ଦେଢ଼ ଲକ୍ଷ ଟଙ୍କା, ୨୦ ଏଟିଏମ୍ କାର୍ଡ ଜବତ
- ଟଙ୍କା ରିସାଇକ୍ଲିନ୍ କରୁଥିଲେ
- ଗିରଫ ଦୁଇ ଅଭିଯୁକ୍ତ ଉତ୍ତରପ୍ରଦେଶର


ଗିରଫ ଦୁଇ ଅଭିଯୁକ୍ତଙ୍କ ସହ ଜବତ୍ ଟଙ୍କା ଓ ଏଟିଏମ୍ କାର୍ଡ।

ଓଡିଶାର ବିଭିନ୍ନ ସହରରେ ଏବେ ଆନ୍ତଃରାଜ୍ୟ ସେନ୍‌ସର ବ୍ଲକ୍ ଏଟିଏମ୍ ଲୁଟେରା ର୍ୟାକେଟ୍ ସକ୍ରିୟ ରହିଛନ୍ତି। ବଲାଙ୍ଗୀର ସହରର ବିଭିନ୍ନ ଏଟିଏମ୍‌ରୁ ଲକ୍ଷାଧିକ ଟଙ୍କା ଲୁଟ୍ କରିବାବେଳେ ଆଦର୍ଶ ଟାଉନ୍ ଥାନା ପୋଲିସ ହାବୁଡରେ ଉତ୍ତରପ୍ରଦେଶ କାନପୁରର ଦୁଇ ଅଭିଯୁକ୍ତ ଧରାପଡିବା ପରେ ଏଡି ର୍ୟାକେଟର ପର୍ଦ୍ଦାଫାଶ ହୋଇଛି। ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ରବିବାର ସନ୍ଧ୍ୟାରେ ଟାଉନ୍ ଥାନାରେ ଏହି ଏଟିଏମ୍ ଲୁଟେରାଙ୍କ ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି। ଟାଉନ୍ ଥାନା ପୋଲିସ କାନପୁରର ସତ୍ୟମ୍ ସିଂ ପରିହାର (୨୬) ଓ ଅଜୟ କୁମାର (୨୬)ଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧ ଲକ୍ଷ ୫୦ହଜାର ଟଙ୍କା, ବିଭିନ୍ନ ବ୍ୟାଙ୍କର ୨୦ଟି ଆଧାର କାର୍ଡ, ୨ଟି ମୋବାଇଲ ଫୋନ୍, ୨ଟି ଆଧାର କାର୍ଡ, ପାନକାର୍ଡ ଜବତ କରାଯାଇଛି। ଏଟିଏମ୍ ପରିଚାଳନା କରୁଥିବା ଟ୍ରାଞ୍ଜେକସନ୍ ସଲ୍ୟୁସନ୍ ଇଣ୍ଟରନ୍ୟାଶନାଲ ସଂସ୍ଥାର ଜଣେ କର୍ମଚାରୀ ନିର୍ମଳ କୁମାର ସାମଲ ପୋଲିସକୁ ସୂଚନା ଦେଇଥିଲେ ଯେ, ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତି ବଲାଙ୍ଗୀର ସହରର ଠିକାଦାରପଡା, ଜଗନ୍ନାଥପଡା, ବରପାଲିପଡା, ରାଜେନ୍ଦ୍ର କଲେଜ ଛକ ଅଞ୍ଚଳରେ ଥିବା ବିଭିନ୍ନ ଏଟିଏମ୍‌ରୁ ଟଙ୍କା କାଢୁଛନ୍ତି। ସେହି ଏଟିଏମ୍‌ରୁ ଟଙ୍କା ବାହାରିବା ସତ୍ତ୍ୱେ ଟଙ୍କା ବାହାରି ନାହିଁ ବୋଲି ମ୍ୟାସେଜ୍ ଡେଲିଭର ହେଉଛି। ଦୁଇ ସନ୍ଦିଗ୍ଧଙ୍କ ଫଟୋ ସହ ଘଟଣା ସମ୍ପର୍କରେ ସଂସ୍ଥା ପକ୍ଷରୁ ଟାଉନ୍ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୪୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଦୁଇଜଣ ବଲାଙ୍ଗୀର ପାଟଣା ହୋଟେଲ ଛକ ନିକଟ ଏକ ଲଜ୍‌ରେ ରହି ଏଭଳି କାର୍ଯ୍ୟ କରୁଥିବା ଜଣାପଡିଥିଲା। ଗତ ୨୬ ତାରିଖ ଠିକାଦାରପଡାର ଏସବିଆଇ ଏଟିଏମ୍‌ଠାରୁ ଅଭିନବ ଉପାୟରେ ଟଙ୍କା କାଢୁଥିବାବେଳେ ଜଣେ ଲୁଟେରା ପୋଲିସ ହାବୁଡରେ ପଡିଥିଲେ। ଏହାପରେ ସମ୍ପୃକ୍ତ ହୋଟେଲରୁ ଅନ୍ୟଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହି ଦୁଇ ଅଭିଯୁକ୍ତଙ୍କ ଜେରାବେଳେ ସେମାନଙ୍କ ଦୋଷ ସ୍ୱୀକାର କରିଛନ୍ତି। ଏଟିଏମ୍ କାର୍ଡ ଜରିଆରେ ଟଙ୍କା କାଢ଼ିଲା ବେଳେ ଟଙ୍କା ବାହାରୁଥିବା ସ୍ଥାନରେ ସେନ୍‌ସର ବ୍ଲକ୍ କରିଦେଇ ଲୁଟେରାମାନେ ଟଙ୍କା କାଢ଼ି ନେଉଥିଲେ। ଫଳରେ ଟଙ୍କା ବାହାରିଯିବା ସତ୍ତ୍ୱେ ଏଟିଏମ୍ ତ୍ରୁଟି ଯୋଗୁଁ ଟଙ୍କା ବାହାରିନଥିବା ମ୍ୟାସେଜ୍ ଡେଲିଭରି ହେଉଥିଲା। ଏଭଳି ମ୍ୟାସେଜ୍ ଆଧାରରେ ଲୁଟେରାମାନେ ବ୍ୟାଙ୍କରେ ଟଙ୍କା ଦାବି କରୁଥିବାବେଳେ ସମାନ ଉପାୟରେ ଏଟିଏମ୍‌ରୁ ବାହାରିଥିବା ଟଙ୍କାକୁ ସହଜରେ ରିସାଇକ୍ଲିଂ କରୁଥିଲେ। ବଲାଙ୍ଗୀର ସହରରୁ ଏଭଳି ୨ଟି ଏଟିଏମ୍ ଲୁଟ୍ ଘଟଣା ସାମ୍ନାକୁ ଆସିଥିବାବେଳେ ଅଭିଯୁକ୍ତଙ୍କୁ ଜେରାରୁ ଓଡିଶାର ବିଭିନ୍ନ ସହରରେ ଏଭଳି ର୍ୟାକେଟ୍ ସକ୍ରିୟ ଥିବା ଏସ୍‌ଡିପିଓ ବାରିକ ସୂଚନା ଦେଇଛନ୍ତି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ପ୍ରଧାନମନ୍ତ୍ରୀ ଓଡ଼ିଆଙ୍କ ଦୃଢ଼ ଇଚ୍ଛାଶକ୍ତିକୁ ବିଶ୍ୱ ଆଗରେ ପ୍ରତିପାଦିତ କରିଛନ୍ତି: ଧର୍ମେନ୍ଦ୍ର


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦଳୀୟ କର୍ମକର୍ତ୍ତାଙ୍କ ଗହଣରେ 'ମନ୍ କୀ ବାତ୍' ଶୁଣୁଛନ୍ତି।

**ଭୁବନେଶ୍ୱର, ୨୮।୨(ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଭୁବନେଶ୍ୱରଠାରେ ଦଳର କାର୍ଯ୍ୟକର୍ତ୍ତାଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି। ଏହି କାର୍ଯ୍ୟକ୍ରମରେ ନିଜ କାମ ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଶଂସିତ ହୋଇଥିବା ଓଡ଼ିଶା ଜଗତସିଂହପୁର ଜିଲାର ସିଲୁ ନାୟକଙ୍କୁ ସାଧୁବାଦ ଜଣାଇଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଓଡ଼ିଶାର ଯୁବକଙ୍କୁ ସେନାରେ ଭର୍ତ୍ତି ହେବା ପାଇଁ ପ୍ରଶିକ୍ଷଣ ଦେଉଥିବା ଜଗତ୍‌ସିଂହପୁର ଜିଲାର ସିଲୁଙ୍କ କାମକୁ ପ୍ରଶଂସା କରିଛନ୍ତି। ଏହାଦ୍ୱାରା ପୁଣି ଥରେ ଓଡ଼ିଆ ଲୋକଙ୍କ ପାଖରେ ଥିବା ଦୃଢ଼ ଇଚ୍ଛାଶକ୍ତିକୁ ଦେଶ ଓ ବିଶ୍ୱ ଆଗରେ ପ୍ରଧାନମନ୍ତ୍ରୀ ପ୍ରତିପାଦିତ କରିଛନ୍ତି। ପୋଲିସ ଚାକିରି କରିବା ପାଇଁ ଅନେକ ଉଦ୍ୟମ ସତ୍ତ୍ୱେ ବିଫଳ ହେବା ପରେ ନାୟକ ସାର୍ ମହାଗୁରୁ ବାଟାଲିୟନରେ ୩୦୦ରୁ ଅଧିକ ଯୁବକଙ୍କୁ ମାଗଣାରେ ପ୍ରଶିକ୍ଷଣ ଦେଉଛନ୍ତି। ଏହାଦ୍ୱାରା ଯୁବକଙ୍କୁ ସେନାରେ ଭର୍ତ୍ତି କରିବା ପାଇଁ ତାଙ୍କର ଯେଉଁ ଇଚ୍ଛାଶକ୍ତି କେବଳ ଯୁବ ସମାଜକୁ ପ୍ରେରଣା ଦେବ ନାହିଁ ବରଂ ଭାରତୀୟ ସେନାରେ ଭର୍ତ୍ତିହେବା ପାଇଁ ସେମାନଙ୍କ ମନୋବଳକୁ ମଧ୍ୟ ବଢ଼ାଇବ।

# ପୋତାହେଲା ଅପମିଶ୍ରିତ ସାମଗ୍ରୀ

**ଚୌଦ୍ୱାର,୨୮।୨(ଡି.ଏନ.ଏ.)**

- ନଷ୍ଟ କରାଗଲା ଘିଅ, ସସ୍ ବୋତଲ
- ନମୁନା ପରୀକ୍ଷାରୁ ଖାଦ୍ୟ ଅନୁପଯୋଗୀ ଜଣାପଡିଥିଲା


ଚୌଦ୍ୱାରସ୍ଥିତ ବଧୀ ପଡିଆ ନିକଟରେ ଅପମିଶ୍ରିତ ସାମଗ୍ରୀକୁ ପୋତାଯାଉଛି।

କଟକ ସହର ସମେତ ଏହାର ଉପକଣ୍ଠରେ ଗତ କିଛି ମାସ ମଧ୍ୟରେ ଚଢାଉ କରାଯାଇ ଅନେକ ନକଲି ଓ ଅପମିଶ୍ରିତ କାରଖାନା ଠାବ କରାଯାଇଛି। ସେଠାରୁ ଘିଅ, ତେଲ, ମସଲାଗୁଣ୍ଡ, ଚା, ନକଲି ଜର୍ଦ୍ଦା, ହଳଦୀଗୁଣ୍ଡ ଜବତ କରାଯାଇଛି। ଏହି ସାମଗ୍ରୀ ରାଜ୍ୟର ବିଭିନ୍ନ ସ୍ଥାନକୁ ବିକ୍ରି ପାଇଁ ପଠାଯାଉଛି। ପରବର୍ତ୍ତୀ ସମୟରେ ଏହା ଅପମିଶ୍ରିତ ବୋଲି ଜଣାପଡିବା ପରେ ଜନଅସନ୍ତୋଷ ଦେଖାଦେଉଛି। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କାରଖାନାରେ ଚଢାଉ କରାଯାଇ ବିପୁଳ ପରିମାଣର ଅପମିଶ୍ରିତ ସାମଗ୍ରୀ ଜବତ କରାଯାଉଛି। ଏହାକୁ ପରୀକ୍ଷା ପାଇଁ ପଠାଯାଉଛି। ପରବର୍ତ୍ତୀ ସମୟରେ ଏହା ଖାଦ୍ୟ ଅନୁପଯୋଗୀ ବୋଲି ଜଣାପଡିବାରୁ ତାହାକୁ ନଷ୍ଟ କରି ପୋତି ଦିଆଯାଉଛି। ଏହି କ୍ରମରେ ଚୌଦ୍ୱାର ପୌରପାଳିକା ୯ନଂ. ୱାର୍ଡ ବାଳିକା ଉଚ୍ଚବିଦ୍ୟାଳୟ ନିକଟ ଏକ କାରଖାନାରୁ ଜବତ ହୋଇଥିବା ଅପମିଶ୍ରିତ ଘିଅ ଓ ସସ୍‌କୁ ରବିବାର ପୋଲିସ ନଷ୍ଟ କରିଛି। ନଷ୍ଟ ସାମଗ୍ରୀ ମଧ୍ୟରେ ରହିଛି ୪୦ ପେଟି ଟମାଟୋ ଓ ଚିଲି ସସ୍ ଏବଂ ଭିନେଗାର, ୨୦ ପେଟି ଅପମିଶ୍ରିତ ଘିଅଡବା ଓ ୧୦ ଟିଣ ଅପମିଶ୍ରିତ ଘିଅ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏହି ସବୁ ଅପମିଶ୍ରିତ ଘିଅ, ସସ୍ ବୋତଲ ଓ ସାମଗ୍ରୀ ପ୍ରସ୍ତୁତ ପାଇଁ ରହିଥିବା କଞ୍ଚାମାଲଗୁଡିକୁ ଚୌଦ୍ୱାରସ୍ଥିତ ବଧୀ ପଡିଆ ନିକଟରେ ଗାତ ଖୋଳି ପୋତି ଦିଆଯାଇଛି। ଏହି ସମୟରେ ଜୋନ୍-୧ ଏସିପି ଅମରେନ୍ଦ୍ର ପଣ୍ଡା, ଚୌଦ୍ୱାର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତି, ଏସ୍‌ଆଇ ବୃନ୍ଦାବନ ସାହୁଙ୍କ ସହ ଥାନା କର୍ମଚାରୀ ଉପସ୍ଥିତ ଥିଲେ। ନଷ୍ଟ ସାମଗ୍ରୀର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଚୌଦ୍ୱାର ଥାନା ଆଇଆଇସି ପତି କହିଛନ୍ତି।

ଗତ ସେପ୍ଟେମ୍ବର ୧୪ ତାରିଖରେ ଉକ୍ତ କାରଖାନାରେ କଟକ କମିଶନରେଟ ପୋଲିସ ଓ ଚୌଦ୍ୱାର ପୋଲିସ ମିଳିତ ଭାବେ ଚଢାଉ କରି ବିପୁଳ ପରିମାଣର ଅପମିଶ୍ରିତ ଘିଅ ଓ ସସ୍ ଜବତ କରିଥିଲା। ଏହି ଘଟଣାରେ କାରଖାନା ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କାରଖାନାକୁ ସିଲ୍ କରିବା ସହ ଜବତ ସାମଗ୍ରୀର ନମୁନା ପରୀକ୍ଷା ପାଇଁ ପଠାଇଥିଲା। ପରେ ଏହି ସାମଗ୍ରୀ ଖାଦ୍ୟ ଉପଯୋଗୀ ନୁହେଁ ବୋଲି ଜଣାପଡିବାରୁ ତାହାକୁ ପୋତାଗଲା ବୋଲି ଏସିପି ପଣ୍ଡା କହିଛନ୍ତି।

# ଜେଲରେ ମାରପିଟ କରି ୱାର୍ଡର ନିଲମ୍ବିତ

**ସମ୍ବଲପୁର, ୨୮।୨ (ବ୍ୟୁରୋ)**

ସମ୍ବଲପୁର ମଣ୍ଡଳ କାରାଗାରର ୱାର୍ଡର ଅଶୋକ ଥାର୍ଟିଙ୍କୁ ନିଲମ୍ବନ କରାଯାଇଛି। ଜେଲର ଓ ସହକର୍ମୀଙ୍କୁ ମାରପିଟ ଘଟଣାରେ ରବିବାର ଏଭଳି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ନେଇ ଧନୁପାଲି ଥାନାରେ ନଂ. ୮୭/୨୧ରେ ଏକ ମାମଲା ରୁଜୁ ହୋଇଛି। ଶନିବାର ରାତିରେ ଅଶୋକ କାରଗାରକୁ ଆସି ଜେଲରଙ୍କ ଅଫିସ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଅନ୍ୟ କର୍ମଚାରୀମାନେ ତାଙ୍କୁ ବିରୋଧ କରିଥିଲେ। ଫଳରେ ଅଶୋକ କର୍ମଚାରୀମାନଙ୍କୁ ମାରପିଟ କରିଥିଲେ। ପରେ ଜେଲର ଆସି ଘଟଣାରେ ହସ୍ତକ୍ଷେପ କରି ସମାଧାନ କରିବାକୁ ଚେଷ୍ଟା କରିଥିଲେ। ତାଙ୍କୁ ମଧ୍ୟ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ଗଣ୍ଡଗୋଳ ଘଟଣାରେ ଜେଲର ୨ ଜଣ କର୍ମଚାରୀ ଆହତ ହୋଇଥିଲେ। ସେମାନଙ୍କୁ ଜିଲା ସଦର ଡାକ୍ତରଖାନାକୁ ନିଆଯାଇଥିଲା। ଏନେଇ ଜେଲ ସୁପରିଣ୍ଟେଣ୍ଡେଣ୍ଟ ବୀରେନ ସାହୁ ଧନୁପାଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଶୋକଙ୍କୁ ଅଟକ ରଖିଥିଲା।


DSPL-224
ଓଡ଼ିଶା ସରକାର


## ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ଚଳିତ ରବି ଋତୁ(ଧାନ ସଂଗ୍ରହ ବର୍ଷ 2020-21) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ସେମାନଙ୍କର ବଳକା ଧାନ କ୍ରୟ କରିବେ। ଏଥିପାଇଁ ଚାଷୀମାନେ ସେମାନଙ୍କ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି ବା ପେକ୍ସ/ଲ୍ୟାମ୍ପସ୍/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ପାଣି ପଞ୍ଚାୟତ(ସଂକ୍ଷେପରେ, ସମିତି)ରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ। ରବି ଧାନ ସଂଗ୍ରହ ତା.1.5.2021 ରୁ ତା.30.6.2021 ମଧ୍ୟରେ ହେବ।

**ପୂର୍ବରୁ ପଞ୍ଜିକୃତ ଚାଷୀଙ୍କ ନବୀକରଣ**

- ଖରିଫରେ ପଞ୍ଜିକୃତ ଚାଷୀମାନେ ନବୀକରଣ କରି ରବି ପାଇଁ ପୁନଃ ପଞ୍ଜିକୃତ ହେବେ।
- ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତିରୁ ନବୀକରଣ ଫର୍ମ ତା. 1.3.2021ରୁ ତା.15.3.2021 ମଧ୍ୟରେ ଉପଲବ୍ଧ ହେବ। ସମିତି ସମ୍ପାଦକ www.foododisha.in ପୋର୍ଟାଲରେ LOGIN କରି Farmer Registration linkରେ ଥିବା "Renewal Form for 2021 Rabi Farmers" tabରୁ download କରି ଏହା print କରିବେ।
- ଖରିଫ ଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ତଥ୍ୟ ଉକ୍ତ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟ ୱାରୀ ଉଲ୍ଲିଖିତ ଥିବ।
- ଯଦି ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ମର୍ମରେ ଘୋଷଣାନାମା ପ୍ରଦାନ କରିବେ।
- ଯଦି ଚାଷୀ ଜମି ବାବଦରେ ପରିବର୍ତ୍ତିତ ତଥ୍ୟ ଦେବାକୁ ଚାହୁଁଥାନ୍ତି, ତାହା ଉକ୍ତ ନବୀକରଣ ଫର୍ମର ଚତୁର୍ଥ ଭାଗରେ ଦର୍ଶାଇବେ।

**ନୂତନ ଚାଷୀଙ୍କ ପଞ୍ଜିକରଣ**

- ଯେଉଁ ଚାଷୀମାନେ ଗତ ଖରିଫରେ ପଞ୍ଜିକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ନେଇ ପୂରଣ କରିବେ। ଏହା ବିଭାଗର website www.foododisha.inରେ ମଧ୍ୟ ଉପଲବ୍ଧ। ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଜଳସେଚିତ ଜମି ସଂକ୍ରାନ୍ତୀୟ ଖାତା ଓ ପ୍ଲଟର ବିଶଦ ବିବରଣୀ ଦେବାକୁ ହେବ।

**ଚାଷୀମାନଙ୍କର ଦାୟିତ୍ୱ**

- ସମସ୍ତ ଚାଷୀଙ୍କୁ ପଞ୍ଜିକରଣ/ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ।
- ଚାଷୀମାନଙ୍କୁ ଅନୁରୋଧ ସେମାନେ ସେମାନଙ୍କ ନୂତନ ପଞ୍ଜିକରଣ ଫର୍ମ ସହିତ ଆଧାର କାର୍ଡର ନକଲ, ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ, ଦାଖଲ ହୋଇଥିବା ନୂତନ ଜମି ବିବରଣୀର RoR ନକଲ ଏବଂ ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସଂପୃକ୍ତ ଜମି ମାଲିକଙ୍କ ସହମତି ପତ୍ର/ ଆଧାର/ ମୋବାଇଲ ନମ୍ବର ପ୍ରଦାନ କରିବେ। ଜମି ମାଲିକଙ୍କ ଆଧାର କାର୍ଡର ନକଲ ମଧ୍ୟ ପ୍ରଦାନ କରିବେ। ଜମି ମାଲିକଙ୍କ ସହମତି ପତ୍ର ହସ୍ତଗତ ନ'ହେଲେ ଭାଗଚାଷୀ ପଞ୍ଜିକରଣ ଗ୍ରହଣ ଯୋଗ୍ୟ ହେବ ନାହିଁ।
- ପଞ୍ଜିକରଣ/ନବୀକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା.1.3.2021 ରୁ ତା. 7.4.2021 ମଧ୍ୟରେ ଦାଖଲ କରିବେ।
- ରବି ଚାଷ କରାଯାଇଥିବା ପ୍ଲଟ ୱାରୀ ଜମି ବିବରଣୀ ବାବଦରେ ସତ୍ୟ ଏବଂ ବାସ୍ତବ ତଥ୍ୟ ପ୍ରଦାନ କରିବେ। ଚାଷ ହେଉଥିବା ଜମିର ପରିମାଣ ସମ୍ବନ୍ଧରେ ମିଥ୍ୟା ତଥ୍ୟ ପ୍ରଦାନ କଲେ ତା'ହା ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ ନିୟମ ମତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ।
- ନିର୍ଦ୍ଧାରିତ ସମୟକୁ ଅପେକ୍ଷା ନକରି ଯଥେଷ୍ଟ ପୂର୍ବରୁ ଚାଷୀମାନେ ପୂରଣ କରାଯାଇଥିବା ଫର୍ମ ସମିତିରେ ଦାଖଲ କରିବାକୁ ଅନୁରୋଧ।

**ସମିତି କର୍ମକର୍ତ୍ତାଙ୍କର ଦାୟିତ୍ୱ**

- ନବୀକରଣ ଫର୍ମ ପ୍ରିଣ୍ଟ କରି (ପୂର୍ବରୁ ପଞ୍ଜିକୃତ) ଚାଷୀମାନଙ୍କୁ ତୁରନ୍ତ ପ୍ରଦାନ କରିବେ।
- ପୂର୍ବରୁ ପଞ୍ଜିକୃତ ନହୋଇଥିବା ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ। ଯେଉଁ ଦିନ ଫର୍ମ ହସ୍ତଗତ ହେବ, ସନ୍ନିବେଶିତ ତଥ୍ୟ ସେହି ଦିନ ବା ଅତି ବେଶୀରେ ତା' ପ'ର ଦିନ digitize କରିବେ।
- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ। ଏଥି ନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ।
- ଚାଷ ଅଯୋଗ୍ୟ ଜମି କିସମକୁ ପଞ୍ଜିକରଣ କରିବେ ନାହିଁ। କେବଳ ଜଳସେଚିତ ଜମିର ପଞ୍ଜିକରଣ କରିବେ। ମିଥ୍ୟା ତଥ୍ୟ ପଞ୍ଜିକରଣରେ ସହାୟତା କଲେ ତା'ହା ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଯୋଗ୍ୟ ହେବ।
- ଅଯୋଗ୍ୟ / ଅନୁଚିତ ବ୍ୟକ୍ତି ବିଶେଷଙ୍କୁ ପଞ୍ଜିକରଣ କରିବେ ନାହିଁ।
- ସମିତି କର୍ମକର୍ତ୍ତା ଉଭୟ ନବୀକରଣ ଫର୍ମ ଏବଂ ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ତା.1.3.2021 ରୁ ତା.10.4.2021 ମଧ୍ୟରେ ତାଙ୍କ LOGINରେ ଡିଜିଟାଇଜ କରିବେ। ଡିଜିଟାଇଜେସନ କାର୍ଯ୍ୟ ନିର୍ଭୁଲ ହେବା ଆବଶ୍ୟକ।
- ପଞ୍ଜିକରଣ ଯଥା ଶୀଘ୍ର ହୋଇ ନିର୍ଭୁଲ୍ ଚାଷୀ ତାଲିକା ୩୦ ଅପ୍ରେଲ ୨୦୨୧ ମଧ୍ୟରେ ନିଶ୍ଚିତ ଭାବରେ ପ୍ରସ୍ତୁତ ହେବା ଆବଶ୍ୟକ। ଏହା ବିଳମ୍ବିତ ହେଲେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ।

**ଅଭିଯୋଗ/ପରାମର୍ଶ**

- ଯଦି କୋଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ହେଲ୍ପଲାଇନ ନମ୍ବର 1967 ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଯୋଗାଯୋଗ କରିବା ପାଇଁ ଅନୁରୋଧ।

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ**

OIPR-07001/13/0009/2021

## ସଂକ୍ଷେପରେ

### ଆଇଆଇଟି ଭୁବନେଶ୍ୱରକୁ 'ୟୁନିଭର୍ସିଟି ଅଫ୍ ଦି ଇୟର' ସମ୍ମାନ

**ଭୁବନେଶ୍ୱର,୨୮।୨(ବ୍ୟୁରୋ):** ଉଚ୍ଚଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ହାସଲ କ୍ଷେତ୍ରରେ ଆଇଆଇଟି ଭୁବନେଶ୍ୱରକୁ 'ୟୁନିଭର୍ସିଟି ଅଫ୍ ଦି ଇୟର' ସମ୍ମାନ ମିଳିଛି। ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି (ଫିକି) ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ମୋଟ ୧୧ଟି ବର୍ଗରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ସମ୍ମାନିତ କରାଯାଇଥିବାବେଳେ ଆଇଆଇଟି ଭୁବନେଶ୍ୱରକୁ ଏହି ସମ୍ମାନ ମିଳିଛି। ଏ ସମ୍ପର୍କରେ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଆର୍.ଭି ରାଜକୁମାର କହିଛନ୍ତି, ଛାତ୍ରୀଛାତ୍ରଙ୍କୁ ସାମଗ୍ରିକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଆମେ ସର୍ବଦା ଗୁରୁତ୍ୱ ଦେଇଥାଉ। କରୋନା ମହାମାରୀ ସମୟରେ ସାରା ବିଶ୍ୱ ଠପ୍ ହୋଇଯାଇଥିବାବେଳେ ଆଇଆଇଟି-ଭୁବନେଶ୍ୱରର ପାଠପଢ଼ା ପ୍ରଭାବିତ ହୋଇ ନ ଥିଲା। ଏପରି କି ଅନଲାଇନ୍‌ରେ ପରୀକ୍ଷା ପରିଚାଳନା ସହିତ ନିରୀକ୍ଷକଙ୍କୁ ମଧ୍ୟ ନିୟୋଜିତ କରାଯାଇଥିଲା। ଅନଲାଇନ୍‌ରେ ପ୍ରାକ୍ଟିକାଲ କ୍ଲାସରୁ ଆରମ୍ଭ କରି ସମାବର୍ତ୍ତନ ଉତ୍ସବ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ହୋଇଥିଲା। ସେପ୍ଟେମ୍ବରରେ ମାତ୍ର ୫ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ ହେଁ ବର୍ଷ ତମାମ୍ କ୍ୟାମ୍ପସରେ ପ୍ରଭାବ ସେତେଟା ପଡ଼ି ନ ଥିଲା। ଛାତ୍ରୀଛାତ୍ର, ଅଧ୍ୟାପକ, କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଆଇଆଇଟି-ଭୁବନେଶ୍ୱରକୁ ଏ ସଫଳତା ମିଳିଛି ବୋଲି ପ୍ରଫେସର ରାଜକୁମାର କହିଛନ୍ତି।

### ଜଙ୍ଗଲ ନିଆଁରେ ପୋଡ଼ି ବାଳିକା ଗୁରୁତର

**ଠାକୁରମୁଣ୍ଡା,୨୮।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ତାଳପଦା ନିକଟ ଖେଜୁରିଆ ଜଙ୍ଗଲରେ ଲାଗିଥିବା ନିଆଁରେ ପୋଡ଼ି ଜଣେ ବାଳିକା ଗୁରୁତର ହେବା ସହ ଦୁର୍ଘଟଣାରେ ୩

**ଧୂଆଁ ଯୋଗୁ ଦୁର୍ଘଟଣାରେ ୩ ଆହତ**

ଜଣ ଆହତ ହୋଇଛନ୍ତି। ଖଣ୍ଡିଆଭୂତ ଯୋଗୁ ଜଙ୍ଗଲରୁ ନିଆଁ ଉଡ଼ିବା ସହ ସ୍ଥାନୀୟ ଅଞ୍ଚଳ ଧୂଆଁରେ ଆଚ୍ଛାଦିତ ହୋଇପଡ଼ିଥିଲା। ଫଳରେ ବାଟ ଦେଖା ନ ଯିବାରୁ ରବିବାର ଜୁଆଳିକଟା-ତାଳପଦା ରାସ୍ତାରେ ଯାଉଥିବା ଏକ ଅଟୋ ସହିତ ସହିତ କାର୍ ଧକ୍କା ହୋଇଥିଲା। ଅଟୋରେ ବସିଥିବା ଜଣେ ବାଳିକା ନିଆଁ ଉପରକୁ ଛିଟିକି ପଡ଼ିଥିଲେ। ଅନ୍ୟ ଦୁଇ ଯାତ୍ରୀ ଓ କାର ଡ୍ରାଇଭର ଦୁର୍ଘଟଣାରେ ଆହତ ହୋଇଥିଲେ। ଚିକିତ୍ସା ପାଇଁ ସମସ୍ତଙ୍କୁ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆନନ୍ଦପୁର ଉପଖଣ୍ଡ ଭର୍ତ୍ତି କରାଯାଇଛି। ଆହତମାନେ ହେଲେ ଖଣ୍ଡବନ୍ଧ ପଞ୍ଚାୟତ ଅନ୍ତର୍ଗତ ରାଇପଦା ଗ୍ରାମର ଶ୍ରୀମତି ନାଏକ, ସୁମତି ମହାରଣା, ପିଣ୍ଟୁ ମହାରଣା ଓ ମମତାଜ ଅଲ୍ଲୀ।

# ରାଜ୍ୟରେ ଖୋଲିବ ପ୍ରାଣୀ ଚିକିତ୍ସା ବିଶ୍ୱବିଦ୍ୟାଳୟ

■ ୮ଜଣିଆ ସବ୍ କମିଟି ଗଠିତ
■ ପ୍ରଥମ ବର୍ଷ ପାଇଁ ୨୦ କୋଟି ବ୍ୟୟ ବରାଦ

**ଭୁବନେଶ୍ୱର, ୨୮।୨(ବ୍ୟୁରୋ)**

ରାଜ୍ୟରେ ସ୍ୱତନ୍ତ୍ର ଭାବେ ଏକ ପ୍ରାଣୀ ଚିକିତ୍ସା ବିଶ୍ୱବିଦ୍ୟାଳୟ ଖୋଲିବ। ଦୀର୍ଘ ବର୍ଷର ଏହି ସ୍ୱପ୍ନ ଖୁବ୍‌ଶୀଘ୍ର ପୂରଣ ହେବାକୁ ଯାଉଛି। ଆସନ୍ତା ଏପ୍ରିଲ ସୁଦ୍ଧା ବିଶ୍ୱବିଦ୍ୟାଳୟ ସ୍ଥାପନ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାର ନାମ 'ଓଡ଼ିଶା ଭେଟେରିନାରି ଆନିମଲ୍ ଆଣ୍ଡ୍ ଫିଶରି ସାଇନ୍ସ ୟୁନିଭର୍ସିଟି' ହେବ ବୋଲି ଜଣାପଡ଼ିଛି। ଏଥିପାଇଁ ଏକ କୋର୍ କମିଟି ଗଠନ କରାଯାଇଛି। ଏହି କମିଟି ଏକ ନୂଆ ସ୍କିମ୍ 'ଏଷ୍ଟାବ୍ଲିଶମେଣ୍ଟ ଅଫ୍ ଓଡ଼ିଶା ଭେଟେରିନାରି ଆନିମଲ ଆଣ୍ଡ୍ ଫିଶରି ସାଇନ୍ସ ୟୁନିଭର୍ସିଟି' ପ୍ରସ୍ତୁତ କରି ଡ୍ରାଫ୍ଟ ପ୍ରସ୍ତାବ ଦେବେ। ଏହି ଅବସରରେ କୋର୍ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହୋଇଥିବା ନିଷ୍ପତ୍ତି ମୁତାବକ, ଆନିମଲ ହଜ୍‌ବ୍ୟାଣ୍ଡ୍ରି ଆଣ୍ଡ୍ ଭେଟେରିନାରି ସର୍ଭିସେସ୍ ନିର୍ଦ୍ଦେଶାଳୟର ଯୋଜନା ଓ ମାନବ ସମ୍ବଳର ଅତିରିକ୍ତ ନିର୍ଦ୍ଦେଶକ ଡା. ପ୍ରତାପ କିଶୋର ଖମାରିଙ୍କ ନେତୃତ୍ୱରେ ଏକ ୮ଜଣିଆ ସବ୍ କମିଟି ଗଠନ ହୋଇଛି। ଏଥିରେ ଡାଇରେକ୍ଟୋରେଟ ଫିଶରୀର ଅତିରିକ୍ତ ନିର୍ଦ୍ଦେଶକ ଉମେଶ କୁମାର ମହାନ୍ତି, ଡା. ଦେବେନ୍ଦ୍ର ନାଥ ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଫେସର ଡା. ସୁଶାନ୍ତ ଦାସ, ଡା. ଜ୍ଞାନେନ୍ଦ୍ର କୁମାର ସାହୁ, ଗବେଷଣା ଅଧିକାରୀ ଡ. ନିଗମ ପ୍ରସାଦ ନାୟକ, ଡ. ଯଦୁନାଥ ପରିଡ଼ା, ଡ. ଆଶୁତୋଷ ମହାନ୍ତି, ଡ. ପ୍ରଶାନ୍ତ ପାଣିଗ୍ରାହୀ ସଦସ୍ୟ ରହିଛନ୍ତି। ଏହି ସବ୍ କମିଟି ତା'ର ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେବ। ତେବେ ଖୁସିର କଥା ହେଉଛି, ଏହି ବିଶ୍ୱବିଦ୍ୟାଳୟ ପାଇଁ ଅର୍ଥ ବିଭାଗର ମଞ୍ଜୁରୀ ମିଳିସାରିଛି। ପ୍ରଥମ ବର୍ଷ ପାଇଁ ୨୦ କୋଟି ଟଙ୍କା ବ୍ୟୟ ବରାଦ ହୋଇଛି। ଆସନ୍ତା ୫ ବର୍ଷ ପାଇଁ କୋର୍ କମିଟି ଅନ୍ୟାନ୍ୟ ବ୍ୟୟ ପାଇଁ ପ୍ରସ୍ତାବ ଦେବ। ଓୟୁଏଟି ଅଧୀନରେ ଭେଟେରିନାରି କଲେଜ ଭୁବନେଶ୍ୱର ଓ ରଙ୍ଗେଇଲୁଣ୍ଡାରେ ଥିବା ଫିଶରୀ କଲେଜ ସମେତ ରାଜ୍ୟରେ ଥିବା ସମସ୍ତ ଭେଟେରିନାରି ଓ ଫିଶରୀ କଲେଜ ଏହି ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିବ। ତେବେ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସନିକ କାର୍ଯ୍ୟାଳୟ କେଉଁ ସ୍ଥାନରେ ହେବ ତାହା ରାଜ୍ୟ ସରକାର ସ୍ଥିର କରିବେ।

ମିଳିଥିବା ସୂଚନାନୁଯାୟୀ, ନୂଆ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ସମସ୍ତ ପ୍ରକ୍ରିୟା ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନୁମତି ମିଳିବା ପରେ ସରକାରଙ୍କ ତରଫରୁ ଜଣେ ନୋଡାଲ୍ ଅଫିସର ନିଯୁକ୍ତ ହୋଇପାରନ୍ତି। ଏହାପରେ ବିଶ୍ୱବିଦ୍ୟାଳୟ ପାଇଁ କର୍ମଚାରୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ। ଏ ସମ୍ପର୍କରେ ଓୟୁଏଟି ଶିକ୍ଷକ ସଂଘର ପୂର୍ବତନ ସଭାପତି ତଥା ଭେଟେରିନାରୀ କଲେଜର ଫାର୍ମାକୋଲୋଜି ଓ ଟକ୍ସିକୋଲୋଜି ବିଭାଗର ସହକାରୀ ପ୍ରାଧ୍ୟାପକ ଡା. ଅଜିତ କୁମାର ନାଏକ କହିଛନ୍ତି, ଭାରତରେ ଓଡ଼ିଶା ଓ ଆସାମକୁ ଛାଡ଼ି ପ୍ରାୟ ସବୁ ରାଜ୍ୟରେ ଭେଟେରିନାରି ୟୁନିଭର୍ସିଟି ରହିଛି। ଏଥିପାଇଁ ଆମେମାନେ ଛାତ୍ର ସମୟରୁ ଦାବିକରି ଆସୁଥିଲୁ। ଏହା ଅନେକ ଆଗରୁ ହେବାର ଥିଲା। ବିଳମ୍ବରେ ହେଉ ପଛେ ରାଜ୍ୟରେ ନୂଆ କରି ଭେଟେରିନାରି ୟୁନିଭର୍ସିଟି ପ୍ରତିଷ୍ଠା ହେଉଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଉଛି।

# ଓଡ଼ିଆ ଗୀତ ଗାଇଲେ ରାଜ୍ୟପାଳ

**ଏହା ମୋ ପାଇଁ ଶ୍ରେଷ୍ଠତମ ଦିନ: ପ୍ରେମ ଆନନ୍ଦ**



ଗୀତ ରେକର୍ଡିଂ ଅବସରରେ ପ୍ରେମ ଆନନ୍ଦଙ୍କ ସହ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍।

**ଭୁବନେଶ୍ୱର, ୨୮।୨(ବ୍ୟୁରୋ)**

ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଗୀତ ଗାଇଛନ୍ତି। ତାହା ପୁଣି ଓଡ଼ିଆ ଗୀତ। ଜଣେ ପେସାଦାର କଣ୍ଠଶିଳ୍ପୀଙ୍କ ଭଳି ଏକଦମ୍ ସୁରରେ ସେ ଷ୍ଟୁଡିଓରେ ଗୀତ ରେକର୍ଡିଂ କରିଥିଲେ। ଓଡ଼ିଶାର କଳା, ସଂସ୍କୃତି, ସଭ୍ୟତାକୁ ନେଇ ପ୍ରସ୍ତୁତ ଏହି ଗୀତଟି ହେଉଛି 'ଏ ମାଟି ଓଡ଼ିଶା, ଏ ଜାତି ଓଡ଼ିଆ'। ଗୀତଟିକୁ ବସନ୍ତରାଜ ସାମଲ ଲେଖିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ପ୍ରେମ ଆନନ୍ଦ। ରାଜ୍ୟପାଳଙ୍କ ବ୍ୟତୀତ ହ୍ୟୁମାନ ସାଗର, ଅନନ୍ୟା ଶ୍ରୀତମ ନନ୍ଦ, ଆଶୁତୋଷ ମହାନ୍ତି, ସୋନମ୍ ଦାଶ, ସବିଶେଷ ମିଶ୍ର, ବିଶ୍ୱଜିତ୍ ମହାପାତ୍ର, ଦେବକୃପା ମିଶ୍ର, ଅଳକା ଅଭିଲେଖା, ସମୀକ୍ଷା ମିଶ୍ର, ଲୋପାମୁଦ୍ରା ଦାଶ, ଶ୍ରୀୟା ମିଶ୍ର, ପ୍ରଜ୍ଞା ପ୍ରସ୍ମିତା ହୋତା, ଶଶାଙ୍କ ଶେଖର, ବସନ୍ତରାଜ ସାମଲ ଓ ବିଦେଶୀ ଦାସ ବିଉଟିଫୁଲ୍ ପ୍ରମୁଖ ଓଡ଼ିଶାର ଆଗଧାଡିର ୧୫ଜଣ କଣ୍ଠଶିଳ୍ପୀ କଣ୍ଠଦାନ କରିଛନ୍ତି। ନୀଳାଦ୍ରି ବିହାରସ୍ଥିତ ଏକ ଷ୍ଟୁଡିଓରେ ରବିବାର ଏହାର ରେକର୍ଡିଂ କରାଯାଇଥିଲା। ଗୀତର ସ୍ୱର ଏତେ ମଧୁର ହୋଇଛି ଯେ, ଏହା ସାରା ବିଶ୍ୱରେ ଚହଳ ପକାଇବ। ଗୀତ ଶୁଣିବା ପରେ ଜହର ମଧ୍ୟ ଅମୃତ ହୋଇଯିବ ବୋଲି ରାଜ୍ୟପାଳ କହିଥିଲେ।

ଏନେଇ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ କହିଛନ୍ତି, ମୋ ଗୀତକୁ ଗାଇବା ପରେ ରାଜ୍ୟପାଳ ମତେ ଆଶୀର୍ବାଦ କରିଥିଲେ, ଯାହା ମୋ ପାଇଁ ଗର୍ବର ବିଷୟ। ସଙ୍ଗୀତ ଜୀବନର ଏହା ମୋ ପାଇଁ ଶ୍ରେଷ୍ଠତମ ଦିନ। ରାଜ୍ୟର ମୁଖ୍ୟ ତଥା ପ୍ରଥମ ନାଗରିକ ହୋଇଥିବାରୁ ରାଜ୍ୟପାଳଙ୍କୁ ଏ ଗୀତ ଶୁଣାଇବା ତଥା ତାଙ୍କର ମତାମତ ନେବା ପାଇଁ ଆମେ ତାଙ୍କ ନିକଟକୁ ଯାଇଥିଲୁ। ଯେହେତୁ ଏ ଗୀତ ଆମ ଓଡ଼ିଶା ମାଟିର ଗୀତ ତେଣୁ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ଏ ଗୀତରେ ରହିବେ ବୋଲି ଆମର ଲକ୍ଷ୍ୟ ଥିଲା। ମାତ୍ର ଗୀତ ଶୁଣିବା ପରେ ରାଜ୍ୟପାଳ ଏତେ ଖୁସି ହୋଇଯାଇଥିଲେ ଯେ ନିଜେ ଏ ଗୀତରୁ ଦୁଇଶବ୍ଦ ଗାଇବାକୁ ଇଚ୍ଛା ପ୍ରକାଶ କରିଥିଲେ। ଉତ୍କଳ ଦିବସରେ ଭିଡିଓ ସହିତ ଏହି ଗୀତ ଉନ୍ମୋଚିତ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ଓୟୁଏଟିକୁ 'ଦି ୟୁନିଭର୍ସିଟି ଅଫ୍ ଦି ଇୟର' ସମ୍ମାନ

**ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

**ଭୁବନେଶ୍ୱର,୨୮।୨(ବ୍ୟୁରୋ):** ଦେଶରେ କୃଷି ସମ୍ବନ୍ଧୀୟ ଶିକ୍ଷା ପ୍ରଦାନରେ ଉତ୍ସର୍ଗୀକୃତ ଅବଦାନ ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)କୁ 'ଏଗ୍ରିକଲଚର ଟୁଡେ' ପକ୍ଷରୁ 'ଦି ୟୁନିଭର୍ସିଟି ଅଫ୍ ଦି ଇୟର' ସମ୍ମାନ ମିଳିଛି। ଏନେଇ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପଓ୍ୱନ କୁମାର ଅଗ୍ରୱାଲ ସୂଚନା ଦେଇଛନ୍ତି। ସେପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓୟୁଏଟିକୁ ଅଭିନନ୍ଦନ ଜଣାଇଛନ୍ତି। ଭାରତର କୃଷି ଶିକ୍ଷା କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ ଅବଦାନ ଦେଇଥିବା ଏହି ଅଗ୍ରଣୀ ଅନୁଷ୍ଠାନ ଓଡ଼ିଶାକୁ ଗୌରାବାନ୍ୱିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ବାଲିଗଦାରୁ ମିଳିଲା ମୁଣ୍ଡବିହୀନ କଙ୍କାଳ

**ଜଳେଶ୍ୱର, ୨୮।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ୬୦ନଂ. ଜାତୀୟ ରାଜପଥ ଜମାଲପୁର ବାଇପାସ୍ ରାସ୍ତାପାର୍ଶ୍ୱରେ ଗଦା ହୋଇଥିବା ବାଲିରୁ ଏକ ମୁଣ୍ଡ ବିହୀନ କଙ୍କାଳ ପୋଲିସ ଜବତ କରିଛି। ରବିବାର ସକାଳେ କେତେଜଣ ଶ୍ରମିକ ବିଲକୁ କାମ କରିବାକୁ ଯିବା ବେଳେ ବାଲିଗଦା ନିକଟରେ ମଣିଷର ପାଦ ହାଡ ଦେଖିବାକୁ ପାଇଥିଲେ। ସେମାନେ ଭୟଭୀତ ହୋଇ ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସକୁ ଖବର ଦେଇଥିଲେ। ଜଳେଶ୍ୱର ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମ, ଆଇଆଇସି ମାନସ କୁମାର ଦେଓ, ଏସ୍‌ଆଇ ନଗରଦୀପ ସେଠୀ ପହଞ୍ଚି କଙ୍କାଳକୁ ବାହାର କରିଥିଲେ। ଏଥିରେ ମଣିଷର ୨ଟି ପାଦ ଓ ଶରୀରର କିଛି ଅଂଶ ରହିଥିବା ଦେଖିବାକୁ ମିଳିଥିଲା। ଅନ୍ୟ ସ୍ଥାନରେ କାହାକୁ ହତ୍ୟା କରାଯାଇ ବାଲିଗଦା ତଳେ ପୋତି ଦିଆଯାଇଥିବା ସ୍ଥାନୀୟ ଲୋକେ ଅନୁମାନ କରୁଛନ୍ତି। ଏହି ଘଟଣା ଦୀର୍ଘଦିନ ତଳର ହୋଇଥିବାରୁ ମୃତଦେହରେ ମାଂସ ନ ଥିବାର କୁହାଯାଉଛି। ଅଧିକ ତଥ୍ୟ ସଂଗ୍ରହ ଲାଗି ଜଳେଶ୍ୱର ପୋଲିସ ଜବତ କଙ୍କାଳକୁ ଫରେନସିକ୍ ଲାବୋରଟୋରିକୁ ପଠାଇଛି। ଏ ସମ୍ପର୍କରେ ଜଳେଶ୍ୱର ଆଇଆଇସି ଦେଓ କହିଛନ୍ତି, ନଦୀରେ ମୃତଦେହ ଭାସି ଆସି ବାଲି ତଳେ ରହିଯାଇଥାଇପାରେ। ଜେସିବି ଦ୍ୱାରା ବାଲି ଉତ୍ତୋଳନ ବେଳେ କଙ୍କାଳଟି ବାଲି ସହିତ ଡମ୍ଫରରେ ଉକ୍ତ ସ୍ଥାନକୁ ଆସିଥିବା ଅନୁମାନ କରାଯାଉଛି।

## ଭିମସାର୍‌ରେ ନୂତନ ଅଧକ୍ଷ, ଅଧୀକ୍ଷକ ନିଯୁକ୍ତ



**ସମ୍ବଲପୁର,୨୮।୨(ବ୍ୟୁରୋ)**

ସମ୍ବଲପୁର ବୁର୍ଲା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର୍)ରେ ନୂତନ ଅଧକ୍ଷ ଓ ଅଧୀକ୍ଷକ ନିଯୁକ୍ତ କରାଯାଇଛି। ଗତ ଦୁଇ ବର୍ଷ ଧରି ଭିମସାର୍‌ରେ ଅଧୀକ୍ଷକ ଦାୟିତ୍ୱରେ ଥିବା ଡା.ଜୟଶ୍ରୀ ଦୋରାଙ୍କୁ ଅଧକ୍ଷ ଏବଂ ସ୍ତ୍ରୀ ଏବଂ ପ୍ରସୂତି ବିଭାଗର ମୁଖ୍ୟ ଡା.ଲାଲମୋହନ ନାୟକଙ୍କୁ ଅଧୀକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଶନିବାର ନିଯୁକ୍ତି ଦିଆଯାଇଛି। ଡା. ଦୋରା ଏବଂ ଡା. ନାୟକ ସୋମବାରଠାରୁ ଯୋଗଦେବେ। ଗତ ଡିସେମ୍ବର ମାସରେ ହୋଇଥିବା କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଏ ନେଇ ପ୍ରସ୍ତାବ ଗୃହୀତ ହୋଇ ବିଭାଗ ଅନୁମୋଦନ ପାଇଁ ପଠାଯାଇଥିଲା।

# ୨ ସରକାରୀ କର୍ମଚାରୀଙ୍କ ସମେତ ୪ ଗିରଫ



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତମାନେ।

■ ଗଞ୍ଜେଇ କାରବାର ଅଭିଯୋଗ
■ ୭ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ, ୪ ବାଇକ୍ ଜବତ

**ଉମରକୋଟ,୨୮।୨(ସ୍ୱ.ପ୍ର.)**

ଉମରକୋଟ ପୋଲିସ ଗଞ୍ଜେଇ ରଖିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚାନ୍ଦିୟା ବେଡା ଗ୍ରାମ ରବି ନାରାୟଣ ସମରଥ, ତାଙ୍କ ଭାଇ ରମାକାନ୍ତ ସମରଥ, ସୁବାସ ଚନ୍ଦ୍ର ମାଝି ଓ ଝରିଗାଁର ବାସୁଦେବ ନାୟକ। ଅଭିଯୁକ୍ତଙ୍କ ମଧ୍ୟରେ ୨ଜଣ ସରକାରୀ କର୍ମଚାରୀ ରହିଥିବା ସୂଚନା ମିଳିଛି। ପୋଲିସ ସେମାନଙ୍କ ଘରୁ ୭ କୁଇଣ୍ଟାଲ ୧୨ କେ.ଜି. ଗଞ୍ଜେଇ ଜବତ କରିଛି।

ରବି ସମରଥଙ୍କ ଘରେ ଗଞ୍ଜେଇ ରଖାଯାଇଥିବା ନେଇ ପୋଲିସକୁ ଖବର ମିଳିଥିଲା। ଉମରକୋଟ ଏସ୍‌ଡିପିଓ ଡ. ଦିନେଶ କୁମାର ନାୟକ, ଥାନାଧିକାରୀ ନରେଶ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା। ସେଠାରୁ ପୋଲିସକୁ ୭ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ମିଳିଛି। ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେଠାରୁ ୪ଟି ବାଇକ୍ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫୦ଲକ୍ଷ ଟଙ୍କା ବୋଲି ପୋଲିସ ସୂଚନା ଦେଇଛି। ଏ ନେଇ ଉମରକୋଟ ଥାନାରେ ୮୨/୨୧ରେ ମାମଲା ରୁଜୁ କରାଯାଇଛି। ଗଞ୍ଜେଇ କେଉଁଠାରୁ ଆସିଛି, କେଉଁଠିକୁ ଚାଲାଣ ହେଉଥିଲା, ଅଭିଯୁକ୍ତଙ୍କ ସହ ଅନ୍ୟ କେଉଁମାନେ ଏଥିରେ ସମ୍ପୃକ୍ତ ସେ ସମ୍ପର୍କରେ ତଦନ୍ତ କରାଯାଉଛି ବୋଲି ପୋଲିସ ସୂଚନା ଦେଇଛି।

# ୪ ପୋଲିସ କର୍ମଚାରୀ ନିଲମ୍ବିତ

**ମହଙ୍ଗା ପଡ଼ିଲା ଡ୍ୟୁଟିରେ ଥାଇ ମଦ ପିଇବା**

**ଧର୍ମଶାଳା,୨୮।୨(ଡି.ଏନ.ଏ.)**

ଡ୍ୟୁଟିରେ ଥାଇ ମଦ୍ୟପାନ କରିବା ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ଜାରକା ଫାଣ୍ଡିର ୪ଜଣ ପୋଲିସ କର୍ମଚାରୀଙ୍କ ପାଇଁ ମହଙ୍ଗା ପଡ଼ିଛି। ଯାଜପୁର ଏସ୍‌ପି ରାହୁଲ ପିଆର୍ ସେମାନଙ୍କୁ ରବିବାର କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ସେମାନେ ହେଲେ ୨ ଜଣ କନ୍‌ଷ୍ଟେବଳ ତପନ ଦାସ ଓ ସଞ୍ଜୟ ଭୋଳ ଏବଂ ଅନ୍ୟ ୨ ଜଣ ଓଏପିଏଫ୍ ଯବାନ ବେଣୁଧର ଖଟୁଆ ଓ ଅନନ୍ତ ଚରଣ ସାମଲ। ଗତ ୧୯ ତାରିଖ ସନ୍ଧ୍ୟାରେ ଏସ୍‌ପି କଟକରୁ ଯାଜପୁର ଫେରୁଥିବା ସମୟରେ ଜାରକା ନିକଟରେ ରାସ୍ତାରେ ପ୍ରବଳ ଭିଡ଼ ଥିବାରୁ ଅଟକି ଥିଲେ। ଏହି ସମୟରେ ରାସ୍ତା କଡ଼ରେ ଥିବା ଜାରକା ଫାଣ୍ଡିକୁ ଅଚାନକ ଯାଇଥିଲେ। ଫାଣ୍ଡିରେ ଉପସ୍ଥିତ ଥିବା ଏହି ପୋଲିସ କର୍ମଚାରୀମାନେ ମଦ୍ୟପାନ କରିଥିବା ଏସ୍‌ପି ଜାଣି ପାରିଥିଲେ। ଏହାପରେ ଏସ୍‌ପି ସେମାନଙ୍କୁ ଧର୍ମଶାଳା ଥାନାକୁ ପଠାଇବା ସହ ସେମାନଙ୍କ ମେଡିକାଲ ଟେଷ୍ଟ କରାଇବାକୁ ଆଇଆଇସି ସରୋଜ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟେଷ୍ଟ ରିପୋର୍ଟରୁ ସେମାନେ ମଦ୍ୟପାନ କରିଥିବା ସ୍ପଷ୍ଟ ହୋଇଥିଲା। ଏହି ଆଧାରରେ ସେମାନଙ୍କୁ ନିଲମ୍ବିତ କରାଯାଇଥିବା ଏସ୍‌ପି ସୂଚନା ଦେଇଛନ୍ତି।

# ସବୁ ନିର୍ବାଚନମଣ୍ଡଳୀରେ ବିଜୁ ଜୟନ୍ତୀ ପାଇଁ ନବୀନଙ୍କ ଚିଠି

**କୋଭିଡ୍ ନିୟମରେ ହେବ ବିଜୁ ଜୟନ୍ତୀ ଓ ଅନ୍ତର୍ଜାତୀୟ ମହିଳା ଦିବସ**

**ଭୁବନେଶ୍ୱର, ୨୮।୨(ବ୍ୟୁରୋ)**

ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୫ତମ ଜୟନ୍ତୀକୁ ପ୍ରତ୍ୟେକ ବର୍ଷ ଭଳି ଏଥର ମଧ୍ୟ ବିଜେଡି ପକ୍ଷରୁ ମାର୍ଚ୍ଚ ୫ରେ ରାଜ୍ୟବ୍ୟାପୀ ପାଳନ କରାଯିବ। ସବୁ ସ୍ଥାନରେ ଏହି ଦିନଟିକୁ ମହାସମାରୋହରେ ଜନସାଧାରଣଙ୍କ ସହ ପାଳନ ଲାଗି ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକ ଚିଠି ଲେଖି ଜଣାଇଛନ୍ତି। ଏନେଇ ଦଳର ସକ୍ରିୟ ସଭ୍ୟମାନଙ୍କ ସହ ବୈଠକ ଆୟୋଜନ କରାଯାଇ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ବିଜେଡିର ସଫଳ ଯାତ୍ରା ସମ୍ପର୍କରେ ମୁଖ୍ୟତଃ ଆଲୋଚନା ହେବ। ଏଥିରେ ଦଳର ସମସ୍ତ କର୍ମକର୍ତ୍ତା, ସଦସ୍ୟା, ସଦସ୍ୟ, ଯୁବ, ଛାତ୍ର, ମହିଳା ଓ ଅନ୍ୟାନ୍ୟ ପ୍ରମୁଖ ଦଳୀୟ ସଙ୍ଗଠନ ସାମିଲ ହେବେ।

ମୁଖ୍ୟମନ୍ତ୍ରୀ ଦଳର ରାଜ୍ୟ କର୍ମକର୍ତ୍ତା, ପର୍ଯ୍ୟବେକ୍ଷକ, ଏମ୍‌ପି, ବିଧାୟକ, ଜିଲା ସଭାପତି, ଛାମୁଆ ସଙ୍ଗଠନ ରାଜ୍ୟ ସଭାପତି ଏବଂ ଜିଲା ପରିଷଦ ଅଧ୍ୟକ୍ଷଙ୍କୁ ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି, ବିଜୁବାବୁ ବିକାଶର ମହାନାୟକ ଥିଲେ। ସେ ଦେଖାଇଥିବା ମାର୍ଗରେ ବର୍ତ୍ତମାନ ଓଡ଼ିଶାର ଅବିରତ ବିକାଶ ଯାତ୍ରା ଆଗେଇ ଚାଲିଛି। ଦାରିଦ୍ର୍ୟ ଦୂରୀକରଣ ସହ ସାମାଜିକ ସୁରକ୍ଷା, ଖାଦ୍ୟ ନିରାପତ୍ତା, ମହିଳା, ଯୁବକ, କୃଷକଙ୍କ ସଶକ୍ତୀକରଣ, ଭିତ୍ତିଭୂମିର ଉନ୍ନତି ତଥା ବିଭିନ୍ନ ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ସଂଖ୍ୟାଧିକ ପଦକ୍ଷେପ ଗ୍ରହଣ କରାଯାଇଛି। ପ୍ରଶାସନକୁ ଆହୁରି ଉତ୍ତରଦାୟୀ, ସ୍ୱଚ୍ଛ ତଥା ପ୍ରଗତିଶୀଳ ଏବଂ ଲୋକାଭିମୁଖୀ କରିବା ପାଇଁ ୫-ଟି ମନ୍ତ୍ର ସହିତ ମୋ ସରକାର କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପ୍ରଶାସନିକ ତଥା ବିକାଶ ଧାରାରେ ପୂର୍ଣ୍ଣ ପରିବର୍ତ୍ତନ ଅଣାଯାଇ ନୂଆ ଓଡ଼ିଶା କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

ଏହାସହ ଆସନ୍ତା ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ପରିପ୍ରେକ୍ଷୀରେ ବିଜେଡି ମହିଳା ଶାଖା ପକ୍ଷରୁ ନିର୍ବାଚନମଣ୍ଡଳୀ ସ୍ତରରେ ମହିଳା ସମାବେଶ ଆୟୋଜନ କରାଯିବ। ଏହି ଅବସରରେ ମହିଳା ସଶକ୍ତୀକରଣ ଦିଗରେ ବିଜୁବାବୁଙ୍କ ଅବଦାନ ଏବଂ ଦଳ ଦ୍ୱାରା ପରିଚାଳିତ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ଏହାସହ କୋଭିଡ ପରିଚାଳନା କ୍ଷେତ୍ରରେ ସମସ୍ତଙ୍କ ତ୍ୟାଗ, ନିଷ୍ଠା ଏବଂ ଉତ୍ସର୍ଗୀକୃତ ସେବା ମନୋଭାବ ପ୍ରଦର୍ଶନକୁ ସେ ପ୍ରଶଂସା କରିଛନ୍ତି। ଆଗକୁ ବୟସ୍କ ଏବଂ ଏହାପରେ ସାଧାରଣ ଲୋକଙ୍କୁ ଟିକା ଦିଆଯିବ, ଏଥିଲାଗି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ବର୍ତ୍ତମାନ ମଧ୍ୟ ଆମେ କୋଭିଡ ମହାମାରୀରୁ ସମ୍ପୂର୍ଣ୍ଣ ସୁରକ୍ଷିତ ହୋଇନାହେଁ। ତେଣୁ ପୂର୍ବଭଳି ନିୟମ ପାଳନ କରିବା ଆବଶ୍ୟକ। ଏହାକୁ କଡ଼ାକଡ଼ି ପାଳନ କରି ବିଜୁ ଜୟନ୍ତୀ ଏବଂ ଆନ୍ତର୍ଜାତିକ ମହିଳା ସମାବେଶ ପାଳନ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହାସହ ଦଳୀୟ ଏକତା, ଶୃଙ୍ଖଳା ଏବଂ ଅନୁଶାସନ ପାଳନ ଲାଗି ସମସ୍ତଙ୍କୁ ଆହ୍ୱାନ କରିଛନ୍ତି।

# ପେଟ ଯନ୍ତ୍ରଣାରେ ଛଟପଟ ଦୀପୁ

**ଚିକିତ୍ସାରେ ବାଧକ ସାଜିଛି ଅର୍ଥାଭାବ**

**କଳିଙ୍ଗନଗର,୨୮।୨(ଡି.ଏନ.ଏ.)**



ମା'ଙ୍କ ସହ ଦୀପୁ

ଜନ ସହଯୋଗରେ କଳିଙ୍ଗନଗର ଶିଳ୍ପ କାରଖାନା ଗଢ଼ିଉଠିଛି। ଶିଳ୍ପ ପ୍ରତିଷ୍ଠା ହେଲେ ନିଯୁକ୍ତି ଓ ସ୍ୱାସ୍ଥ୍ୟସେବା ସହ ପାରିପାର୍ଶ୍ୱିକ ଉନ୍ନୟନ ହେବ ବୋଲି ଲୋକଙ୍କ ଆଶା ରହିଥିଲା। ଅଥଚ ଶିଳ୍ପ ପ୍ରତିଷ୍ଠାର ପ୍ରାୟ ୨ ଦଶନ୍ଧି ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଏବେ ବି ଅଧିକାଂଶ ଅଞ୍ଚଳରେ ସ୍ୱାସ୍ଥ୍ୟ ଓ ଗମନାଗମନ ସୁବିଧା ଯେଉଁ ତିମିରକୁ ସେହି ତିମିରେ ବୋଲି ମତପ୍ରକାଶ ପାଇଛି। ଦାନଗଦି ବ୍ଲକର ଶାଳିଜଙ୍ଘା ପଞ୍ଚାୟତର ଦେହୁରିସାହିରେ ଏଭଳି ଏକ ଉଦାହରଣ ଦେଖିବାକୁ ମିଳିଛି। ଝାଟିମାଟି କୁଡ଼ିଆ ଘରେ ରହୁଥିବା ଆନିଆ ଲେଙ୍କା ଜଣେ ଦିନ ମଜୁରିଆ। ତାଙ୍କ ପୁଅ ଦୀପୁ ଲେଙ୍କା(୧୫) ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ। କିନ୍ତୁ ବିଡ଼ମ୍ବନା ଯେ, ଦୀପୁଙ୍କ ପେଟ ଯନ୍ତ୍ରଣା ହେବାରୁ ଦାନଗଦି ମେଡିକାଲରେ ଡାକ୍ତରଙ୍କୁ ଦେଖାଇ ଆବଶ୍ୟକ ଚିକିତ୍ସା କରାଇଥିଲେ। କିଛି ଦିନ ପରେ ଦୀପୁଙ୍କ ପୁଣି ପେଟ ଯନ୍ତ୍ରଣା ହେବା ସହ ଫୁଲିବାକୁ ଲାଗିଲା। ଏହାପରେ କଟକ ବଡ଼ ମେଡିକାଲରେ ତାଙ୍କର ଚିକିତ୍ସା କରାଯାଇଥିଲା। ଦୀପୁଙ୍କ ପେଟରୁ ପାଣି ବାହାର କରାଯିବା ସହ ନିୟମିତ ବ୍ୟବଧାନରେ ଏଭଳି କରାଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। କିନ୍ତୁ ଅର୍ଥ ଅଭାବରୁ ଆନିଆ ଦୀପୁଙ୍କୁ ଆଉ କଟକ ଡାକ୍ତରଖାନାକୁ ନେଇ ପାରିଲେ ନାହିଁ। ଏବେ ପେଟ ଫୁଲି ଯନ୍ତ୍ରଣାରେ ଦୀପୁ ଛଟପଟ ହେଉଥିବାବେଳେ ପାଠପଢ଼ା ବନ୍ଦ ହୋଇଯାଇଛି। ଦୀପୁଙ୍କ ଚିକିତ୍ସା ପାଇଁ ପ୍ରଶାସନିକ ଓ ବଦାନ୍ୟ ବ୍ୟକ୍ତିଙ୍କ ସହାୟତା ନିମନ୍ତେ ପରିବାରବର୍ଗ ଆକୁଳ ନିବେଦନ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଶିଶୁ ସୁରକ୍ଷା ମଞ୍ଚ ଓ କ୍ଲବ ଦି ୟୁଥ୍ ମାସ୍‌ର ସଭ୍ୟମାନେ ଦୀପୁଙ୍କୁ ସାକ୍ଷାତ କରି ଜିଲାପାଳଙ୍କ ଦୃଷ୍ଟିକୁ ଅଣାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଲୋକଙ୍କୁ ଚାଲାଣ, ପୋଲିସକୁ ମାଫ୍

**ବ୍ରହ୍ମପୁରରେ ଟ୍ରାଫିକ୍ ନିୟମ ପ୍ରହସନ**

**ବ୍ରହ୍ମପୁର ଅଫିସ୍,୨୮।୨**



ବାଇକ୍‌ରେ ବସିଥିବା ତିନିଜଣ ପୋଲିସ୍ କର୍ମଚାରୀ।

ବ୍ରହ୍ମପୁର ସହରରେ ଟ୍ରାଫିକ୍ ନିୟମ କଡ଼ାକଡ଼ି କରାଯାଇ ଟ୍ରିପଲ୍ ରାଇଡିଂ ଓ ମୋବାଇଲ୍ ଫୋନ୍ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ଏଥିସହ ବାଇକ୍ ଚଳାଇବା ସମୟରେ ହେଲ୍‌ମେଟ୍ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। ଏହି ନିୟମକୁ ଉଲ୍ଲଂଘନ କରୁଥିବା ଚାଳକଙ୍କଠାରୁ ମୋଟା ଅଙ୍କର ଜରିମାନା ଓ ଚାଲାଣ କଟାଯାଇଛି, କିନ୍ତୁ ପୋଲିସ୍ କ୍ଷେତ୍ରରେ ଏହା ଲାଗୁ ହୋଇ ନ ଥିବା ଏବେ ଦେଖିବାକୁ ମିଳିଛି।

ରବିବାର ପୂର୍ବାହ୍ନରେ ଏଭଳି ଏକ ଦୃଶ୍ୟ ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲ ରାସ୍ତାରେ ଦେଖିବାକୁ ମିଳିଛି। ସ୍କୁଟି ନଂ.ଓଡ଼ି୦୭ଏକ୍ସ ୭୦୯୮ରେ ୩ ଜଣ ମହିଳା ପୋଲିସ୍ ବିନା ହେଲ୍‌ମେଟ୍ ଓ ମାସ୍କରେ ଗାଡ଼ି ଚଳାଇ ଯାଉଥିବା ଦୃଶ୍ୟ ଦେଖଣାହାରିଙ୍କୁ ଚକିତ କରିଛି। ଯେଉଁଠି ସାଧାରଣ ଲୋକଙ୍କ କ୍ଷେତ୍ରରେ ଏହି ନିୟମକୁ ପୋଲିସ୍ କଡ଼ାକଡ଼ି ଭାବେ ପାଳନ କରୁଛି। ଅନ୍ୟପଟେ ସେହି ନିୟମ ଉଲ୍ଲଂଘନ କରୁଥିବା ପୋଲିସ୍‌ଙ୍କ ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ୍ କ୍ଷେତ୍ରରେ ମଧ୍ୟ ଜରିମାନା ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଟ୍ରାଫିକ୍ ଥାନାଧିକାରୀ ସୁନୀଲ ବେହେରା କୁହନ୍ତି, ନିୟମ ସମସ୍ତଙ୍କ ପାଇଁ ସମାନ। ପୋଲିସ୍ କର୍ମଚାରୀ ଏହି ନିୟମ ଉଲ୍ଲଂଘନ କରିଥିବାରୁ ସେମାନଙ୍କ ବିରୋଧରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ପୃଥକ୍ ଦୁର୍ଘଟଣା: ୩ ମୃତ, ୨ ଗୁରୁତର

ଅନୁଗୋଳ ଅଫିସ/ଆଠମଲ୍ଲିକ/ଛେଣ୍ଡିପଦା(ଡି.ଏନ.ଏ/ସ୍ୱ.ପ୍ର.), ୨୮।୨


ଛେଣ୍ଡିପଦା ଦୁର୍ଘଟଣାରେ ମୃତ ପ୍ରସନ୍ନ ସାହୁଙ୍କ ସ୍କୁଟି।

- ଟ୍ରକ୍ ଡ୍ରାଇଭରଙ୍କୁ ଧକ୍କା ଦେଲା ଟ୍ରକ୍
- ବାଇକ୍ ଚାଳକଙ୍କ ଜୀବନ ନେଲା ବୋଲେରୋ
- ଗଛରେ ପିଟି ହୋଇ ସ୍କୁଟି ଚାଳକଙ୍କ ମୃତ୍ୟୁ

ଅନୁଗୋଳ ଜିଲାରେ ରବିବାର ପୃଥକ୍ ସ୍ଥାନରେ ଦୁର୍ଘଟଣା ଘଟି ୩ ଜୀବନ ଯାଇଛି। ଏଥିରେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ସହର ଉପକଣ୍ଠ କରଡ଼ାଗାଡ଼ିଆରେ ଟ୍ରକ୍ ଡ୍ରାଇଭର ତଥା ଠାକୁରଗଡ଼ ଥାନା ସିଆରିମାଳିଆର ଅଶୋକ ମାଝି ଗାଡ଼ିରେ ଚଢୁଥିବାବେଳେ ଅନ୍ୟ ଏକ ଟ୍ରକ ପଛରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଶୋକ ଏକ ଠିକାସଂସ୍ଥାର କ୍ୟାମ୍ପ କାର୍ଯ୍ୟାଳୟରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ଏ ନେଇ ଏକ ମାମଲା ରୁଜୁ ହୋଇଥିବା ସଦର ଥାନା ଅଧିକାରୀ ପ୍ରଭାତ ତ୍ରିପାଠୀ ସୂଚନା ଦେଇଛନ୍ତି।

ସେହିପରି ଆଠମଲ୍ଲିକ ବ୍ଲକ ମାନକୋର ଡ୍ୟାମହୁଡ଼ା ଉପରେ ଏକ ବୋଲେରୋ ଧକ୍କାରେ ନୂଆମାଣତ୍ରୀର ଟୁନାରଞ୍ଜନ ସାହୁ (୩୫)ଙ୍କ ମୃତ୍ୟୁ ଘଟିଛି। ଏଥିରେ ପୁରୁଣାମାଣତ୍ରୀର ଦୁର୍ଯ୍ୟୋଧନ ପ୍ରଧାନ (୩୫) ଏବଂ ସଞ୍ଜୟ ପ୍ରଧାନ (୪୫) ଗୁରୁତର ହୋଇଛନ୍ତି। ସମ୍ପୃକ୍ତ ୩ଜଣ କିଶୋରନଗର ଅଞ୍ଚଳରୁ ଭୋଜି ଖାଇ ଘରକୁ ଫେରୁଥିବେଳେ ଏହି ଦୁର୍ଘଟଣା ଘଟିଥିଲା। ସମସ୍ତଙ୍କୁ ପ୍ରଥମେ ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଟୁନାରଞ୍ଜନଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାର ତଦନ୍ତ କରୁଛି।

ଅନୁରୂପ ଭାବେ ଛେଣ୍ଡିପଦା ଥାନା ଗଡ଼ମଣ୍ଡଳ-ପାତ୍ରପଡା ପୂର୍ତ୍ତବିଭାଗ ରାସ୍ତା ପାର୍ଶ୍ୱରେ ଗଛରେ ପିଟି ହୋଇ ସ୍କୁଟି ଚାଳକ ତଥା ପାତ୍ରପଡା ତାଳମଣ୍ଡଳୀ ସାହିର ପ୍ରସନ୍ନ ସାହୁଙ୍କ ମୃତ୍ୟୁ ଘଟିଛି। ପୂର୍ବାହ୍ନରେ ସେ ସ୍କୁଟିରେ ଗଡ଼ମଣ୍ଡଳ ଆସୁଥିବା ବେଳେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲେ। ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ ପଡ଼ିଥିବାବେଳେ ପ୍ରସନ୍ନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଏବଂ ଦୁର୍ଘଟଣାଗ୍ରସ୍ତ ସ୍କୁଟି ଜବତ କରିଛି।

## ସଂକ୍ଷେପରେ

### ଅଷ୍ଟପ୍ରହର ନାମଯଜ୍ଞ



ତାଳଚେର,୨୮।୨(ନି.ପ୍ର.)-ତାଳଚେର ବ୍ଲକ କଳମଛୁଇଁ ପଞ୍ଚାୟତ ସୋଲଡା ଗ୍ରାମସ୍ଥିତ ବାବା ବାଲୁଙ୍କେଶ୍ୱର ମହାଦେବ ପୀଠରେ ୫୬ତମ ଅଷ୍ଟପ୍ରହର ନାମଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶତାଧିକ ମହିଳାପୁରୁଷ ବାଲିବନ୍ଧ ପୋଖରୀରୁ କଳସରେ ପାଣି ଆଣି ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ପୂଜକ ସନ୍ତୋଷ ଶତପଥୀଙ୍କ ପୌରୋହିତ୍ୟରେ ରାଜକିଶୋର ବେହେରା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଅଖଣ୍ଡ ଦୀପ ପ୍ରଜ୍ୱଳନ, ଅହୋରାତ୍ର ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ମୁକ୍ତାପଶି, ବନବାସପୁର, ବାଘବାସପୁର, ମହାତଳା ଅଞ୍ଚଳର ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ସାହି ସଭାପତି ରଘୁକୁଳ ରାଘବ ସାହୁ, ସମ୍ପାଦକ ଅଜିତ୍ ସାଗର ପ୍ରଧାନ, କୋଷାଧକ୍ଷ ଜିପୁନ୍ ପ୍ରଧାନ, ପ୍ରଶାନ୍ତ ଶତପଥୀ, ନରୋତ୍ତମ ଦେହୁରୀ, ସୁକାନ୍ତ ପ୍ରଧାନ, ପ୍ରତାପ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ପୋଡ଼ି ହୋଇ ଛାତ୍ରୀ ଗୁରୁତର

ଠାକୁରମୁଣ୍ଡା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଜମୁନାଳିଆ ଗ୍ରାମରେ ରବିବାର ରୋଷେଇ କରୁଥିବା ସମୟରେ ପୋଡ଼ି ହୋଇ ଜଣେ ଦଶମ ଶ୍ରେଣୀ ଛାତ୍ରୀ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଘଷିପୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତ ଛାତ୍ରୀ ଜଣକ ହେଲେ ସୂର୍ଯ୍ୟ ସମାଡ଼ଙ୍କ ଝିଅ ମିନି। ଅସାବଧାନତା ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ପରିବାର ଲୋକଙ୍କଠାରୁ ସୂଚନା ମିଳିଛି।

# ବଂଶୀଧର ଥିଲେ ବହୁମୁଖୀ ବ୍ୟକ୍ତିତ୍ୱ

ବନ୍ତଳା, ୨୮।୨(ଡି.ଏନ.ଏ.)


ଶୋକସଭାରେ ସାମିଲ ହୋଇଥିବା ଅତିଥିମାନେ।

ଅନୁଗୋଳ ଜିଲା ବନ୍ତଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ବଂଶୀଧର ପ୍ରଧାନ ଥିଲେ ଜଣେ ବହୁମୁଖୀ ବ୍ୟକ୍ତିତ୍ୱ। ସମାଜ ସଂସ୍କାରକ, ଚାଷୀ ସଙ୍ଗଠନ, ଶିକ୍ଷାବିତ୍, ରାଜନୀତିଜ୍ଞ ଭାବେ ସେ ଭିନ୍ନ ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ପରଲୋକରେ ଅଞ୍ଚଳବାସୀ ଜଣେ ଭଲ ମଣିଷଙ୍କୁ ହରାଇଲା ବୋଲି ଶନିବାର ବନ୍ତଳା ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ଶୋକସଭାରେ ମତପ୍ରକାଶ ପାଇଛି। ପ୍ରବଚକ ପଣ୍ଡିତ ମହେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ଜିଲା ବିଜେଡି ସଭାପତି ମହେନ୍ଦ୍ର ବଡ଼ିଆ, ବିଜେଡି ନେତା ଦୀନେଶ ପ୍ରଧାନ, ଅରୁଣାଭ ସିଂ, ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଉପାଧ୍ୟକ୍ଷା ମମତା ପ୍ରଧାନ, ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ, ସମ୍ପାଦକ ପ୍ରଭାତ ପ୍ରଧାନ, କଂଗ୍ରେସ ନେତା ସୁରେଶ ପ୍ରଧାନ, ବଂଶୀଧରଙ୍କ ପୁଅ ସୀତାଂଶୁ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। କବି ହାଡ଼ିବନ୍ଧୁ ମିଶ୍ର ବେଦପାଠ କରିଥିଲେ।

ବନ୍ତଳା ଅଞ୍ଚଳର ବିକାଶ ପାଇଁ ବଂଶୀଧରଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ତାଙ୍କ ଉଦ୍ୟମରେ ଦୁର୍ଗମ ଅଞ୍ଚଳ ସମେତ ଜିଲାର ବହୁ ଶିକ୍ଷାନୁଷ୍ଠାନ ସ୍ଥାପନ କରାଯାଇପାରିଥିଲା। ହିଡ଼ିସିଙ୍ଗ ମଧ୍ୟମ ଜଳସେଚନ ପ୍ରକଳ୍ପ, ବନ୍ତଳାରେ ଦମକଳ କେନ୍ଦ୍ର, ଶୀତଳ ଭଣ୍ଡାର ସ୍ଥାପନ ଦାବିରେ ସେ ଜନଆନ୍ଦୋଳନର ପୁରୋଧା ସାଜିଥିଲେ। ସାପ୍ତାହିକ ହାଟ, କରତପଟା ବୃଦ୍ଧାଶ୍ରମ ସ୍ଥାପନ ପଛରେ ତାଙ୍କର ଅବଦାନ ଅନନ୍ୟ। ହିଡ଼ିସିଙ୍ଗ ପ୍ରୋଜେକ୍ଟ, ଦମକଳ କେନ୍ଦ୍ର ଏବଂ ଶୀତଳଭଣ୍ଡାର ସ୍ଥାପନ ହେଲେ ତାଙ୍କର ଅଧୁରା ସ୍ୱପ୍ନ ପୂରଣ ହେବ ବୋଲି ମତପ୍ରକାଶ ପାଇଥିଲା। ତାଙ୍କ ସ୍ମୃତିରେ ବନ୍ତଳା କଲେଜରେ ଏକ ପ୍ରତିମୂର୍ତ୍ତି, ପାଠାଗାର ସ୍ଥାପନ, ସ୍ମୃତି କମିଟି ଗଠନ ସହ ବଂଶୀଧର ପତ୍ରିକା ବାହାର କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବନ୍ତଳା କଲେଜ ଅଧ୍ୟକ୍ଷ ଅଜୟ ସାହୁ, ଅଧ୍ୟାପକ ଶରତ ଦେହୁରୀଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ ମାନ୍ୟଗଣ୍ୟ ବ୍ୟକ୍ତି, ସାମାଜିକ କର୍ମୀ, ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ୟୁନିୟନ ସ୍ପୋର୍ଟିଂକୁ ଟାଇଟଲ



ବିଧାୟକ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

**ପାଲଲହଡ଼ା, ୨୮।୨(ଡି.ଏନ.ଏ.):** ପାଲଲହଡ଼ା ଉପଖଣ୍ଡ ଝିମିରିପାଲି ଖେଳପଡିଆରେ ଜୟ ଶ୍ରୀରାମ କ୍ରିକେଟ କ୍ଲବ ଅନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ କଟକ ରାଇଜିଂ ଷ୍ଟୁଡେଣ୍ଟକୁ ହରାଇ ୟୁନିୟନ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ରାଇଜିଂ ଷ୍ଟୁଡେଣ୍ଟ ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୯ ଉଇକେଟ ହରାଇ ୧୦୯ ରନ କରିଥିଲା। ଜବାବରେ ୟୁନିୟନ ସ୍ପୋର୍ଟିଂ ୧୧ ଓଭରରେ ୩ ଉଇକେଟ ବିନିମୟରେ ଲକ୍ଷ୍ୟ ହାସଲ କରି ନେଇଥିଲା। ଚାମ୍ପିୟନ ଦଳର ଜ୍ୟୋତିରଞ୍ଜନ ଦଳାଇ 'ମ୍ୟାନ ଅଫ ଦି ମ୍ୟାଚ' ଏବଂ ମହମ୍ମଦ ଆକ୍ରମ 'ମ୍ୟାନ ଅଫ ଦି ସିରିଜ' ବିବେଚିତ ହୋଇଥିଲେ। ରମେଶ ଚନ୍ଦ୍ର ପ୍ରଧାନ, ରଞ୍ଜିତ ସାମଲ ଖେଳ ପରିଚାଳନା କରିଥିଲେ।

ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ନିଜିଗଡ଼ ସମିତିସଭ୍ୟ ଦିଲୀପ ଉଦାବଳ, ବିଧାୟକଙ୍କ ପ୍ରତିନିଧି ନରେନ୍ଦ୍ର ଭୁକ୍ତା, ଡିମିରିଆ ସମିତିସଭ୍ୟା ମମତା ସାହୁ, ସରପଞ୍ଚ ରୁକ୍ମିଣୀ ସାହୁ, କ୍ଲବ ସଭାପତି ରଘୁନନ୍ଦନ ଆଚାର୍ଯ୍ୟ, ଉପସଭାପତି ସତ୍ୟନାରାୟଣ ବୋଷ, ସମ୍ପାଦକ ଯୋଗେଶ ଭୁକ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ବିଜ୍ଞାନର ଦୁରୁପଯୋଗ ବନ୍ଦ ହେଉ

**କାମାକ୍ଷାନଗର, ୨୮।୨(ଡି.ଏନ.ଏ.):** ବିଜ୍ଞାନର ଜୟଯାତ୍ରା ଚାଲିଛି। ଏହା କେବଳ ଜନତାଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ଏହାର ଦୁରୁପଯୋଗ ବନ୍ଦ ହେବା ଦରକାର। ଆବଶ୍ୟକ ପଡ଼ିଲେ ଏହାର ପ୍ରତିବାଦ କରିବା ତିହାଟି ଜରୁରୀ ବୋଲି କହିଛନ୍ତି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବଟକୃଷ୍ଣ ଦାସ। କାମାକ୍ଷାନଗର କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ବରିଷ୍ଠ ଶିକ୍ଷୟିତ୍ରୀ କବିତା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କାମାକ୍ଷାନଗର କଲେଜର ପଦାର୍ଥ ବିଜ୍ଞାନ ଅଧ୍ୟାପକ ବିଶ୍ୱନାଥ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ସମଗ୍ର ବିଶ୍ୱ ବିଜ୍ଞାନ ଡୋରରେ ବନ୍ଧା। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଅଧିକ ଗବେଷଣା ଦୈନନ୍ଦିନ ଜୀବନକୁ ଅଧିକ ସରଳ କରିପାରିଛି ବୋଲି ସେ ମତ ରଖିଥିଲେ। ବିଜ୍ଞାନ ଶିକ୍ଷକ ଡା. ଚନ୍ଦ୍ରମଣି ଲେଙ୍କା କହିଲେ, ବିଜ୍ଞାନକୁ ଲୋକପ୍ରିୟ କରାଇବା ଏବଂ ଛାତ୍ରୀଛାତ୍ରଙ୍କୁ ଏହି ବିଷୟ ପ୍ରତି ଆକୃଷ୍ଟ କରାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ, ସୁମିତ୍ରା ଜେନାଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୯୦ ୟୁନିଟ୍ ରକ୍ତ ସଂଗ୍ରହ


ଜଣେ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରାଯାଉଛି।

**ରାସୋଲ, ୨୮।୨(ଡି.ଏନ.ଏ.):** ହିନ୍ଦୋଳ ବ୍ଲକ ରାସୋଲ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଯୋଗସଂଘ ଆନୁକୂଲ୍ୟରେ ରବିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉପଜିଲାପାଳ ଉଦୟ କୁମାର ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୯୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସାମାଜିକ କର୍ମୀ ରତିକାନ୍ତ ଗଡ଼ନାୟକ ୨୦ତମ ଏବଂ ସୌଭାଗ୍ୟରଞ୍ଜନ ସର ୩୦ତମ ରକ୍ତଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡାକ୍ତର ଦୟାନିଧି ପୃଷ୍ଟି, ଯୋଗସଂଘ ସମ୍ପାଦକ ଦୀପ୍ତିରଞ୍ଜନ ପଣ୍ଡା, ସଂଯୋଜକ ଅଶ୍ୱିନୀ ପତି, ଯୋଗ ଶିକ୍ଷକ ସୂର୍ଯ୍ୟକାନ୍ତ ଦେହୁରୀ, ସଦସ୍ୟ ରୁଦ୍ରନାରାୟଣ ବେହେରା, ଡା. କ୍ଷୀରୋଦ ସାହୁ, ମନୋରଞ୍ଜନ ନାଥ, ଆଲୋକ ଚିନ୍ନାରା, ସନ୍ତୋଷ ସାହୁ, ସୁଜିତ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଜିଲା ରକ୍ତଭଣ୍ଡାର ଟେକ୍ନିସିଆନ ପରମାନନ୍ଦ ପଣ୍ଡା, ରୋହିତ ଦାସ, ଅଜୟ ସ୍ୱାଇଁ, ବରୁଣ ସାହୁ, ତପନ ଜେନା, ସୌଭାଗ୍ୟ ରଞ୍ଜନ ମିଶ୍ର, ନିରଞ୍ଜନ ବୈଦ୍ୟ, ପ୍ରଶାନ୍ତ ବୈଦ୍ୟ ପ୍ରମୁଖ ରକ୍ତ ସଂଗ୍ରହରେ ସହାୟତା କରିଥିଲେ।

# କୁକୁଡ଼ାଙ୍ଗ ଚାମ୍ପିୟନ


ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

**ବଣ୍ଟଁରପାଳ, ୨୮।୨(ଡି.ଏନ.ଏ.):** ବଣ୍ଟଁରପାଳ ବ୍ଲକ ଗିରାଙ୍ଗ ବାଗ୍‌ଦେବୀ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ସମୀର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ସନ୍ତପଡ଼ାକୁ ହରାଇ କୁକୁଡ଼ାଙ୍ଗ ଚାମ୍ପିୟନ ହୋଇଛି। କୁକୁଡ଼ାଙ୍ଗ ପ୍ରଥମେ ବ୍ୟାଟିଂ କରି ୧୩୬ ରନ୍ କରିଥିଲା। ଜବାବରେ ସନ୍ତପଡ଼ା ଆବଶ୍ୟକ ରନ୍ କରିପାରି ନ ଥିଲା। ନିରଞ୍ଜନ ନାୟକ, ଇଲୁ ଗଡ଼ନାୟକ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଯୁବନେତା ଅରୁଣାଭ ସିଂ, ସମ୍ମାନିତ ଅତିଥି ରିଜିଓନାଲ ଟ୍ରକ ମାଲିକ ସଂଘ ସଭାପତି ପ୍ରଭାସ ସାମଲ, ସମ୍ପାଦକ ରଞ୍ଜିତ ଗଡ଼ନାୟକ, ବିଜେଡି ଯୁବ ସଭାପତି ସୁସେନ ଗଡ଼ନାୟକ, କାଳୀଚରଣ କର, ଗଗନ ବିହାରୀ ସାମଲ, କୁନା ଗଡ଼ନାୟକ, ଉମ୍ମରୁଧର ଗଡ଼ନାୟକ ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।


**ବ୍ୟାଙ୍କ ଅଫ୍ ବରୋଦା Bank of Baroda** — ବିଜୟା VIJAYA | ଦେନା DENA

## ଆଞ୍ଚଳିକ ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, କଟକ

ପ୍ଲଟ୍ ନଂ.: ସିଏମ୍-୨ବି, ପ୍ରଥମ ମହଲା, ସେକ୍ଟର-୭, ମର୍କତ ନଗର ପୋଲିସ୍ ଷ୍ଟେସନ୍ ନିକଟ, ସିଡ଼ିଏ, କଟକ-୭୫୩୦୧୪, ଓଡ଼ିଶା, ଫୋନ୍: ୦୬୭୧-୨୩୬୧୩୭୭, ମୋ.: ୭୦୭୭୭୨୭୧୩୩
E-mail: armcut@bankofbaroda.com

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ଆପେଣ୍ଡିକ୍ସ-IV-A (ରୁଲ୍ ୬(୨) ଏବଂ ୮(୬) ଅନୁଯାୟୀ ପ୍ରଦତ୍ତ) ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ନିୟମ ୮(୬) ଏବଂ ୬(୨) ଅନୁଯାୟୀ ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍ୱାରା ସର୍ବସାଧାରଣ, ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବ୍ୟାଙ୍କ ଅଫ୍ ବରୋଦାର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି। **ଋଣଗ୍ରହୀତା, ବନ୍ଧକଦାତା, ଜାମିନ୍‌ଦାର, ସୁରକ୍ଷିତ ସମ୍ପତ୍ତି, ଦେୟ, ସଂରକ୍ଷିତ ମୂଲ୍ୟ, ଅମାନତ ରାଶି, ବିଡ୍ ବର୍ଦ୍ଧିତ ରାଶି, ନିଲାମ ତାରିଖ ଏବଂ ସମୟର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦତ୍ତ।**

| କ୍ର. ନଂ. | ଋଣଗ୍ରହୀତା / ଜାମିନ୍‌ଦାର ଏବଂ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଚୌହଦି ସହ ସୁରକ୍ଷିତ ସମ୍ପତ୍ତିର ବିବରଣୀ | ବକେୟା ଦେୟ (ଡିମାଣ୍ଡ ନୋଟିସ୍ ଅନୁଯାୟୀ) | ଇ-ନିଲାମ ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ / EMD (ରାଶି) / ବିଡ୍ ବର୍ଦ୍ଧିତ ରାଶି | ଅଧିକୃତ ସମ୍ପତ୍ତିର ସ୍ଥିତି (ସାଙ୍କେତିକ/ଭୌତିକ) | ସମ୍ପତ୍ତି ନିରୀକ୍ଷଣ ତାରିଖ |
| --- | --- | --- | --- | --- | --- | --- | --- |
| ୧. | **ଋଣଗ୍ରହୀତା: ମେସର୍ସ ଜ୍ଞାନକକ୍ଷ ଚାରିଟେବଲ ଟ୍ରଷ୍ଟ,** ପ୍ଲଟ୍ ନଂ.: ୩୭୦/୧୮୬୧/୨୩୭୯, ରିବକ୍ ସୋରୁମ୍ ନିକଟ, ପଟିଆ, ପୋ: କିଟ୍, ଭୁବନେଶ୍ୱର-୭୫୧୦୨୪, **ଟ୍ରଷ୍ଟି/ଜାମିନ୍‌ଦାରମାନେ: ୧) ଶ୍ରୀ ପ୍ରଜ୍ଞାଜିତ ମହାନ୍ତି, ୨) ଶ୍ରୀମତୀ ସମିତା ମହାନ୍ତି, ଏବଂ ୩) ଡଃ. ପ୍ରମୋଦ କୁମାର ମହାନ୍ତି,** ସମସ୍ତଙ୍କ ଠିକଣା- ପ୍ଲଟ୍ ନଂ.: ୭/ବି, କଳ୍ପନା ଏରିଆ, ବିଜେବି ନଗର, ଭୁବନେଶ୍ୱର-୭୫୧୦୧୪ | **୧) ମେସର୍ସ ଜ୍ଞାନକକ୍ଷ ଚାରିଟେବଲ ଟ୍ରଷ୍ଟର** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ତରକାଇ, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୭୪୫/୭, ପ୍ଲଟ୍ ନଂ.: ୯୮, ୧୧୭, ୩୦୧, ୩୦୨, ୩୦୩, ୩୦୪, ୩୦୫, ୩୦୭, ୩୦୯ ଏବଂ ୩୧୦, ଯଥାକ୍ରମେ କ୍ଷେତ୍ର: ଏକର ୦.୨୩୦, ୧.୦୭୫, ୦.୪୨୦, ୧.୩୪୫, ୦.୩୦୦, ୦.୨୧୦, ୨.୪୫୫, ୦.୮୦୦, ୦.୯୮୫ ଏବଂ ୦.୨୨୫ଡିସିମିଲି ଓ ଖାତା ନଂ.: ୭୪୫/୦୮, ପ୍ଲଟ୍ ନଂ.: ୧୦୨, ୧୦୬, ୧୨୩ ଏବଂ ୧୨୫, ଯଥାକ୍ରମେ କ୍ଷେତ୍ର: ଏକର୦.୦୬୫, ୦.୨୧୦, ୦.୯୧୫ ଏବଂ ୦.୭୮୫ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୧୦.୦୨୦ଡିସିମିଲି।** | ଟ.୯,୪୭,୬୯,୫୬୯/- + ୩୧.୧୨.୨୦୧୫ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୮.୦୩.୨୦୨୧ ଅପରାହ୍ନ ୨ ଘଟିକାରୁ ସନ୍ଧ୍ୟା ୬ ଘଟିକା | ଟ.୯,୦୬,୦୦,୦୦୦/- / ଟ.୯୦,୬୦,୦୦୦/- / ଟ.୧୦,୦୦୦/- | ସାଙ୍କେତିକ | ୦୯.୦୩.୨୦୨୧ ଏବଂ ୧୦.୦୩.୨୦୨୧ |
| | | **୨) ମେସର୍ସ ଜ୍ଞାନକକ୍ଷ ଚାରିଟେବଲ ଟ୍ରଷ୍ଟର** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ମୌଜା: ତରକାଇ, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୭୪୫/୭, ପ୍ଲଟ୍ ନଂ.: ୧୧୮, ୩୨୮, ୯୯, ୧୦୦, ୧୧୫, ୧୧୬, ୧୧୩, ୧୧୪, ୩୦୬, ୩୨୭, ୪୫୩, ୪୬୫, ୪୪୧ ଏବଂ ୪୪୨, ଯଥାକ୍ରମେ କ୍ଷେତ୍ର: ଏକର୦.୧୩୦, ୦.୦୬୫, ୦.୧୦୫, ୦.୧୪୫, ୦.୦୫୦, ୦.୦୩୦, ୦.୦୨୦, ୦.୦୩୦, ୦.୦୮୫, ୦.୦୯୫, ୦.୫୭୫, ୦.୩୫୫, ୦.୦୨୦ ଏବଂ ୦.୦୯୫ଡିସିମିଲି ଓ ଖାତା ନଂ.: ୭୪୫/୮, ପ୍ଲଟ୍ ନଂ.: ୩୦୦, ୩୦୮, ୧୨୨, ୨୯୮, ୧୨୧, ୧୦୧, ୧୦୩, ୧୦୪, ୧୦୫, ୧୦୭, ୧୦୮, ୧୦୯, ୧୧୦, ୧୧୧, ୧୨୦, ୯୬, ୯୭, ୨୯୫, ୨୯୬, ୨୯୭, ୨୯୯, ୮୦, ୮୧, ୮୨, ୮୩, ୮୪, ୮୫, ୮୬, ୮୭, ୮୮, ୮୯, ୯୦, ୯୧, ୯୨, ୯୩, ୯୪, ୪୫୫, ୪୩୧, ୪୩୨, ୪୩୩, ୪୩୪, ୪୩୫, ୪୩୬, ୪୬୧, ୪୬୩, ୪୯୬, ୪୭୮, ୪୮୨, ୩୩୧, ୩୩୨, ୪୨୯, ୪୩୦, ୪୩୮, ୪୩୯, ୪୪୩, ୪୪୪, ୪୪୬, ୪୪୭, ୪୪୮, ୪୪୯, ୪୫୦, ୪୫୧, ୪୫୨, ୪୬୬, ୪୬୮, ୪୬୯, ୪୭୧, ୩୧୮, ୩୧୩, ୩୧୯, ୪୮୦, ୩୨୬, ୯୨୧, ୯୧୮, ୮୯୦ ଏବଂ ୩୨୪, ଯଥାକ୍ରମେ କ୍ଷେତ୍ର: ଏକର୧.୦୦୫, ୦.୩୩୦, ୦.୨୬୦, ୦.୧୫୦, ୦.୪୭୦, ୦.୧୩୫, ୦.୫୩୫, ୦.୦୯୦, ୦.୧୫୫, ୦.୦୯୫, ୦.୧୪୫, ୦.୦୪୫, ୦.୧୯୫, ୦.୦୩୦, ୦.୪୦୫, ୦.୩୩୦, ୦.୨୩୦, ୦.୦୪୦, ୦.୨୩୫, ୦.୨୬୫, ୦.୪୩୫, ୦.୧୮୫, ୦.୩୧୫, ୦.୩୪୦, ୦.୨୫୫, ୦.୨୧୫, ୦.୨୧୫, ୦.୧୦୦, ୦.୧୨୫, ୦.୧୦୦, ୦.୦୭୫, ୦.୦୯୫, ୦.୦୮୫, ୦.୧୨୦, ୦.୧୩୫, ୦.୧୩୫, ୦.୩୨୦, ୦.୨୧୦, ୦.୧୭୫, ୦.୦୫୦, ୦.୧୫୫, ୦.୦୯୫, ୦.୦୭୦, ୦.୦୭୫, ୦.୧୨୫, ୦.୧୨୦, ୦.୫୪୦, ୦.୩୧୦, ୦.୧୭୦, ୦.୧୨୫, ୦.୧୪୫, ୦.୦୭୫, ୦.୧୧୫, ୦.୦୨୫, ୦.୦୬୦, ୦.୦୫୦, ୦.୧୩୦, ୦.୦୩୫, ୦.୦୭୦, ୦.୩୦୫, ୦.୧୦୦, ୦.୨୧୫, ୦.୦୫୦, ୦.୧୦୦, ୦.୨୧୦, ୦.୦୮୫, ୦.୦୮୦, ୦.୪୬୦, ୦.୧୩୫, ୦.୩୩୫, ୦.୧୩୫, ୦.୧୫୫, ୦.୬୦୫, ୦.୫୩୦, ୦.୪୯୫ ଏବଂ ୦.୨୩୦ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୧୭.୩୪୫ଡିସିମିଲି।** | | | ଟ.୩,୫୬,୦୦,୦୦୦/- / ଟ.୩୫,୬୦,୦୦୦/- / ଟ.୧୦,୦୦୦/- | ସାଙ୍କେତିକ | |
| ୨. | **ଋଣଗ୍ରହୀତା: ମେସର୍ସ ୟୁନିକନ୍ ଓ୍ୱୟାର୍ସ ପ୍ରା. ଲିଃ.,** ଠିକଣା- ପ୍ଲଟ୍ ନଂ.: ୧୩/ଏ, ଫେଜ୍-୨, ନିଉ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଜଗତପୁର, କଟକ-୭୫୪୦୨୧ / **ଜାମିନ୍‌ଦାରମାନେ: ୧) ଶ୍ରୀ ସବ୍ୟସାଚୀ ବେହେରା,** ମାର୍ଫତ: ସ୍ୱ ପ୍ରଶାନ୍ତ କୁମାର ବେହେରା, **୨) ଶ୍ରୀମତୀ ଧରିତ୍ରୀ ବେହେରା,** ସ୍ୱାମୀ: ସବ୍ୟସାଚୀ ବେହେରା, **୩) ଶ୍ରୀ ଆଶୁତୋଷ ବେହେରା,** ମାର୍ଫତ: ସ୍ୱ ପ୍ରଶାନ୍ତ କୁମାର ବେହେରା, ସମସ୍ତଙ୍କ ଠିକଣା- ନିଉ ତାରୋଳ, ଜଗତପୁର, କଟକ-୭୫୪୦୨୧ | **୧) ଶ୍ରୀ ସବ୍ୟସାଚୀ ବେହେରାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ମୌଜା: ଇମାମନଗର, ଏସ୍.ଆର୍.ଓ: ସାଲେପୁର, ଜିଲ୍ଲା: କଟକ, ଖାତା ନଂ.: ୪୦୩/୪୫୬, ପ୍ଲଟ୍ ନଂ.: ୫୮୬, କ୍ଷେତ୍ର: ଏକର୦.୪୨୦ଡିସିମିଲି | ଟ୨,୮୬,୨୫,୨୮୬.୭୧ + ୩୦.୦୬.୨୦୧୬ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୮.୦୩.୨୦୨୧ ଅପରାହ୍ନ ୨ ଘଟିକାରୁ ସନ୍ଧ୍ୟା ୬ ଘଟିକା | ଟ.୭୭,୩୯,୦୦୦/- / ଟ.୭,୭୩,୯୦୦/- / ଟ.୧୦,୦୦୦/- | ଭୌତିକ | ୦୯.୦୩.୨୦୨୧ ଏବଂ ୧୦.୦୩.୨୦୨୧ |
| | | **୨) ଆଶୁତୋଷ ବେହେରା ଏବଂ ସବ୍ୟସାଚୀ ବେହେରାଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ଖଇରା, ଜଗତପୁର, ଟାଙ୍ଗୀ, ଚୌଦ୍ୱାର, ଖାତା ନଂ.: ୪୯୨/୧୪୯, ପ୍ଲଟ୍ ନଂ.: ୯୪୩/୧୨୬୨, କ୍ଷେତ୍ର: ଏକର୦.୦୮୦ଡିସିମିଲି | | | ଟ.୩୬,୯୬,୦୦୦/- / ଟ.୩,୬୯,୬୦୦/- / ଟ.୧୦,୦୦୦/- | ସାଙ୍କେତିକ | |
| ୩. | **ଋଣଗ୍ରହୀତା: ମେସର୍ସ ଓଡ଼ୀଶା ମାଟମାର୍ଟ,** ପ୍ଲଟ୍ ନଂ.: ଏନ୍/୩/ବି୬, ଆଇଆର୍‌ସି ଭିଲେଜ, ଭୁବନେଶ୍ୱର-୭୫୧୦୧୫ / **ଅଂଶୀଦାର ଏବଂ ଜାମିନ୍‌ଦାରମାନେ: ୧) ଶ୍ରୀ ସୁନିଲ କୁମାର ପଣ୍ଡା,** ପ୍ଲଟ୍ ନଂ.: ଭିଆଇପି ୩୬/୪ ଏବଂ ଭିଆଇପି ୫୩/୭, ଆଇଆର୍‌ସି ଭିଲେଜ, ଭୁବନେଶ୍ୱର-୭୫୧୦୧୫, **୨) ଶ୍ରୀ ସରୋଜ କୁମାର ପଣ୍ଡା, ୩) ଶ୍ରୀ ମନୋଜ କୁମାର ପଣ୍ଡା,** କ୍ର. ନଂ. ୨ ଏବଂ ୩ର ଠିକଣା- ପ୍ଲଟ୍ ନଂ.: ଭିଆଇପି ୫୩/୭, ଆଇଆର୍‌ସି ଭିଲେଜ, ଭୁବନେଶ୍ୱର-୭୫୧୦୧୫, **୪) ଶ୍ରୀ ସରତ ଚନ୍ଦ୍ର ପଣ୍ଡା,** ପ୍ଲଟ୍ ନଂ.: ଭିଆଇପି ୩୬/୪, ଆଇଆର୍‌ସି ଭିଲେଜ, ଭୁବନେଶ୍ୱର-୭୫୧୦୧୫, **୫) ଶ୍ରୀ ସୁଭେନ୍ଦୁ ମହାନ୍ତି,** ପ୍ଲଟ୍ ନଂ.: ଏନ୍/୪/୧୫୦, ଆଇଆର୍‌ସି ଭିଲେଜ, ଭୁବନେଶ୍ୱର-୭୫୧୦୧୫ | **୧) ମେସର୍ସ ଓଡ଼ୀଶା ମାଟମାର୍ଟର** ନାମରେ ଥିବା ଜମି ଯାହାର ମୌଜା: କାଞ୍ଜିଆମା, ଖାତା ନଂ.: ୨୨୧/୧୫, ସ୍ଥିତିବାନ, **(କ)** ପ୍ଲଟ୍ ନଂ.: ୧୮୧, ବିକ୍ରୟ କ୍ଷେତ୍ର: ଏକର୦.୯୯୫ଡିସିମିଲି, ସମ୍ପୂର୍ଣ୍ଣ ପ୍ଲଟ୍, କିସମ: ଘରବାରୀ (ଖୋଲା ଜମି), ଏହାର ଚାରିପାର୍ଶ୍ୱରେ- ଉତ୍ତର: ସରକାରୀ ଜମି, ଦକ୍ଷିଣ: ପ୍ଲଟ୍ ନଂ. ୧୮୫ର ଅଂଶ, ପ୍ଲଟ୍ ନଂ. ୪୫୨ ଏବଂ ପ୍ଲଟ୍ ନଂ. ୧୮୪ର ଅଂଶ, ପୂର୍ବ: ସରକାରୀ ଜମି, ପଶ୍ଚିମ: ପ୍ଲଟ୍ ନଂ. ୧୮୦ ଏବଂ **(ଖ)** ପ୍ଲଟ୍ ନଂ.: ୧୮୬, ବିକ୍ରୟ କ୍ଷେତ୍ର: ଏକର୦.୯୮୦ଡିସିମିଲି, ସମ୍ପୂର୍ଣ୍ଣ ପ୍ଲଟ୍, କିସମ: ଘରବାରୀ (ଖୋଲା ଜମି), ଏହାର ଚାରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୮୦, ଦକ୍ଷିଣ: ପ୍ଲଟ୍ ନଂ. ୨୧୭, ପୂର୍ବ: ପ୍ଲଟ୍ ନଂ. ୧୮୫, ପଶ୍ଚିମ: ପ୍ଲଟ୍ ନଂ. ୧୮୭, ଜିଲ୍ଲା: ଖୋର୍ଦ୍ଧା, ଥାନା ନଂ. ୧୧୭, ତହସିଲ: ଖୋର୍ଦ୍ଧା, ଖୋର୍ଦ୍ଧା ସବ୍-ରେଜିଷ୍ଟ୍ରାରଙ୍କ ଅଧିନସ୍ଥ, ଭୁବନେଶ୍ୱର, ଓଡ଼ିଶା (ଚୌହଦି: ବିକ୍ରୟ ଦଲିଲ ଅନୁଯାୟୀ) | ଟ୨,୭୭,୩୩,୩୭୮.୭୦ + ୩୧.୦୩.୨୦୧୯ ଠାରୁ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୮.୦୩.୨୦୨୧ ଅପରାହ୍ନ ୨ ଘଟିକାରୁ ସନ୍ଧ୍ୟା ୬ ଘଟିକା | ଟ.୨୯,୧୬,୦୦୦/- / ଟ.୨,୯୧,୬୦୦/- / ଟ.୧୦,୦୦୦/- | ଭୌତିକ | ୦୯.୦୩.୨୦୨୧ ଏବଂ ୧୦.୦୩.୨୦୨୧ |
| | | **୨) ମେସର୍ସ ଓଡ଼ୀଶା ମାଟମାର୍ଟର** ନାମରେ ଥିବା ଜମି ଯାହାର ମୌଜା: ଗୋବିନ୍ଦପୁର, ଖାତା ନଂ.: ୮୪, ସ୍ଥିତିବାନ, ପ୍ଲଟ୍ ନଂ.: ୨୨, ବିକ୍ରୟ କ୍ଷେତ୍ର: ଏକର୩.୧୫୫ଡିସିମିଲି, ସମ୍ପୂର୍ଣ୍ଣ ପ୍ଲଟ୍, କିସମ: ଘରବାରୀ (ଖୋଲା ଜମି), ଏହାର ଚାରିପାର୍ଶ୍ୱରେ- ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ସରକାରୀ ରାସ୍ତା ଏବଂ ପ୍ଲଟ୍ ନଂ. ୭୫୬, ପୂର୍ବ: ପ୍ଲଟ୍ ନଂ. ୭୭୪, ୨୩ ଏବଂ ୨୫, ପଶ୍ଚିମ: ସରକାରୀ ରାସ୍ତା, ଜିଲ୍ଲା: ଖୋର୍ଦ୍ଧା, ଥାନା: ଜଟଣୀ, ଥାନା ନଂ. ୪୬, ତହସିଲ: ଜଟଣୀ, ଜଟଣୀ ସବ୍-ରେଜିଷ୍ଟ୍ରାର ଏବଂ ଖୋର୍ଦ୍ଧା ଜିଲ୍ଲା ସବ୍-ରେଜିଷ୍ଟ୍ରାରଙ୍କ ଅଧିନସ୍ଥ, ଭୁବନେଶ୍ୱର, ଓଡ଼ିଶା (ଚୌହଦି: ବିକ୍ରୟ ଦଲିଲ ଅନୁଯାୟୀ) | | | ଟ.୨,୦୪,୦୮,୦୦୦/- / ଟ.୨୦,୪୦,୮୦୦/- / ଟ.୧୦,୦୦୦/- | ଭୌତିକ | |

ନିଲାମର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ, ଲିଙ୍କ୍ **https://www.bankofbaroda.in/e-auction.htm** ଏବଂ **https://ibapi.in** ଦେଖନ୍ତୁ।

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୫), ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନିମନ୍ତେ ୧୫ ଦିନିଆ ନୋଟିସ୍।

ନିଲାମ ପ୍ରକ୍ରିୟାର ଅମାନତ ରାଶି / ନିଲାମ ରାଶି ଜମା କରିବାର ଆକାଉଣ୍ଟ ନମ୍ବର: **54560015181869, IFSC-BARB0ARMCUT (fifth character is zero)** ବ୍ୟାଙ୍କ ଅଫ୍ ବରୋଦାରେ ଜମା କରାଯିବ।

ସ୍ଥାନ: କଟକ, ତାରିଖ: ୦୧.୦୩.୨୦୨୧ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା



## PERSONNEL REQUIRED

Applications invited for post of Team Leader (2 nos.) in Odisha Forestry Sector Development Project (OFSDP) run by Viswa Yuva Kendra, Angul in Divisional Management Unit, Athmallik.
**Qualification:** Graduate in Rural Development, Rural Management, Forestry, Agriculture, Social Work, Sociology, Plant Sciences, Environmental Sciences or allied areas.
**Experience:** Minimum 6 years of relevant experience and 3 years as Team Leader/Project Coordinator.
**Last date of Application:** 05.03.2021 (Selected candidates must be ready to join on 8 March).
**Send Application with Bio-Data to vyk.angul@gmail.com, (Contact: 9437191043/ 9556138143)**
An amount of Rs. 3,000 is sent here with for favour of your kind information and necessary action.
**Sd./- MANOJ K. MOHAPATRA, Member Secretary**



**LIC** ଭାରତୀୟ ଜୀବନ ବୀମା ନିଗମ LIFE INSURANCE CORPORATION OF INDIA

## ଭାରତୀୟ ଜୀବନ ବୀମା ନିଗମ

ପୂର୍ବ ମଧ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ, ଇଞ୍ଜିନିୟରିଂ ବିଭାଗ
'ଜୀବନ ଦୀପ', ଏକ୍ସିବିଶନ୍ ରୋଡ୍, ପାଟନା-୮୦୦୦୦୧।
ଫୋନ୍ ନଂ.: ୦୬୧୨-୨୫୦୧୧୧୮/୨୫୦୩୦୧୪
(ଆଇଏସ୍ଓ ୯୦୦୧:୨୦୧୫ ପ୍ରମାଣିତ ବିଭାଗ)

### "ପ୍ରତିଯୋଗିତାମୂଳକ ଟେଣ୍ଡର"

ଭାରତୀୟ ଜୀବନ ବୀମା ନିଗମ ନିମ୍ନଲିଖିତ କାର୍ଯ୍ୟ ପାଇଁ ଯୋଗ୍ୟ ବିଡରମାନଙ୍କଠାରୁ ଓ୍ୱେବସାଇଟ୍ http://www.tenderwizard.com/LIC ମାଧ୍ୟମରେ ଇ-ଟେଣ୍ଡର ଆହ୍ୱାନ କରୁଛି:

| | |
| --- | --- |
| ବିଡ୍ ନଂ. | ଏଲ୍‌ଆଇସିଆଇ/ଇସିଜେଡ୍‌ଓ/୨୦୨୦-୨୧/୧୭ |
| କାର୍ଯ୍ୟର ବର୍ଣ୍ଣନା | ଭୁବନେଶ୍ୱର ପୋଖରୀପୁଟ ସ୍ଥିତ ନିର୍ମାଣାଧୀନ ଡିଭିଜନାଲ ଅଫିସ୍, ଓଡ଼ିଶା ଅଧୀନରେ ପ୍ରସ୍ତାବିତ ଆଧୁନିକୀକରଣ, ବୈଦ୍ୟୁତିକ, ଡାଟା ଏବଂ ଟେଲିଫୋନ୍ କେବଲିଂ, ଅଗ୍ନି ନିର୍ବାପନ, ଏୟାର କଣ୍ଡିସନିଂ ଓ ତତ୍‌ସମ୍ପର୍କିତ କାର୍ଯ୍ୟ। |
| ଅଟକଳ ମୂଲ୍ୟ | ଟ.୨୧୨.୧୫ ଲକ୍ଷ |
| ବିକ୍ରୟ ଅବଧି | ତା୦୧।୦୩।୨୦୨୧ରୁ ୧୯।୦୩।୨୦୨୧ରିଖ |
| ବିଡ୍ ଦାଖଲ ସମାପ୍ତି ତାରିଖ ଓ ସମୟ | ତା୨୦।୦୩।୨୦୨୧ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ |
| ଯୋଗାଯୋଗ ଇମେଲ୍ | ecz_engg@licindia.com |

ଦ୍ରଷ୍ଟବ୍ୟ: ଉପରୋକ୍ତ ଟେଣ୍ଡର ସଂକ୍ରାନ୍ତରେ କୌଣସି ଯୋଗପତ୍ର/ଶୁଦ୍ଧିପତ୍ର/ବିକ୍ରୟ ତାରିଖ ବୃଦ୍ଧି କେବଳ ଓ୍ୱେବସାଇଟ୍ **http://www.tenderwizard.com/LIC** ଏବଂ **http://www.licindia.in/tenders** ରେ ଜାରି କରାଯିବ ଏବଂ ପ୍ରେସ୍‌ରେ କୌଣସି ପୃଥକ୍ ଅଧିସୂଚନା ଜାରି କରାଯିବ ନାହିଁ। ତେଣୁ ବିଡରମାନଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିଜକୁ ସର୍ବଦା ସୂଚିତ ରଖିବା ପାଇଁ କଥିତ ଓ୍ୱେବସାଇଟ୍ ନିୟମିତ ଭାବେ ପରିଦର୍ଶନ କରିବେ।
**ତାରିଖ: ୦୧।୦୩।୨୦୨୧** — **ଚିଫ୍ ଇଞ୍ଜିନିୟର**



## OFFICE OF THE EXECUTIVE ENGINEER, R.W.S. & S DIVISION, GAJAPATI PARALAKHEMUNDI, ODISHA

E-mail: eerwssgjp@gmail.com, Ph.No.-06815-224803
No.O-1162:- **Invitation of Bid Through E-Tendering**
**Bid Identification No. EE/RWS&S/ GPT/28 of year 2020-21**

1. The Executive Engineer, RWS&S Division, Gajapati, on behalf of Governor of Odisha, invites percentage rate bids in single cover system in ONLINE MODE for Rural Piped Water Supply Projects as detailed in the DTCN to be hoisted in the website www.tenderorissa.gov.in. The eligible class of contractors may offer their bids for e-procurement.
2. No. of works : 06
3. Estimated cost : Ranging from approx. 9.20 to Rs.240.375 lakhs.
4. Period of completion : 04 to 12 calendar months
5. Tender cost : Rs.6000 to Rs.10000/- as mentioned in the Annexure.
6. Class of contractor : 'D', 'C', 'B' & 'A'
7. Date & time of availability of bid in the website : 03.03.2021 to 12.03.2021 upto 5 P.M.
8. Last date & time for seeking tender clarification : 11.03.2021 upto 5.00 P.M.
9. Last date & time for receipt of bids : 12.03.2021 upto 5.00 P.M.
10. Date & time of opening of technical & financial bids : 13.03.2021 at 11.00 A.M.
11. Further details can be had in the website www.tenderorissa.gov.in only.
12. The contractors who have been awarded with the work orders for execution of any work under this Division earlier, but, on some account or the other, have not successfully completed the same within the stipulated period and have remained defaulter for considerable period of time are debarred from participating in the tender process.
13. Authority reserves the right to reject any or all the tenders without assigning any reason thereof.

Enclosed:- The details of the works in annexure attached herewith for reference.

**Sd./- Executive Engineer, RWS&S Division, Gajapati, Paralakhemundi**
OIPR-25025/11/0023/2021

## ଅନୁଗୋଳରୁ ୨ ପଜିଟିଭ ଚିହ୍ନଟ

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲାରୁ ରବିବାର ୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୧୨ହଜାର ୩୫୬ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଅନୁଗୋଳ ଏବଂ ଛେଣ୍ଡିପଦା ବ୍ଲକର ଜଣେ ଲେଖାଏଁ ଅଛନ୍ତି। ଅନ୍ୟପଟେ ରବିବାର ଜିଲାରୁ କୌଣସି ଆକ୍ରାନ୍ତ ସୁସ୍ଥ ହୋଇ ନ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଆଜି କ'ଣ କେଉଁଠି

ଭୁବନ

- ଭୁବନ ମଣ୍ଡଳ ପାଲାଗାୟକ ସଂଘର ବାର୍ଷିକ ବାଦିପାଲା ସମ୍ମିଳନୀ। **ସ୍ଥାନ:** ସୁରପ୍ରତାପପୁର। **ସମୟ:** ପୂର୍ବାହ୍ନ ୧୦ଟା।

## ଅଷ୍ଟପ୍ରହର ନାମଯଜ୍ଞ



**ବଇଣ୍ଡା, ୨୮।୨(ଡି.ଏନ.ଏ.):** କିଶୋରନଗର ବ୍ଲକ ଲୁହାମୁଣ୍ଡା ପଞ୍ଚାୟତ ଅଧୀନ ବିଡିଶିଙ୍ଗି ଗ୍ରାମରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଛି। କଳସଯାତ୍ରା ପରେ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଆଖପାଖ ଅଞ୍ଚଳର ବହୁ ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇଥିଲେ। ସେହିପରି ଅଙ୍ଗପଡ଼ା ପଞ୍ଚାୟତ ତୁରୁଡ଼ା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୈବସ୍ୱତ ସାହୁ, ଆନନ୍ଦ ସାହୁ, ଅନିଲ ରାଉଳ, ଇନ୍ଦ୍ରମଣି ଆଚାର୍ଯ୍ୟ, ବିପିନ ସାହୁ, ସୁଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କାମାକ୍ଷାନଗର, ୨୮।୨(ଡି.ଏନ.ଏ.):** ପରଜଙ୍ଗ ଥାନା ପଥରଖମ୍ବ ପଞ୍ଚାୟତ ଅନ୍ତର୍ଗତ ଯୌତୁକପଶି-ଚଣ୍ଡୀପଶି ଆମ୍ବତୋଟାରୁ ରବିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ପୋଲିସ ଜବତ କରିଛି। ମୃତକ ହେଲେ ସୋମନାଥ ସାହୁ (୨୨)। ସେ ଆତ୍ମହତ୍ୟା କରିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡ଼ିଛି। ହେଲେ କେଉଁ କାରଣରୁ ସୋମନାଥ ଏଭଳି ଚରମ ପଦକ୍ଷେପ ନେଲେ ତାହା ଅସ୍ପଷ୍ଟ ରହିଛି। ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ ସଦଳବଳ ପହଞ୍ଚି ମୃତଦେହ ଜବତ କରଥିଲେ।

## ଖବରଦାତା ସଂଘର ନୂତନ କର୍ମକର୍ତ୍ତା

**ଭୁବନ, ୨୮।୨(ଡି.ଏନ.ଏ.):** ଭୁବନ ବ୍ଲକ ଖବରଦାତା ସଂଘର ନୂତନ କର୍ମକର୍ତ୍ତା ଚୟନ ସ୍ଥାନୀୟ ବାଜି ରାଉତ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ବିପିନ ବିହାରୀ ସେଠୀ, ଉପସଭାପତି ଗୌତମ ପାତ୍ର, ସମ୍ପାଦକ ସରୋଜ ସାହୁ, ସହ ସମ୍ପାଦକ ପ୍ରମୋଦ ଗୁରୁ, କୋଷାଧ୍ୟକ୍ଷ ମନୋଜ ପୋଥାଳ, କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ସାହୁ, ସଙ୍ଗଠନ ସମ୍ପାଦକ ଉଦୟ ପ୍ରଧାନଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଏଥିସହିତ ୯ଜଣିଆ କୋର୍ କମିଟିରେ ବରିଷ୍ଠ ଖବରଦାତା ଅଲେଖ ଚନ୍ଦ୍ର ତ୍ରିପାଠୀ, ବିପିନ ବିହାରୀ ସେଠୀ, ସରୋଜ ସାହୁ, ପ୍ରମୋଦ ଗୁରୁ, କୃଷ୍ଣଚନ୍ଦ୍ର ସାହୁ, ଅରୁଣ ସାହୁ, ଉଦୟ ପ୍ରଧାନ, ଗୌତମ ପାତ୍ର, ପପୁ ସାହୁ ସ୍ଥାନ ପାଇଛନ୍ତି। କାର୍ଯ୍ୟକ୍ରମରେ ୨୦ରୁ ଊର୍ଦ୍ଧ୍ୱ ଖବରଦାତା ଉପସ୍ଥିତ ଥିବାବେଳେ ଚୈତନ୍ୟ ସାହୁ ଧନ୍ୟବାଦ ଦେଇଥିଲେ।

## ଉପନ୍ୟାସ 'ସାଇତା ଲିମ୍ଫ' ଉନ୍ମୋଚିତ



**ତାଳଚେର, ୨୮।୨(ନି.ପ୍ର.)** ଭୁବନେଶ୍ୱର ରାଜଭବନଠାରେ ଶୁକ୍ରବାର କାଳିନ୍ଦୀ ସାମଲଙ୍କ ଦ୍ୱିତୀୟ ଉପନ୍ୟାସ 'ସାଇତା ଲିମ୍ଫ' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ରାଜ୍ୟପାଳ ଏହି ଉପନ୍ୟାସର ପାଠକୀୟ ସଫଳତା କାମନା କରିଛନ୍ତି। ଉପନ୍ୟାସରେ ଭାରତୀୟ ଜନଜୀବନର ଚଳଣି, ସଂସ୍କୃତି, ପରମ୍ପରା ଓ ଶିକ୍ଷଣୀୟ ବିଷୟକୁ ପ୍ରାଧାନ୍ୟ ଦିଆଯାଇଛି। ସୁଖଦୁଃଖ, ପରିବାର ଲୋକଙ୍କ ଆବେଗକୁ ପୌରାଣିକ ରୁଢ଼ି ଏବଂ ଶବ୍ଦ ମାଧ୍ୟମରେ ବର୍ଣ୍ଣନା କରାଯାଇଛି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ବିଶିଷ୍ଟ ଗୀତିକାର ପଞ୍ଚାନନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବାହ୍ୟ ମଳମୁକ୍ତ ଗାଁ ବାହୁସ୍ଫୋଟ

**ବିପିନ ବିହାରୀ ସେଠୀ**
**ଭୁବନ, ୨୮।୨**




- ଫଳକ ମାରି ପ୍ରଶାସନ ନେଉଛି ବାହାବା
- ଠିକାଦାରଙ୍କୁ ଦାୟିତ୍ୱ ଟେକିଦେଇ ଚୁପ୍
- ଅଧିକାଂଶ ପାଇଖାନା ଅଧାପନ୍ତରିଆ
- ଜାଳେଣି, ଘଷି ରଖୁଛନ୍ତି ହିତାଧିକାରୀ

ଗାଁ ହେବ ସ୍ୱଚ୍ଛ। ବାହ୍ୟ ମଳମୁକ୍ତ ପରିବେଶ ଲାଗି ପ୍ରତି ଘରେ ତିଆରି ହେବ ପାଇଖାନା। ଏଭଳି ମହତ୍ ଉଦ୍ଦେଶ୍ୟ ରଖି ସ୍ୱଚ୍ଛ ଭାରତ ଅଭିଯାନରେ ଖର୍ଚ୍ଚ ହେଉଛି ଅଜସ୍ର ଟଙ୍କା। ବିଜ୍ଞାପନ, ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ ମାନସିକତା ବଦଳାଇବାକୁ ପ୍ରୟାସ ଚାଲିଛି। ହେଲେ ତୃଣମୂଳସ୍ତରରେ ସ୍ୱଚ୍ଛ ଗାଁ ପାଲଟିଛି ଧୂଆଁବାଣ। ପାଇଖାନା ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟ ପୂରଣ ହୋଇ ନ ଥିବାବେଳେ ବାହ୍ୟ ମଳମୁକ୍ତ ଘୋଷଣା କରି ବାହୁସ୍ଫୋଟ ମାରୁଛି ପ୍ରଶାସନ। ଠିକାଦାରଙ୍କୁ ଦାୟିତ୍ୱ ଟେକିଦେଇ ବିଭାଗ ଚୁପ୍ ବସିଥିବାବେଳେ ଅଧିକାଂଶ ଶୌଚାଳୟ ଅଧାପନ୍ତରିଆ ହୋଇପଡ଼ିଛି। ଅନ୍ୟପଟେ ବ୍ୟବହାରରେ ଆସୁ ନ ଥିବା ପାଇଖାନା ଘରେ ହିତାଧିକାରୀ ଜାଳେଣି ରଖୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲା ଭୁବନ ବ୍ଲକ ଏକତାଳି ପଞ୍ଚାୟତର ଚନ୍ଦାର ଗ୍ରାମରେ, ଯାହା ସ୍ୱଚ୍ଛ ଗାଁର ପ୍ରକୃତ ଚିତ୍ରକୁ ପଦାରେ ପକାଇଛି।

ଏକତାଳି ପଞ୍ଚାୟତର ଚନ୍ଦାର ଗ୍ରାମକୁ ୨୦୧୮ ଡିସେମ୍ବର ୧୭ରେ ବାହ୍ୟ ମଳମୁକ୍ତ ଗାଁ ଘୋଷଣା କରାଯାଇଥିଲା। ଏହାକୁ ଆଦର୍ଶ ଗାଁ ଭାବେ ଗ୍ରହଣ କରାଯିବା ସହ ଗ୍ରାମର ପ୍ରବେଶ ପଥରେ ମରାଯାଇଥିଲା ଫଳକ। ଏହି ଘୋଷଣାକୁ ୨ବର୍ଷ ବିତିଲାଣି। ହେଲେ ଚନ୍ଦାର ଗ୍ରାମର ସବୁ ଘରେ ପାଇଖାନା ନିର୍ମାଣ ସ୍ୱପ୍ନ ପାଲଟିଛି। ଫଳରେ ଲୋକମାନେ ପୂର୍ବଭଳି ଏବେ ବି ବାହାରେ ମଳତ୍ୟାଗ କରୁଛନ୍ତି। ତେବେ ଶତ ପ୍ରତିଶତ ପାଇଖାନା ନିର୍ମାଣ ଲକ୍ଷ୍ୟ ପୂରଣ ପୂର୍ବରୁ କିଭଳି ଗାଁକୁ ବାହ୍ୟ ମଳମୁକ୍ତ ଘୋଷଣା କରାଗଲା, ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ପାଇଖାନା ନିର୍ମାଣରେ ଲକ୍ଷାଧିକ ଟଙ୍କା ବାଟମାରଣା ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଚନ୍ଦାର ଗ୍ରାମର ମୋଟ ପରିବାର ସଂଖ୍ୟା ୬୩୫ ଏବଂ ଜନସଂଖ୍ୟା ୧୧୦୦। ଗ୍ରାମରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ଠିକାଦାରଙ୍କ ମାଧ୍ୟମରେ ୩୧୨ ପାଇଖାନା ନିର୍ମାଣ କରାଯାଇଥିବା ସରକାରୀ ତଥ୍ୟ କହୁଛି। ପ୍ରତି ପାଇଖାନା ଲାଗି ଖର୍ଚ୍ଚ ହୋଇଛି ୧୦,୦୦୦ ଟଙ୍କା। ହେଲେ ଅଧିକାଂଶ ପାଇଖାନା ଏବେ ଅଧାପନ୍ତରିଆ ଅବସ୍ଥାରେ ରହିଛି। କେଉଁଠି ଟାଙ୍କି ତିଆରି ହୋଇନି ତ ଆଉ କେଉଁଠି ପ୍ୟାନ୍ ବସିନି। ଅନ୍ୟ କେତେକ ସ୍ଥାନରେ ପାଇଖାନା ଘରେ ଆଜବେଷ୍ଟସ ପଡ଼ିନି। ସମ୍ପୂର୍ଣ୍ଣ ବ୍ୟବହାର ଉପଯୋଗୀ ହୋଇ ନ ଥିବାରୁ ଅର୍ଦ୍ଧନିର୍ମିତ ଶୌଚାଳୟରେ ହିତାଧିକାରୀମାନେ ଘଷି, ଜାଳେଣି ରଖୁଛନ୍ତି। ଅନ୍ୟ କେତେକ ତାଲିକାଭୁକ୍ତ ହିତାଧିକାରୀଙ୍କ ଲାଗି ଏଯାଏ ପାଇଖାନାଟେ ସ୍ୱପ୍ନ ପାଲଟିଛି। ଏ ସଂକ୍ରାନ୍ତରେ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଯାଏ ଗ୍ରାମବାସୀ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମର ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଦାୟିତ୍ୱହୀନ ଭାବେ କାର୍ଯ୍ୟ କରିଥିବା ଠିକାଦାର ଏବଂ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି।

ଏ ସଂକ୍ରାନ୍ତରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦେବାନନ୍ଦ ଦଳେଇ କୁହନ୍ତି, ସେ ଅଳ୍ପଦିନ ହେବ ବ୍ଲକର ଦାୟିତ୍ୱ ନେଇଛନ୍ତି। ପୂର୍ବତନ କନିଷ୍ଠ ଯନ୍ତ୍ରୀ ଠିକାଦାରଙ୍କ ଜରିଆରେ ପାଇଖାନା ନିର୍ମାଣ କରାଇଥିଲେ। ଚନ୍ଦାର ଭଳି ଅନେକ ଗ୍ରାମରୁ ସମାନ ଅଭିଯୋଗ ଆସୁଛି। ଏ ସଂକ୍ରାନ୍ତରେ ଜିଲାସ୍ତରୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ତଦନ୍ତ ପରେ କାର୍ଯ୍ୟରେ ଅବହେଳା କରିଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅଧାରେ ଅଟକିଥିବା ପାଇଖାନାଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବା ଦିଗରେ ପଦକ୍ଷେପ ନିଆଯିବ।

### ବାହାରକୁ ଶୌଚ ହେବାକୁ ଯାଉଛୁ



"ପାଇଖାନା ନିର୍ମାଣ ପରେ ଘରର ଝିଅବୋହୂଙ୍କୁ ଶୌଚ ହେବାକୁ ବାହାରକୁ ଯିବାକୁ ପଡ଼ିବ ନାହିଁ ବୋଲି ଭାବିଥିଲି। ହେଲେ ପାଇଖାନା ଅଧାପନ୍ତରିଆ ହୋଇପଡ଼ିଛି। ଠିକାଦାର ଟାଙ୍କି ତିଆରି କରି ନ ଥିବାରୁ ବ୍ୟବହାରରେ ଆସୁନାହିଁ। ତେଣୁ ଜାଳେଣି, ଘଷି ରଖୁଛୁ। ଆଗପରି ଏବେ ବି ବାହାରକୁ ଶୌଚ ହେବାକୁ ଯିବାକୁ ପଡୁଛି।

-ଆଦିକନ୍ଦ ସାହୁ, ଗ୍ରାମବାସୀ

### ଫଳକରେ କାମ ସାରିଦେଇଛନ୍ତି



"ପାଇଖାନା ନିର୍ମାଣ ପୂର୍ବରୁ ପରିବାରର ସମସ୍ତଙ୍କ ନାମ ପଞ୍ଜୀକରଣ ହୋଇଥିଲା। ଠିକାଦାର ଏବଂ ସ୍ଥାନୀୟ ଜନପ୍ରତିନିଧି ଆସି ପାଇଖାନା ବ୍ୟବହାରର ସୁବିଧା ସୁଯୋଗ ବିଷୟରେ ବୁଝାଇଥିଲେ। ଘରେ ଶୌଚାଳୟ ନିର୍ମାଣ ଲାଗି ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏଯାଏ ଏହି ସୁବିଧାରୁ ବଞ୍ଚିତ ହୋଇ ରହିଛୁ। କେବଳ ଫଳକ ଲଗାଇ କାମ ସାରିଦେଇଛନ୍ତି।

-ନାରାୟଣ ମନ୍ତ୍ରୀ, ଗ୍ରାମବାସୀ

### ଅଧାରେ ଅଟକିଛି



"ଆମ ପରିବାରକୁ ମଞ୍ଜୁର ହୋଇଥିବା ପାଇଖାନା ଅଧାରେ ଅଟକିଛି। କାନ୍ଥରେ ସମସ୍ତ ବିବରଣୀ ଲେଖାଯାଇଛି। ହେଲେ ପାଇଖାନା କାମ ଶେଷ ନ କରି ଠିକାଦାର ପଳାଇଛନ୍ତି। ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଶୁଣିବାକୁ ମିଳୁଛି, ଆମ ନାମରେ ଅର୍ଥ ବାଟବାରଣା ହୋଇଛି। ତଦନ୍ତ କଲେ ପ୍ରକୃତ କଥା ଜଣାପଡ଼ିବ।

-ବାସନ୍ତୀ ରାଉତ, ଗ୍ରାମବାସୀ

### କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ



"ଚନ୍ଦାର ଗ୍ରାମର ଅଧାପନ୍ତରିଆ ପାଇଖାନା ନିର୍ମାଣ ସମ୍ପର୍କରେ ଅଭିଯୋଗ ମିଳିଛି। ସୋମବାର ବିଡିଓଙ୍କ ସହ ଆଲୋଚନା କରି କାର୍ଯ୍ୟରେ ଅବହେଳା କରିଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଆବଶ୍ୟକ ପଦକ୍ଷେପ ନିଆଯିବ।

-ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଉପଜିଲାପାଳ

# ପ୍ରତିଭାବାନ ଛାତ୍ରଙ୍କ ପାଇଁ ଗୁରୁ ଗର୍ବିତ

**ଢେଙ୍କାନାଳ ଅଫିସ, ୨୮।୨**

### ବ୍ରଜବନ୍ଧୁ ରଣସିଂହଙ୍କୁ ନୃତ୍ୟାଙ୍ଗନା ସମ୍ମାନ



ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟାଙ୍ଗନା ପକ୍ଷରୁ ୬ଷ୍ଠ 'ନୃତ୍ୟାଙ୍ଗନା ସମ୍ମାନ ଉତ୍ସବ' ରବିବାର ସନ୍ଧ୍ୟା ୭ଟାରେ ସ୍ଥାନୀୟ ଗୋପବନ୍ଧୁ ଟାଉନହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଏମ୍‌ପି ମହେଶ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ପ୍ରତିଭାବାନ ଛାତ୍ରୀଛାତ୍ରଙ୍କ ପାଇଁ ଗୁରୁ ସବୁବେଳେ ଗର୍ବିତ। ଯୁବ କଳାକାର ସୃଷ୍ଟି କରିବାରେ ନୃତ୍ୟାଙ୍ଗନାର ଅବଦାନ ପ୍ରଶଂସନୀୟ। ଏହି ଧାରା ବଳବତ୍ତର ରହୁ ବୋଲି ଏମ୍‌ପି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡ. ଭବାନୀ ଶଙ୍କର ମିଶ୍ର, ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ, ସହକାରୀ ଜିଲାପାଳ ବବିତା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଶୀ ନୃତ୍ୟରେ ଢେଙ୍କାନାଳ ଜାତୀୟସ୍ତରରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛି। ପ୍ରତିଭାବାନ କଳାକାରଙ୍କ ଦକ୍ଷତାକୁ ଲୋକଲୋଚନକୁ ଆଣିବାରେ ଏଭଳି ଉତ୍ସବ ପ୍ରକୃଷ୍ଟ ମାଧ୍ୟମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗୁରୁ ବ୍ରଜବନ୍ଧୁ ରଣସିଂହଙ୍କୁ 'ନୃତ୍ୟାଙ୍ଗନା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଗୁରୁ ସୁବାସ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ ନୃତ୍ୟ' ଦର୍ଶକଙ୍କ କରତାଳି ସାଉଁଟିଥିଲା। ଏଥିସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# କିରୋସିନ ଢାଳି ହୋଇ ମହିଳାଙ୍କ ଆତ୍ମହତ୍ୟା

**ଢେଙ୍କାନାଳ ଅଫିସ, ୨୮।୨**

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ସୁରଭି ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଭାବନୀୟ ଘଟଣା ଘଟିଛି। ପାରିବାରିକ ବିବାଦରୁ କିରୋସିନ ଢାଳି ହୋଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସଲିଳା ସାମଲ। ପୋଲିସ ସୂଚନା ଅନୁଯାୟୀ, କମଳାଙ୍ଗ ଗ୍ରାମର ସଲିଳା ୨୦୧୦ରେ ସୁରଭି ଗ୍ରାମର ଟୁନା ସାମଲଙ୍କୁ ବିବାହ କରିଥିଲେ। ସେମାନଙ୍କ ୨ କନ୍ୟା ସନ୍ତାନ ଅଛନ୍ତି। ଶନିବାର ବିଳମ୍ବିତ ରାତିରେ ସଲିଳା ଗାଧୁଆଘରେ କିରୋସିନ ଢାଳି ହୋଇ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଚିତ୍କାର ଶୁଣି ପରିବାର ଲୋକେ ପହଞ୍ଚିଥିଲେ। ସେତେବେଳକୁ ସଲିଳାଙ୍କ ମୃତ୍ୟୁ ହୋଇଯାଇଥିଲା। ରବିବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। କୌଣସି କାରଣକୁ ନେଇ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ବିବାଦ ରହିଥିବା ପୋଲିସ ସନ୍ଦେହ କରୁଛି। ଏ ସଂକ୍ରାନ୍ତରେ ନଂ. ୪/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ସରୋଜିନୀ ସାମ୍ଭାଡା ସୂଚନା ଦେଇଛନ୍ତି।

# ଯୁବତୀଙ୍କୁ ଅପହରଣ ପରେ ବଳାତ୍କାର

**ବଇଣ୍ଡା, ୨୮।୨(ଡି.ଏନ.ଏ.)**

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଗାମୁଣ୍ଡା ଗ୍ରାମର ଦିବ୍ୟରଞ୍ଜନ ସାହୁ ତାଙ୍କୁ ବଳାତ୍କାର କରିଥିବା ପୀଡ଼ିତା ରବିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୫୭/୨୧ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗରୁ ଜଣାପଡ଼ିଛି, ଗତ ଫେବୃୟାରୀ ୧୯ରେ ସମ୍ପୃକ୍ତା ଯୁବତୀ ଘର ପଛ ପାଖକୁ ଶୌଚ ହେବାକୁ ଯାଇଥିବାବେଳେ ଠାକୁରମୁଣ୍ଡା ଥାନା ଅଗାମୁଣ୍ଡା ଗ୍ରାମର ଦିବ୍ୟରଞ୍ଜନ ସାହୁ, ବିଦ୍ୟାଧର ସାହୁ, କ୍ଷୀରୋଦ ନାୟକ, ନାରାୟଣ ବେହେରା ଅପହରଣ କରିନେଇଥିଲେ। ଦିବ୍ୟରଞ୍ଜନ ଯୁବତୀଙ୍କୁ ଧରି ରାଉରକେଲା ଅଭିମୁଖେ ପଳାଇଥିଲେ। ସେଠାରେ ଏକ ବନ୍ଦ ଘରେ ରଖି ୩ଦିନ ଧରି ବଳାତ୍କାର କରିଥିଲେ। ପୀଡ଼ିତା କୌଶଳକ୍ରମେ ସେଠାରୁ ଖସିଆସି ସ୍ଥାନୀୟ ଥାନାର ଦ୍ୱାରସ୍ଥ ହୋଇଥିଲେ। ସୂଚନା ପାଇ ଠାକୁରଗଡ଼ ପୋଲିସ ତାଙ୍କୁ ଉଦ୍ଧାର କରିଛି। ଅଭିଯୁକ୍ତମାନେ ଫେରାର ଥିବା ପୋଲିସ କହିଛି।

# ବୈଜ୍ଞାନିକଙ୍କ ଜୀବନୀ ଉପରେ ଆଲୋଚନା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ତାଳଚେର, ୨୮।୨(ନି.ପ୍ର.)**

ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରବିବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପରିଚାଳନା ସମିତି ସମ୍ପାଦକ ବିଭୁତି ଭୂଷଣ ସ୍ୱାଇଁ, ସମ୍ମାନିତ ଅତିଥି ବିଜ୍ଞାନ ପ୍ରମୁଖ ଆଚାର୍ଯ୍ୟ ଚତୁର୍ଭୁଜ ସାହୁ, ମୁଖ୍ୟବକ୍ତା ଆଚାର୍ଯ୍ୟ ରବିନ୍ କୁମାର ବରାଳ ଯୋଗଦେଇଥିଲେ। ଜାତୀୟ ବିଜ୍ଞାନ ଦିବସ ପାଳନର ମହତ୍ତ୍ୱ ଓ ସି.ଭି. ରମଣଙ୍କ ଜୀବନୀ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ ବୈଜ୍ଞାନିକ ଭାରତରତ୍ନ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଆଚାର୍ଯ୍ୟ କମଳ ଲୋଚନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନଲାଇନ୍ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରଶ୍ନବାଚକ, ପ୍ରଶ୍ନମଞ୍ଚ ସମେତ ବୈଜ୍ଞାନିକମାନଙ୍କ ଜୀବନୀ ସମ୍ପର୍କରେ ଭିଡିଓ ପ୍ରସ୍ତୁତି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଚାର୍ଯ୍ୟା ସରସ୍ୱତୀ ସାହୁ, ସ୍ନେହଲତା ସ୍ୱାଇଁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଚାର୍ଯ୍ୟ ଉଦ୍ଧବ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଚନ୍ଦ୍ର ପ୍ରଧାନ, ତ୍ରିଲୋଚନ ବେହେରା, ବୀଣାପାଣି ବାରିକ, ମୋନାଲିସା ମହାନ୍ତି, ସବିତା ସାହୁ, ମଳୟ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଅଧିକ ଉଚ୍ଚତାରେ ଟଣାଗଲା ତାର

**ବଇଣ୍ଡା, ୨୮।୨(ଡି.ଏନ.ଏ.)**

### ଧରିତ୍ରୀ ପ୍ରଭାବ



ପୋତାଯାଇଥିବା ନୂତନ ବିଦ୍ୟୁତ୍ ଖୁଣ୍ଟ।

ଆଠମଲ୍ଲିକ ବ୍ଲକ କୁରୁମଟାପ ପଞ୍ଚାୟତ ଗୁଣ୍ଡୁରୀଖଳି ଗ୍ରାମ ନିକଟ ହାତୀ ଚଲାପଥରେ ଓହଳି ରହିଥିବା ୩ କେଭି ଏଲଟି ଲାଇନକୁ ଅଧିକ ଉଚ୍ଚତାରେ ଟଣାଯାଇଛି। ହାତୀଙ୍କ ସୁରକ୍ଷା ପାଇଁ ଲମ୍ବା ବିଦ୍ୟୁତ୍ ଖୁଣ୍ଟ ପୋତାଯାଇ ବିଦ୍ୟୁତ୍ ତାର ଟଣାଯାଇଛି। ଉକ୍ତ ହାତୀ ଚଲାପଥ ଦେଇ ଉଠା ଜଳସେଚନ ପ୍ରକଳ୍ପକୁ ୩ କେଭି ଲାଇନ୍ ଟଣାଯାଇଥିବାବେଳେ ତାର ଓହଳି ରହିଥିଲା। ହାତୀପଲ ସୁରକ୍ଷା ପାଇଁ ଅଧିକ ଉଚ୍ଚତାରେ ତାର ଟାଣିବାକୁ ଦୀର୍ଘବର୍ଷ ହେଲା ଗ୍ରାମବାସୀ ଦାବି କରି ଆସୁଥିଲେ ମଧ୍ୟ ସୁଫଳ ମିଳୁ ନ ଥିଲା। ଏ ସଂକ୍ରାନ୍ତରେ ଫେବୃୟାରୀ ୨୪ରେ 'ଧରିତ୍ରୀ'ରେ 'ହାତୀ ସୁରକ୍ଷା ପ୍ରତି ହତାଦର' ଶୀର୍ଷକ ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହାକୁ ବେଲାଡୁଲା ଗ୍ରାମର ସାମାଜିକ କର୍ମୀ ପ୍ରତାପ ମେହେର ମୁଖ୍ୟମନ୍ତ୍ରୀ ଏବଂ ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ଟୁଇଟ୍ କରିଥିଲେ। ଏହାପରେ ତାର ଟଣାଯାଇଥିବା ବାଉଁଶକୁ ହଟାଇ ଦିଆଯାଉଛି। ପ୍ରତିବଦଳରେ ଲମ୍ବା ବିଦ୍ୟୁତ୍ ଖୁଣ୍ଟ ପୋତାଯାଇ ଅଧିକ ଉଚ୍ଚତାରେ ବିଦ୍ୟୁତ୍ ତାର ଟଣାଯାଇଛି। ବିଦ୍ୟୁତ୍ ବିଭାଗର ଏଭଳି ପଦକ୍ଷେପ ପରେ ଗୁଣ୍ଡୁରୀଖଳି ଗ୍ରାମବାସୀ 'ଧରିତ୍ରୀ'କୁ ଧନ୍ୟବାଦ ଜଣାଇଛନ୍ତି।

# ଓପିଟିସିଏଲ୍ ଗ୍ରୀଡ୍‌ରେ ପୁଣି ନିଆଁ

**ଢେଙ୍କାନାଳ ଅଫିସ, ୨୮।୨**



ଓପିଟିସିଏଲ୍‌ରେ ଅଗ୍ନିକାଣ୍ଡ।

- କେବୁଲରେ ବିସ୍ଫୋରଣ ପରେ ଅଗ୍ନିକାଣ୍ଡ
- ଅଧିକ କ୍ଷୟକ୍ଷତି ହୋଇ ନ ଥିବା ସୂଚନା

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆସ୍ଥିତ ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ (ଓପିଟିସିଏଲ୍) ମେରାମଣ୍ଡଳୀ ଗ୍ରୀଡ୍ ସବ୍‌ଷ୍ଟେସନରେ ରବିବାର ପୂର୍ବାହ୍ନରେ ପୁଣି ଅଗ୍ନିକାଣ୍ଡ ଘଟିଛି। ଭୂମି ଉପରେ ବିଛାଯାଇଥିବା ଏକ କେବୁଲ ହଠାତ୍ ବିସ୍ଫୋରଣ ହେବାରୁ ନିଆଁ ଲାଗିଯାଇଥିଲା। କେବୁଲ ସଂସ୍ପର୍ଶରେ ଆସି ଆଖପାଖରେ ଥିବା ଘାସ ଜଳିଯାଇଛି। ସୂଚନାପାଇ ଟାଟାଷ୍ଟିଲ୍ ବିଏସ୍‌ଏଲ୍ କମ୍ପାନୀର ଅଗ୍ନିଶମ ଦଳ ପହଞ୍ଚି ଓପିଟିସିଏଲ୍ କର୍ମଚାରୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଯୋଗୁ ଗ୍ରୀଡ୍ ପରିସର କିଛି ସମୟ ଧୂଆଁମୟ ହୋଇଯାଇଥିଲା। ହେଲେ ଏଥିରେ ଅଧିକ କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ୨୧ ତାରିଖ (ରବିବାର)ରେ ଅନୁରୂପ ଭାବେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଗ୍ରୀଡ୍ ଷ୍ଟେଶନର ୩୧୫ ଏମ୍‌ଭିଏ ଟ୍ରାନ୍ସଫର୍ମରରେ ଥିବା ଇନ୍‌ସୁଲେଟରରେ ଶର୍ଟସର୍କିଟରୁ ନିଆଁ ଲାଗି ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା। ଟ୍ରାନ୍ସଫର୍ମରରେ ୧୨ହଜାର ଲିଟର ତେଲ ଥିବାରୁ ନିଆଁ ଖୁବ୍ କମ୍ ସମୟରେ ଆଖପାଖ ଅଞ୍ଚଳକୁ ବ୍ୟାପି ଯାଇଥିଲା। ଅଗ୍ନିକାଣ୍ଡରେ ଟ୍ରାନ୍ସଫର୍ମର, ବିଦ୍ୟୁତ୍ ସରଞ୍ଜାମ ସମେତ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ ଆନୁଷଙ୍ଗିକ ଉପକରଣ ନଷ୍ଟ ହୋଇଯାଇଥିଲା। ଘଟଣା ପରେ ରାଜ୍ୟ ସମେତ ବାହାର ରାଜ୍ୟକୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଥିଲା। ଗ୍ରୀଡ୍ ସବ୍‌ଷ୍ଟେସନରେ ବାରମ୍ବାର ଏଭଳି ଅଗ୍ନିକାଣ୍ଡ ଘଟୁଛି। ଏହାର କାରଣ ସମ୍ପର୍କରେ ଯନ୍ତ୍ରୀ, ଅଧିକାରୀ ମୁହଁ ଖୋଲୁନାହାନ୍ତି। ଫଳରେ ଏହାର ସୁରକ୍ଷା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ବିତରଣ କମ୍ପାନୀଙ୍କ ଉପରେ ବାକି ୧.୩୬ ଲକ୍ଷ କୋଟି

ନୂଆଦିଲ୍ଲୀ,୨୮।୨: ବିଦ୍ୟୁତ୍ ବିତରଣ କମ୍ପାନୀଗୁଡିକ ଉପରେ ଉତ୍ପାଦନ କମ୍ପାନୀଗୁଡିକର ବାକି ୧.୩୬ ଲକ୍ଷ କୋଟି ଟଙ୍କା ଛୁଇଁଛି। ୨୦୨୦ ଡିସେମ୍ବର ସୁଦ୍ଧା ଏହି ବାକିରେ ୨୪% ବଢ଼ିଛି। ଗତ ବର୍ଷ ଡିସେମ୍ବର ସୁଦ୍ଧା ଏହି ବାକି ୧.୧୦ ଲକ୍ଷ କୋଟି ଟଙ୍କା ରହିଥିବା ପ୍ରାପ୍ତି ପୋର୍ଟାଲରୁ ସାମ୍ନାକୁ ଆସିଛି। ୨୦୧୮ ମେ ମାସରେ ଉକ୍ତ ପୋର୍ଟାଲକୁ ଶୁଭାରମ୍ଭ କରାଯାଇଥିଲା। ଶକ୍ତି ଉତ୍ପାଦନକାରୀ କମ୍ପାନୀ ଏବଂ ବିତରଣକାରୀ କମ୍ପାନୀଙ୍କ ମଧ୍ୟରେ ହେଉଥିବା ନେଣଦେଣରେ ସ୍ୱଚ୍ଛତା ଆଣିବା ଲାଗି ଏଭଳି ପୋର୍ଟାଲ ଆସିଥିଲା। ଉତ୍ପାଦନକାରୀ କମ୍ପାନୀ ବିଦ୍ୟୁତ ବିଲ୍ ପ୍ରଦାନ କରିବା ଲାଗି ବିତରଣ କମ୍ପାନୀଙ୍କୁ ୪୫ ଦିନ ସମୟ ଦେଇଥାନ୍ତି। କମ୍ପାନୀ ଦେୟ ପ୍ରଦାନ କରିବାରେ ବିଳମ୍ବ କଲେ ସୁଧ ଦେବାକୁ ହୋଇଥାଏ।

### ଦ୍ୱିତୀୟ ମାସ ଲାଗି ବଢ଼ିଲା ଏଫ୍‌ପିଆଇ ନିବେଶ

ନୂଆଦିଲ୍ଲୀ,୨୮।୨: ଭାରତୀୟ ପୁଞ୍ଜି ବଜାରରେ ଫରେନ ପୋର୍ଟଫୋଲିଓ ନିବେଶକ(ଏଫ୍‌ପିଆଇ)ଙ୍କ ନିବେଶ ଲଗାତର ଦ୍ୱିତୀୟ ମାସ ଲାଗି ବୃଦ୍ଧି ଘଟିଛି। ଫେବୃୟାରୀରେ ଏହି ନିବେଶକମାନେ ୨୩,୬୬୩ କୋଟି ଟଙ୍କା ନିବେଶ କରିଥିବା ଶେୟାର ବଜାର ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ଆର୍ଥିକ ବର୍ଷ ତୃତୀୟ ତ୍ରୈମାସରେ ଉନ୍ନତ ଲାଭ ଏବଂ ସାଧାରଣ ବଜେଟ ୨୦୨୧-୨୨କୁ ନେଇ ନିବେଶକ ବେଶ ଆଶାବାଦୀ ରହିଛନ୍ତି। ଫଳରେ ଭାରତ ପୁଞ୍ଜି ବଜାରରେ ଏହି ନିବେଶକ ସବୁ ନିବେଶ ବଢାଉଥିବା ଦେଖାଯାଉଛି। ଏଫ୍‌ପିଆଇ ୨୫,୭୮୭ କୋଟି ଇକ୍ୱିଟିରେ ନିବେଶ କରିଥିବା ବେଳେ ବଣ୍ଡ ମାର୍କେଟରୁ ୨୧୨୪ କୋଟି ଉଠାଇ ନେଇଛନ୍ତି। ଫଳରେ ଏହି ନିବେଶକଙ୍କ ନେଟ୍ ନିବେଶ ୨୩,୬୬୩ କୋଟି ରହିଛି।

### କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ୨.୨ ଲକ୍ଷ କୋଟି କମିଲା

ନୂଆଦିଲ୍ଲୀ,୨୮।୨: ଭାରତୀୟ ପୁଞ୍ଜି ବଜାରର ସବୁଠାରୁ ୧୦ ମୂଲ୍ୟବାନ କମ୍ପାନୀ ମଧ୍ୟରୁ ୯ କମ୍ପାନୀଙ୍କ ବଜାର ପୁଞ୍ଜୀକରଣ ୨.୨ ଲକ୍ଷ କୋଟି ଟଙ୍କା ହ୍ରାସ ହୋଇଛି। ସେନ୍‌ସେକ୍ସ ୩% ଖସିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିବା ଜଣାପଡିଛି। ୧୦ କମ୍ପାନୀ ମଧ୍ୟରେ ରିଲାଏନ୍ସ କେବଳ ଏକମାତ୍ର କମ୍ପାନୀ ଭାବେ ବଜାର ପୁଞ୍ଜିକରଣରେ ବେଶି ପ୍ରଭାବିତ ହୋଇନାହିଁ। ପ୍ରଭାବିତ ହୋଇଥିବା କମ୍ପାନୀଗୁଡିକ ମଧ୍ୟରେ ଟାଟା ଟେଲିସର୍ଭିସ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ହିନ୍ଦୁସ୍ତାନ ୟୁନିଲିଭର, ଇନଫୋସିସ, ବଜାଜ ଫାଇନାନ୍ସ, କୋଟାକ ମହିନ୍ଦ୍ରା ବ୍ୟାଙ୍କ, ଏସ୍‌ବିଆଇ ଭଳି ଅନ୍ୟ କମ୍ପାନୀ ରହିଥାନ୍ତି। ବିଶ୍ୱ ବଜାର ପ୍ରଭାବିତ ହେବା ଯୋଗୁ ସେନ୍‌ସେକ୍ସ ୧୭୮୬ ପଏଣ୍ଟ(୩.୪୭%) ହ୍ରାସ ପାଇଥିଲା।

# କୋଭିଡ୍ ପରେ ତେଲ ୩୦% ମହଙ୍ଗା

- ଦରଦାମ ବଢ଼ାଇବାକୁ ବାଧ ହେଉଛନ୍ତି କମ୍ପାନୀ
- ପରିବହନଠାରୁ ପ୍ରଡକ୍ଟ ସବୁର ଦାମ୍ ବଢ଼ିଛି

ନୂଆଦିଲ୍ଲୀ,୨୮।୨



ପେଟ୍ରୋଲ ଏବଂ ଡିଜେଲ ଦର ବଢ଼ିବା ପରେ କମ୍ପାନୀଙ୍କ ମାନୁଫାକଚରିଂ କଷ୍ଟ ବଢ଼ିଚାଲିଛି। ଏହାର ସିଧାସଳଖ ପ୍ରଭାବ ଖାଉଟିଙ୍କ ଉପରେ ପଡୁଛି। ତେଲ ଦର ବଢ଼ିଥିବାରୁ ଏହାର ପ୍ରଭାବ ବଜାର ଉପରେ ପଡିବ ବୋଲି ନିକଟରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି। ଗତ ୨ ମାସ ମଧ୍ୟରେ ଭଡା ୧୦ରୁ ୧୨% ବଢିଥିବା ଜଣାପଡିଛି। ଅଧିକାଂଶ ପରିବହନକାରୀ ଏବଂ ଅଟୋମୋବାଇଲ କମ୍ପାନୀଙ୍କ ମଧ୍ୟରେ ଭଡାକୁ ନେଇ ମୂଲଚାଲ ହେଉଥିବା ନଜରକୁ ଆସିଛି। କୋଭିଡ ପରେ ଡିଜେଲ ଦର ୬୫ ଥରରେ ମୋଟ ୩୦%ରୁ ଉର୍ଦ୍ଧ୍ୱ ବୃଦ୍ଧି ଘଟିଛି।

ଏମ୍‌ଜି ମୋଟର ଇଣ୍ଡିଆ ଭଳି କମ୍ପାନୀ ଏହାର ବିଭିନ୍ନ ମଡେଲ ଦରଦାମ ବଢାଇବା ନେଇ ଚିନ୍ତା କରୁଛି। କମ୍ପାନୀର ଏମ୍‌ଡି ରାଜୀବ ଛାବା କହିଛନ୍ତି, କାରର ମୋଟ ଉତ୍ପାଦନ ଖର୍ଚ୍ଚର ୨-୨.୫% ଭଡାର ଅଂଶ ରହିଥାଏ। ମାତ୍ର ସାମୁଦ୍ରିକ ଏବଂ ଟ୍ରକ ଦ୍ୱାରା ମାଲ ପରବହନ ଖର୍ଚ୍ଚ ୧୦ରୁ ୧୨% ବଢିଥିବାରୁ ଆମେ କାର ମୂଲ୍ୟ ୨ରୁ ୩% ବଢାଇବା ନେଇ ଚିନ୍ତା କରୁଛୁ। କମ୍ପାନୀ ଏହି ପ୍ରସଙ୍ଗରେ ବର୍ତ୍ତମାନ ଟ୍ରାନ୍ସପୋର୍ଟରଙ୍କ ସହ ଆଲୋଚନା ଜାରି ରଖିଛି। ସେହିଭଳି ଟ୍ରକ ମାଲିକମାନଙ୍କ ଖର୍ଚ୍ଚର ପ୍ରାୟ ୪୫% ଅଂଶ ଇନ୍ଧନ ସହ ଜଡିତ ହୋଇ ରହିଥାଏ। ମାତ୍ର କୋଭିଡ ପରେ ଇନ୍ଧନ ଦରରେ ହୋଇଥିବା ବୃଦ୍ଧି ସମସ୍ତଙ୍କ ଲାଗି ଚିନ୍ତାର କାରଣ ପାଲଟିଛି।

**ଟ୍ରକ ଶିଳ୍ପର ସମସ୍ୟା ବଢ଼ିବ**

ଲଜିଷ୍ଟିକ ଷ୍ଟାର୍ଟଅପ୍ ରିବିଗୋର ପ୍ରତିଷ୍ଠାତା ଏବଂ ସିଇଓ ଦୀପକ ଗର୍ଗ କହନ୍ତି, ମାଲ ଭଡା ଉଚ୍ଚରେ ରହୁଛି। ଭଡା ୧୫ରୁ ୨୦% ହ୍ରାସ ନ ହେଲେ ଟ୍ରକ ଶିଳ୍ପର ସମସ୍ୟା ବଢିଯିବ। ଇ-ଫାର୍ମ ଏକ୍ସପ୍ରେସର ପ୍ରତିଷ୍ଠାତା ଟିଏ କ୍ରିଷ୍ଣନ କହିଛନ୍ତି, ଡେଲିଭର କଷ୍ଟ ବଢାଇବା ଲାଗି ଇ-କମର୍ସ କମ୍ପାନୀଗୁଡିକ ସହ ଆଲୋଚନା କରାଯାଉଛି।

**ଡେଲିଭରି ପାର୍ଟନରଙ୍କ ପେମେଣ୍ଟ ବଢ଼ାଇବ ସ୍ୱିଗି**

ଅନଲାଇନ ଫୁଡ୍ ଡେଲିଭରି ଫାର୍ମ ସ୍ୱିଗି ନିଜର ଡେଲିଭରି ପାର୍ଟନରଙ୍କ ପେମେଣ୍ଟ ବଢ଼ାଇବା ଲାଗି ବିଭିନ୍ନ ଯୋଜନା ବନାଉଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି। ନୂଆ ପେମେଣ୍ଟ ଷ୍ଟ୍ରକଚରକୁ କମ୍ପାନୀ ରୂପରେଖ ପ୍ରଦାନ କରିବ। ସେହିଭଳି ଡେଲିଭରି ପାର୍ଟନରଙ୍କ ପେମେଣ୍ଟ ବଢାଇବା ନେଇ ଜୋମାଟୋ ଗୁରୁବାର କହି ସାରିଛି। ଏହି ଖର୍ଚ୍ଚର ବୋଝ ଗ୍ରାହକଙ୍କ ଉପରକୁ ଆସୁଛି କି ନାହିଁ ତାହା ଦେଖିବାକୁ ବାକି ରହିଲା।

**କମ୍ପାନୀଙ୍କ ମୋଟ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି**

ତେଲ ଦର ବର୍ଦ୍ଧିତ ସ୍ତରରେ ରହିଥିବା ବେଳେ କଞ୍ଚାମାଲ ଏବଂ ପ୍ୟାକେଜିଂ ଲାଗି ଖର୍ଚ୍ଚ ବଢୁଥିବାରୁ ଏହା କମ୍ପାନୀଙ୍କ ଲାଗି ଚିନ୍ତାର କାରଣ ପାଲଟିଛି। ପାର୍ଲେ ପ୍ରଡକ୍ଟର କ୍ୟାଟେଗୋରି ହେଡ ମୟଙ୍କ ଶାହ କୁହନ୍ତି, କଞ୍ଚାମାଲ ଏବଂ ପ୍ୟାକେଜିଂ ମୂଲ୍ୟ ବଢୁଥିବାରୁ ମୋଟ ଉତ୍ପାଦନ ଖର୍ଚ୍ଚ ବଢିଛି। ବର୍ତ୍ତମାନ ସ୍ଥିତି ଉପରେ ନଜର ରଖାଯାଇଛି। ଏଭଳି ବିଭିନ୍ନ ଦାମ ଯଦି ନ ଖସେ ପ୍ରଡକ୍ଟ ଦାମ ବାଧ ହୋଇ ବଢାଇବାକୁ ପଡିବ। ଜୁଲାଇ ୨୦୨୦ ପରଠାରୁ ଡିଜେଲ ୧୧.୩% ବଢିଛି। ପ୍ରଡକ୍ଟ ମୂଲ୍ୟ ୫ରୁ ୭% ବଢିପାରେ ବୋଲି ଶାହ ମତ ରଖିଛନ୍ତି।

**ଫଳ, ପନିପରିବା ପରିବହନ ଖର୍ଚ୍ଚରେ ବୃଦ୍ଧି**

ତେଲ ଦର ମହଙ୍ଗା ହେବାରୁ ଫଳ ଏବଂ ପନିପରିବା ପରିବହନ ଖର୍ଚ୍ଚ କିଲୋ ପିଛା ୧ ଟଙ୍କାରୁ ଉର୍ଦ୍ଧ୍ୱ ବଢିଛି। ବେକୁଲ ଫୁଡ୍ସର ସିଇଓ କାର୍ତ୍ତିକ ଜୟରାମନ କହିଛନ୍ତି, କୃଷକଙ୍କ ନିକଟରୁ ସହରୀ କେନ୍ଦ୍ରକୁ ସାମଗ୍ରୀ ଆଣିବା ଲାଗି କିଲୋ ପ୍ରତି ୫୫ ପଇସା ଏବଂ ଗୋଦାମରୁ ରିଟେଲ ସେଣ୍ଟରକୁ ନେବାରେ କିଲୋ ପ୍ରତି ପରିବହନ ଖର୍ଚ୍ଚ ୨୫ ପଇସାରୁ ଉର୍ଦ୍ଧ୍ୱ ବୃଦ୍ଧି ପାଇଛି। ସେ କହିଛନ୍ତି, ଯେଉଁ ପରିବାରଗୁଡିକୁ ଅଧିକ ପନିପରିବା ଆସୁଛି ସେଗୁଡିକର ଖର୍ଚ୍ଚରେ ୧-୨% ବୃଦ୍ଧି ହେବା ନେଇ ଆକଳନ କରାଯାଉଛି।

**ଏୟାର ଟ୍ରାଭେଲ ୩୦% ମହଙ୍ଗା**

ଇନ୍ଧନ ଦର ବଢିବା ଯୋଗୁ ଏୟାର ଟ୍ରାଭେଲ ୩୦% ମହଙ୍ଗା ହୋଇଛି। ଏହି ସମୟରେ ବିମାନ ଇନ୍ଧନ ଦର ଲଗାତର ବଢିଛି। ବିମାନ କମ୍ପାନୀଗୁଡିକର ପରିଚାଳନାରେ ତେଲର ଅଂଶ ୪୦% ରହିଛି। ଏଣୁ ତେଲ ଦର ବଢିବା ଯୋଗୁ କମ୍ପାନୀ ଭଡା ମଧ୍ୟ ବଢାଉଛନ୍ତି।

# ଜିଏସ୍‌ଟି ରିଟର୍ନ ଫାଇଲ୍ ଅବଧି ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି

ନୂଆଦିଲ୍ଲୀ,୨୮।୨




କେନ୍ଦ୍ର ସରକାର ରବିବାର ଦେଶର ଟିକସଦାତାଙ୍କ ସୁବିଧାକୁ ନଜରରେ ରଖି ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବାର୍ଷିକ ରିଟର୍ନ ଫାଇଲ୍ ଅବଧିକୁ ବୃଦ୍ଧି କରିଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରାଳୟ ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଜିଏସ୍‌ଟି ରିଟର୍ନ ଫାଇଲିଂର ଶେଷ ତାରିଖକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରାଳୟ ଅନ୍ତର୍ଗତ କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମାଶୁଳ୍କ ବୋର୍ଡ (ସିବିଆଇସି) ପକ୍ଷରୁ ରବିବାର ଏ ସମ୍ପର୍କରେ ଏକ ବିଜ୍ଞପ୍ତି ପ୍ରକାଶ କରିଛି। ପୂର୍ବରୁ ୨୦୧୯-୨୦ର ବାର୍ଷିକ ଜିଏସ୍‌ଟି (ଜିଏସ୍‌ଟିଆର-୯ ଓ ଜିଏସ୍‌ଟିଆର ୯ସି) ଫାଇଲ କରିବାର ଶେଷ ତାରିଖ ୨୮ ଫେବୃୟାରୀ ରହିଥିଲା। ଏହାକୁ ମିଶାଇ ୨ ଥର ତାରିଖ ବୃଦ୍ଧି କରାଯାଇଛି। ବାର୍ଷିକ ଜିଏସ୍‌ଟି ରିଟର୍ନ ଫାଇଲିଂ ଶେଷ ତାରିଖ ଗତ ଡିସେମ୍ବର ୩୧ ପର୍ଯ୍ୟନ୍ତ ରହିଥିଲା। ପୂର୍ବରୁ ସିବିଆଇସି ପକ୍ଷରୁ ଶେଷ ତାରିଖକୁ ଫେବୃୟାରୀ ୨୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ଦେଶର ୪ଟି ରାଜ୍ୟ ଓ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇସାରିଥିବାରୁ ଏବେ ନିର୍ବାଚନ ଆଚରଣବିଧି ଲାଗୁ ରହିଛି। ଏ ସମ୍ପର୍କରେ ସରକାରଙ୍କ ସହ ଆଲୋଚନା କରି ମନ୍ତ୍ରଣାଳୟ ଶେଷ ତାରିଖ ବଢାଇବା ପୂର୍ବରୁ ଭାରତର ନିର୍ବାଚନ ଆୟୋଗଙ୍କ ଅନୁମତି ମଧ୍ୟ ନେଇଥିଲା।

# ଟାଟା ପାୱାରର ଭାଲ୍ୟୁ ଆଡେଡ ସର୍ଭିସ



ଭୁବନେଶ୍ୱର,୨୮।୨

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟାଟା ପାୱାର ସେଣ୍ଟ୍ରାଲ ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିସିଓଡିଏଲ୍) ଓଡ଼ିଶା ଗ୍ରାହକଙ୍କ ପାଇଁ ଭାଲ୍ୟୁ ଆଡେଡ ସର୍ଭିସ ଶୁଭାରମ୍ଭ କରିଛି। ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ କମ୍ପାନୀର ସିଇଓ ଏମ୍.ସେନ୍‌ବେଗମ୍ ସେବାକୁ ଆରମ୍ଭ କରିଥିଲେ। ଡିମାଣ୍ଡ ସାଇଡ ମ୍ୟାନେଜମେଣ୍ଟ ପଦକ୍ଷେପ ଅନ୍ତର୍ଗତ କମ୍ପାନୀ ଏହି ସେବା ଆରମ୍ଭ କରିଥିବା କମ୍ପାନୀ କହିଛି। ଏହି ପଦକ୍ଷେପ ଅଧୀନରେ ଗ୍ରାହକଙ୍କୁ ଶକ୍ତି ସଞ୍ଚୟକାରୀ ଆପ୍ଲାଏନ୍ସ କ୍ରୟ ଦିଗରେ କମ୍ପାନୀ ପ୍ରୋତ୍ସାହନ ଦେବ। ଗ୍ରାହକ ଏସି ଏବଂ ମୋଟର ଭଳି ପ୍ରଡକ୍ଟ ରିହାତି ଦରରେ ଲାଭ କରିପାରିବେ। ଡୋରଷ୍ଟେପ ଡେଲିଭରି ସହ ବର୍ଦ୍ଧିତ ୱାରେଣ୍ଟି ଗ୍ରାହକ ପାଇପାରିବେ। ଛାପ ଉପରେ ସୋଲାର ସିଷ୍ଟମ ସ୍ଥାପନ କ୍ଷେତ୍ରରେ ଗ୍ରାହକଙ୍କୁ କମ୍ପାନୀ ସବ୍‌ସିଡି ମଧ୍ୟ ଯୋଗାଇ ଦେବ। ସେବା ଆରମ୍ଭ କରି ଅତ୍ୟନ୍ତ ଖୁସି ଅଛୁ ବୋଲି ସେନ୍‌ବେଗମ କହିଛନ୍ତି।

# ହ୍ୟୁଣ୍ଡାଇ ଆଇ-୨୦ ପୁରସ୍କୃତ



ନୂଆଦିଲ୍ଲୀ,୨୮।୨

**ଇଣ୍ଡିଆନ କାର୍ ଅଫ୍ ଦି ଇୟରରେ ସମ୍ମାନିତ**

ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ନୂଆ ଆଇ-୨୦ ମଡେଲକୁ ଇଣ୍ଡିଆନ କାର ଅଫ୍ ଦି ଇୟର ପୁରସ୍କାର-୨୦୨୧ ମିଳିଛି। ୨୦୨୦ ନଭେମ୍ବରରେ ଏହା ବଜାର ପ୍ରବେଶ କରିଥିଲା। ଶୁଭାରମ୍ଭ ପରଠାରୁ ବର୍ତ୍ତମାନ ସୁଦ୍ଧା ୪୨ ହଜାର ୟୁନିଟ ବିକ୍ରି ହୋଇ ସାରିଛି। ଯାନଟିରେ ରହିଥିବା ବ୍ଲୁଲିଙ୍କ କନେକ୍ଟିଭିଟି, ହାଇଟେକ ଫିଚର ଏବଂ ମଲ୍ଟି ଇଞ୍ଜିନ ବିକଳ୍ପ ଗ୍ରାହକଙ୍କୁ ବେଶ୍ ପସନ୍ଦ ଆସୁଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏଭଳି ପୁରସ୍କାର ହ୍ୟୁଣ୍ଡାଇ ଲାଗି ଗର୍ବର ବିଷୟ ବୋଲି ସିଇଓ ଏସ୍.ଏସ୍. କିମ୍ କହିଛନ୍ତି। ପ୍ରିମିୟମ ହ୍ୟାଚ୍ ବ୍ୟାକ ସେଗମେଣ୍ଟକୁ ଆଗକୁ ବଢ଼ାଇବା ସହ ନୂଆ ପିଢ଼ିର ଭାରତୀୟ ଗ୍ରାହକଙ୍କ ଲାଗି ଏକ ପ୍ରଗତିଶୀଳ ସ୍ପିରିଟ ଆଣିବାରେ ସହାୟକ ହୋଇପାରିଛି। ଭାରତରେ କମ୍ପାନୀ ଗତ ୨୫ ବର୍ଷ ତଳେ କାରବାର ଆରମ୍ଭ କରିଥିଲା। ଭାରତୀୟ ଅଟୋମୋଟିଭ ଶିଳ୍ପରେ ନୂଆ ଇକୋସିଷ୍ଟମ ବିକଶିତ କରିବା ଦିଗରେ କମ୍ପାନୀ ଯୋଗଦାନ ଜାରି ରଖିଛି। ଏହି ଆୱାର୍ଡ ଆମ ବ୍ରାଣ୍ଡ ପ୍ରତି ଗ୍ରାହକଙ୍କ ରହିଥିବା ବିଶ୍ୱାସ ଏବଂ ଭଲପାଇବାକୁ ନିଦର୍ଶନ ବୋଲି କିମ୍ ମତ ପ୍ରକାଶ କରିଛନ୍ତି।

# ଅଧିକ ୧ କୋଟିଙ୍କୁ ମାଗଣା ଏଲ୍‌ପିଜି ସଂଯୋଗ

ନୂଆଦିଲ୍ଲୀ,୨୮।୨

ଆଗାମୀ ୨ ବର୍ଷରେ ଆଉ ୧ କୋଟି ଲୋକଙ୍କୁ ମାଗଣା ଏଲ୍‌ପିଜି ସଂଯୋଗ ଦେବା ଲାଗି କେନ୍ଦ୍ର ସରକାର ଯୋଜନା ରଖିଛନ୍ତି। ଲୋକଙ୍କୁ ସହଜରେ ଏଭଳି ସଂଯୋଗ ସୁବିଧା ଯୋଗାଇ ଦେବା ଲାଗି ଯୋଜନା କରାଯାଉଥିବା ତୈଳ ସଚିବ ତରୁନ କପୁର ରବିବାର କହିଛନ୍ତି। ଲୋକମାନେ ସେମାନଙ୍କ ଘର ପାଖରେ ଗ୍ୟାସ୍ ସିଲିଣ୍ଡର ରିଫିଲ କରାଇବା ଲାଗି ୩ ଡିଲରଙ୍କ ଏକ ବିକଳ୍ପ ପ୍ରଦାନ କରାଯିବ। ଏହା ପୂର୍ବରୁ ଗୋଟିଏ ଡିଲର ରହିଥିଲେ। ଠିକ୍ ସମୟରେ ଗ୍ୟାସ୍ ଯୋଗାଣରେ ଏହା ସମସ୍ୟା ଉପୁଜାଉଥିଲା। ଗତ ୪ ବର୍ଷ ମଧ୍ୟରେ ଗ୍ରାମାଞ୍ଚଳର ଗରିବ ମହିଳାଙ୍କୁ ଗ୍ୟାସ୍ ସଂଯୋଗ ଦିଗରେ ସରକାର କାମ କରୁଛନ୍ତି। ବର୍ତ୍ତମାନ ୮ କୋଟି ମହିଳାଙ୍କୁ ଏହି ସୁବିଧା ଦିଆଯାଇଛି। ଫଳରେ ଦେଶର ବର୍ତ୍ତମାନ ଗ୍ୟାସ ବ୍ୟବହାରକାରୀ ସଂଖ୍ୟା ୨୯ କୋଟି ଛୁଇଁଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ୧ କୋଟି ସଂଯୋଗ ନେଇ ସରକାର ବଜେଟରେ ଘୋଷଣା କରିଛନ୍ତି। ଉଜ୍ଜ୍ୱଳା ଯୋଜନା ପରେ ଗ୍ୟାସ୍ ସଂଯୋଗ ନ ଥିବା ଘର ସଂଖ୍ୟା କମିଛି। ଯେଉଁ ଲୋକଙ୍କ ନିକଟରେ ସଂଯୋଗ ସୁବିଧା ନାହିଁ ସେମାନଙ୍କୁ ସେବା ଯୋଗାଇ ଦେବା ନେଇ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି।

# ଭାକ୍‌ସିନ୍ ମୂଲ୍ୟ ସୀମା ନେଇ ବାୟୋକନ୍ ମୁଖ୍ୟଙ୍କ ଉଦ୍‌ବେଗ

ନୂଆଦିଲ୍ଲୀ,୨୮।୨

କୋଭିଡ-୧୯ ଭାକ୍‌ସିନ କ୍ଷେତ୍ରରେ ଘରୋଇ ହସ୍ପିଟାଲଗୁଡିକ ଲାଗି ସରକାର ୨୫୦ ଟଙ୍କା ସୀମା ଧାର୍ଯ୍ୟ କରିଛନ୍ତି। ଏହାକୁ ନେଇ ବାୟୋକନ୍ ମୁଖ୍ୟ କିରନ ମଜୁମଦାର ସ’ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ମୂଲ୍ୟ ଯୁକ୍ତିଯୁକ୍ତ ହୋଇଥିବା ସେ ମତ ପ୍ରକାଶ କରିଛନ୍ତି। ଭାକ୍‌ସିନ କମ୍ପାନୀଗୁଡିକ ଲାଗି ଏହା ଠକିଗଲା ଭଳି ସ୍ଥିତି ଉପୁଜିଛି। ଏମିତି ହେଲେ କମ୍ପାନୀ କାରବାରକୁ ବଜାୟ ରଖିବାରେ ସମସ୍ୟା ଉପୁଜିବ ବୋଲି ସେ ମତ ପ୍ରକାଶ କରିଛନ୍ତି। ଘରୋଇ ହସ୍ପିଟାଲ ଏବଂ ହେଲ୍‌ଥ ସେଣ୍ଟରଗୁଡିକ ଭାକ୍‌ସିନ ଲାଗି ସଟ୍ ପିଛା ୨୫୦ ଟଙ୍କା ନେବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଜାରି କରିଛି। ଏହି ପରିପ୍ରେକ୍ଷୀରେ ସେ କହିଛନ୍ତି, ଭାକସିନ ଇଣ୍ଡଷ୍ଟ୍ରିକୁ ସରକାର ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ଏହାକୁ ନ କରି ନରୁତ୍ସାହିତ ଏବଂ ଚାପ ପଡିବା ଭଳି କାମ ସରକାର କରିଥିବା ସେ ମତ ଦେଇଛନ୍ତି।

## ରାଜ୍ୟ ଖବର

# ତେଲ ଦର ବୃଦ୍ଧି ନେଇ ଧର୍ମେନ୍ଦ୍ରଙ୍କୁ ନିରଞ୍ଜନଙ୍କ ଟାର୍ଗେଟ

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

କିଛିଦିନ ହେଲା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହୁଛନ୍ତି, ତୈଳ ଏବଂ ରନ୍ଧନ ଗ୍ୟାସ ଦର ବୃଦ୍ଧି ଶୀତଦିନ ଯୋଗୁ ଅଧିକ ହେଉଛି। ଶୀତଦିନ ସରିଗଲେ ଦର ହ୍ରାସ ପାଇବ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ବା ଗ୍ୟାସୋଲିନିର ଦର ବୃଦ୍ଧି ପାଇଁ ଏହି ବୃଦ୍ଧି ଘଟୁଛି। କିନ୍ତୁ ଏହି ୩ଟି ଯାକ କାରଣ ସମ୍ପୂର୍ଣ୍ଣରୂପେ ଅସତ୍ୟ ଉପରେ ପର୍ଯ୍ୟବସିତ ଏବଂ ଏହା ଏକ ମନଗଢ଼ା କାହାଣୀ ବୋଲି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ନିରଞ୍ଜନ କହିଛନ୍ତି, ୨୦୧୭ ମସିହାଠାରୁ କ୍ରମାଗତ ଅନ୍ତର୍ଜାତୀୟ ବଜାରରେ ଗ୍ୟାସୋଲିନି ବା ଅଶୋଧିତ ତୈଳର ଦାମ ବହୁ ମାତ୍ରାରେ କମିଯାଇଛି। ଯଦି ଶୀତଦିନ ଯୋଗୁ ତୈଳ ଏବଂ ଜାଳେଣି ଗ୍ୟାସର ଦର ବହୁମାତ୍ରାରେ ବୃଦ୍ଧି ଘଟିଛି, ତେବେ ଗଲା ୩ ବର୍ଷରେ ଅଶୋଧିତ ତୈଳ ବ୍ୟାରେଲ ପିଛା ବହୁ ଅଧିକ ଥିଲା, ସେତେବେଳେ କାହିଁକି ଓ କିପରି ତେଲ ଏବଂ ଗ୍ୟାସର ଦାମ ଏବେଠାରୁ କମ୍‌ରେ ମିଳୁଥିଲା। ତେଣୁ ଶୀତଦିନର ବାହାନା ନ କରି ସତ୍ୟକହିବା ଉଚିତ୍। ଏହାର ମୂଳ କାରଣ କ୍ରମାଗତ ଭାବେ ୨୦୧୬ ମସିହା ପରଠାରୁ କେନ୍ଦ୍ର ସରକାରଙ୍କ ରାଜସ୍ୱ ଆୟ କମିଚାଲିଛି। ସବୁଠାରୁ ବଡ଼କଥା ହେଲା ୨୦୨୦-୨୧ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ଜିଏସ୍‌ଟିରୁ ଆୟ, ପୁଞ୍ଜି ପ୍ରତ୍ୟାହାର କରି ନ ପାରିବା, କର୍ପୋରେଟ ଟ୍ୟାକ୍ସର ଦ୍ରୁତ ହ୍ରାସ ଯୋଗୁ ରାଜସ୍ୱ ବୃଦ୍ଧି ପାଇଁ ପେଟ୍ରୋଲ, ଡିଜେଲ ଓ ଜାଳେଣି ଗ୍ୟାସ ଛଡ଼ା ଅନ୍ୟକିଛି ବିକଳ୍ପ ତାଙ୍କ ପାଖରେ ନାହିଁ। ଆରବିଆଇ ଗଭର୍ନର ସରକାରଙ୍କୁ ମଧ୍ୟ ଏହି ଦର ବୃଦ୍ଧିର କୁପ୍ରଭାବ ଅର୍ଥନୀତି ଉପରେ କିଭଳି ପଡୁଛି ତାହା ମଧ୍ୟ ସ୍ପଷ୍ଟ ଭାବେ କହିସାରିଛନ୍ତି। ଗରିବ ଲୋକଙ୍କ ପକେଟରୁ ପଇସା ଟାଣି ନେଇ ପୁଞ୍ଜିପତି ମାନଙ୍କୁ ସହାୟତା ପ୍ରଦାନ କରିବା କ’ଣ ଏହି ସରକାରର ନୀତି କି ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାର ପ୍ରଭାବ ଆଜି ହାଣ୍ଡିଶାଳଠାରୁ ଆରମ୍ଭ କରି ଭାତଥାଳି ପର୍ଯ୍ୟନ୍ତ ପଡ଼ିସାରିଲାଣି। ତେଣୁ ଅହଙ୍କାର ବର୍ଜନ କରି ଶୀଘ୍ର ଭାରତବର୍ଷର କୋଟି କୋଟି ଜନତାଙ୍କ ସ୍ୱାର୍ଥ ରକ୍ଷା କରିବା ଦିଗରେ ଅତି ଶୀଘ୍ର ତେଲ ଏବଂ ଗ୍ୟାସ୍‌ର ଦାମ୍ କମାନ୍ତୁ ବୋଲି ନିରଞ୍ଜନ କହିଛନ୍ତି।

# ଆଜି ଛାତ୍ର କଂଗ୍ରେସର ନବୀନ ନିବାସ ଘେରାଉ

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ରାଜ୍ୟରେ ଉତ୍କଟ ବେକାରି ସମସ୍ୟା, ବେଲଗାମ ଦରଦାମ ବୃଦ୍ଧି ଓ ତୈଳଦର ବୃଦ୍ଧି ପ୍ରତିବାଦରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସୋମବାର ନବୀନ ନିବାସ ଘେରାଉ କରାଯିବ। ଏନେଇ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଏକ ପ୍ରେସ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସଭାପତି ନିରଜ କୁନ୍ଦନଜୀ, ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ରୋସନଲାଲ ବିଟୁ ଯୋଗଦେବେ। କୁନ୍ଦନଜୀ ପ୍ରଥମେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ଛାତ୍ର କଂଗ୍ରେସ କର୍ମୀମାନଙ୍କୁ ଦିନ ୧୧ ଘଣ୍ଟା ସମୟରେ ଉଦ୍‌ବୋଧନ ଦେବେ। ଏହାପରେ ଦିନ ୧୨ ଘଣ୍ଟା ସମୟରେ କଂଗ୍ରେସ ଭବନରୁ ଏକ ବିକ୍ଷୋଭ ରାଲି ନବୀନ ନିବାସ ଅଭିମୁଖେ ବାହାରିବ। ଏଥିରେ ମଧ୍ୟ କୁନ୍ଦନଜୀ ଯୋଗଦେବେ। ରାଜ୍ୟର ବିଭିନ୍ନ ଜିଲା ଛାତ୍ର କଂଗ୍ରେସର ପ୍ରତିନିଧି ଏବଂ ସମର୍ଥକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ୟାସିର ଅନୁରୋଧ କରିଛନ୍ତି।

# ମନ୍ଦିର ଭଙ୍ଗା ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଅପରାଜିତା

ଭୁବନେଶ୍ୱର, ୨୮।୨(ବ୍ୟୁରୋ)

ସୌନ୍ଦର୍ଯ୍ୟକରଣ ଆଳରେ ଐତିହ୍ୟ ସ୍ଥଳୀଗୁଡ଼ିକୁ ଭଙ୍ଗା ଯାଉଛି। ଏହି ପ୍ରସଙ୍ଗରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ବିଭିନ୍ନ ତଥ୍ୟ ପ୍ରମାଣ ସହ ୨୮ ପୃଷ୍ଠା ସମ୍ବଳିତ ଏହି ଚିଠିରେ ସେ ଉଲ୍ଲେଖ କରିଛନ୍ତି, ସୌନ୍ଦର୍ଯ୍ୟକରଣ ନାଁରେ ଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ପୁରୀର ପୁରୁଣା ମଠକୁ ଭଙ୍ଗାଯାଇଛି। ଏହି କାର୍ଯ୍ୟର ପୁରୋଧା କିଏ ବୋଲି ଅପରାଜିତା ପ୍ରଶ୍ନ ଉଠାଇଛନ୍ତି। ସୌନ୍ଦର୍ଯ୍ୟକରଣ ବେଳେ ଉଚ୍ଛେଦ ହୋଇଥିବା ବ୍ୟକ୍ତିଙ୍କୁ ସମ୍ପୂର୍ଣ୍ଣ ଟଙ୍କା ମିଳିନାହିଁ। ଲୋକଙ୍କ ସହ ତାଙ୍କର ଆଲୋଚନା ସମୟରେ ଅଭିଯୋଗ ଦୃଷ୍ଟିକୁ ଆସିଛି। ଏକାମ୍ର କ୍ଷେତ୍ରରେ ୧୦ଟି ଐତିହ୍ୟ ପୁଷ୍କରିଣୀ ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି। ବେଆଇନ ନିର୍ମାଣ ଯୋଗୁ ପୁଷ୍କରିଣୀକୁ ଜଳ ଯିବା ଆସିବା ବନ୍ଦ ହୋଇଛି। ବାଇ-ଲ କୁ ନେଇ ଯେଉଁ ହୋହଲ୍ଲା ହେଉଛି, ତାହା କେବଳ ନଜର ହଟାଇବାକୁ କରାଯାଇଛି। ଅନ୍ୟପଟେ ଅପରାଜିତା ରବିବାର ଏକାମ୍ର କ୍ଷେତ୍ରକୁ ଯାଇ ଲିଙ୍ଗରାଜ ମନ୍ଦିରର ସେବାୟତଙ୍କୁ ଭେଟିଛନ୍ତି।

# ଧାର୍ଯ୍ୟ ସମୟରେ କାମ ସାରିବାକୁ ନିର୍ଦ୍ଦେଶ



ସମୀକ୍ଷା ବୈଠକରେ ଉପସ୍ଥିତ ମୁଖ୍ୟଶାସନ ସଚିବ ସୁରେଶ ମହାପାତ୍ର ଓ ଅନ୍ୟ ଅଧିକାରୀମାନେ।

**କେନ୍ଦୁଝରରେ ପ୍ରମୁଖ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ**

କେନ୍ଦୁଝର ୨୮।୨ (ସ୍ୱ.ପ୍ର./ଡି.ଏନ୍.ଏ.)

ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର କେନ୍ଦୁଝର ଗସ୍ତରେ ଆସି ଜିଲାରେ ନିର୍ମାଣାଧୀନ ବିଭିନ୍ନ ପ୍ରମୁଖ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଧାର୍ଯ୍ୟ ସମୟରେ ଶେଷ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସେ ୨/୩ ମାସରେ ଥରେ ସମୀକ୍ଷା କରିବେ। ଏହାସହ ପ୍ରତିସପ୍ତାହରେ ଥରେ ସେସବୁର ଅଗ୍ରଗତି ସମୀକ୍ଷା କରି ଧାର୍ଯ୍ୟ ସମୟରେ କାମ ସାରିବା ପାଇଁ ପଦକ୍ଷେପ ନେବାକୁ ସେ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି।

ଶନିବାର ସନ୍ଧ୍ୟାରେ ମୁଖ୍ୟ ସଚିବ ମହାପାତ୍ର କେନ୍ଦୁଝରରେ ପହଞ୍ଚିବା ପୂର୍ବରୁ ହରିଚନ୍ଦନପୁର ବ୍ଲକ ଭଗାମୁଣ୍ଡା ସ୍ଥିତ ସିଲ୍କ ପାର୍କକୁ ଯାଇ କାମ ଦେଖିବା ସହ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଘଟଗାଁ ତାରିଣୀ ମନ୍ଦିର ପରିଦର୍ଶନ ପାଇଁ ଯାଇଥିଲେ। ରବିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଦରବାର ହଲରେ ପୂର୍ତ୍ତ ଓ ଆର୍‌ଡି ବିଭାଗ ଅଧୀନରେ ଚାଲିଥିବା ପ୍ରମୁଖ ରାସ୍ତାଘାଟ ତଥା ନିର୍ମାଣାଧୀନ ମେଡିକାଲ କଲେଜ, କାନପୁର ଜଳସେଚନ ପ୍ରକଳ୍ପ, ଅସମ୍ପୂର୍ଣ୍ଣ ପାଣିକୋଇଲି-କୋଇଡ଼ା ରାଜପଥ, ବଡ଼ବିଲ ରିଂରୋଡ୍, ଯୋଡ଼ା ବାଇପାସ୍, ଜିଲାରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ ସମେତ ଅନ୍ୟାନ୍ୟ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଥିଲେ। ସେହିପରି ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ଏବଂ ଓଡ଼ିଶା ମିନେରାଲ ବିୟରିଂ ଉନ୍ନୟନ ନିଗମର ପାଣ୍ଠିର ବିନିଯୋଗ ଓ ଏହି ଅର୍ଥରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ତର୍ଜମା କରିଥିଲେ। କେନ୍ଦୁଝର ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟ ୬ମାସ ମଧ୍ୟରେ ସରିବ। ଆସନ୍ତା ଶିକ୍ଷାବର୍ଷଠାରୁ କଲେଜ ଖୋଲିବ ବୋଲି ମୁଖ୍ୟ ସଚିବ ସୂଚନା ଦେଇଥିଲେ। ଜିଲାର ଦୀର୍ଘ ଦିନର ମୁଖ୍ୟ ସମସ୍ୟା ଅସମ୍ପୂର୍ଣ୍ଣ ପାଣିକୋଇଲି-କୋଇଡ଼ା ଜାତୀୟ ରାଜପଥ ନିର୍ମାଣ ଶେଷ କରିବା ପାଇଁ ପଦକ୍ଷେପ ନିଆଯାଇଛି। ଏହି ରାସ୍ତାର ବେଲବାହାଳୀଠାରେ କୁଶେଇ ନଦୀ ଉପରେ ନିର୍ମାଣାଧୀନ ପୋଲ ଓ ରାସ୍ତା ମରାମତି, ନିର୍ମାଣ, ଉନ୍ନତୀକରଣ, ସଂଶୋଧନ ଆଦି ଜୁନ୍ ସୁଦ୍ଧା ଶେଷ କରାଯିବ ବୋଲି ସେ କହିଥିଲେ। ପରେ ମୁଖ୍ୟ ସଚିବ ମହାପାତ୍ର ମେଡିକାଲ କଲେଜ ଗସ୍ତ କରି କାର୍ଯ୍ୟର ତଦାରଖ କରିବା ସହ ଡି.ଏନ୍.ହାଇସ୍କୁଲର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ସମୀକ୍ଷା ବୈଠକରେ ଜିଲାପାଳ ଆଶିଷ ଥାକରେଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ପ୍ରକଳ୍ପ କାର୍ଯ୍ୟରେ ଜଡ଼ିତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅମ୍ବାନୀଙ୍କ ଘର ନିକଟରେ ବିସ୍ଫୋରକ ପାଇଁ ନିଜକୁ ଦାୟୀ କଲା ଜେୟୁଏଚ୍

ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ଦକ୍ଷିଣ ମୁମ୍ବାଇସ୍ଥିତ ବାସଭବନ ନିକଟରୁ ବିସ୍ଫୋରକ ଭର୍ତ୍ତି ଏସ୍‌ୟୁଭି ଜବତ ହେବା ଘଟଣା ପାଇଁ ଜୈଶ-ଉଲ୍-ହିନ୍ଦ୍ (ଜେୟୁଏଚ୍) ନାମକ ସଂଗଠନ ନିଜକୁ ଦାୟୀ କରିଛି। ତେବେ ଏହି ସଂଗଠନର ସମ୍ପୃକ୍ତି ନେଇ ବିଭିନ୍ନ ଦିଗ ଉପରେ ତଦନ୍ତ ଜାରି ରହିଥିବା ପୋଲିସ କହିଛି। ଜେୟୁଏଚ୍ ସୋସିଆଲ ମେସେଜିଂ ଆପ୍ ଟେଲିଗ୍ରାମରେ ଉକ୍ତ ବାର୍ତ୍ତା ପୋଷ୍ଟ କରିବା ପରେ ଏହା ସୋସିଆଲ ମିଡିଆରେ ଭାଇରାଲ ହୋଇଛି।



## ସଂକ୍ଷେପରେ

### ଅରୁଣାଚଳ ପ୍ରଦେଶ କରୋନା ମୁକ୍ତ

**ଇଟାନଗର, ୨୮।୨:** ଅରୁଣାଚଳ ପ୍ରଦେଶ ରବିବାର କରୋନା ସଂକ୍ରମଣ ମୁକ୍ତ ରାଜ୍ୟ ହୋଇଛି। ଚିକିତ୍ସାଧୀନ ଥିବା ୩ ଜଣ ରବିବାର ସୁସ୍ଥ ହେବା ପରେ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ଶୂନ ଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟରେ ମୋଟ ୧୬ ହଜାର ୮୩୬ ଜଣ କରୋନାରେ ଆକ୍ରାନ୍ତ ହୋଇଥିବାବେଳେ ୧୬ ହଜାର ସୁସ୍ଥ ହୋଇଛନ୍ତି। ଏଠାରେ ସୁସ୍ଥହାର ୯୯.୬୬ ପ୍ରତିଶତ ରହିଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

### ମହାରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା


ସଞ୍ଜୟ ରାଥୋଡ

**ମୁମ୍ବାଇ, ୨୮।୨:** ମହାରାଷ୍ଟ୍ର ଜଙ୍ଗଲ ମନ୍ତ୍ରୀ ସଞ୍ଜୟ ରାଥୋଡ ରବିବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ଜଣେ ୨୩ ବର୍ଷୀୟା ଯୁବତୀଙ୍କ ଆତ୍ମହତ୍ୟା ପଛରେ ସଞ୍ଜୟଙ୍କ ସମ୍ପୃକ୍ତି ଥିବା ନେଇ ବିରୋଧୀ ଭାଜପା ପକ୍ଷରୁ ଅଭିଯୋଗ ଆସିବା ପରେ ସେ ମନ୍ତ୍ରୀ ପଦ ଛାଡ଼ିଛନ୍ତି। 'ଗୋଳିଆ ରାଜନୀତି' ଯୋଗୁ ସେ ଇସ୍ତଫା ଦେଇଥିବା ସଞ୍ଜୟ କହିଛନ୍ତି। ମହାରାଷ୍ଟ୍ରର ବିଡ୍ ଜିଲାର ପୂଜା ଚୌହାନ ପୁଣେରେ ତାଙ୍କ ଭାଇଙ୍କ ସହ ରହୁଥିଲେ। ଫେବୃଆରୀ ୮ ତାରିଖରେ ପୂଜା ଆତ୍ମହତ୍ୟା କରିଥିବା ପୋଲିସ କହିଥିଲା। ମୃତ୍ୟୁର ୨ ଦିନ ପରେ ଏକ ଅଡିଓ କ୍ଲିପ ସୋସିଆଲ ମିଡିଆରେ ଘୂରି ବୁଲିଥିଲା, ଯେଉଁଥିରେ ପୂଜାଙ୍କ ମୃତ୍ୟୁ ବାବଦରେ ୨ ଜଣ କଥା ହେଉଥିବା ଶୁଣିବାକୁ ମିଳିଥିଲା। ସେମାନଙ୍କ ମଧ୍ୟରେ ଜଣେ ବ୍ୟକ୍ତିଙ୍କ ସ୍ୱର ସଞ୍ଜୟଙ୍କର ବୋଲି ଭାଜପା ଅଭିଯୋଗ ଉଠାଇଛି। ହେଲେ ଏହି ଅଭିଯୋଗକୁ ସଞ୍ଜୟ ଖଣ୍ଡନ କରିଛନ୍ତି।

### 'ଯୁବବର୍ଗଙ୍କ ପ୍ରଶ୍ନକୁ ପସନ୍ଦ କରୁନାହାନ୍ତି ସରକାର'


ନୋଦୀପ କୌର

**ନୂଆଦିଲ୍ଲୀ, ୨୮।୨:** ନୂଆ କୃଷି ଆଇନ ବିରୋଧରେ ନୂଆଦିଲ୍ଲୀ ସୀମାରେ କୃଷକ ଆନ୍ଦୋଳନରେ ଗିରଫ ପରେ ଜାମିନରେ ମୁକୁଳି ଥିବା ନୋଦୀପ କୌର କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଯୁବବର୍ଗ କୌଣସି ବିଷୟରେ ପ୍ରଶ୍ନ ଉଠାଇବାକୁ ସରକାର ପସନ୍ଦ କରୁନାହାନ୍ତି ଏବଂ ସେମାନଙ୍କୁ ଟାର୍ଗେଟ କରାଯାଉଛି ବୋଲି ନୋଦୀପ କହିଛନ୍ତି। ବର୍ତ୍ତମାନର ଯୁବପିଢ଼ି ଲୋକଙ୍କ ଅଧିକାର ପାଇଁ ଲଢ଼େଇ କରିବାକୁ ଆଗକୁ ଆସିବା ଦରକାର ବୋଲି ସେ କହିଛନ୍ତି। ଶନିବାର ନୋଦୀପ ଦିଲ୍ଲୀର ସିଂଘୁ ସୀମାରେ ପହଞ୍ଚି କୃଷି ଆଇନ ବିରୋଧୀ ଆନ୍ଦୋଳନକୁ ସମର୍ଥନ କରିବା ସହ ଗିରଫ ହୋଇଥିବା ତାଙ୍କ ସହଯୋଗୀ ଶିବ କୁମାରଙ୍କୁ ନ୍ୟାୟ ଦେବାକୁ ଲଢ଼ିବେ ବୋଲି କହିଥିଲେ।

### ରାମ ମନ୍ଦିରକୁ ମିଳିଲାଣି ୨୧ଶହ କୋଟି

**ଅଯୋଧ୍ୟା, ୨୮।୨:** ଉତ୍ତରପ୍ରଦେଶର ଅଯୋଧ୍ୟାଠାରେ ନିର୍ମାଣ ହେବାକୁ ଥିବା ରାମ ମନ୍ଦିର ପାଇଁ ଶନିବାର ସନ୍ଧ୍ୟା ସୁଦ୍ଧା ୨୧ଶହ କୋଟି ଟଙ୍କା ଚାନ୍ଦା ମିଳିଛି। ମନ୍ଦିର ନିର୍ମାଣ ପାଇଁ ୧୫ ଶହ କୋଟି ଖର୍ଚ୍ଚର ଆକଳନ କରାଯାଇଥିବାବେଳେ ୪୪ ଦିନ ମଧ୍ୟରେ ତାହା ସଂଗ୍ରହ କରାଯିବାକୁ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ଲକ୍ଷ୍ୟ ରଖାଯାଇଥିଲା। ଜାନୁଆରୀ ୧୫ରୁ ଆରମ୍ଭ ହୋଇଥିବା ଏହି କ୍ୟାମ୍ପେନର ଶନିବାର ଶେଷ ଦିନ ଥିବାବେଳେ ମୋଟ ୨୧ଶହ କୋଟି ଟଙ୍କା ଦାନ ଆକାରରେ ମିଳିଛି। ତେବେ ଯୋଜନାଠାରୁ ଅଧିକ ଅର୍ଥ ଖର୍ଚ୍ଚ ହୋଇପାରେ ବୋଲି ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ କୋଷାଧ୍ୟକ୍ଷ ସ୍ୱାମୀ ଗୋବିନ୍ଦ ଦେବ ଗିରି କହିଛନ୍ତି। ଏହି ଟଙ୍କା ବ୍ୟାଙ୍କରେ ଜମା ହେବାର ପ୍ରକ୍ରିୟା ଚାଲିଛି। ବିଦେଶରେ ଥିବା ଭାରତୀୟ ମଧ୍ୟ ମନ୍ଦିର ପାଇଁ ଟଙ୍କା ଦାନ କରିବାକୁ ଇଚ୍ଛୁକ ଅଛନ୍ତି। ସେମାନଙ୍କଠାରୁ କିପରି ଅର୍ଥ ସଂଗ୍ରହ କରାଯିବ ସେ ବାବଦରେ ମନ୍ଦିର ଟ୍ରଷ୍ଟ ନିଷ୍ପତ୍ତି ନେବ।

# ଯୌନ ନିର୍ଯାତନା ମାମଲାରେ ଗଭର୍ନର

**ନ୍ୟୁୟର୍କ, ୨୮।୨:** ନ୍ୟୁୟର୍କ ଗଭର୍ନର ଆଣ୍ଡ୍ରିୟୁ କ୍ୟୁମୋ(୬୩)ଙ୍କ ବିରୋଧରେ ଆଉ ଜଣେ ମହିଳା ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। କ୍ୟୁମୋ ୨୦୨୦ରେ ତାଙ୍କ ପୂର୍ବତନ ସ୍ୱାସ୍ଥ୍ୟନୀତି ପରାମର୍ଶଦାତା ୨୫ ବର୍ଷୀୟା ଚାରୋଲ୍ଟ ବେନେଟ୍‌ଙ୍କୁ ଯୌନ ନିର୍ଯାତନା ଦେଇଥିଲେ ବୋଲି ଚାରୋଲ୍ଟ କହିଛନ୍ତି। ନ୍ୟୁୟର୍କ ଟାଇମ୍ସକୁ ବେନେଟ୍ କହିଛନ୍ତି, ତାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ରାଜ୍ୟପାଳ ଅନେକ ପ୍ରଶ୍ନ ପଚାରୁଥିଲେ। ବୟସରେ ଅଧିକ ତଫାତ ରହିଲେ ରୋମାଣ୍ଟିକ ସମ୍ପର୍କ ଉପରେ ପ୍ରଭାବ ପକାଏ ବୋଲି ବେନେଟ ବିଶ୍ୱାସ କରନ୍ତି କି ନା ସେ ନେଇ ମଧ୍ୟ କ୍ୟୁମୋ ପ୍ରଶ୍ନ କରୁଥିଲେ। ବୟସରେ ସାନ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ଉପରେ ସେ ସହମତ ବୋଲି ବେଶ୍ ଖୋଲାଖୋଲି କ୍ୟୁମୋ କହୁଥିଲେ। ରାଜ୍ୟପାଳଙ୍କ ଏଭଳି ମନ୍ତବ୍ୟ ଯୌନ ସମ୍ପର୍କ ଉଦ୍ଦେଶ୍ୟରେ ଥିଲା ବୋଲି ଚାରୋଲ୍ଟ କହିଛନ୍ତି। ଏହା




ପୂର୍ବରୁ କ୍ୟୁମୋଙ୍କ ପୂର୍ବତନ ମହିଳା ସହଯୋଗୀ ଲିଣ୍ଡସେ ବଏଲାନ୍ ମଧ୍ୟ ତାଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ।

# ଅମିତାଭଙ୍କ ଅସ୍ତ୍ରୋପଚାର

**ନୂଆଦିଲ୍ଲୀ, ୨୮।୨**

ବିଗ୍ ବି ଅମିତାଭ ବଚ୍ଚନ ଅସୁସ୍ଥ ଅଛନ୍ତି। ସ୍ୱାସ୍ଥ୍ୟ ସମସ୍ୟା ବାବଦରେ ସେ ଶନିବାର ତାଙ୍କ ବ୍ଲଗ୍‌ରେ ଉଲ୍ଲେଖ କରିଛନ୍ତି। ଏଥିରେ ତାଙ୍କ ଶରୀରରେ ଅସ୍ତ୍ରୋପଚାର ଚାଲିଥିବା ବିଷୟରେ ସୂଚନା ଦେଇଛନ୍ତି। ବ୍ଲଗ୍ କରିବାର କିଛି ସମୟରେ ହିଁ ପ୍ରଶଂସକମାନେ ତାଙ୍କ ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି। ଗତବର୍ଷ ଜୁଲାଇରେ ୭୮ ବର୍ଷୀୟ ଅମିତାଭଙ୍କ ସମେତ ପୁଅ ଅଭିଷେକ, ବୋହୂ ଐଶ୍ୱର୍ଯ୍ୟା, ନାତୁଣୀ ଆରାଧ୍ୟା କୋଭିଡ୍-୧୯ରେ ସଂକ୍ରମିତ ହୋଇଥିଲେ। କୋ-ଷ୍ଟାର ଅଜୟ ଦେବଗନ୍ ଓ ରକୁଲ ପ୍ରୀତ୍‌ସିଂଙ୍କ ସହ ଅମିତାଭଙ୍କ ଅପ୍‌କମିଂ ଫିଲ୍ମ ମେ'ଡେର ସୁଟିଂ ଚାଲିଥିବାବେଳେ ସେ ଏହାର ଅପଡେଟ୍ ସୋସିଆଲ ମିଡିଆରେ ଶେୟାର କରିଥିଲେ।



# ଲାଲକିଲ୍ଲା ହିଂସା ପଛରେ ଭାଜପା

**ମିରଟ, ୨୮।୨**

ନୂଆ କୃଷି ଆଇନକୁ ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ରବିବାର କେନ୍ଦ୍ର ସରକାରଙ୍କ ଉପରେ ଜୋର୍‌ଦାର ବର୍ଷିଛନ୍ତି। କୃଷି ଆଇନ ଚାଷୀମାନଙ୍କ ପାଇଁ ମୃତ୍ୟୁର ୱାରେଣ୍ଟ ବୋଲି ଆମ୍ ଆଦ୍‌ମୀ ପାର୍ଟି ନେତା କହିବା ସହ ସରକାର ଚାଷୀଙ୍କଠାରୁ ଜମି ଛଡ଼ାଇ ନେଇ ଅଳ୍ପ କେତେଜଣ ପୁଞ୍ଜିପତିଙ୍କୁ ଦେବା ଲାଗି ଉଦ୍ୟମ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ।

ଉତ୍ତରପ୍ରଦେଶର ମିରଟଠାରେ କିଷାନ ମହାପଞ୍ଚାୟତକୁ ଉଦ୍‌ବୋଧନ ଦେଇ କେଜ୍‌ରିୱାଲ କହିଥିଲେ, ନୂଆ ଆଇନରେ ଚାଷୀ ନିଜ ଜମିରେ ଶ୍ରମିକ ହୋଇଯିବ। ସେଥିପାଇଁ ଏହା ସେମାନଙ୍କ ଲାଗି 'କର ବା ମର'ର ସମୟ। ଆନ୍ଦୋଳନରତ ଚାଷୀଙ୍କ ବିରୋଧରେ




ସରକାର ଦେଶ ବିରୋଧୀ କାର୍ଯ୍ୟ ଅଭିଯୋଗରେ ମାମଲା ରୁଜୁ କରୁଛନ୍ତି। ଚାଷୀଙ୍କୁ ସେମାନେ ଆତଙ୍କବାଦୀ କହୁଛନ୍ତି। କୃଷକମାନେ ଦେଶଦ୍ରୋହୀ ନୁହନ୍ତି। ସାଧାରଣତନ୍ତ୍ର ଦିବସରେ ଲାଲ୍‌କିଲ୍ଲାରେ ହିଂସା ଚାଷୀମାନେ କରି

- ମହାପଞ୍ଚାୟତରେ କେଜ୍‌ରିୱାଲଙ୍କ ଅଭିଯୋଗ
- ଚାଷୀ ଦେଶଦ୍ରୋହୀ ନୁହନ୍ତି
- କୃଷି ଆଇନ ଚାଷୀଙ୍କ ପାଇଁ ଡେଥ୍ ୱାରେଣ୍ଟ

ନ ଥିଲେ। ଏଥିରେ ଭାଜପା ସମ୍ପୃକ୍ତ। ହିଂସାକାଣ୍ଡର ପୂରା ଯୋଜନା ସେମାନେ ପ୍ରସ୍ତୁତ କରିଥିଲେ। ଚାଷୀମାନେ ଦିଲ୍ଲୀର ରାସ୍ତା ଜାଣି ନ ଥିବାରୁ ସେମାନଙ୍କୁ ଜାଣିଶୁଣି ଭୁଲ୍ ରାସ୍ତାରେ ନିଆଯାଇଥିଲା ବୋଲି କେଜରିୱାଲ ଅଭିଯୋଗ କରିଛନ୍ତି। ବ୍ରିଟଶ ଶାସନରେ ବି ଚାଷୀଙ୍କୁ ଏଭଳି ଅତ୍ୟାଚାର କରାଯାଇ ନ ଥିଲା କି ରାସ୍ତାରେ କଣ୍ଟା ପୋତାଯାଇ ନ ଥିଲା। ଭାରତକୁ ଭଲ ପାଉଥିବା ପ୍ରତ୍ୟେକ ବ୍ୟକ୍ତି ଚାଷୀ ଆନ୍ଦୋଳନକୁ ସମର୍ଥନ କରିବେ। କେନ୍ଦ୍ର ସରକାର ତୁରନ୍ତ କୃଷି ଆଇନ ପ୍ରତ୍ୟାହାର କରନ୍ତୁ ବୋଲି କେଜ୍‌ରିୱାଲ ଦାବି କରିଥିଲେ।

୨୦୨୨ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ଆମ୍ ଆଦମୀ ପାର୍ଟି ଲଢ଼ିବ ବୋଲି ଘୋଷଣା କରିବା ପରେ ଦଳ ପକ୍ଷରୁ ମୀରଟରେ ମହାପଞ୍ଚାୟତର ଆୟୋଜନ କରାଯାଇଛି। ଏଥିରେ ଯୋଗଦେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କୃଷକ ଆନ୍ଦୋଳନକୁ ସମର୍ଥନ କରୁଥିବା ପୁଣିଥରେ ଦୋହରାଇଥିଲେ। କେନ୍ଦ୍ର ସରକାର ଦେଶର ଚାଷୀମାନଙ୍କୁ ପ୍ରତାରିତ କରିଛନ୍ତି। ସରକାର ସବୁ ସୀମା ଟପିଗଲେଣି। କୌଣସି ଗୋଟିଏ ମଣ୍ଡିରେ ବି ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରେ ଫସଲ କିଣାଯାଉନାହିଁ। ଶାସକ ଦଳ ଚାଷୀଙ୍କୁ ବୋକା ବନାଇ ପାରିବ ନାହିଁ ବୋଲି କେଜ୍‌ରିୱାଲ କହିଛନ୍ତି।

## ମୋଦିଙ୍କୁ ଗୁଲାମ ନବୀଙ୍କ ପ୍ରଶଂସା



**ଜମ୍ମୁ, ୨୮।୨**

ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ୍ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ମୋଦି ପ୍ରଧାନମନ୍ତ୍ରୀ ହେବା ସତ୍ତ୍ୱେ ନିଜର ମୂଳ ପରିଚୟ ଭୁଲିନାହାନ୍ତି। ସେ ଗର୍ବର ସହ ନିଜକୁ ଚା'ବାଲା କହୁଛନ୍ତି। ଜନସାଧାରଣ ସେମାନଙ୍କଠାରୁ ଶିକ୍ଷାଲାଭ କରିବା ଉଚିତ ବୋଲି ଜମ୍ମୁର ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଗୁଲାମ ନବୀ କହିଥିଲେ। ମୋଦି ଜଣେ ଆତ୍ମବିଶ୍ୱାସୀ ବ୍ୟକ୍ତି ବୋଲି କଂଗ୍ରେସ ନେତା ମତ ଦେଇଥିଲେ।

# ସର୍ଜରୀବେଳେ କୋର୍ଟ ଶୁଣାଣି

**କାଲିଫର୍ଣ୍ଣିଆ ୨୮।୨**

କାଲିଫର୍ଣ୍ଣିଆର ଜଣେ ଡାକ୍ତର ରୋଗୀଙ୍କ ଅସ୍ତ୍ରୋପଚାରବେଳେ ଭିଡିଓ କନଫରେନ୍ସିଂ ଜରିଆରେ ହେଉଥିବା ତାଙ୍କ ନାମରେ ଥିବା ମାମଲାର ଶୁଣାଣିରେ ହାଜର ହେବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଡାକ୍ତର ସ୍କଟ ଗ୍ରୀନଙ୍କ ନାମରେ ଟ୍ରାଫିକ୍ ନିୟମ ଉଲ୍ଲଂଘନର ମାମଲା ରହିଥିଲା। ଏହାର ଭର୍ଚୁଆଲ ଶୁଣାଣି ପାଇଁ କାଲିଫର୍ଣ୍ଣିଆ କୋର୍ଟ ଜୁମ୍ ଆପ୍ ଯୋଗେ ସ୍କଟଙ୍କ ସହ ଭିଡିଓ କନଫରେନ୍ସରେ ଯୋଡ଼ି ହୋଇଥିଲେ। ହେଲେ ସେହି ସମୟରେ ସ୍କଟ ଜଣେ ରୋଗଙ୍କ ଅପରେଶନ କରୁଥିଲେ। ଏପରି ମାମଲାର ଶୁଣାଣି ସର୍ବସାଧାରଣରେ ହେବାର ନୀତି ଥିବାରୁ ଏ ସମସ୍ତ ଦୃଶ୍ୟର ଲାଇଭ ଟେଲିକାଷ୍ଟ ହୋଇଥିଲା। ଅସ୍ତ୍ରୋପଚାର କରୁଥିଲେ ମଧ୍ୟ ଶୁଣାଣିରେ ଯୋଗଦେବାକୁ ସ୍କଟ ରାଜି ହୋଇଥିଲେ। ସ୍କଟଙ୍କ ଠିକ୍ ଭାବେ ଟ୍ରାଏଲରେ ଭାଗ ନେଉ ନ ଥିବାରୁ ଜଜ୍ ଗ୍ରେ ଲିଙ୍କ୍ ଶୁଣାଣି ଆରମ୍ଭ କରିବାକୁ ଉଚିତ୍ ମନେ କରି ନ ଥିଲେ।



ତୈଳ ଓ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ରାଞ୍ଚିର ଆଲବର୍ଟ ଏକ୍କା ଚୌକଠାରେ କଂଗ୍ରେସ ମହିଳାମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ କରାଯାଉଛି।

# ଝୁଲା ବିଧାନସଭା ହେଲେ ଏନ୍‌ଡିଏକୁ ଫେରିବେ ମମତା

**କୋଲକାତା, ୨୮।୨**

ପଶ୍ଚିମବଙ୍ଗ ନିର୍ବାଚନରେ କୌଣସି ଦଳକୁ ସ୍ପଷ୍ଟ ବହୁମତ ନ ମିଳି ଯଦି ଝୁଲା ବିଧାନସଭା ହୁଏ ତେବେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସରକାର ଗଢ଼ିବା ପାଇଁ ପୁନର୍ବାର ଭାଜପା ହାତ ଧରିବେ ବୋଲି ରବିବାର ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି। ତେଣୁ ଭାଜପା-ଆର୍‌ଏସ୍‌ଏସ୍ ସାମ୍ପ୍ରଦାୟିକ ସୁବିଧାବାଦୀଙ୍କୁ ରୋକିବାକୁ ହେଲେ ପ୍ରଥମେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)କୁ ହରାଇବାକୁ ହେବ ବୋଲି ସେ ମତ ଦେଇଛନ୍ତି। ପଶ୍ଚିମବଙ୍ଗରେ ଭାଜପା



## ୟେଚୁରୀଙ୍କ ଅଭିଯୋଗ

ଏବଂ ଟିଏମ୍‌ସି ମଧ୍ୟରେ ଚାଲିଥିବା ଲଢ଼େଇ କେବଳ ଲୋକଦେଖାଣିଆ। ନିର୍ବାଚନ ସମୟରେ ଭାଜପା ପିଏମ୍ କେୟାର ପାଣ୍ଠିରେ ନେତାଙ୍କୁ କିଣୁଥିବା ୟେଚୁରୀ ଅଭିଯୋଗ କରିଛନ୍ତି। ବାମଦଳ

## କୋଲକାତାରେ ବାମ ଦଳ ଓ ଧର୍ମନିରପେକ୍ଷ ଶକ୍ତିର ବିଶାଳ ରାଲି

ଓ ଧର୍ମନିରପେକ୍ଷ ଶକ୍ତିର ମହାମେଣ୍ଟ ପଶ୍ଚିମବଙ୍ଗରେ ଦୁର୍ନୀତିଗ୍ରସ୍ତ ଟିଏମ୍‌ସି ସରକାର ଏବଂ ଭାଜପାକୁ ପରାଜିତ କରିବ। ଏହା ପଶ୍ଚିମବଙ୍ଗର ଉନ୍ନତି ପାଇଁ ଲଢ଼େଇ କରିବ ବୋଲି କୋଲକାତାର ବ୍ରିଗେଡ୍ ପ୍ୟାରେଡ୍ ଗ୍ରାଉଣ୍ଡଠାରେ ଏକ ମିଳିତ ରାଲିକୁ ସମ୍ବୋଧନ କରି ସିପିଏମ୍ ନେତା କହିଛନ୍ତି।

# ପଶ୍ଚିମବଙ୍ଗ ଏଡିଜିଙ୍କୁ ବଦଳାଇଲେ ଇସି

**କୋଲକାତା, ୨୮।୨**

ପଶ୍ଚିମବଙ୍ଗରେ ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ଦିନକ ପରେ ନିର୍ବାଚନ କମିଶନ ଶନିବାର ସେଠାର ଅତିରିକ୍ତ ମହାନିର୍ଦ୍ଦେଶକ (ଏଡିଜି ଆଇନ ଶୃଙ୍ଖଳା) ଜାୱେଦ ଶାମିମ୍‌ଙ୍କୁ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ଅଗ୍ନିଶମ ମହାନିର୍ଦ୍ଦେଶକ ଜଗମୋହନଙ୍କୁ ନିଯୁକ୍ତି ଦିଆଯାଇଛି। ଆଇନ ଶୃଙ୍ଖଳା ଏଡିଜି ହେଉଛନ୍ତି ରାଜ୍ୟ ପୋଲିସ ନୋଡାଲ ଅଫିସର,

## ରାଜନୈତିକ ଷଡ଼ଯନ୍ତ୍ର କହିଲା ଟିଏମ୍‌ସି

ଯିଏ ପୋଲିସ ସମ୍ପର୍କିତ ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କ ସହ ସମନ୍ୱୟ ରକ୍ଷା କରିଥାନ୍ତି। ପଶ୍ଚିମବଙ୍ଗ ନିର୍ବାଚନ ପାଇଁ ଦୁଇଜଣ ସ୍ୱତନ୍ତ୍ର ପୋଲିସ ପର୍ଯ୍ୟବେକ୍ଷକ ବିବେକ ଦୁବେ ଏବଂ ମୃଣାଳ କାନ୍ତି ଦାସ ପହଞ୍ଚିବା ପୂର୍ବରୁ ଏଡିଜିଙ୍କ ବଦଳି କରାଯାଇଛି। ମାତ୍ର ୩ ସପ୍ତାହ ପୂର୍ବରୁ ଶାମିମ୍‌ଙ୍କୁ ଆଇନ ଶୃଙ୍ଖଳା ଏଡିଜି ଭାବେ ନିଯୁକ୍ତି ଦିଆଯାଇଥିଲା। ଏବେ ସେ ଅଗ୍ନିଶମ ମହାନିର୍ଦ୍ଦେଶକ ନିଯୁକ୍ତ ହୋଇଛନ୍ତି। ଏହା ପଛରେ ରାଜନୈତିକ ଗନ୍ଧ ଥିବା ତୃଣମୂଳ କଂଗ୍ରେସର ବରିଷ୍ଠ ନେତାମାନେ କହିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ଭାଜପା ଏମ୍‌ପି ସ୍ୱପନ ଦାସଗୁପ୍ତା ଏବଂ ବେଙ୍ଗଲ ନେତା ଶିଶିର ବାଜୋରିଆ ଅଭିଯୋଗ କରିଥିଲେ। ସେମାନଙ୍କ ଅଭିଯୋଗ ଆଧାରରେ ଏଡିଜିଙ୍କ ବଦଳି କରାଯାଇଥିବା ଟିଏମ୍‌ସି ଏମ୍‌ପି ସୌଗତ ରାୟ କହିଛନ୍ତି।

# ଶିକ୍ଷା ବଜେଟ କମାଇଛନ୍ତି ୬୫% ଦେଶ

**ନୂଆଦିଲ୍ଲୀ, ୨୮।୨**

କରୋନା ମହାମାରୀ ପରେ ୬୫ ପ୍ରତିଶତ ନିମ୍ନ ଏବଂ ନିମ୍ନ-ମଧ୍ୟମ ଆୟକାରୀ ଦେଶ ସେମାନଙ୍କ ଶିକ୍ଷା ବଜେଟ ହ୍ରାସ କରିଛନ୍ତି। କେବଳ କମ୍ ଆୟକାରୀ ନୁହନ୍ତି, ଉଚ୍ଚ ଆୟକାରୀ ଦେଶ ମଧ୍ୟ ଶିକ୍ଷା ବାବଦ ଖର୍ଚ୍ଚ କମାଇଥିବା ଜଣାପଡ଼ିଛି। ସେମାନଙ୍କ ସଂଖ୍ୟା ୩୩ ପ୍ରତିଶତ ବୋଲି ବିଶ୍ୱବ୍ୟାଙ୍କ ରିପୋର୍ଟରେ କୁହାଯାଇଛି। ୟୁନେସ୍କୋର ଗ୍ଲୋବାଲ ଏଜୁକେଶନ ମନିଟରିଂ (ଜିଇଏମ୍) ରିପୋର୍ଟ ଅନୁଯାୟୀ ଅଧିକାଂଶ ନିମ୍ନ ଏବଂ ନିମ୍ନ-ମଧ୍ୟମ ଆୟକାରୀ ଦେଶ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପାଇଁ ଆବଶ୍ୟକ ଖର୍ଚ୍ଚ କମାଇଛନ୍ତି। ମହାମାରୀର ସ୍ୱଳ୍ପମିଆଦୀ ପ୍ରଭାବ ଶିକ୍ଷା ବଜେଟ ଉପରେ ପଡ଼ିଛି। ବିଭିନ୍ନ ଅଞ୍ଚଳର ୨୯ଟି ଦେଶରୁ ସଂଗୃହୀତ ହୋଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଉକ୍ତ ତଥ୍ୟକୁ ବିଶ୍ୱବ୍ୟାଙ୍କ ଟିମ୍ ଯାଞ୍ଚ କରିଥିଲା।

ନିମ୍ନ ଆୟକାରୀ ଦେଶ ମଧ୍ୟରେ ଆଫଗାନିସ୍ତାନ, ଇଥିଓପିଆ ଏବଂ ଉଗାଣ୍ଡା, ନିମ୍ନ-ମଧ୍ୟମ ଆୟକାରୀ ଦେଶ ମଧ୍ୟରେ ବାଂଲାଦେଶ, ଇଜିପ୍ଟ, ଭାରତ, କେନିଆ, କିର୍‌ଗିଜ୍ ରିପବ୍ଲିକ୍, ମରକ୍କୋ, ମ୍ୟାନ୍‌ମାର, ନେପାଳ, ନାଇଜେରିଆ, ପାକିସ୍ତାନ, ଫିଲିପାଇନ୍ସ, ତାଞ୍ଜାନିଆ, ୟୁକ୍ରେନ୍, ଉଜ୍‌ବେକିସ୍ତାନରୁ ତଥ୍ୟ ସଂଗ୍ରହ କରାଯାଇଥିଲା। ସେହିପରି ୧୦ଟି ଉଚ୍ଚ-ମଧ୍ୟମ ଆୟକାରୀ ଦେଶ ଆର୍ଜେଣ୍ଟିନା, ବ୍ରାଜିଲ, କଲମ୍ବିଆ, ଜୋର୍ଡାନ, ଇଣ୍ଡୋନେସିଆ, କାଜାକସ୍ତାନ, ମେକ୍ସିକୋ, ପେରୁ, ରୁଷିଆ ଏବଂ ତୁର୍କୀ ଏବଂ ଉଚ୍ଚ ଆୟକାରୀ ଦେଶ ଚିଲି ଏବଂ ପାନାମାରୁ ନମୁନା ତଥ୍ୟ ନିଆଯାଇଥିଲା। ଭାରତ ସମେତ ଆର୍ଜେଣ୍ଟିନା, ବ୍ରାଜିଲ, ଇଜିପ୍ଟ, ମ୍ୟାନମାର, ନାଇଜେରିଆ, ପାକିସ୍ତାନ ଏବଂ ରୁଷିଆ ବଜେଟରେ ଶିକ୍ଷା ପାଇଁ ୧୦ ପ୍ରତିଶତରୁ କମ୍ ବ୍ୟୟବରାଦ କରିଛନ୍ତି।

# ଆରମ୍ଭ ହେବ 'କ୍ୟାଚ୍ ଦି ରେନ୍'

**ନୂଆଦିଲ୍ଲୀ, ୨୮।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମନ୍ କୀ ବାତ୍ ରେଡିଓ କାର୍ଯ୍ୟକ୍ରମରେ ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଜଳଶକ୍ତି ମନ୍ତ୍ରଣାଳୟ ଖୁବ୍‌ଶୀଘ୍ର 'କ୍ୟାଚ୍ ଦି ରେନ୍' ନାମରେ ୧୦୦ ଦିନିଆ ଜଳସଂରକ୍ଷଣ ଅଭିଯାନ ଆରମ୍ଭ କରିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ଜଳସଂରକ୍ଷଣରେ ଆମର ସାମୂହିକ ଦାୟିତ୍ୱକୁ ବୁଝିବା ଲାଗି ଏହା ପ୍ରକୃଷ୍ଟ ସମୟ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ମନ୍ କୀ ବାତ୍‌ରେ ପ୍ରଧାନମନ୍ତ୍ରୀ ଓଡ଼ିଶାର ଜଗତସିଂହପୁର ଜିଲାର ନାୟକ ସାର୍ (ସିଲୁ ନାୟକ)ଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଭାରତୀୟ ସୈନ୍ୟବାହିନୀରେ ଯୋଗଦେବା


ନରେନ୍ଦ୍ର ମୋଦି


ସିଲୁ ନାୟକ

ପାଇଁ ଚାହୁଁଥିବା ଯୁବକମାନଙ୍କୁ ନାୟକ ସାର୍ ମାଗଣାରେ ମିଲିଟାରୀ ପ୍ରଶିକ୍ଷଣ ଦେଉଛନ୍ତି। ସେ ଜଣେ ମିଶନ ମଣିଷ ବୋଲି ମୋଦି କହିଥିଲେ। ତାଙ୍କ ସଂଗଠନର ନାଁ ମହାଗୁରୁ ବାଟାଲିୟନ। ଶାରୀରିକ ଫିଟ୍‌ନେସଠାରୁ ଆରମ୍ଭ କରି ସାକ୍ଷାତକାର ଓ ଲିଖିତ ପରୀକ୍ଷା ଓ ତାଲିମ୍ ପର୍ଯ୍ୟନ୍ତ ସବୁ କିଛି ନାୟକ ସାର୍ ଶିଖାଇଥାନ୍ତି। ତାଙ୍କ ସଂଗଠନରେ ତାଲିମ ନେଇ ଅନେକ ଯୁବକ ସ୍ଥଳସେନା, ନୌସେନା, ବାୟୁସେନା, ସିଆର୍‌ପିଏଫ୍ ଏବଂ ବିଏସ୍‌ଏଫ୍‌ରେ ସ୍ଥାନ ପାଇଥିବା ମୋଦି କହିଥିଲେ।

ସେହିପରି ଆତ୍ମନିର୍ଭର ଭାରତ ସମ୍ପର୍କରେ ମୋଦି କହିଥିଲେ, ଏହା କେବଳ ଅର୍ଥନୈତିକ କାର୍ଯ୍ୟକ୍ରମ

- ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍
- ଓଡ଼ିଶାର ନାୟକ ସାର୍‌ଙ୍କୁ ପ୍ରଶଂସା

ନୁହେଁ, ଏକ ଜାତୀୟ ଭାବନାରେ ପରିଣତ ହୋଇଛି। ଦେଶରେ ବିଜ୍ଞାନକୁ ଅଧିକ ଲୋକପ୍ରିୟ କରିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ବିଜ୍ଞାନ କେବଳ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଏବଂ ଗବେଷଣାଗାରରେ ସୀମିତ ନୁହେଁ। ଗବେଷଣାଗାରରୁ ଭୂମି (ଲାବ୍ ଟୁ ଲ୍ୟାଣ୍ଡ) ମନ୍ତ୍ରରେ ବିଜ୍ଞାନର ସମ୍ପ୍ରସାରଣ ଲାଗି ମୋଦି ଆହ୍ୱାନ ଦେଇଛନ୍ତି। ବିଶ୍ୱର ସର୍ବପୁରାତନ ଭାଷା ତାମିଲ୍ ଶିଖିବା ପାଇଁ ଯଥେଷ୍ଟ ପ୍ରୟାସ କରି ନ ଥିବାରୁ ପ୍ରଧାନମନ୍ତ୍ରୀ ଦୁଃଖପ୍ରକାଶ କରିଥିଲେ। ତାମିଲ ଭାଷା ଅତି ସୁନ୍ଦର ବୋଲି ସେ କହିଥିଲେ।

# ଲିଗ୍ ୱିନର୍ସ ଶିଲ୍ଡ ଜିତିଲା ମୁମ୍ବାଇ

**ବାମ୍ବୋଲିମ୍, ୨୮।୨**

ଚଳିତ ଇଣ୍ଡିଆନ ସୁପର ଲିଗ୍(ଆଇଏସ୍ଏଲ୍)ର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ମୁମ୍ବାଇ ସିଟ୍ ଏଫ୍‌ସି ୨-୧ ଗୋଲରେ ଏଟିକେ ମୋହନବାଗାନ(ଏଟିକେଏମ୍‌ବି)କୁ ପରାସ୍ତ କରିଛି। ଏଥିସହ ମୁମ୍ବାଇ ତାଲିକାର ଶୀର୍ଷରେ ରହି ଲିଗ୍ ୱିନର୍ସ ଶିଲ୍ଡ ହାସଲ କରିଛି। କୋଚ୍ ସର୍ଗିଓ ଲୋବେରାଙ୍କ ତତ୍ତ୍ୱାବଧାନରେ ମୁମ୍ବାଇ ୨୦ଟି ମ୍ୟାଚ୍

**ଇଣ୍ଡିଆନ ସୁପର ଲିଗ୍**

ଖେଳି ୧୨ ବିଜୟ, ୪ ଡ୍ର ଓ ପରାଜୟ ସହ ମୋଟ ୪୦ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷରେ ରହି ଏହି ସଫଳତା ପାଇଛି। ଅନ୍ୟପଟେ ଏଟିକେଏମ୍‌ବି ୨୦ଟି ମ୍ୟାଚ୍ ଖେଳି ୧୨ ବିଜୟ, ୪ ଲେଖାଏ ଡ୍ର ଓ ପରାଜୟ ସହ ସମାନ ୪୦ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ ବ୍ୟବଧାନରେ ପଛରେ ରହି ଦ୍ୱିତୀୟ ସ୍ଥାନରେ ରହିବା ସହ ଲିଗ୍ ୱିନର୍ସ ଶିଲ୍ଡ ହାସଲରୁ ବଞ୍ଚିତ ହୋଇଛି।

ରବିବାର ଖେଳାଯାଇଥିବା ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ମୁମ୍ବାଇ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ମୁମ୍ବାଇ ତରଫରୁ ମୋର୍ଟାଡା ଫଲ ସପ୍ତମ ମିନିଟ୍‌ରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ୩୯ ତମ ମିନିଟ୍‌ରେ ମୁମ୍ବାଇର ବାର୍ଥୋଲୋମ୍ୟୁ ଓଗବେଚେ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ପ୍ରଥମାର୍ଦ୍ଧ ଶେଷ ହେବା ବେଳକୁ ମୁମ୍ବାଇ ଅଗ୍ରଣୀ ବଜାୟ ରଖିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ସୁଯୋଗ ପାଇଥିଲେ ମଧ୍ୟ ଏଟିକେଏମ୍‌ବି ଗୋଲ ଦେଇପାରି ନ ଥିଲା ଓ ସହଜରେ ମ୍ୟାଚ୍ ହାତଛଡ଼ା କରିଥିଲା। ତେବେ ବଲ୍ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଏଟିକେଏମ୍‌ବି ଆଗରେ ରହିଥିଲେ ମଧ୍ୟ ଏହାର ଫାଇଦା ଉଠାଇପାରି ନ ଥିଲା। ଦଳର ପ୍ରଦର୍ଶନରେ ମୁମ୍ବାଇ କୋଚ୍ ଲୋବେରା ଖୁସି ଜାହିର କରିଛନ୍ତି। ଖେଳାଳିଙ୍କ ପ୍ରଦର୍ଶନ ଗର୍ବିତ ବୋଲି ସେ କହିଛନ୍ତି। ଏଟିକେଏମ୍‌ବି ଏକ କ୍ୱାଲିଟି ଦଳ ବୋଲି ଜାଣିଥିଲୁ। ଯୋଜନା ଅନୁସାରେ ଖେଳି ସଫଳତା ପାଇଛୁ। ଲିଗ୍‌ରେ ଆମେ ଭଲ ଆରମ୍ଭ କରିଥିଲୁ। ତେବେ ଶେଷ ଆଡକୁ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲୁ। ଶେଷରେ ଲିଗ୍ ୱିନର୍ସ ଶିଲ୍ଡ ଜିତିଥିବାରୁ ଆମେ ବେଶ୍ ଆନନ୍ଦିତ ଅଛୁ ବୋଲି ସେ କହିଛନ୍ତି।



ଆଇଏସ୍ଏଲ୍ ଲିଗ୍ ୱିନର୍ସ ଶିଲ୍ଡ ସହ ମୁମ୍ବାଇ ସିଟି ଏଫ୍‌ସି ଖେଳାଳିମାନେ।

## ସେମିଫାଇନାଲ ଲାଇନ୍‌ଅପ୍ ଚୂଡାନ୍ତ

ଆଇଏସଏଲ୍‌ର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ମୁମ୍ବାଇ, ଏଟିକେଏମ୍‌ବି, ନର୍ଥଇଷ୍ଟ ୟୁନାଇଟେଡ ଓ ଗୋଆ ଯଥାକ୍ରମେ ପଏଣ୍ଟ ତାଲିକାର ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଫଳରେ ପ୍ଲେଅଫ୍ କାର୍ଯସୂଚୀ ସ୍ପଷ୍ଟ ହୋଇଛି। ମୁମ୍ବାଇ ଏବେ ଚତୁର୍ଥ ସ୍ଥାନରେ ଥିବା ଏଫ୍‌ସି ଗୋଆ ବିପକ୍ଷରେ ଦୁଇ ଲେଗ୍ ବିଶିଷ୍ଟ ସେମିଫାଇନାଲ ଖେଳିବ। ସେହିପରି ଦ୍ୱିତୀୟ ସ୍ଥାନରେ ଥିବା ଏଟିକେଏମ୍‌ବି ଦୁଇ ଲେଗ ବିଶିଷ୍ଟ ସେମିଫାଇନାଲରେ ତୃତୀୟ ସ୍ଥାନ ହାସଲ କରିଥିବା ନର୍ଥଇଷ୍ଟ ୟୁନାଇଟେଡକୁ ଭେଟିବ।

### ପ୍ଲେ ଅଫ୍ କାର୍ଯ୍ୟସୂଚୀ

| ମାର୍ଚ୍ଚ | ମୁକାବିଲା | ଭେନ୍ୟୁ |
|---|---|---|
| ୫ | ଗୋଆ– ମୁମ୍ବାଇ | ଫାଟୋର୍ଡା |
| ୬ | ନର୍ଥଇଷ୍ଟ– ଏଟିକେଏମ୍‌ବି | ବାମ୍ବୋଲିମ |
| ୮ | ମୁମ୍ବାଇ– ଗୋଆ | ବାମ୍ବୋଲିମ |
| ୯ | ଏଟିକେଏମ୍‌ବି– ନର୍ଥଇଷ୍ଟ | ଫାଟୋର୍ଡା |
| ୧୩ | ଗ୍ରାଣ୍ଡ ଫାଇନାଲ | ଫାଟୋର୍ଡା |

# ହାଇଦ୍ରାବାଦ୍ ଆଉଟ୍

**ମାର୍ଗାଓ, ୨୮।୨**

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ଚଳିତ ସେସନରେ ଏଫ୍‌ସି ଗୋଆ ପ୍ଲେଅଫ୍‌ରେ ପ୍ରବେଶ କରିଛି। ଅନ୍ୟପଟେ ହାଇଦ୍ରାବାଦ୍ ଏଫ୍‌ସିକୁ ଟୁର୍ନାମେଣ୍ଟରୁ ବିଦାୟ ନେବାକୁ ପଡିଛି। ସ୍ଥାନୀୟ ଫଟୋର୍ଡା ଷ୍ଟାଡିୟମରେ ରବିବାର ଗୋଆ ଓ ହାଇଦ୍ରାବାଦ ପରସ୍ପରକୁ ଭେଟିଥିଲେ। ପ୍ଲେ ଅଫ୍‌ରେ ସ୍ଥାନ ହାସଲ ପାଇଁ ୧ ପଏଣ୍ଟ ଆବଶ୍ୟକ କରୁଥିବା ବେଳେ ଅତିକମ୍‌ରେ ମ୍ୟାଚ୍ ଡ୍ର ରଖିବା ଜରୁରୀ ଥିଲା। ଅନ୍ୟପଟେ ହାଇଦ୍ରାବାଦ୍‌କୁ ବିଜୟ ସହ ୩ ପଏଣ୍ଟ ଆବଶ୍ୟକ ହେଉଥିଲା। କିନ୍ତୁ ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ ଶେଷରେ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା ଓ ଉଭୟ ଦଳ ଗୋଟିଏ ଲେଖାଏ ପଏଣ୍ଟ ହାସଲ କରିଥିଲେ।

ଗୋଆ ମୋଟ ଉପରେ ୨୦ଟି ମ୍ୟାଚ୍ ଖେଳି ୭ ବିଜୟ, ୧୦ ଡ୍ର, ୩ ପରାଜୟ ସହ ୩୧ ପଏଣ୍ଟ ହାସଲ କରି ତାଲିକାର ଚତୁର୍ଥ ସ୍ଥାନରେ ରହିବା ସହ ପ୍ଲେଅଫ୍‌ରେ ସ୍ଥାନ ପକ୍କା କରିଛି। କୋଚ୍ ଜୁଆନ ଫର୍ଣ୍ଣାଣ୍ଡୋଙ୍କ ଗୋଆ କ୍ରମାଗତ ୧୩ଟି ମ୍ୟାଚ୍‌ରେ ଅପରାଜେୟ ରହି ଆଇଏସ୍ଏଲ୍‌ରେ ନୂଆ ରେକର୍ଡ କରିଛି। ଅନ୍ୟପଟେ ହାଇଦ୍ରାବାଦ ୨୦ଟି ମ୍ୟାଚ୍ ଖେଳି ୬ ବିଜୟ, ୧୧ ଡ୍ର ଓ ୩ ପରାଜୟ ସହ ୨୯ ପଏଣ୍ଟ ପାଇ ତାଲିକାର ପଞ୍ଚମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଏଥିସହ ଗୋଆ କ୍ରମାଗତ ଚତୁର୍ଥ ଥର ପାଇଁ ସେମି ଫାଇନାଲରେ ପ୍ରବେଶ କରିଛି। ହାଇଦ୍ରାବାଦର ପ୍ରଦର୍ଶନ ଏହି ମ୍ୟାଚ୍‌ରେ ଉଚ୍ଚକୋଟୀର ରହିଥିଲେ ମଧ୍ୟ ଗୋଆକୁ ରୋକିବାରେ ସକ୍ଷମ ହୋଇପାରିନାହିଁ।

ହାଇଦ୍ରାବାଦ ମଧ୍ୟ କ୍ରମାଗତ ୧୨ଟି ମ୍ୟାଚ୍‌ରେ ଅପରାଜେୟ ରହିଛି। ତେବେ ହାଇଦ୍ରାବାଦ୍‌କୁ ପଞ୍ଚମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡିଛି। ହାଇଦ୍ରାବାଦ ଦଳରେ କେତେଜଣ ତାରକା ଖେଳାଳି ନ ଥିଲେ। ଦଳ ପାଇଁ ନିୟମିତ ଭାବେ ସ୍କୋର କରୁଥିବା ଆରିଡେନ୍ ସାଣ୍ଟାନା ଓ ଚିଙ୍ଗଲେନସାନା ଏହି ମ୍ୟାଚ୍‌ରେ ଅନୁପସ୍ଥିତ ଥିଲେ। ଉଭକୟ ଦଳ ଏକାଧିକ ସୁଯୋଗ ହାସଲ କରିଥିଲେ ମଧ୍ୟ ଗୋଲ ଦେଇପାରି ନ ଥିଲେ। ବଲ୍ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ ଗୋଆ ହାଇଦ୍ରାବାଦ୍‌ଠାରୁ ଆଗରେ ଥିଲା ଓ ପ୍ରଭାବ ବିସ୍ତାର କରି ଖେଳିଥିଲା। ୮୪ତମ ମିନିଟ୍‌ରେ ହାଇଦ୍ରାବାଦ ଗୋଲ ସ୍କୋର କରିବାର ଏକ ବଡ଼ ସୁଯୋଗ ପାଇଥିଲା।


ପ୍ଲେ ଅଫ୍‌ରେ ସ୍ଥାନ ହାସଲ କରିବା ପରେ ଏଫ୍‌ସି ଗୋଆର ଖେଳାଳିମାନେ କୋଚ୍ ଜୁଆନ ଫର୍ନାଣ୍ଡୋଙ୍କୁ ଉପରକୁ ଟେକି ଖୁସି ମନାଉଛନ୍ତି।

# ନାଲ୍‌କୋ ଷ୍ଟାର୍ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

**ବଅଁରପାଳ, ୨୮।୨ (ଡି.ଏନ.ଏ.)**

ନାଲ୍‌କୋ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଚାଲିଥିବା ୨ୟ ଦିଲୀପ ରାଉତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଶେଷ ହୋଇଛି। ନାଲ୍‌କୋ ଷ୍ଟାର୍ ଦଳ ନାଲକୋ ବ୍ଲୁ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ନାଲକୋ ଷ୍ଟାର୍ ଦଳ ପ୍ରଥମେ ବ୍ୟାଟିଂ କରି ୧୪୬ ରନ୍ ସଂଗ୍ରହ କରିଥିଲା। ଜବାବରେ ନାଲକୋ ବ୍ଲୁ ଦଳ ୧୦୬ କରି ପରାସ୍ତ ହୋଇଥିଲା। ଉଦଯାପନୀ ଉତ୍ସବରେ ନାଲକୋ ଇଡି ଅମ୍ବିକା ପ୍ରସାଦ ପଣ୍ଡା, ମହାପ୍ରବନ୍ଧକ ସତ୍ୟାନନ୍ଦ ସାହୁ, ବରଦା ପ୍ରସନ୍ନ ଆଚାର୍ଯ୍ୟ, ଅକ୍ଷୟ ପାଣିଗ୍ରାହୀ, ହିମାଂଶୁ ଚମ୍ପତି, ହୃଦାନନ୍ଦ ଦାସ, ଦେବେନ୍ଦ୍ର ରାଉତ, ଶୁଭାଶିଷ ପଣ୍ଡା ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ସୁନନ୍ଦ ସେନ, ସିରିଜର ଶ୍ରେଷ୍ଠ ଖେଳାଳି ଦୁଷ୍ମନ୍ତ ଦାସ, ବେଷ୍ଟ ବ୍ୟାଟ୍ସମ୍ୟାନ ସୁନୀଲ ସାହୁ, ବେଷ୍ଟ ବୋଲର ଭାବେ ଛବି ଭୋଇ ପୁରସ୍କୃତ ହୋଇଥିଲେ।

# ପ୍ରଶିକ୍ଷକ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଭୁବନେଶ୍ୱର, ୨୮।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲରେ ଗତ ଦୁଇଦିନ ଧରି ଚାଲିଥିବା ପ୍ରଶିକ୍ଷକମାନଙ୍କ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ହରିପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ମୋଟ ୪୯ ଜଣ ପ୍ରଶିକ୍ଷକ ବିଭିନ୍ନ ଜିଲାରୁ ପ୍ରତିନିଧିତ୍ୱ କରି ଶିକ୍ଷା ଗ୍ରହଣ କରିଥିଲେ। କୋଭିଡ୍ ନିୟମମାନି ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୧ଜଣ

**୧୧ଜଣଙ୍କୁ ବ୍ଲାକ୍ ବେଲ୍ଟ**

ବ୍ଲାକ୍ ବେଲ୍ଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଭୁବନେଶ୍ୱରରୁ ମୋଟ ୭ଜଣ, ମୟୂରଭଞ୍ଜ, କଟକ, ଅନୁଗୋଳ ଓ ବଲାଙ୍ଗୀର ଜିଲାରୁ ଜଣେ ଲେଖାଏ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ମୁଖ୍ୟ କୋଚ୍ ହରିପ୍ରସାଦ କରାଟେକାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରତିଯୋଗୀମାନେ ହେଲେ ଭୁବନେଶ୍ୱରର ହିମାଂଶୁ ଦାସ, ମିଲନ କୁମାର ରଥ, ଶୁଭମ୍ ମହାପାତ୍ର, ମାନସ ରଞ୍ଜନ ସିଂ, ମାଉ ମିନାଲ, ବି.ଗୋପାଲ ରାଓ ଓ ଜୀବନ ସଂଗ୍ରାମ ରାଉତରାୟ, ମୟୂରଭଞ୍ଜର ଜାହ୍ନବୀ ସାହୁ, କଟକର ଅମ୍ରିତ ରଥ, ବଲାଙ୍ଗୀରର ଅଦ୍ୱୈତ ପ୍ରସାଦ ଓ ଅନୁଗୋଳର ପ୍ରଜ୍ୱଳ ଭୋଇ ।



ବ୍ଲାକ୍‌ବେଲ୍ଟ ସହ କୃତୀ ପ୍ରତିଯୋଗୀମାନେ।

## ବାଲିଅନ୍ତା ବିଜୟୀ

**କଣ୍ଟାପଡା, ୨୮।୨ (ଡି.ଏନ୍.ଏ.):** ଅଲାରପୁର ମା' ନାଗେଶ୍ୱରୀ କ୍ରିକେଟ କ୍ଲବ ପକ୍ଷରୁ ସ୍ଥାନୀୟ କେଳା ପଡ଼ିଆରେ ଆୟୋଜିତ ମା' ନାଗେଶ୍ୱରୀ କ୍ରିକେଟ କପ୍‌ର ରବିବାର ଫାଇନାଲ ମ୍ୟାଚରେ ଧାନମଣ୍ଡଳ କ୍ରିକେଟ କ୍ଲବକୁ ବାଲିଅନ୍ତା କ୍ରିକେଟ କ୍ଲବ ୧୦ ଉଇକେଟରେ ହରାଇ ଚାମ୍ପିୟନ ଟ୍ରଫି ହାସଲ କରିଛି। ନିର୍ଦ୍ଧାରିତ ୧୦ ଓଭରରେ ଧାନମଣ୍ଡଳ ଦଳ ୫୭ ରନ ସଂଗ୍ରହ କରିଥିଲା। ଦଳପକ୍ଷରୁ ସନ୍ତୋଷ ୨୫ ରନ ସଂଗ୍ରହ କରିଥିଲେ। ଜବାବରେ ବାଲିଅନ୍ତା ଦଳ କୌଣସି ଉଇକେଟ ନ ହରାଇ ୩ ଓଭରରେ ୫୮ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଆନନ୍ଦ ଦ୍ରୁତ ୫୧ ରନ କରିଥିଲେ। ବିପିନ ବେହେରା, ବସନ୍ତ ପ୍ରତାପ, ଗୁଣନିଧି ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ।

## ହଂସନାଥ ପ୍ରିମିୟର ଲିଗ୍ ଜିତିଲା ଗୁଗୁଲ ଏକାଦଶ

**କଟକସଦର, ୨୮।୨ (ଡି.ଏନ୍.ଏ.):** କଟକସଦର ବ୍ଲକ ଅନ୍ତର୍ଗତ ସଖିପୁର ହଂସନାଥ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚରେ ଜୟମାଧବ ଟିମ୍‌କୁ ହରାଇ ଗୁଗୁଲ୍ ଏକାଦଶ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ଅମିୟ ଦଳାଇ ମୁଖ୍ୟଅତିଥି ଓ ଲକ୍ଷ୍ମୀଧର ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜୟୀ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ମ୍ୟାଚକୁ ସିଦ୍ଧାର୍ଥ ନାୟକ, ସୁଶାନ୍ତ ଦାସ, ସନ୍ତୋଷ ରାଉତ ଓ ଅମିୟ ଦାଶ ପରିଚାଳନା କରିଥିଲେ।

# ହଣ୍ଡପା ଜିତିଲା ସାନହୁଲା କପ୍

**ବଇଣ୍ଡା, ୨୮।୨ (ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ସନହୁଲା ହାଇସ୍କୁଲ ଖେଳପଡିଆଠାରେ ଚାଲିଥିବା ସାନହୁଲା କପ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କଞ୍ଚୁରାକୁ ହରାଇ ହଣ୍ଡପା ଚାମ୍ପିୟନ ହୋଇଛି। ପ୍ରଥମେ ହଣ୍ଡପା ବ୍ୟାଟିଂ କରି ୬୯ ରନ ସଂଗ୍ରହ କରିଥିଲା। ଜବାବରେ କଞ୍ଚୁରା ୫୦ ରନ କରି ପରାଜିତ ହୋଇଥିଲା। ସୁକୁମାର ନାୟକ, ଅମିତ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳର ମଣ୍ଟି ଉଭୟ 'ମ୍ୟାନ ଅଫ ଦି ମ୍ୟାଚ' ଏବଂ 'ମ୍ୟାନ ଅଫ ଦି ସରିଜ୍' ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଅର୍ଜୁନ ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବବିତା ବେହେରା ଉପସ୍ଥିତ ଥିଲେ।


ଅତିଥିମାନେ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

# ସହୀଦ କପ୍ କ୍ରିକେଟ: ସଚିବାଳୟ ଟିମ୍ ଚାମ୍ପିୟନ

**ଭୁବନେଶ୍ୱର, ୨୮।୨**

ସହିଦ ଭଗତ ସିଂ ଯୁବ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ସହିଦ କପ୍–୨୦୨୧ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର ମିଡିଆ ସ୍ପୋର୍ଟ୍ସ କ୍ଲବ (ବିଏମ୍ଏସ୍‌ସି)କୁ ହରାଇ ସଚିବାଳୟ କର୍ମଚାରୀ ଟିମ୍ ଚାମ୍ପିୟନ ହୋଇଛି। ନୟାପଲ୍ଲୀସ୍ଥିତ ଏନ୍–୬ ପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ରାଜନେତା, ଅଭିନେତା, ସାମ୍ବାଦିକ ଓ ସଚିବାଳୟ କର୍ମଚାରୀ ଟିମ୍ ଭାଗ ନେଇଥିଲେ। ପ୍ରଥମ ମ୍ୟାଚ ଅଭିନେତା ଓ ସଚିବାଳୟ କର୍ମଚାରୀ ଟିମ୍ ମଧ୍ୟରେ ହୋଇଥିଲା। ଏହାକୁ ଏମ୍‌ପି ମୁନା ଖାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ସଚିବାଳୟ ଟିମ୍ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ରାଜନେତା ଓ ବିଏମ୍ଏସ୍‌ସି ମଧ୍ୟରେ ହୋଇଥିଲା । ଏଥିରେ ବିଏମ୍ଏସ୍‌ସି ବିଜୟଲାଭ କରିଥିଲା । ନିର୍ଣ୍ଣାୟକ ମ୍ୟାଚ ସଚିବାଳୟ କର୍ମଚାରୀ ଓ ଭୁବନେଶ୍ୱର ମିଡିଆ ସ୍ପୋର୍ଟସ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଚିବାଳୟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮୮ ରନ୍ ସଂଗ୍ରହ କରିଥିଲା। ଜବାବରେ ବିଏମ୍ଏସ୍‌ସି ୧୦ ଓଭରରେ ୪ ଉଇକେଟ ହରାଇ ୭୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳରେ ସଚିବାଳୟ କର୍ମଚାରୀ ଟିମ୍ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଦିଲୀପ ମହାନ୍ତି ଓ ଜିଲା ସଭାପତି ବାବୁ ସିଂ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେବେ ସୁନେ ଲୁସ୍

**ଲକ୍ଷ୍ନୌ, ୨୮।୨ (ପି.ଟି.)**

ଭାରତ ବିପକ୍ଷ ଆଗାମୀ ସୀମିତ ଓଭର ସିରିଜ ପାଇଁ ସୁନେ ଲୁସ୍ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଦଳର ନେତୃତ୍ୱ ନେବେ। କାରଣ ଆଘାତପ୍ରାପ୍ତ ଥିବାରୁ ନିୟମିତ ଅଧିନାୟିକା ଡେନ୍ ଭାନ୍ ନିକର୍କ ଏବଂ କ୍ଲୋ ଟ୍ରାୟନ ପୁନର୍ବାର ଖେଳିପାରିବେ ନାହିଁ। କ୍ରିକେଟ ଦକ୍ଷିଣ ଆଫ୍ରିକା ତରଫରୁ ରବିବାର ଏହି ସୂଚନା ଦିଆଯାଇଛି। ଭ୍ରମଣକାରୀ ଦଳ ଶନିବାର ଭାରତରେ ପହଞ୍ଚିବା ପରେ ୬ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ଏଠାରେ ମାର୍ଚ୍ଚ ୭ରେ ସିରିଜ ଓପନିଂ ଅନ୍ତର୍ଜାତୀୟ ଦିନିକିଆ ଖେଳିବା ପୂର୍ବରୁ ଦଳ ଦୁଇ ଦିନ ଟ୍ରେନିଂ ନେବ। ଗତ ମାସରେ ପାକିସ୍ତାନ ବିପକ୍ଷ ଦିନିକିଆ ଓ ଟି୨୦ ସିରିଜ ଜିତିଥିବା ଦକ୍ଷିଣଆଫ୍ରିକାର ୧୮ଜଣିଆ ଦଳରେ ଅଧିକାଂଶ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ଡେନ୍ ଭାନ୍ ନିକର୍କ ଏବଂ କ୍ଲୋ ଟ୍ରାୟନ ଏହି ସିରିଜରେ ଖେଳି ନ ଥିଲେ। ଶେଷ ମୁହୂର୍ତ୍ତରେ ଇଞ୍ଜୁରି ପାଇଁ କେବଳ ପେସ୍ ବୋଲର ମାସାବାଟା କ୍ଲାସ ଦଳରୁ ବାଦ୍ ପଡ଼ିଛନ୍ତି। ସୁନେ ଲୁସ୍ ଗତ ସିରିଜରେ ମଧ୍ୟ ଦଳର ଅଧିନାୟିକା ରହିଥିଲେ। ସିରିଜରେ ପ୍ରଥମେ ୫ ଅନ୍ତର୍ଜାତୀୟ ଦିନିକିଆ ଓ ପରେ ତିନୋଟି ଅନ୍ତର୍ଜାତୀୟ ଟି୨୦ ଖେଳାଯିବ। ସମସ୍ତ ମ୍ୟାଚ ଲକ୍ଷ୍ନୌସ୍ଥିତ ଇକାନା ଷ୍ଟାଡିୟମରେ ଅନୁଷ୍ଠିତ ହେବ।


ସୁନେ ଲୁସ୍

**ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ ଦଳ:** ସୁନେ ଲୁସ୍ (ଅଧିନାୟିକା), ଆୟାବୋଙ୍ଗା ଖାକା, ସବ୍‌ନିମ୍ ଇସ୍‌ମାଇଲ, ଲାଉରା ଭଲ୍‌ଭାଡଟ୍, ତ୍ରିଶା ଚେଟି, ସିନାଲୋ ଜାଫ୍‌ଟା, ଟସମିନ ବ୍ରିଜ୍, ମାରିଜେନ୍ କାପ୍, ନୋଣ୍ଡୁମିସୋ ସାନ୍‌ଗେଜ୍, ଲିଜେଲି ଲି, ଆନିକେ ବୋସକ, ଫାୟେ ଟନିକ୍ଲିଫ୍, ନଙ୍କୁଲୁଲେକୋ ଏମ୍‌ଲାବା, ମିଗ୍‌ନନ୍ ଡୁ ପ୍ରିଜ୍, ନାଣ୍ଡିନେ ଡି କ୍ଲର୍କ, ଲାରା ଗୁଡାଲ ଓ ତୁମି ସେଖୁଖୁନେ।



ବଲିଉଡ ନାୟିକା ଦୀପିକା ପାଦୁକୋନ ଏକ ଭିଡିଓରେ ମହିଳାଙ୍କୁ ଆତ୍ମବିଶ୍ୱାସୀ ହେବାର ମନ୍ତ୍ର ଦେଇଛନ୍ତି। ଭିଡିଓରେ ଦୀପିକା ସିମ୍ପଲ ଲୁକ୍‌ରେ ନଜର ଆସିଛନ୍ତି। ଏକ ବିଜ୍ଞାପନ ଭିଡିଓରେ ଜିନ୍ସ ଓ ଟିସର୍ଟ ପିନ୍ଧି ଦୀପିକା ଚିନ୍ତା ମୁକ୍ତ ହୋଇ ବଞ୍ଚିବାର ଶୈଳୀକୁ ଉପସ୍ଥାପନ କରୁଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ମହିଳାଙ୍କୁ ଖୋଲାଖୋଲି ଭାବେ ଆତ୍ମବିଶ୍ୱାସର ସହ ବଞ୍ଚିବା ଦରକାର ବୋଲି ସେ ଏଥିରେ କହିଛନ୍ତି।

# ୧୮ ଘଣ୍ଟାରେ ୨୫ କିମି ରାଜପଥ

**ଜାତୀୟ ରାଜପଥ ନିର୍ମାଣ କ୍ଷେତ୍ରରେ ନୂଆ କୀର୍ତ୍ତିମାନ ସ୍ଥାପନ କରିଛି ଭାରତ। ମାତ୍ର ୧୮ ଘଣ୍ଟାରେ ବିଜୟପୁର-ସୋଲାପୁର ମଧ୍ୟରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ୨୫.୫୪ କିମିର ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଟୁଇଟ ଯୋଗେ ସୂଚନା ଦେଇଛନ୍ତି। ଏହି ସଫଳତା ଖୁବ୍‌ଶୀଘ୍ର ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନିତ ହେବ ବୋଲି ଗଡକରୀ କହିଛନ୍ତି।**



ଏନ୍‌ଏଚ୍ ନିର୍ମାଣରେ ଭାରତର କୀର୍ତ୍ତିମାନ

**ନୂଆଦିଲ୍ଲୀ:** ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ରବିବାର ରଜପଥ ନିର୍ମାଣ କ୍ଷେତ୍ରରେ ନୂଆ ରେକର୍ଡ ସ୍ଥାପନ କରିଛି। ସୋଲାପୁର-ବିଜୟପୁର ସେକ୍ସନରେ ଏନ୍‌ଏଚ୍ ୫୨ରେ ମାତ୍ର ୧୮ ଘଣ୍ଟାରେ ୨୫.୫୪ ଲମ୍ବର ରାସ୍ତା ତିଆରି ଶେଷ ହୋଇଛି। ଏ ସମ୍ପର୍କରେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକାରୀ ସୂଚନା ଦେବା ସହ ସମସ୍ତ ବିଭାଗୀୟ ଅଧିକାରୀ ଓ ଶ୍ରମିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ୧୧୦ କିମି ବିଶିଷ୍ଟ ସୋଲାପୁର-ବିଜୟପୁର ରାଜପଥ ନିର୍ମାଣ କାର୍ଯ୍ୟ ଆସନ୍ତା ଅକ୍ଟୋବର ସୁଦ୍ଧା ଶେଷ ହୋଇଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିସହ ଦେଶର କୌଣସି ରାଜପଥ ପରିଯୋଜନା ଭାବେ ପ୍ରଥମ ଥର ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍‌ରେ ଏହା ସ୍ଥାନିତ ହେବାକୁ ଯାଉଛି। ଆଇଜେଏମ୍ ଇଣ୍ଡିଆ ଇନଫ୍ରାଷ୍ଟ୍ରକଚର ଟିମ୍ ଲିଡର ଏମ୍ ଭେଙ୍କଟେଶ୍ୱରଙ୍କ କହିବା ଅନୁଯାୟୀ, ଏତେ କମ୍ ସମୟରେ ରାସ୍ତା କାମ ସାରିବା ସହଜ ନ ଥିଲା। ଏକ ସମୟରେ ୫ଟି ସ୍ଥାନରେ ରାଜପଥ ନିର୍ମାଣ ଚାଲିଥିଲା। ଏଥିରେ ବ୍ୟବହାର ହୋଇଥିବା ସମସ୍ତ ଗାଡ଼ି ରୈଖିକ ଭାବେ ଆନୁମାନିକ ୧୮ ହଜାର ୭ଶହ କିମି ଚଳପ୍ରଚଳ କରିଥିଲା, ଯାହା କି ଲଦାଖରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ୫ ଥର ଯିବା ସହିତ ସମାନ ଥିଲା। ଏନ୍‌ଏଚ୍ ୪୪ରେ ଲଦାଖରୁ କନ୍ୟାକୁମାରୀର ଦୂରତା ୩ ହଜାର ୮୧୦ କିମି ହେବ। ୪ ଲେନ୍ ବିଶିଷ୍ଟ ଉକ୍ତ ହାଇୱେର ଉଭୟ ପାର୍ଶ୍ୱରେ ୧୨.୭୭ କିମିର କାମ ସମ୍ପୂର୍ଣ୍ଣ ହୋଇଛି। ଠିକାଦାର କମ୍ପାନୀ ଆଇଜେଏମ୍ କନଷ୍ଟ୍ରକଶନର ପ୍ରାୟ ୫ଶହ କର୍ମଚାରୀ ଏଥିରେ ନିୟୋଜିତ ହୋଇଥିଲେ ବୋଲି ମନ୍ତ୍ରୀ ଗଡକରୀ କହିଛନ୍ତି। ସମ୍ପୃକ୍ତ କର୍ମଚାରୀଙ୍କ ସମେତ ଏନ୍‌ଏଚ୍‌ଏଆଇର ପରିଯୋଜନା ନିର୍ଦ୍ଦେଶକ, ଅଧିକାରୀ, ଠିକାଦାର କମ୍ପାନୀ ପ୍ରତିନିଧିଙ୍କୁ ମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

## ଭାଙ୍ଗିଲା ବିରାଟ ହିମ ପାହାଡ଼



## ପୃଥିବୀ ପାଇଁ ନୂଆ ବିପଦ

**ୱାଶିଂଟନ:** ପୃଥିବୀ ଉପରେ ନୂଆ ବିପଦ ମାଡ଼ି ଆସୁଛି। ଅଣ୍ଟାର୍କଟିକାରେ ଏକ ବିରାଟ ହିମ ପାହାଡ଼ ଭାଙ୍ଗି ପଡ଼ିଛି। ଏହାର ଆକାର ୧୨୭୦ ବର୍ଗ କିଲୋମିଟର। ଯାହାକି ରାଜଧାନୀ ଦିଲ୍ଲୀର ଆକାର ସହିତ ପ୍ରାୟ ସମାନ। ଦିଲ୍ଲୀର ଆକାର ୧୨୯୨ ବର୍ଗ କିଲୋମିଟର। ହିମ ପାହାଡ଼ର ମୋଟେଇ ୧୫୦ ମିଟର ବୋଲି ବ୍ରିଟିଶ ଅଣ୍ଟାର୍କଟିକା ସର୍ଭେ ପକ୍ଷରୁ ସୂଚନା ଦିଆଯାଇଛି। ସର୍ଭେ ସଂସ୍ଥା ପକ୍ଷରୁ ହିମପାହାଡ଼ର ଫଟୋ ଏବଂ ୪୭ ସେକେଣ୍ଡର ଏକ ଭିଡ଼ିଓ ମଧ୍ୟ ଜାରି ହୋଇଛି। ଏହା ବ୍ରୁଣ୍ଟ ଆଇସ ସେଲ୍ଫର ଅଂଶବିଶେଷ। ଏହା ଭାଙ୍ଗୁଥିବା ନେଇ ୨୦୨୦ ନଭେମ୍ବରରେ ସୂଚନା ମିଳିଥିଲା। ତେବେ ବର୍ତ୍ତମାନ ଏହା ମୂଳ ଖଣ୍ଡଠାରୁ ଅଲଗା ହୋଇଯାଇଛି। ହିମ ପାହାଡ଼ ଭାଙ୍ଗିବା ଘଟଣାକୁ ସାଧାରଣତଃ କାଲ୍‌ଭିଂ କୁହାଯାଇଥାଏ। ଜଳବାୟୁ ପରିବର୍ତ୍ତନ ଯୋଗୁ ମେରୁ ଅଞ୍ଚଳରେ ହିମ ପାହାଡ଼ ଭାଙ୍ଗିବା ଏବଂ ତରଳିବା ଘଟଣା ବଢ଼ି ଚାଲିଛି। ସମ୍ପ୍ରତି ଭାଙ୍ଗିଥିବା ହିମପାହାଡ଼ ତରଳିଲେ ସମୁଦ୍ରର ଜଳସ୍ତର ବୃଦ୍ଧି ପାଇବାର ଆଶଙ୍କା ରହିଛି। ଏପରି ହେଲେ ଉପକୂଳରେ ଥିବା ପୃଥିବୀର ବହୁ ଅଞ୍ଚଳ ପାଣିରେ ବୁଡ଼ିଯିବ ବୋଲି ପରିବେଶ ବିଜ୍ଞାନୀ ମତପୋଷଣ କରିଛନ୍ତି। ଏହାଯୋଗୁ ପୃଥିବୀ ପାଇଁ ନୂଆ ବିପଦ ସୃଷ୍ଟି ହେବ। ଏ ସମ୍ପର୍କରେ ଉପଗ୍ରହ ଦ୍ୱାରା ଉତ୍ତୋଳିତ ହୋଇଥିବା ଫଟୋରୁ ବିଶେଷ ସୂଚନା ମିଳିଥିବା ୱେଲ୍‌ସର ସ୍ୱାନେସା ବିଶ୍ୱବିଦ୍ୟାଳୟର ପ୍ରଫେସର ଆଡ୍ରିଆନ ଲ୍ୟୁକମ୍ୟାନ କହିଛନ୍ତି। ସୂଚନାଯୋଗ୍ୟ, ମେରୁରେ ଥିବା ସମସ୍ତ ବରଫ ତରଳିଗଲେ ସମୁଦ୍ରର ଜଳସ୍ତର ୭୦ ମିଟର ବଢ଼ିଯିବ। ଏଭଳି ହେଲେ ପୃଥବୀର ବହୁ ଦ୍ୱୀପ ତଥା ବଡ଼ ବଡ଼ ସହର ସମୁଦ୍ର ଗର୍ଭରେ ଲୀନ ହୋଇଯିବାର ଆଶଙ୍କା କରାଯାଉଛି।

## ପଞ୍ଜାବୀ କହିବ, ବୁଝିବ ରୋବୋ



**ଚଣ୍ଡିଗଡ଼:** ପଞ୍ଜାବରେ ଲୋକେ ପଞ୍ଜାବୀ ଭାଷାରେ କଥାବାର୍ତ୍ତା କରିଥାନ୍ତି। କିଛି ଦେଶରେ ମଧ୍ୟ ପଞ୍ଜାବୀ ଭାଷାରେ ଲୋକେ କଥା ହୁଅନ୍ତି। ବିଶ୍ୱର ଅନ୍ୟ ଭାଗରେ ଯେଉଁଠି ଭାରତୀୟମାନେ ବସବାସ କରୁଛନ୍ତି ସେଠାରେ ଅଧିକାଂଶ ଲୋକ ପଞ୍ଜାବୀ ଭାଷାରେ କଥା ହୁଅନ୍ତି। ଜଳନ୍ଧର ସରକାରୀ ହାଇସ୍କୁଲର ଜଣେ ଶିକ୍ଷକ ହରଜିଜ ସିଂ ଏହି ପଞ୍ଜାବୀ ଭାଷା କହିବା ଏବଂ ବୁଝିବା ପାଇଁ ଏକ ରୋବୋ ତିଆରି କରିଛନ୍ତି। ଯାହାକି ଏହି ରୋବୋ ପଞ୍ଜାବୀ ଭାଷା କହିପାରିବ ଏବଂ ବୁଝିପାରିବ। ଏହି ରୋବୋର ନାଁ 'ସରବଂଶ କୌର' ରଖାଯାଇଛି। ହରଜି୍ କୁହନ୍ତି, ଏହା ହେଉଛି ବିଶ୍ୱର ପ୍ରଥମ ରୋବୋ ଯାହା ପଞ୍ଜାବୀ କହିବ ଏବଂ ବୁଝିପାରିବ। ଏହି ରୋବୋ ତିଆରି କରିବାରେ ପ୍ରାୟ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଜଳନ୍ଧରର ରୋହଜଡ଼ି ଗାଁସ୍ଥିତ ସରକାରୀ ହାଇସ୍କୁଲରେ ପଢ଼ାଉଥିବା ହରଜିତଙ୍କ ଏହି ରୋବୋ ତିଆରି କରିବାକୁ ୭ ମାସ ସମୟ ଲାଗିଛି। ସେ କୁହନ୍ତି, ମୁଁ ଚାହୁଁଥିଲି ପିଲାମାନେ କମ୍ପ୍ୟୁଟର ପ୍ରୋଗ୍ରାମିଂ କିପରି ସହଜରେ ବୁଝନ୍ତୁ। ଏଥିପାଇଁ ସେ କାନାଡାରେ ପ୍ରୟାସ ଜାରି ରଖିଲେ। ପଞ୍ଜାବୀରେ 'ସରବଂଶ' ନାମକ ଏକ ପ୍ରୋଗ୍ରାମିଂ ତିଆରି କରିଥିଲେ। ଏହି ସମୟରେ କରୋନା ପାଇଁ ଲକ୍‌ଡାଉନ ଆରମ୍ଭ ହୋଇଥିଲା। ଠିକ ଏହି ସମୟରେ ହରଜିଜ୍ ରୋବୋ ପ୍ରସ୍ତୁତ କରିବା କାମରେ ଲାଗିପଡ଼ିଲେ।

## ପିଲାଙ୍କ ଖୁସିରେ ମେଗା ଟଏ ଫେୟାର

**ଲକ୍ଷ୍ନୌ:** ପିଲାଙ୍କ ସବୁଠୁ ସୁନ୍ଦର ମୁହୂର୍ତ୍ତ ହେଉଛି ଖେଳ। ଖେଳ ମାଧ୍ୟମରେ ପିଲାମାନଙ୍କର ଜ୍ଞାନ ବୃଦ୍ଧି ସହ ସେମାନଙ୍କ ସୃଜନାତ୍ମକ ଶକ୍ତି ବି ବୃଦ୍ଧି ପାଇଥାଏ। ଖାସ୍ ଏଇଥିପାଇଁ ତ ପିଲାମାନଙ୍କୁ ବିଭିନ୍ନ ପ୍ରକାର ଖେଳନା ମାଧ୍ୟମରେ ଖେଳିବାକୁ ସୁଯୋଗ ଦିଆଯାଏ। ପିଲାଙ୍କର ଏହି ଆବଶ୍ୟକତାକୁ ଅନୁଭବ କରି ସ୍କୁଲଠାରୁ ଆରମ୍ଭ କରି କଲେଜ ପର୍ଯ୍ୟନ୍ତ ସବୁ ସ୍ତରରେ ପିଲାଙ୍କ ପାଇଁ ଖେଳିବାକୁ ସ୍ୱତନ୍ତ୍ର ସମୟ ଦିଆଯାଏ। ତେବେ ପିଲାଙ୍କ ଖେଳନା ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବ ଭାରତ। ଏହି ଉଦ୍ଦେଶ୍ୟରେ ଆରମ୍ଭ ହୋଇଛି ଖେଳନା ପ୍ରଦର୍ଶନୀ 'ଦି ଇଣ୍ଡିଆନ୍ ଟଏ ଫେୟାର ୨୦୨୧'। କେଉଁଠି ପୋଷାକପତ୍ର ପ୍ରଦର୍ଶନୀ ତ କେଉଁଠି ବିଭିନ୍ନ ସାମଗ୍ରୀ ଅବା ଆଉ କେଉଁଠି ଯାନବାହନର ପ୍ରଦର୍ଶନୀ ପ୍ରାୟତଃ ଆୟୋଜନ କରାଯାଇଥାଏ। କିନ୍ତୁ ଉତ୍ତରପ୍ରଦେଶର ନୋଏଡାଠାରେ ଏବେ ଆରମ୍ଭ ହୋଇଛି ଖେଳନା ପ୍ରଦର୍ଶନୀ। ଭଳିକି ଭଳି ଖେଳନା ସାଙ୍ଗକୁ ବିଭିନ୍ନ କାରୁକାର୍ଯ୍ୟଭରା ଛୋଟଛୋଟ ଖେଳନା ସାମଗ୍ରୀ ସବୁ ଦେଖିଲେ ପିଲାମାନଙ୍କ ଭଳି ବୟସ୍କମାନେ ବି ବେଶ୍ କିଛି ସମୟ ଖୁସି ହୋଇପାରିବେ। ଏହି ପ୍ରଦର୍ଶନୀରେ ୧୦୭୪ ଜଣ ଖେଳନା ନିର୍ମାତା ହସ୍ତଶିଳ୍ପୀ ତଥା ବିକ୍ରେତା ସାମିଲ ହୋଇଛନ୍ତି। ନୋଏଡା, ଶାହାରନପୁର, ଯୋଧପୁର, ବାରାଣସୀ ଆଦି ବିଭିନ୍ନ ସ୍ଥାନର ପ୍ରାୟ ୬୦ ପ୍ରକାରର କଳା ସଂସ୍କୃତିର ଖେଳନା ସାମଗ୍ରୀ ଏଠାରେ ଦେଖିବାକୁ ମିଳୁଛି। ଏହି ପ୍ରଦର୍ଶନୀ ଦେଖିବାକୁ ଏବେ ସୁଦ୍ଧା ପ୍ରାୟ ୨୩ ଲକ୍ଷ ଲୋକ ରେଜିଷ୍ଟ୍ରେଶନ୍ କରିସାରିଛନ୍ତି, କିନ୍ତୁ ଏଠାରେ ୩ କୋଟି ଲୋକଙ୍କର ସମାଗମ ହେବ ବୋଲି ଆଶା କରାଯାଉଛି। ପ୍ରଦର୍ଶନୀରେ ଲୋକେ ଖେଳନା କିଣିବା ସହିତ ଇ-କମର୍ସ ପ୍ଲାଟଫର୍ମ ମାଧ୍ୟମରେ ଅର୍ଡର ବି ଦେଇପାରିବେ। ତେଣୁ ଖେଳନା ଉଦ୍ୟୋଗ ତିଆରି କରିବାକୁ ଚାହୁଁଥିବା କିମ୍ବା ଖେଳନା ବିକ୍ରି କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଏହି ପ୍ରଦର୍ଶନୀ ଏକ ସୁନ୍ଦର ସୁଯୋଗ ହୋଇପାରିବ। ଖେଳନା ପାଇଁ ଆମକୁ ବାହାର ଦେଶ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ ଏବଂ ଦେଶରେ ହିଁ ଖେଳନା ଉତ୍ପାଦନ ବୃଦ୍ଧି ପାଇବ। ଏହି ଲକ୍ଷ୍ୟରେ ସରକାର ମଧ୍ୟ ଏହି ପ୍ରଦର୍ଶନୀ ଆୟୋଜନ ଉପରେ ଗୁରୁତ୍ୱ ଦେଇଛନ୍ତି।



## ଭିକ ମାଗି ଧନୀ

**ମୁମ୍ବାଇ:** ଭାରତର ୫ ଜଣ ଧନୀ ଭିକାରିଙ୍କ ତାଲିକା ପ୍ରସ୍ତୁତ ହୋଇଛି। ଏହି ତାଲିକାରେ ପ୍ରଥମ ସ୍ଥାନରେ ଅଛନ୍ତି ଭରତ ଜୈନ। ମୁମ୍ବାଇରେ ଭିକ ମାଗି ମାସକୁ ୭୫ ହଜାର ଟଙ୍କାରୁ ଅଧିକ ରୋଜଗାର କରନ୍ତି। ତାଙ୍କ ପାଖରେ କୋଟିଏ ୪୦ ଲକ୍ଷ ଟଙ୍କାରୁ ଅଧିକ ସମ୍ପତ୍ତି ରହିଛି। କୋଲକାତାରେ ୧୯୬୪ଠାରୁ ଭିକ ମାଗୁଥିବା ଲକ୍ଷ୍ମୀ ଦ୍ୱିତୀୟ ଧନୀ ଭିକାରି। ତାଙ୍କର ମାସିକ ଆୟ ୩୦ ହଜାର ଟଙ୍କାରୁ ଅଧିକ। ମୁମ୍ବାଇର ଗୀତା ଦେଶର ତୃତୀୟ ଧନୀ ଭିକାରି। ଭିକ ମାଗି ସେ ଫ୍ଲାଟ କିଣି ସାରିଛନ୍ତି। ତାଙ୍କର ମାସିକ ଆୟ ପ୍ରାୟ ୪୫ ହଜାର ଟଙ୍କା ହେବ। ଧନୀ ଭିକାରି ତାଲିକାର ଚତୁର୍ଥ ସ୍ଥାନରେ ମୁମ୍ବାଇର ଚନ୍ଦ୍ର ଆଜାଦ୍‌ଙ୍କ ନାମ ରହିଛି। ପଞ୍ଚମ ସ୍ଥାନରେ ବିହାର ପାଟନାର ପପ୍ପୁଙ୍କ ନାମ ରହିଛି। ତାଙ୍କ ପାଖରେ କୋଟିଏ ୨୫ ଲକ୍ଷ ଟଙ୍କା ସମ୍ପତ୍ତି ରହିଛି।

ମନେ ପଡ଼ନ୍ତି
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଲକ୍ଷ୍ମୀ ନାରାୟଣ ମିଶ୍ର (ବାବୁ)
ଉଦୟପୁର, ଦଶରଥପୁର, ଯାଜପୁର
ଆବିର୍ଭାବ: ୨୫।୦୮।୧୯୫୫
ତିରୋଧାନ: ୨୮।୦୨।୨୦୧୩
ଚାହୁଁ ଚାହୁଁ ଆଠବର୍ଷ ବିତିଗଲା। ତୁମର ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ତ୍ୟାଗ, ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ଜୀବନର ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା ।
-:ଶ୍ରଦ୍ଧାଞ୍ଜଳି ସହ:-
ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।
ଧ-୨୦୦୯୯

## ଶିଖ୍ ସେନା ଅଧିକାରୀ ଭୂମିକାରେ କଙ୍ଗନା

**ମୁମ୍ବାଇ:** ବେଶ କିଛିଦିନ ହେବ କିଛି ନା କିଛି କାରଣ ପାଇଁ ଚର୍ଚ୍ଚାରେ ରହୁଥିବା ବଲିଉଡ ନାୟିକା କଙ୍ଗନା ରାନାୱତ ଏଥର କିନ୍ତୁ ନିଜ ପ୍ରୋଜେକ୍ଟକୁ ନେଇ ଆସିଛନ୍ତି ଚର୍ଚ୍ଚାକୁ । ଖୁବ୍ଶୀଘ୍ର ତାଙ୍କର କିଛି ନୂଆ ଫିଲ୍ମ ରିଲିଜ ହେବାର ଯୋଜନା ରହିଛି । କିଛିଦିନ ତଳେ ସେ ଭୋପାଳରେ 'ଧାକଡ'ର ଶୁଟିଂ କରୁଥିବା କଥା ଜଣାପଡିଥିଲା । ଆହୁରି ମଧ୍ୟ କିଛିଦିନ ତଳେ ସେ ତାଙ୍କ ଅଭିନୀତ ଫିଲ୍ମ 'ତେଜସ' ର ଲୁକ ଶେୟାର କରିଥିଲେ । ଏବେ ଏହି 'ତେଜସ'କୁ ନେଇ କିଛି ଅଧିକ ତଥ୍ୟ ଦେଇଛନ୍ତି ନିଜେ ଅଭିନେତ୍ରୀ କଙ୍ଗନା । ଏବେ ସେ ସୋସିଆଲ ମିଡିଆରେ ଫିଲ୍ମର ଡ୍ରେସ ଶେୟାର କରି ନିଜ ଭୂମିକା ସମ୍ପର୍କରେ କିଛି କହିଛନ୍ତି । ଯେଉଁଥିରେ ତାଙ୍କର ନାଁ ଲେଖାଯାଇଛି । ଏହାକୁ ନେଇ ସେ କହିଛନ୍ତି 'ତେଜସ'ରେ ସେ ଜଣେ ଶିଖ ବାୟୁସେନା ଅଧିକାରୀ ଭୂମିକାରେ ନଜର ଆସିବେ । ତେବେ ସେ ଯେଉଁ ଫଟୋଟି ଶେୟାର କରିଛନ୍ତି ସେଥିରେ 'ତେଜସ ଗିଲ' ବୋଲି ଲେଖାଯାଇଛି । ଏହାକୁ ନେଇ ସେ ଲେଖିଛନ୍ତି ମୁଁ କେବେ ଭାବି ନ ଥିଲେ ମୋ ପୋଷାକରେ ନିଜ ଚରିତ୍ରର ପୁରାନାମ ପଢିପାରିବି ବୋଲି । ଏହାକୁ ଦେଖିବା ପରେ ମୋତେ ଖୁବ ଖୁସି ଲାଗିଥିଲା ବୋଲି କଙ୍ଗନା କହିଛନ୍ତି । କିଛିଦିନ ତଳେ ସେ ଏହି ଫିଲ୍ମ ସମ୍ପର୍କରେ ସୂଚନା ଦେଇଥିଲେ ବି ନିଜ ଚରିତ୍ର ସମ୍ପର୍କରେ କିଛି କହି ନ ଥିଲେ ।



କଙ୍ଗନା ରାନାୱତ

## ପେଟ୍ରୋଲ ଦାମ ୧.୪୫ ଟଙ୍କା

**କାରାକସ:** ଭାରତରେ ପେଟ୍ରୋଲ, ଡିଜେଲ ଦର ଆକାଶଛୁଆଁ ହେଲାଣି। ଏମିତିକି ଆମ ଦେଶର କିଛି ସହରରେ ପେଟ୍ରୋଲ ଦାମ ଲିଟର ପ୍ରତି ୧୦୦ ଟଙ୍କା ଉପରେ ରହିଛି। ମାତ୍ର ବିଶ୍ୱରେ କିଛି ଦେଶ ଅଛି, ଯେଉଁଠି ପେଟ୍ରୋଲ ଦାମ ପାଣିଠାରୁ ମଧ୍ୟ ଶସ୍ତା। ଏହି ଦେଶ ହେଉଛି ଭେନଜୁଏଲା। ଏଠାରେ ସବୁଠୁ ଶସ୍ତାରେ ପେଟ୍ରୋଲ ମିଳେ। ଏଠାରେ ପେଟ୍ରୋଲର ଦାମ ୧ ଟଙ୍କା ୪୫ ପଇସା। ୨୦୧୮ ମସିହାରେ ଏହି ଦେଶରେ ମାତ୍ର ୬୭ ପଇସାରେ ୧ ଲିଟର ପେଟ୍ରୋଲ ମିଳୁଥିଲା। କାରଣ ଏଠାରେ ବିଶ୍ୱର ସବୁଠୁ ବଡ଼ ତୈଳଭଣ୍ଡାର ରହିଛି। ସୁଦୃଢ଼ ଆର୍ଥିକ ବ୍ୟବସ୍ଥା ଯୋଗୁ ସରକାର ଇନ୍ଧନ ପ୍ରତି ସବ୍‌ସିଡି ଦେଇଥାନ୍ତି। ଏହାବ୍ୟତୀତ ଇରାନ, ଦକ୍ଷିଣ-ପଶ୍ଚିମ ଆଫ୍ରିକା, କୁଏତ ଆଦି ଦେଶରେ ବି ଶସ୍ତାରେ ପେଟ୍ରୋଲ ମିଳିଥାଏ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର
ନିଜର ଖାଲିଥିବା ଜମି ଓ ଛାତ
Plot ରେ ଟ୍ୱାଓର 4G/5G ବସାଇ
ଅଗ୍ରୀମ 60,000,00/-
ପାଆନ୍ତୁ ଓ ମାସକୁ
ଭଡା 45,000/-
ଟଙ୍କା ପାଆନ୍ତୁ +
ଚାକିରୀ ପାଆନ୍ତୁ
Bansal Tower B Wing, Bangalore, Karnataka-400021.
9485687401
8901064681

DHANLAXMI FINANCE
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର
ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା
ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁମୁକ୍ତି, ଲଭ୍ ମ୍ୟାରେଜ୍, ଯାଦୁକରଣ, ହଜି ଯାଇଥିବା ପ୍ରେମକୁ ଫେରିପାଇବା ।
କଳାଯାଦୁ, ବଶୀକରଣ ସମସ୍ୟାର ଗୁପ୍ତ ସମାଧାନ ।
କୌଣସି ପଣ୍ଡିତ, ତାନ୍ତ୍ରିକ, ଅଘୋରୀ, କାମକୁ କାଟିପାରିବେ ତେବେ ତାଙ୍କୁ ବାବା ଆଲମ ଖାନଙ୍କ ତରଫରୁ ପୁରସ୍କାର ।
Address : ରାମ ମନ୍ଦିର ନିକଟରେ
9910560681

ALL EDITION - B/W
(Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଜଳ ଓ ସୁସ୍ଥ ଜୀବନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ସମଗ୍ର ପୃଥିବୀ ପୃଷ୍ଠରେ ଜୀବଜଗତ ସୃଷ୍ଟି ହେବା ଦିନଠାରୁ ଆଜି ସୁଦ୍ଧା ଜୀବବିଜ୍ଞାନ ଇତିହାସ ପୃଷ୍ଠାକୁ ଆମେ ଅନୁଧ୍ୟାନ କଲେ ଜାଣିପାରିବା ଯେ, ପରିବେଶ ଓ ପ୍ରକୃତି ହିଁ ଜୀବଜଗତର ରକ୍ଷାକର୍ତ୍ତା । ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ମତରେ ପ୍ରକୃତିର ପୃଥିବୀ, ଜଳ, ତେଜ, ବାୟୁ, ଆକାଶ ଏହି 'ପଞ୍ଚମହାଭୂତ'ରୁ ମନୁଷ୍ୟ ସୃଷ୍ଟି । ମୃତ୍ୟୁ ପରେ ମଧ୍ୟ ମନୁଷ୍ୟ ଶରୀର ଏହି ପଞ୍ଚମହାଭୂତରେ ଲୀନ ହେବା ଧ୍ରୁବସତ୍ୟ । ଏଥିମଧ୍ୟରୁ 'ଜଳ'ର ଆବଶ୍ୟକତା ମନୁଷ୍ୟର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସର୍ବାଧିକ । କଥାରେ ଅଛି 'ଜଳ ହିଁ ଜୀବନ' । ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଜଳକୁ ପ୍ରାକୃତିକ ଚିକିତ୍ସାର ଏକ ମୁଖ୍ୟ ଅଂଶ ରୂପେ ଗ୍ରହଣ କରାଯାଇ ଶରୀର ସୁରକ୍ଷା ନିମନ୍ତେ ବିଭିନ୍ନ ଉପାୟ ବର୍ଣ୍ଣନା କରାଯାଇଛି; ଯାହାକୁ 'ଜଳ ଚିକିତ୍ସା' (water therapy) କୁହାଯାଏ । ପ୍ରାଚୀନ କାଳରେ ଏହି ପ୍ରାକୃତିକ ଚିକିତ୍ସା ଦ୍ୱାରା ବହୁରୋଗକୁ ପ୍ରଶମନ କରାଯାଉଥିଲା । କ୍ରମଶଃ ଚିକିତ୍ସା ବିଜ୍ଞାନର ଉନ୍ନତିରେ ଆମେ ଧୀରେ ଧୀରେ ଏହି ଚିକିତ୍ସା ପଦ୍ଧତିକୁ ଭୁଲିଯାଉଛେ । ମନୁଷ୍ୟ ଶରୀରରେ ବିଭିନ୍ନ କାରଣରୁ ବିଷାକ୍ତ, ଦୂଷିତ ତଥା ବିଜାତୀୟ ପଦାର୍ଥ ଏକତ୍ରିତ ହେବା ଦ୍ୱାରା ବିଭିନ୍ନ ରୋଗ ସୃଷ୍ଟି ହୋଇଥାଏ । ଏସବୁ ଏକତ୍ର ହେବାର ମୁଖ୍ୟ ସ୍ଥାନ ହେଉଛି ପେଟ । ପେଟ ଠିକ୍ ଥିଲେ ଶରୀର ଠିକ୍ ଥାଏ । ତେଣୁ ଶରୀରରୁ ଦୂଷିତ ପଦାର୍ଥ ଝାଡ଼ା ଓ ପରିସ୍ରା ଦ୍ୱାରା ହିଁ ପେଟରୁ ନିଷ୍କାସନ ହେବା ଉଚିତ, ନଚେତ ଶରୀର ରୋଗାକ୍ରାନ୍ତ ହୋଇଥାଏ । ଶରୀରରୁ ଉକ୍ତ ଦୂଷିତ ପଦାର୍ଥକୁ 'ଜଳ ଚିକିତ୍ସା' ଦ୍ୱାରା ହିଁ ବାହାରକରି ଶରୀର ସୁସ୍ଥ ରଖିବା ଆବଶ୍ୟକ ।

ଅଜୀର୍ଣ୍ଣ ହେଲେ ପାଣି ପିଇବା ଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ । ଖାଦ୍ୟ ଖାଇବାର କିଛି ସମୟ ପରେ ପାଣି ପିଇଲେ ଶରୀର ସୁସ୍ଥ ରହିଥାଏ । ଖାଦ୍ୟ ଖାଇବା ପରେ ପରେ ପାଣି ପିଇବା ଦ୍ୱାରା ଖାଦ୍ୟ ହଜମରେ ବାଧା ସୃଷ୍ଟି ହୋଇଥାଏ ।

ଜଳ ଚିକିତ୍ସା ଅନୁଯାୟୀ ଶରୀର ପାଇଁ ପରିଷ୍କାର ଥଣ୍ଡା ଜଳ ଓ ଉଷୁମ ଜଳର ବ୍ୟବହାର ଦ୍ୱାରା ବିଭିନ୍ନ ରୋଗରୁ ଉପଶମ ମିଳିଥାଏ । ଶରୀରର କୌଣସି ଅଙ୍ଗପ୍ରତ୍ୟଙ୍ଗ ନିଆଁରେ ପୋଡ଼ିଗଲେ କିମ୍ବା ଗରମପାଣି ପଡିଗଲେ ପୀଡା ଉପଶମ ନିମନ୍ତେ ଉକ୍ତ ଅଙ୍ଗକୁ ଥଣ୍ଡା ପାଣିରେ ବୁଡାଇ ରଖିବା ଉଚିତ, ଯଦ୍ଦ୍ୱାରା ତୁରନ୍ତ ଉପଶମ ମିଳିବା ସହ ଆଉ ଫୋଟକା ହେବାର ଆଶଙ୍କା ନ ଥାଏ । ଇଞ୍ଜେକସନ ଦେବାପରେ ଉକ୍ତ ସ୍ଥାନ ଫୁଲିବା ଓ ପୀଡା ହେଲେ ସେହି ସ୍ଥାନରେ ଥଣ୍ଡା ପାଣିର ଓଦା କପଡା କିମ୍ବା ବରଫ ଲଗାଇଲେ ଫୁଲାକମିବା ସହ ତୁରନ୍ତ ଉପଶମ ମିଳେ । ସେହିପରି ଶରୀରରେ ଗଣ୍ଠି ବ୍ୟଥା, ଅଣ୍ଟା ବ୍ୟଥା, ଆଣ୍ଠୁ ବ୍ୟଥା ଆଦିରେ ଗରମ ସେକ ଦେଲେ ତୁରନ୍ତ ଉପଶମ ମିଳିଥାଏ । ରାତ୍ରିରେ ଭଲ ନିଦ ନ ଆସିଲେ ଉଷୁମ ପାଣିରେ ପାଦକୁ କିଛି ସମୟ ବୁଡାଇ ରଖି ଶୁଖିଲା କପଡାରେ ପୋଛି ଶୟନ କଲେ ଉତ୍ତମ ନିଦ ହୋଇଥାଏ । ଉଷୁମ ଜଳରେ ଲୁଣ ପକାଇ କିଛି ସମୟ ପାଦକୁ ବୁଡାଇ ରଖିବାଦ୍ୱାରା ପାଦର ଯାବତୀୟ ରୋଗ ଭଲ ହେବାସହ ପାଦ ଫାଟିବାରୁ ରକ୍ଷା ମିଳିଥାଏ ।





"ଜନ୍ମିତ ଶିଶୁର ଓଜନର ୮୦ ଭାଗ ହିଁ ଜଳ । ମସ୍ତିଷ୍କ ଓ ହୃଦୟରେ ୭୩ ଭାଗ, ଫୁସ୍‌ଫୁସ୍‌ରେ ୮୩ ଭାଗ, ଚର୍ମରେ ୬୪ ଭାଗ, ମାଂସପେଶୀ ଓ ବୃକ୍‌କରେ ୭୯ ଭାଗ, ହାଡ଼ରେ ୩୧ ଭାଗ, ରକ୍ତରେ ୫୦ ଭାଗ ଜଳ ରହିଥାଏ । ଏସବୁକୁ ଆମେ ଲକ୍ଷ୍ୟ କଲେ ଜାଣିପାରିବା ଯେ ଆମ ଶରୀରର ଅଧିକାଂଶ ଭାଗ ହିଁ ଜଳ । ତେଣୁ ସ୍ୱଚ୍ଛ ଜଳ ସୁସ୍ଥ ଶରୀର ଗଠନ ପାଇଁ ଅମୃତ ତୁଲ୍ୟ ।"

ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଜଳକୁ ବିଭିନ୍ନ ଉପାୟରେ ପାନୀୟ ଜଳଭାବେ ବ୍ୟବହାର କରିବା ପ୍ରଣାଳୀ ରହିଛି । ଶରୀର ପାଇଁ ସର୍ବଶ୍ରେଷ୍ଠ ପାନୀୟ ନିମନ୍ତେ କୌଣସି ତମ୍ବାପାତ୍ର, ତମ୍ବାଯାର ଓ ତମ୍ବା ବୋତଲରେ ପାଣି ରଖି ପିଇବା ପଦ୍ଧତି ସାରା ପୃଥିବୀରେ ବହୁ ପ୍ରାଚୀନ । ଭାରତ, ଇଟାଲୀ, ରୋମ, ଗ୍ରୀସ, ସୋମାଲିଆ, ଇଜିପ୍ଟ, ଆଦି ବିଭିନ୍ନ ଦେଶରେ ତମ୍ବା ପାତ୍ରରେ ପାଣି ରଖି ପିଇବା ବହୁ ଯୁଗରୁ ଚଳିଆସୁଛି ।

ଆୟୁର୍ବେଦ ଚିକିତ୍ସା ଶାସ୍ତ୍ର ମତରେ ପାଣିକୁ ଭଲଭାବେ ଫୁଟାଇ ଥଣ୍ଡା କରି ଛାଣି କିଛି ସମୟ ତମ୍ବା ପାତ୍ରରେ ରଖି ଖାଲିପେଟରେ ପ୍ରାୟତଃ ଏକରୁ ଦୁଇ ଗ୍ଲାସ ପିଇବା ଦ୍ୱାରା ଶରୀରର ବହୁ ଦୂଷିତ ପଦାର୍ଥ ନିଷ୍କାସନ ହେବାସହ ବହୁ ରୋଗରୁ ରକ୍ଷା ମିଳେ । କାରଣ ତମ୍ବାପାତ୍ରରେ ଜଳକୁ ଅତିକମ୍‌ରେ ୬-୮ ଘଣ୍ଟା ରଖିବା ଦ୍ୱାରା ପାଣି ଜୀବାଣୁ ମୁକ୍ତ ହୁଏ । ତମ୍ବା ଏପରି ଏକ ଧାତୁ ଯାହାକି ପାଣିକୁ ଜୀବାଣୁ ମୁକ୍ତ କରିଥାଏ । ଉକ୍ତ ପାଣିକୁ ପିଇବା ଦ୍ୱାରା ଶରୀରରେ ରୋଗପ୍ରତିରୋଧକଶକ୍ତି ବୃଦ୍ଧି ପାଇଥାଏ । ତମ୍ବା ପାତ୍ରରେ ରଖାଯାଇଥିବା ଜଳ ପ୍ରାତଃକାଳରେ ପିଇବା ଦ୍ୱାରା ଶରୀରରେ ବାତ,ପିତ୍ତ,କଫ, ତ୍ରିଦୋଷର ସମାନତା ଆସିଥାଏ; ଯଦ୍ଦ୍ୱାରା ଉତ୍ତମରୂପେ ଖାଦ୍ୟ ହଜମ ହେବା, ବିଭିନ୍ନ ଚର୍ମ ରୋଗ ଦୂରହେବା, ମନରେ ପ୍ରଫୁଲ୍ଲତା ଆସିବା, ପ୍ରଜନନ କ୍ଷମତା ବୃଦ୍ଧିପାଇବା, ମସ୍ତିଷ୍କ ସୁସ୍ଥ ରହିବା, ହୃଦ୍‌ରୋଗ ତଥା ରକ୍ତଚାପକୁ ନିୟନ୍ତ୍ରିତ ରଖିବା, ମେଦ ବୃଦ୍ଧି, ସାଇନୋସାଇଟସକୁ ନିୟନ୍ତ୍ରଣ ରଖିବା, ପେଟରେ ଅମ୍ଳ ସୃଷ୍ଟି ନ ହେବା, ଝାଡା ପରିଷ୍କାର ହେବା,ଡାଇବେଟିସ୍ ଆଦି ବିଭିନ୍ନ ମାରାତ୍ମକ ତଥା ଜଟିଳ ରୋଗକୁ ନିୟନ୍ତ୍ରଣ ରଖିବାରେ ସହାୟକ ହୋଇଥାଏ, କିନ୍ତୁ ତମ୍ବା ପାତ୍ରରେ ଅତ୍ୟଧିକ ସମୟ କିମ୍ବା ଧାରାବାହିକ ଭାବେ ପାଣିରଖି ପିଇବା ଦ୍ୱାରା, ବାନ୍ତି ଆସିବା, ପେଟ ବ୍ୟଥା, ମୁଣ୍ଡ ବୁଲାଇବା ଏବଂ ଲିଭର ଓ କିଡ୍‌ନୀ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବାର ଆଶଙ୍କା ଥାଏ । ତେଣୁ ବ୍ୟବହାର କରୁଥିବା ତମ୍ବା ପାତ୍ରକୁ ଭଲ ଭାବେ ପରିଷ୍କାର କରି ଜଳ ରଖି ପିଇବା ଉଚିତ ।



ଚିକିତ୍ସା ଶାସ୍ତ୍ର ମତରେ ବୟସ୍କ ମନୁଷ୍ୟର ଶରୀର ଓଜନର ୬୦ଭାଗ ହେଉଛି ଜଳ । ଜନ୍ମିତ ଶିଶୁର ଓଜନର ୮୦ ଭାଗ ହିଁ ଜଳ । ମସ୍ତିଷ୍କ ଓ ହୃଦୟରେ ୭୩ ଭାଗ, ଫୁସ୍‌ଫୁସ୍‌ରେ ୮୩ ଭାଗ, ଚର୍ମରେ ୬୪ ଭାଗ, ମାଂସପେଶୀ ଓ ବୃକ୍‌କରେ ୭୯ ଭାଗ, ହାଡ଼ରେ ୩୧ ଭାଗ, ରକ୍ତରେ ୫୦ ଭାଗ ଜଳ ରହିଥାଏ । ଏସବୁକୁ ଆମେ ଲକ୍ଷ୍ୟ କଲେ ଜାଣିପାରିବା ଯେ ଆମ ଶରୀରର ଅଧିକାଂଶ ଭାଗ ହିଁ ଜଳ । ତେଣୁ ସ୍ୱଚ୍ଛ ଜଳ ସୁସ୍ଥ ଶରୀର ଗଠନ ପାଇଁ ଅମୃତ ତୁଲ୍ୟ ।

ପ୍ରକୃତରେ ପ୍ରକୃତିଦତ୍ତ ସ୍ୱାଭାବିକ ତାପମାତ୍ରାର ଜଳ ସେବନ ଶରୀର ପାଇଁ ସ୍ୱାସ୍ଥ୍ୟକାରକ । ଜଳକୁ ଫୁଟାଇ ଉଷୁମଥିବା ବେଳେ ପିଇବା ଉଚିତ । ଗ୍ରୀଷ୍ମ ଋତୁରେ ଫ୍ରିଜ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ । ବରଂ ମାଟି ପାତ୍ରରେ ପରିଷ୍କାର ଜଳ ରଖି ପିଇବା ଦ୍ୱାରା ଏହା ସ୍ୱାସ୍ଥ୍ୟପ୍ରଦ ।

ଜଣେ ପୁରୁଷ ଦୈନିକ ୩.୭ ଲିଟର, ଜଣେ ମହିଳା ୨.୭ ଲିଟର ପାଣି ପିଇବା ଆବଶ୍ୟକ । ଖାଦ୍ୟ ଖାଇବା ପୂର୍ବରୁ ଓ ପରେ ପରେ ମାତ୍ରାଧିକ ପାଣି ପିଇବା ଅନୁଚିତ ।

ଉପରୋକ୍ତ ଜଳ ସମ୍ବନ୍ଧୀୟ ସମସ୍ତ ବିଷୟକୁ ଆମେ ଅନୁଧ୍ୟାନ କଲେ ଜାଣିପାରିବା ଯେ ଜଳ ଆମ ଜୀବନର ଏକ ମୁଖ୍ୟ ଉପାଦାନ । ତେଣୁ ଏହି ପ୍ରକୃତିଦତ୍ତ ଜଳରାଶିକୁ ଆମେ, ଆମ ପରିବାର,ତଥା ସାମାଜିକ ସ୍ତରରେ ସମସ୍ତେ ଏକତ୍ରିତ ହୋଇ ନିଜନିଜର ନିକଟରେ ରହିଥିବା କୂପ, ପୋଖରୀ ଏବଂ ବିଭିନ୍ନ ନଦୀ, ନାଳ, କେନାଲ, ହ୍ରଦ, ସମୁଦ୍ରକୁ ପରିଷ୍କାର ରଖିବାପାଇଁ ପ୍ରୟାସ ଜାରିରଖିବା ଜରୁରୀ । ଜଳ ପରିଷ୍କାର ରହିଲେ ଆମେ ଓ ଆମ ସମାଜ ସୁସ୍ଥ ରହିବା ସହ ସାଧାରଣ ଜୀବନ ଧାରଣ ପ୍ରକ୍ରିୟା ସ୍ୱାଭାବିକ ରହିବା ସହିତ ଏକ ରୋଗ ମୁକ୍ତ ସମାଜ ଗଠନ ଓ ସୁସ୍ଥ ଜୀବନ ଗଢ଼ି ତୋଳିବାରେ ସହାୟକ ହୋଇପାରିବ ।

-ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୯୯୩୭୬୪୦୯୬୮

# ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ...

ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜକୁ କିପରି ସୁସ୍ଥ ରଖିବା ସେଥିପ୍ରତି ଆମେ ସଚେତନ ରହିବା ନିହାତି ଜରୁରୀ । ଅସନ୍ତୁଳିତ ଜୀବନଶୈଳୀ ପରୋକ୍ଷରେ କେତେକ ରୋଗକୁ ଡାକି ଆଣିଥାଏ । ଆମକୁ ରୋଗରୁ ପ୍ରତିରୋଧ କରିବା ପାଇଁ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ରହିଛି । ଏହା ମଧ୍ୟ ସକ୍ରିୟ ରହିବା ନିହାତି ଜରୁରୀ । ତେଣୁ ଆମକୁ ଖାଦ୍ୟପେୟ ପ୍ରତି ନଜର ଦେବାକୁ ପଡିଥାଏ । ସୁଷମ ଖାଦ୍ୟ, ନିୟମିତ ବ୍ୟାୟାମ, ସକାରାତ୍ମକ ମନୋଭାବ ତଥା ଅନ୍ୟାନ୍ୟ ଅନୁକୂଳ ଜୀବନଶୈଳୀ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ । ନିୟମିତ ପେଟପୂରା ଖାଦ୍ୟ ତଥା ସୁଷମ ଖାଦ୍ୟ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସର ଆଶଙ୍କା ରହି ନ ଥାଏ । ବିଶେଷଭାବରେ ଭିଟାମିନ ଏ, ଭିଟାମିନ ଡି, ଭିଟାମିନ ସି, ଲୌହ, କ୍ୟାଲସିୟମ, ଜିଙ୍କ୍, ସେଲେନିୟମ ଆଦି ଅଧିକ ମାତ୍ରାରେ ଥିବା ଖାଦ୍ୟକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ । ତା'ସହ ପୁଷ୍ଟିସାର ଜାତୀୟ ଖାଦ୍ୟ ମଧ୍ୟ ଖାଆନ୍ତୁ । ଭାତ, ଡାଲି, କ୍ଷୀର, ଦହି, ଛେନା, ଚିନାବାଦାମ, ସୋୟାବିନ, ଶାଗ, ପନିପରିବା, ଫଳ, ମାଛ, ମାଂସ ଓ ଅଣ୍ଡା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ । କମଳା, ସବୁଜ ରଙ୍ଗର ଫଳ ଓ ପନିପରିବା, ଗାଜର, ବନ୍ଧାକୋବି, ବ୍ରୋକୋଲି, ଲେମ୍ବୁ, ଅଁଳା, ଅଦା, ରସୁଣ, ହଳଦୀ, ଆଲମଣ୍ଡ ମଧ୍ୟ ଏଥିପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ ।



# ହୃଦ୍‌ଘାତ ସୃଷ୍ଟି କରିପାରେ ପାଟି ଇନ୍‌ଫେକ୍‌ଶନ

ଆମେ ଖାଇ ସାରିବା ପରେ ଭଲ ଭାବରେ ପାଟି ସଫା କରିବା ଦରକାର । ନ ହେଲେ ଦାନ୍ତ ମୂଳରେ ଖାଦ୍ୟର ଅବଶିଷ୍ଟାଂଶ ରହି ପାଟିରେ ଇନ୍‌ଫେକଶ୍‌ନ ସୃଷ୍ଟି କରିବାର ଆଶଙ୍କା ରହିଛି । ତା' ସହ ଦାନ୍ତଜନିତ ସମସ୍ୟା ଦେଖାଦେଇପାରେ । ପାଟିରେ ଇନ୍‌ଫେକଶ୍‌ନ ରହିବା ଦ୍ୱାରା ହୃଦ୍‌ଘାତ ପରି ଗୁରୁତର ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି ବୋଲି ୟୁନିଭର୍ସିଟି ଅଫ ସିଡ୍‌ନୀ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଦର୍ଶାଯାଇଛି । ବିଶେଷଭାବରେ ପେରିୟେଡୋଣ୍ଟେଟିସ୍ ଯୋଗୁ ହୃଦ୍‌ଘାତ ଆଶଙ୍କା ଅଧିକ ଥାଏ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି । ପାଟିରେ ସଂକ୍ରମଣ ଦୀର୍ଘଦିନ ରହିବା ଦ୍ୱାରା ଦାନ୍ତମୂଳ ଧୀରେ ଧୀରେ ଦୁର୍ବଳ ହୋଇଯାଏ । ବେଳେବେଳେ ଏଥିରୁ ଆରୋଗ୍ୟ ପାଇଁ ବ୍ୟବହୃତ ମେଡିସିନ୍‌ର ପାର୍ଶ୍ୱପ୍ରତିକ୍ରିୟା ଯୋଗୁ ହୃଦ୍‌ଜନିତ ରୋଗ ହେବାର ଆଶଙ୍କା ରହିଛି ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡିଛି । ଏଥିରୁ ନିଜକୁ ଦୂରେଇ ରଖିବା ପାଇଁ ସକାଳେ ଏବଂ ରାତିରେ ଖାଇବା ପରେ ଭଲ ଭାବରେ ଦାନ୍ତ ଘଷିବା ଦରକାର ।



# ସ୍ୱାସ୍ଥ୍ୟ ସୂଚନା

- ଘରେ ଫାଷ୍ଟ ଏଡ୍ କିଟ୍ ରଖିଥିଲେ ତା' ଭିତରେ ଥିବା ଆବଶ୍ୟକ ଜିନିଷଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଚେକ୍ କରିନିଅନ୍ତୁ । କାରଣ ଅତ୍ୟାବଶ୍ୟକ ଜିନିଷଟି ଖୋଜିଲେ ହୁଏତ ମିଳି ନ ପାରେ ।
- ଘରେ ଯଦି ମେଡିସିନ୍ ରଖୁଛନ୍ତି ଏବଂ ସେଗୁଡିକ କିଛି ମାସ ହେଲା ରହିଛି, ତେବେ ସେଗୁଡିକର ଏକ୍ସପାଏରି ଡେଟ୍ ଚେକ୍ କରନ୍ତୁ ।
- ଏବେ ତ ଖରାଦିନ ଆରମ୍ଭ ହୋଇଗଲାଣି, ତେଣୁ ଶରୀରରେ ଯେପରି ଜଳୀୟ ଅଂଶ ସନ୍ତୁଳିତ ରହେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ପ୍ରତିଦିନ ଆବଶ୍ୟକ ମୁତାବକ ପାଣି ପିଇବାକୁ ଭୁଲନ୍ତୁ ନାହିଁ ।
- ବାହାରକୁ ବୁଲିବାକୁ ଗଲେ ଅଧିକାଂଶ ସମୟରେ ଅନେକେ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟ ଖାଇବାକୁ ମନ ବଳାଇଥାଆନ୍ତି । ଏପରି ଅଭ୍ୟାସକୁ ନିୟନ୍ତ୍ରଣରେ ରଖନ୍ତୁ । କାରଣ ସବୁବେଳେ ଫାଷ୍ଟଫୁଡ୍ ଖାଇଲେ ତାହା ପାଚନକ୍ରିୟାକୁ ପ୍ରଭାବିତ କରିବାର ଯଥେଷ୍ଟ ଆଶଙ୍କା ରହିଛି ।
- କୌଣସି ରୋଗରେ ପୀଡିତ ଥିଲେ ଏବଂ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଉଥିଲେ ଯଦି ମନରେ କିଛି ସନ୍ଦେହ ସୃଷ୍ଟି ହୁଏ ତେବେ ଅନ୍ୟ କାହା ସହ ପରାମର୍ଶ ନ କରି ଡାକ୍ତରଙ୍କ ନିକଟକୁ ଯାଇ ସେ ବିଷୟରେ କଥା ହୁଅନ୍ତୁ ।
- ରାତିରେ ଶୋଇବା ପୂର୍ବରୁ ଟିଭି ଦେଖିବା ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ । ଶୋଇବାକୁ ଯିବା ପୂର୍ବରୁ ମନକୁ ହାଲୁକା ଏବଂ ମାନସିକତାକୁ ସକାରାତ୍ମକ ରଖନ୍ତୁ । ଏହାଦ୍ୱାରା ଭଲ ନିଦ ହୋଇଥାଏ ।



# ରମଣ ପ୍ରଭାବ



ଇଂ. ମାୟାଧର ସ୍ୱାଇଁ

"କଲିକତାରେ ପହଞ୍ଚିବା ପରେ ସେ ଏହା ଉପରେ ଅଧିକ ଗବେଷଣା କଲେ ଏବଂ ତାହାର କାରଣ ମଧ୍ୟ ଜାଣିପାରିଲେ । ତାହା ହେଉଛି ଆଲୋକ ରଶ୍ମି । ଆଲୋକ ରଶ୍ମି ଚାରିଆଡକୁ ବିଚ୍ଛୁରିତ ହୋଇଥାଏ । କିନ୍ତୁ କେତେକ ବିଚ୍ଛୁରିତ ରଶ୍ମିର ଆବୃତ୍ତି ହେଉଛି ଆପାତିତ ରଶ୍ମିର ଆବୃତ୍ତି ଠାରୁ ଅଲଗା । ଏହା 'ରମଣ ପ୍ରଭାବ' ନାମରେ ଜଣା ।"



'ରମଣ ପ୍ରଭାବ' ହେଉଛି ଆଲୋକ ବିଚ୍ଛୁରଣର ଗୋଟିଏ ପ୍ରମୁଖ ତତ୍ତ୍ୱ । ଏହାର ଆବିଷ୍କାର କାହାଣୀ ବଡ ଚମତ୍କାର । ଆମ ଦେଶର ବିଶିଷ୍ଟ ବୈଜ୍ଞାନିକ ସାର୍ ସି.ଭି. ରମଣ ଏହାକୁ ଆବିଷ୍କାର କରିଥିଲେ । କେବଳ ସେତିକି ନୁହେଁ, ବିଜ୍ଞାନ କ୍ଷେତ୍ରରେ ଏଭଳି ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ପଦାର୍ଥ ବିଜ୍ଞାନରେ ୧୯୩୦ରେ ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଥିଲା । ତାଙ୍କ ସମ୍ମାନରେ ଆମ ଦେଶରେ ପ୍ରତିବର୍ଷ ଫେବୃୟାରୀ ୨୮ ତାରିଖକୁ 'ଜାତୀୟ ବିଜ୍ଞାନ ଦିବସ' ଭାବରେ ପାଳନ କରାଯାଇଆସୁଅଛି । ରମଣ ୧୮୮୮ ମସିହା ନଭେମ୍ବର ୭ ତାରିଖରେ ତାମିଲନାଡୁର ତ୍ରିଚିନାପଲ୍ଲୀ ନିକଟସ୍ଥ ଏକ କ୍ଷୁଦ୍ର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ମାନ୍ଦ୍ରାଜ (ବର୍ତ୍ତମାନର ଚେନ୍ନାଇ)ର ପ୍ରେସିଡେନ୍ସି କଲେଜରୁ ପଦାର୍ଥ ବିଜ୍ଞାନରେ ୧୯୦୪ରେ ସ୍ନାତକ ଏବଂ ୧୯୦୭ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ଖାସ୍ କଥା ହେଲା ଏହି ପରୀକ୍ଷାଦ୍ୱୟରେ ସେ ଉକ୍ତ ବିଶ୍ୱବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଥିଲେ । ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ଛାତ୍ରାବସ୍ଥାରୁ ସେ ଇଂଲଣ୍ଡର ବିଖ୍ୟାତ ପତ୍ରିକା ଫିଲୋସୋଫିକାଲ ମାଗାଜିନ୍‌ରେ ଗବେଷଣାତ୍ମକ ନିବନ୍ଧ ପ୍ରକାଶ କରି ଖ୍ୟାତି ଅର୍ଜନ କରିଥିଲେ । ଶିକ୍ଷା ସମାପ୍ତ ପରେ ସେ ଭାରତୀୟ ଅର୍ଥ ସେବା ପରୀକ୍ଷାରେ କୃତିତ୍ୱ ଅର୍ଜନ କରି କଲିକତାରେ ସହକାରୀ ଆକାଉଣ୍ଟାଣ୍ଟ ଜେନେରାଲ ପଦରେ ଯୋଗ ଦେଲେ । କିନ୍ତୁ ତାଙ୍କର ନିଶା ଥିଲା ବିଜ୍ଞାନ । ତେଣୁ ସେ ଅଫିସ ସମୟ ବାହାରେ ସକାଳେ ଓ ସନ୍ଧ୍ୟା ସମୟରେ କଲିକତାରେ ଥିବା 'ଇଣ୍ଡିଆନ୍ ଆସୋସିଏଶନ ଫର କଲଟିଭେଶନ ଅଫ ସାଇନ୍ସ' ଅନୁଷ୍ଠାନରେ ଗବେଷଣା କରୁଥିଲେ । ସେହି ସମୟରେ ସେ ସଙ୍ଗୀତ ଓ କମ୍ପନ ତତ୍ତ୍ୱ ଉପରେ ଗବେଷଣା କରି ଅନେକ ନିବନ୍ଧ ପ୍ରକାଶ କରିଥିଲେ । କଲିକତା ବିଶ୍ୱବିଦ୍ୟାଳୟର କୁଳପତି ସାର୍ ଆଶୁତୋଷ ମୁଖାର୍ଜୀଙ୍କ ଅନୁରୋଧ କ୍ରମେ ସେ ଆକର୍ଷଣୀୟ ସରକାରୀ ଚାକିରି ଛାଡି କଲିକତା ବିଶ୍ୱବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ବିଭାଗରେ ପ୍ରଫେସର ଭାବରେ ଯୋଗ ଦେଲେ । ୧୯୨୧ରେ ରମଣ ଅକ୍ସଫୋର୍ଡ ୟୁନିଭର୍ସିଟିରେ ଅନୁଷ୍ଠିତ ହୋଇଥିବା 'ବ୍ରିଟିଶ ସାମ୍ରାଜ୍ୟର ବିଶ୍ୱବିଦ୍ୟାଳୟ କଂଗ୍ରେସ ସମ୍ମିଳନୀ'ରେ ଯୋଗ ଦେଇଥିଲେ । ସେଠାରୁ ଫେରିବା ସମୟରେ ସେ ସମୁଦ୍ରର ନୀଳ ଜଳରାଶିକୁ ଦେଖି 'ସମୁଦ୍ର ଜଳ ନୀଳ କାହିଁକି' ଉପରେ ଏକ ନିବନ୍ଧ ଲେଖି ସାଉଁଟିଥିଲେ ବେଶ୍ ପ୍ରଶଂସା । କଲିକତାରେ ପହଞ୍ଚିବା ପରେ ସେ ଏହା ଉପରେ ଅଧିକ ଗବେଷଣା କଲେ ଏବଂ ତାହାର କାରଣ ମଧ୍ୟ ଜାଣିପାରିଲେ । ତାହା ହେଉଛି ଆଲୋକ ରଶ୍ମି । ଆଲୋକ ରଶ୍ମି ଚାରିଆଡକୁ ବିଚ୍ଛୁରିତ ହୋଇଥାଏ । କିନ୍ତୁ କେତେକ ବିଚ୍ଛୁରିତ ରଶ୍ମିର ଆବୃତ୍ତି ହେଉଛି ଆପାତତ ରଶ୍ମିର ଆବୃତ୍ତି ଠାରୁ ଅଲଗା । ଏହା 'ରମଣ ପ୍ରଭାବ' ନାମରେ ଜଣା । ଏଣୁ ଆବୃତ୍ତି ଅଲଗା ହେଲେ ରଙ୍ଗ ମଧ୍ୟ ଅଲଗା ହୋଇଥାଏ । ସମୁଦ୍ର ଜଳ ନୀଳ ହେବାର ଏହା ହେଉଛି କାରଣ । ସମୁଦ୍ର ଜଳ ନୀଳ ବୋଲି ସମସ୍ତେ ଦେଖିଛନ୍ତି । କିନ୍ତୁ ରମଣଙ୍କ ଉନ୍ନତ ମସ୍ତିଷ୍କ ଏହାର କାରଣ ଖୋଜିଥିଲା ଏବଂ ସେଥିରେ ସଫଳ ହୋଇଥିଲା । ଏଥିପାଇଁ ତାଙ୍କୁ ମିଳିଥିଲା ନୋବେଲ ପୁରସ୍କାର । ନୋବେଲ ପୁରସ୍କାର ବ୍ୟତୀତ ରମଣଙ୍କୁ ଫ୍ରାଙ୍କଲିନ୍ ପଦକ, ହିଉଜେନ୍‌ସ ପଦକ ସମେତ ଅନେକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହାବ୍ୟତୀତ ବ୍ରିଟିଶ ସରକାର ତାଙ୍କୁ ସମ୍ମାନଜନକ 'ନାଇଟ୍' ଉପାଧିରେ ଭୂଷିତ କରିଥିଲେ । ଋଷ ତାଙ୍କୁ 'ଲେନିନ ଶାନ୍ତି ପୁରସ୍କାର'ରେ ସମ୍ମାନିତ କରିଥିଲା । ଭାରତ ସରକାର ତାଙ୍କୁ ୧୯୫୪ରେ ଦେଶର ଶ୍ରେଷ୍ଠ ବେସାମରିକ ସମ୍ମାନ 'ଭାରତ ରତ୍ନ' ଉପାଧି ପ୍ରଦାନ କରିଥିଲେ । ରମଣ ୧୯୭୦ ନଭେମ୍ବର ୨୧ରେ ଇହଲୀଳା ସମ୍ବରଣ କରିଥିଲେ ।

-୭୦, ଲକ୍ଷ୍ମୀ ବିହାର,
ଫେଜ୍-୧, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2005/14846 Postal Regd. No. BN/42/21-23. Edition Phone (06762) 224254, (06764) 237556 ଢେଙ୍କାନାଳ, ସୋମବାର, ମାର୍ଚ୍ଚ ୧/୨୦୨୧ Dhenkanal, Monday, March 1/ 2021

# ସ୍ପୋର୍ଟ୍ସ ହଷ୍ଟେଲର ବୃହତ୍ ବିଜୟ

## ଓଡ଼ିଶା ଓମେନ୍ସ ଲିଗ୍ ଉଦ୍‌ଘାଟିତ

### ମନୀଷା, ମାଳତୀଙ୍କ ହ୍ୟାଟ୍ରିକ୍

ଭୁବନେଶ୍ୱର,୨୮।୨(ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଓମେନ୍ସ ଲିଗ୍ ଫୁଟବଲ ଉଦ୍‌ଘାଟିତ ହୋଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଆନୁକୂଲ୍ୟରେ ଏହି ମେଗା ଇଭେଣ୍ଟ ରବିବାର ଆରମ୍ଭ ହୋଇଛି। ମାର୍ଚ୍ଚ ୨୭ ତାରିଖର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ୍‌ରେ ରବିବାର ସ୍ପୋର୍ଟ୍ସ ହଷ୍ଟେଲ ୬-୧ ଗୋଲରେ ଓଡ଼ିଶା ପୋଲିସକୁ ହରାଇ ବୃହତ ବିଜୟ ହାସଲ କରିଛି। ସ୍ପୋର୍ଟ୍ସ ହଷ୍ଟେଲ ତରଫରୁ ମନୀଷା ନାଏକ ଓ ମାଳତୀ ମୁଣ୍ଡା ୩ଟି ଲେଖାଏ ଗୋଲ ସ୍କୋର କରି ହ୍ୟାଟ୍ରିକ ଅର୍ଜନ କରିଛନ୍ତି। ଅପରପକ୍ଷରେ ଓଡ଼ିଶା ପୋଲିସ ତରଫରୁ ବଦଳ ଖେଳାଳି ସୋନାଲି ଓରାମ ୫୩ତମ ମିନିଟ୍‌ରେ ଗୋଲ ଦେଇଥିଲେ। ସେ ଅଧିନାୟିକା ମନୀଷା ତର୍କିଙ୍କ ବଦଳରେ ୧୮ତମ ମିନିଟ୍‌ରେ ପଡିଆରେ ପ୍ରବେଶ କରିଥିଲେ। ପୂରା ମ୍ୟାଚ୍‌ରେ ସ୍ପୋର୍ଟ୍ସ ହଷ୍ଟେଲ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ମନୀଷା ନାଏକ ୨୩, ୫୮ ଓ ୭୭ ମିନିଟ୍‌ରେ ଗୋଲ ଦେଇଥିଲେ। ସେହିପରି ମାଳତୀ ୧୨, ୨୯, ୬୮ତମ ମିନିଟ୍‌ରେ ୩ଟି ଗୋଲ ଦେଇଥିଲେ। ବିଷ୍ଣୁପ୍ରିୟା ଦାସ, ସୁଲତାନା ପରବୀନ, ଅମିରା ପ୍ରଧାନ ଓ ବିଚିତ୍ର ପ୍ରଧାନ, ଦୁର୍ଗାମାଧମ ନାଏକ ମ୍ୟାଚ୍ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ସହ ସ୍ପୋର୍ଟ୍ସ ହଷ୍ଟେଲ୍ ଓ ଓଡ଼ିଶା ପୋଲିସ ଦଳର ଖେଳାଳିମାନେ।

ରବିବାର ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ସ୍ୱତନ୍ତ୍ର ସଚିବ ଭିନିଲ କ୍ରିଷ୍ଣା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ଉପସଭାପତି ବିଜୟ ଦାସ, ଦିଲୀପ କୁମାର ସାହୁ, ହୃଦୟ ରଞ୍ଜନ ବେହେରା, ଫାଓ ସଦସ୍ୟ ସୌର୍ଯ୍ୟରଞ୍ଜନ ପରିଜା, ୧୫ ବର୍ଷରୁ କମ୍ ଜାତୀୟ ଦଳ କୋଚ୍ ଶୁଭେନ୍ଦୁ ପଣ୍ଡା ଓ କ୍ରୀଡ଼ା ବିଭାଗ ଓଏସ୍‌ଡି ସୁମିତ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ। ଲିଗ୍‌ର ମ୍ୟାଚ୍‌ଗୁଡିକ କଳିଙ୍ଗ ଷ୍ଟାଡିୟମ ଓ କ୍ୟାପିଟାଲ ହାଇସ୍କୁଲ ପଡିଆରେ ଖେଳାଯିବ।




# ଓଡ଼ିଶାରେ ଆଇଡବ୍ଲ୍ୟୁଏଲ୍: ଏଆଇଏଫ୍ଏଫ୍

ନୂଆଦିଲ୍ଲୀ, ୨୮।୨ (ପି.ଟି.)

ହିରୋ ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍) ୨୦୨୦-୨୧ ଓଡ଼ିଶାରେ ଆୟୋଜନ ହେବ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ତରଫରୁ ରବିବାର ସ୍ପଷ୍ଟ କରାଯାଇଛି। ଟୁର୍ନାମେଣ୍ଟର ତାରିଖ ଖୁବ୍ ନିକଟରେ ଘୋଷଣା କରାଯିବ। ଓଡ଼ିଶା ସରକାର ଇଭେଣ୍ଟର ଆୟୋଜନ ପାଇଁ ରାଜି ହୋଇଥିବାରୁ ଏଆଇଏଫ୍ଏଫ୍ ସଭାପତି ପ୍ରଫୁଲ୍ଲ ପଟେଲ ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ସରକାର ଭାରତୀୟ ଫୁଟ୍‌ବଲର ବଡ଼ ସମର୍ଥକ। ହିରୋ ଇଣ୍ଡିଆନ ଓମେନ୍ସ ଲିଗ୍ ଆୟୋଜନ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଓ ସମର୍ଥନ ଯୋଗାଇ ଦେବାକୁ ପ୍ରସ୍ତୁତ ଥିବାରୁ ଆମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟ କ୍ରୀଡ଼ା ବିଭାଗକୁ ଧନ୍ୟବାଦ ଦେଉଛୁ ବୋଲି ସେ କହିଛନ୍ତି। ଦକ୍ଷତା ଓ ପ୍ରତିଭା ପ୍ରତିପାଦନ କରିବା କ୍ଷେତ୍ରରେ ବହୁ ଉଦୀୟମାନ ମହିଳା ଫୁଟ୍‌ବଲରଙ୍କ ଲାଗି ବର୍ଷ ବର୍ଷ ଧରି ଏହି ଟୁର୍ନାମେଣ୍ଟ ଏକ ପ୍ଲାଟଫର୍ମ ଭଳି କାର୍ଯ୍ୟ କରିଆସୁଛି। ଭାରତ ୨୦୨୨ରେ ଏଏଫ୍‌ସି ମହିଳା ଏସିଆ କପ୍ ଏବଂ ଏହା ପଛକୁ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍ ଆୟୋଜନ କରିବାର କାର୍ଯ୍ୟକ୍ରମ ରହିଛି। ଜାତୀୟ ମହିଳା ଦଳ ପାଇଁ ନୂଆ ପ୍ରତିଭା ଚିହ୍ନଟ କ୍ଷେତ୍ରରେ ଆଇଡବ୍ଲ୍ୟୁଏଲ୍ କାର୍ଯ୍ୟ କରିବ ବୋଲି ପଟେଲ କହିଛନ୍ତି।



ପ୍ରଫୁଲ୍ଲ ପଟେଲ

## ସ୍ୱର୍ଣ୍ଣ ସହ ଭିନେଶଙ୍କ ପ୍ରତ୍ୟାବର୍ତ୍ତନ

କିଭ୍ (ୟୁକ୍ରେନ୍), ୨୮।୨ (ପି.ଟି.): ଭାରତର ଷ୍ଟାର ରେସ୍‌ଲର ଭିନେଶ ଫୋଗଟ୍ ଏଠାରେ ଚାଲିଥିବା ଆଉଟଷ୍ଟାଣ୍ଡିଂ ୟୁକ୍ରେନିଆନ ରେସଲର୍ସ ଆଣ୍ଡ୍ କୋଚେସ ମେମୋରିଆଲ ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। କରୋନା ଭାଇରସ ଯୋଗୁ ଦୀର୍ଘ ଦିନ ପରେ ମ୍ୟାଟ୍‌କୁ ଫେରିଥିବା ଫୋଗଟ ରବିବାର ୫୩କେଜି ଶ୍ରେଣୀ ଫାଇନାଲରେ ୨୦୧୭ ବିଶ୍ୱ ଚାମ୍ପିୟନ ଭି. କାଲାଡଜିନ୍‌ସ୍କେଙ୍କୁ ୧୦-୮ରେ ହରାଇ ଦେଇଛନ୍ତି। ଫୋଗଟ ବର୍ତ୍ତମାନ ବିଶ୍ୱ ର୍‍ୟାଙ୍କିଂରେ ତୃତୀୟ ସ୍ଥାନରେ ରହିଛନ୍ତି। ତେବେ ବିଶ୍ୱର ୭ ନମ୍ବର ର୍‍ୟାଙ୍କିଂପ୍ରାପ୍ତ ବେଲାରୁଷିଆନଙ୍କୁ ପରାସ୍ତ କରିବା ତାଙ୍କ ପକ୍ଷେ ସହଜ ନ ଥିଲା। ଲଢେଇବେଳେ ଦୁହେଁ ଆକ୍ରମଣାତ୍ମକ ପ୍ରଦର୍ଶନ ସହ ପରସ୍ପରର ବଳ କଷିବାକୁ ଚେଷ୍ଟା କରିଥିଲେ। ସୂଚନାଯୋଗ୍ୟ, ଭିନେଶ ଏକମାତ୍ର ଭାରତୀୟ ମହିଳା ରେସଲର ଭାବେ ଟୋକିଓ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ତାଙ୍କର ପରବର୍ତ୍ତୀ ଟୁର୍ନାମେଣ୍ଟ ହେଉଛି ଇଟାଲିରେ ୟୁଡବ୍ଲ୍ୟୁଡବ୍ଲ୍ୟୁ ର୍‍ୟାଙ୍କିଂ ସିରିଜ ଇଭେଣ୍ଟ। ଏହା ମାର୍ଚ୍ଚ ୪ରୁ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ରୋହିତ, ଅଶ୍ୱିନ, ଅକ୍ଷରଙ୍କ ଉନ୍ନତି

## ଆଇସିସି ଟେଷ୍ଟ ର୍‍ୟାଙ୍କିଂ

ଦୁବାଇ,୨୮।୨(ପି.ଟି.)

ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଂରେ ଭାରତୀୟ ତାରକା ଓପନର ରୋହିତ ଶର୍ମା କ୍ୟାରିୟର ଶ୍ରେଷ୍ଠ ଅଷ୍ଟମ ସ୍ଥାନ ଅଧିକାର କରିଛନ୍ତି। ର୍‍ୟାଙ୍କିଂର ବ୍ୟାଟିଂ ତାଲିକାରେ ରୋହିତ ୬ଟି ସ୍ଥାନ ଉପରକୁ ଉଠି ଅଷ୍ଟମକୁ ଉଠିଛନ୍ତି। ଇଂଲଣ୍ଡ ବିପକ୍ଷ ଲୋ ସ୍କୋରିଂ ତୃତୀୟ ଟେଷ୍ଟ ମ୍ୟାଚ୍‌ରେ ରୋହିତ ପ୍ରଥମ ଇନିଂସରେ ୬୬ ଓ ଦ୍ୱିତୀୟ ଇନିଂସରେ ଅପରାଜିତ ୨୫ ରନ ସଂଗ୍ରହ କରି ନିଜ ଦେଶର ଚେତେଶ୍ୱର ପୂଜାରାଙ୍କୁ ପଛରେ ପକାଇଛନ୍ତି। ସେ ୭୪୨ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ୨୦୧୯ରେ ସେ କ୍ୟାରିୟର ଶ୍ରେଷ୍ଠ ୧୦ମ ସ୍ଥାନ ଅଧିକାର କରିଥିଲେ।

ତୃତୀୟ ଟେଷ୍ଟର ପ୍ଲେୟାର ଅଫ୍ ଦି ମ୍ୟାଚ୍ ଅକ୍ଷର ପଟେଲ ଓ ରବିଚନ୍ଦ୍ରନ ଅଶ୍ୱିନ ମଧ୍ୟ ର୍‍ୟାଙ୍କିଂରେ ଉନ୍ନତି କରିଛନ୍ତି। ୧୧ ଉଇକେଟ ଅକ୍ତିଆର କରିଥିବା ଅକ୍ଷର ୩୦ଟି ସ୍ଥାନ ଉପରକୁ ଉଠି ବୋଲିଂ ତାଲିକାର ୩୮ତମ ସ୍ଥାନ ଅଧିକାର କରିଛନ୍ତି। ୭ଟି ଉଇକେଟ ହାସଲ କରିଥିବା ଅଶ୍ୱିନ ୪ଟି ସ୍ଥାନ ଉଠି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।



ରବିଚନ୍ଦ୍ରନ୍ ଅଶ୍ୱିନ



ରୋହିତ ଶର୍ମା



ଅକ୍ଷର ପଟେଲ

ଇଂଲଣ୍ଡ ସ୍ପିନର ଜ୍ୟାକ ଲିଚ୍ ମ୍ୟାଚ୍‌ରେ ୪ଟି ଉଇକେଟ ଅକ୍ତିଆର କରି ପ୍ରଥମଥର ପାଇଁ ଶ୍ରେଷ୍ଠ ୩୦ରେ ସ୍ଥାନ ପାଇଛନ୍ତି। ୩ଟି ସ୍ଥାନ ଉପରକୁ ଉଠି ସେ ୨୮ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ପାର୍ଟଟାଇମ୍ ବୋଲିଂର ବେଶ୍ ସଫଳତା ପାଇଥିବା ରୁଟ୍ ୫ ଉଇକେଟ ଅକ୍ତିଆର କରି ବୋଲିଂ ତାଲିକାର ୧୬ଟି ସ୍ଥାନ ଉପରକୁ ଉଠି ୭୨ତମ ସ୍ଥାନ ଅଧିକାର କରିଛନ୍ତି। ଅଲ୍‌ରାଉଣ୍ଡର ତାଲିକାରେ ସେ ଟିମ୍ ସୌଦିଙ୍କ ସହ ଯୁଗ୍ମ ୧୩ତମ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ଇନିଂସରେ ଅପରାଜିତ ୫୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଓପନର ଜ୍ୟାକ କ୍ରଲି ୧୫ଟି ସ୍ଥାନ ଉପରକୁ ଉଠି ୪୬ତମ ସ୍ଥାନରେ ରହିଛନ୍ତି ଓ ଇଂଲଣ୍ଡ ବ୍ୟାଟ୍ସମ୍ୟାନଙ୍କ ପାଇଁ ଏହା ଉଲ୍ଲେଖନୀୟ ଘଟଣା ସାବ୍ୟସ୍ତ ହୋଇଛି।

ଇତିମଧ୍ୟରେ ଖେଳାଳିଙ୍କ ର୍‍ୟାଙ୍କିଙ୍ଗ୍ ୨୦୨୧ ମାର୍ଚ୍ଚରୁ ପ୍ରତି ସପ୍ତାହରେ ଅପ୍‌ଡେଟ କରାଯିବ ବୋଲି ଆଇସିସି ତରଫରୁ କୁହାଯାଇଛି। ପୂର୍ବରୁ କୌଣସି ଫର୍ମାଟର ସିରିଜ ଶେଷ ହେବା ପରେ ର୍‍ୟାଙ୍କିଙ୍ଗ୍ ପ୍ରକାଶିତ ହୋଇଥାଏ। କିନ୍ତୁ ଏଥର ମ୍ୟାଚ୍ କିମ୍ବା ସିରିଜ ଚାଲିଥିବା ବେଳେ ଖେଳାଳିଙ୍କ ପ୍ରଦର୍ଶନକୁ ଅଣଦେଖା କରାଯାଇ ର୍‍ୟାଙ୍କିଙ୍ଗ୍ ପ୍ରକାଶିତ କରାଯିବ ବୋଲି ଆଇସିସି କହିଛି।

# ଆଇସୋଲେଶନରେ ଶଟ୍‌ଗନ୍ କୋଚ୍

ନୂଆଦିଲ୍ଲୀ, ୨୮।୨ (ପି.ଟି.)

ଆଇଏସ୍ଏସ୍ଏଫ୍ ୱାର୍ଲ୍ଡ କପ୍‌ରେ ଭାଗ ନେବା ପାଇଁ କାଇରୋରେ ପହଞ୍ଚିବା ପରେ କୋଭିଡ୍ ଟେଷ୍ଟରେ ଭାରତର ଜଣେ ଶଟ୍‌ଗନ୍ କୋଚ୍‌ଙ୍କ ଫଳାଫଳ ପଜିଟିଭ୍ ଆସିଛି। ତାଙ୍କୁ ତୁରନ୍ତ ଆଇସୋଲେଶନରେ ରଖାଯାଇଥିବା ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍ଆରଏଆଇ)ର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ଇଜିପ୍ଟ ରାଜଧାନୀରେ ପହଞ୍ଚିବା ପରେ ଭାରତୀୟ ଦଳର ସମସ୍ତ ସଦସ୍ୟଙ୍କ କୋଭିଡ୍ ଟେଷ୍ଟ ହୋଇଥିଲା। କୋଚ୍‌ଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କ ଫଳାଫଳ ନେଗେଟିଭ ଆସିଥିଲା। କୋଚ୍‌ଙ୍କ ନିକଟରେ କୌଣସି ଲକ୍ଷଣ ନ ଥିଲା। ମେଡିକାଲ ଟିମ୍ ତାଙ୍କ ଉପରେ ନଜର ରଖିଛି। ଦିନେ ଅବା ଦୁଇ ଦିନ ପରେ ତାଙ୍କର ଆଉଥରେ ଟେଷ୍ଟ ହୋଇପାରେ। ଆୟୋଜକଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରୋଟୋକଲ ଅନୁସାରେ ସମସ୍ତ ଦଳର ପ୍ରତି ୭୨ ଘଣ୍ଟାରେ କୋଭିଡ୍ ଟେଷ୍ଟ ହେବ। ସ୍କିଟ୍ ଇଭେଣ୍ଟରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। କିନ୍ତୁ ବ୍ୟକ୍ତିଗତ ଇଭେଣ୍ଟରେ ଏପର୍ଯ୍ୟନ୍ତ ପୋଡିୟମ ଫିନିଶ କରିପାରି ନାହିଁ।

# ରାଜ୍ୟ ଓପନ ଚେସ୍: ସ୍ୱପ୍ନିଲ ପ୍ରିୟଦର୍ଶୀ ଚାମ୍ପିୟନ




ଭୁବନେଶ୍ୱର, ୨୮।୨ (ସ୍ପୋର୍ଟ୍ସ ବ୍ୟୁରୋ): ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚତୁର୍ଥ ରାଧାରମଣ ପାଣିଗ୍ରାହୀ ମେମୋରିଆଲ ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ୭ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ନାମେଣ୍ଟରେ ସର୍ବାଧିକ ୬ ପଏଣ୍ଟ ସହ ସେଣ୍ଟ ଜୋଶେଫ ହାଇସ୍କୁଲ (ଭୁବନେଶ୍ୱର)ର ସ୍ୱପ୍ନିଲ ପ୍ରିୟଦର୍ଶୀ ଚାମ୍ପିୟନ ହୋଇଥିବା ବେଳେ ୫.୫ ପଏଣ୍ଟ ସହ ଭୁବନେଶ୍ୱରର ସୌମ୍ୟରଞ୍ଜନ ମିଶ୍ର ରନର୍ସଅପ୍ ହୋଇଛନ୍ତି। ଭୁବନେଶ୍ୱରର ମାନସ ରଞ୍ଜନ ମହାରଣା, କଟକର ରବୀନ୍ଦ୍ର କୁମାର ଓ ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲର ବିକାଶ କୁମାର ଲେଙ୍କା ଯଥାକ୍ରମେ ୩ୟ, ୪ର୍ଥ ଓ ୫ମ ସ୍ଥାନ ଅଧିକାର କରିଛନ୍ତି। ଟପ୍ ୧୦ରେ ରହିଥିବା ଅନ୍ୟ ଖେଳାଳିମାନେ ହେଲେ ଯଥାକ୍ରମେ ମାନସ ରଞ୍ଜନ ପରିଡ଼ା, ପ୍ରତୀକ କୌଶଳ ରାଉତ, ଆଦିତ୍ୟ ରଞ୍ଜନ ଦାସ, ନମସ୍ୟା ନଳିନୀ ଓ ରାଜେନ୍ଦ୍ର କୁମାର ସାହୁ। ଏହି ଟୁର୍ନାମେଣ୍ଟରେ ଅଂଶୁମାନ ପଟ୍ଟନାୟକ ଓ ଶ୍ୟାମ ପ୍ରକାଶ ସାହୁଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାଛଡ଼ା କେତେଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।

# ଜର୍ମାନୀକୁ ୬-୧ରେ ହରାଇଲା ଭାରତ

କ୍ରିଫିଲ୍ଡ (ଜର୍ମାନୀ), ୨୮।୨ (ପି.ଟି.)

ୟୁରୋପ ଟୁର୍‌ର ଉଦ୍‌ଘାଟନୀ ମ୍ୟାଚରେ ଭାରତୀୟ ପୁରୁଷ ହକି ଦଳ ୬-୧ ଗୋଲରେ ଜର୍ମାନୀକୁ ହରାଇ ଦେଇଛି। ଏହି ବିଜୟ ଦ୍ୱାରା ଭାରତ କରୋନା ଭାଇରସ ଜନିତ ଛୁଟି ପରେ ଅନ୍ତର୍ଜାତୀୟ ସର୍କିଟକୁ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛି। ଯୁବ ଖେଳାଳି ବିବେକ ସାଗର ପ୍ରସାଦ ୨୭ତମ ଓ ୨୮ତମ ମିନିଟ) ଦୁଇଟି ଗୋଲ ଦେଇଥିବାବେଳେ ନୀଳକାନ୍ତ ଶର୍ମା (୧୩ତମ), ଲଳିତ ଉପାଧ୍ୟାୟ (୪୧ତମ), ଆକାଶଦୀପ ସିଂ (୪୨ତମ) ଏବଂ ହରମନପ୍ରୀତ ସିଂ (୪୭ତମ) ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଜର୍ମାନୀ ତରଫରୁ କନଷ୍ଟାନଟିନ୍ ଷ୍ଟେବ୍ ୧୪ତମ ମିନିଟରେ ଏକମାତ୍ର ଗୋଲ ଦେଇଥିଲେ। ମ୍ୟାଚର ତୃତୀୟ କ୍ୱାର୍ଟରରେ ଆୟୋଜକ ଦଳ ୬ଟି ପେନାଲ୍ଟି କର୍ନର ପାଇଥିଲା। ମାତ୍ର ପି.ଆର୍. ଶ୍ରୀଜେସଙ୍କ ଚମତ୍କାର ଗୋଲ ରକ୍ଷଣ କରି ବିପକ୍ଷ ଦଳକୁ ଗୋଲ ଦେବାକୁ ସୁଯୋଗ ଦେଇ ନ ଥିଲେ। ଭାରତ ପୁଣି ଥରେ ମାର୍ଚ୍ଚ ୨ରେ ଜର୍ମାନୀକୁ ଭେଟିବ।




# ଉତ୍ତରପ୍ରଦେଶଠାରୁ ହାରିଲା ଓଡ଼ିଶା

ଭୁବନେଶ୍ୱର,୨୮।୨ (ସ୍ପୋର୍ଟ୍ସ ବ୍ୟୁରୋ)

ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ଆଉ ଏକ ପରାଜୟ ବରଣ କରିଛି। ବେଙ୍ଗାଲୁରୁର ଜଷ୍ଟ କ୍ରିକେଟ ଏକାଡେମୀ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶାକୁ ଉତ୍ତରପ୍ରଦେଶ (ୟୁପି) ୧୭୦ଟି ବଲ ବାକି ରଖି ୬ ଉଇକେଟରେ ଅତି ସହଜରେ ପରାସ୍ତ କରିଛି। ଉତ୍ତରପ୍ରଦେଶ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଓଡ଼ିଶା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୦.୧ ଓଭରରେ ୧୪୮ ରନରେ ଅଲଆଉଟ ହୋଇଥିଲା। ଜବାବରେ ଉତ୍ତରପ୍ରଦେଶ ୨୧.୪ ଓଭରରେ ୪ ଉଇକେଟ ହରାଇ ୧୫୦ ରନକରି ବିଜୟ ହାସଲ କରିଥିଲା। ଏହି ବିଜୟ ସହ ୟୁପି ୪ ପଏଣ୍ଟ ହାସଲ କରିଛି।

୧୪୯ ରନ ଟାର୍ଗେଟର ପିଛା କରି ଉତ୍ତରପ୍ରଦେଶ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଅଭିଷେକ ଗୋସ୍ୱାମୀ ଓ କରନ ଶର୍ମା ଆଉଟ ହେବା ପୂର୍ବରୁ ୨୫ ରନ ଲେଖାଏ ସଂଗ୍ରହ କରିଥିଲେ। ଶାନ୍ତନୁ ମିଶ୍ରଙ୍କୁ କ୍ୟାଚ୍ ଦେଇ ଅଭିଷେକ ରାଜେଶ ମହାନ୍ତିଙ୍କ ଦ୍ୱାରା ଆଉଟ ହୋଇଥିଲେ। କରନ ଉଇକେଟକିପର ପ୍ରବୀଣ ଲୋହାଙ୍କ ଦ୍ୱାରା ରନ୍ ଆଉଟ ହୋଇଥିଲେ। ୧୭ ରନକରି ପ୍ରିୟମ ଗର୍ଗ ରାଜେଶଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ଉପେନ୍ଦ୍ର ଯାଦବ ୩୨ ରନକରି କାର୍ତ୍ତିକ ବିଶ୍ୱାଳଙ୍କ ଦ୍ୱାରା ରନ୍ ଆଉଟ ହୋଇଥିଲେ। ସମୀର ଚୌଧୁରୀ ୨୯ ଓ ଆକାଶଦୀପ ନାଥ ୧୬ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ବୋଲିଂରେ ଓଡ଼ିଶା ତରଫରୁ ରାଜେଶ ୨ ଉଇକେଟ ଅକ୍ତିଆର କରିଥିଲେ।




ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ତରଫରୁ ୮ ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଶୁଭ୍ରାଂଶୁ ସେନାପତି ୪୯ ରନକରି ଅପରାଜିତ ରହିଥିବା ବେଳେ ରାକେଶ ପଟ୍ଟନାୟକ ୪୬ ରନକରି ଶାନୁ ସଇନିଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଓପନର ତଥା ଅଧିନାୟକ ଶାନ୍ତନୁ ମିଶ୍ର ୨୪ ରନ କରି ଶିବମ ଶର୍ମାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ଦୀପ ପଟ୍ଟନାୟକ ୩, କାର୍ତ୍ତିକ ବିଶ୍ୱାଳ ୪, ଅଙ୍କିତ ଯାଦବ ୨, ପ୍ରବୀଣ ଲୁହା ୭, ପ୍ରୟାସ ସିଂ ୩, ରାଜେଶ ମହାନ୍ତି ୫, ସୌରଭ କାନୋଜା ୧ ରନ କରି ଆଉଟ ହୋଇଥିବା ବେଳେ ତାରିଣୀ ସ ଖାତା ଖୋଲିପାରି ନ ଥିଲେ। ବୋଲିଂରେ ଉତ୍ତରପ୍ରଦେଶ ତରଫରୁ ଶିବମ ଶର୍ମା ୨୨ ରନ ବ୍ୟୟ କରି ସର୍ବାଧିକ ୬, ଆକ୍ୱିବ ଖାଁ ଓ ଶିବମ ମାଭି ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୪୦.୧ ଓଭରରେ ୧୪୮ ଅଲଆଉଟ୍ (ଶୁଭ୍ରାଂଶୁ- ୪୯, ରାକେଶ- ୪୬, ଶାନ୍ତନୁ- ୨୪, ଶିବମ ଶର୍ମା- ୬/୨୨)। ଉତ୍ତର ପ୍ରଦେଶ ୨୧.୪ ଓଭରରେ ୧୫୦/୪ (ଉପେନ୍ଦ୍ର ଯାଦବ- ୩୨, ସମୀର ଚୌଧୁରୀ- ୨୯*, କରଣ ଶର୍ମା- ୨୫, ଅଭିଷେକ ଗୋସ୍ୱାମୀ- ୨୫, ପ୍ରିୟମ ଗର୍ଗ-୧୭, ଆକାଶଦୀପ ନାଥ- ୧୬*, ରାଜେଶ ମହାନ୍ତି- ୨/୩୭ )।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ